ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଅଗଷ୍ଟ ୧୮/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, August 18/2021 | ★★
୧୭ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଓଡ଼ିଶା ୨୦୩୩ ଯାଏ ହକି ପ୍ରାୟୋଜକ



ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

***ଜାତୀୟ ଖେଳ ହକି ପ୍ରତି ଓଡ଼ିଶା ସରକାରଙ୍କ ସମର୍ଥନକୁ ବ୍ୟାପକ କରାଯାଇଛି। ଓଡ଼ିଶା ୨୦୨୩ ଯାଏ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ରହିଥିଲା। ଏହି ପୃଷ୍ଠପୋଷକତାର ଅବଧିକୁ ଆଉ ୧୦ ବର୍ଷ ଅର୍ଥାତ୍ ୨୦୩୩ ଯାଏ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଢ଼ାଇଛନ୍ତି। ଏହା ହକିକୁ ଉଚ୍ଚସ୍ତରକୁ ନେବାରେ ବିଶେଷ ସହାୟକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।***

ଭୁବନେଶ୍ୱର,୧୭।୮ (ସ୍ପୋର୍ଟସ୍ ବ୍ୟୁରୋ)

ସଦ୍ୟସମାପ୍ତ ଟୋକିଓ ଅଲିମ୍ପିକ୍ସରେ ପୁରୁଷ ଓ ମହିଳା ହକି ଦଳର ଐତିହାସିକ ତଥା ଦୃଷ୍ଟାନ୍ତମୂଳକ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଥିବା ପୁରୁଷ ଓ ମହିଳା ଦଳକୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଦେଶ ପୁରୁଷ ଓ ମହିଳା ହକିରେ ବହୁତ ଉନ୍ନତି କରିଛି। ଅଲିମ୍ପିକ୍ସରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ମହିଳା ଦଳ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହି ସଫଳତା ପାଇଁ ପୁରୁଷ ଓ ମହିଳା ହକି ଦଳର ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି।

ପ୍ରତ୍ୟେକ ପୁରୁଷ ଓ ମହିଳା ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ଉଭୟ ଦଳର ସପୋର୍ଟ ଷ୍ଟାଫ୍‌ମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଉଭୟ ମହିଳା ଓ ପୁରୁଷ ଖେଳାଳିମାନଙ୍କ ଦ୍ୱାରା ଅଟୋଗ୍ରାଫ୍ ସମ୍ବଳିତ ଫ୍ରେମ୍‌ରେ ବନ୍ଧା ଯାଇଥିବା ଏକ ଜର୍ସି ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଖେଳାଳି ଓ ହକି ଇଣ୍ଡିଆର ଅଧିକାରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

ଖେଳାଳିମାନେ ଆମ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଅଲିମ୍ପିକ୍ସରେ ଉଭୟ ଦଳର ଲଢ଼େଇ ଦୃଷ୍ଟାନ୍ତମୂଳକ ଥିଲା। ଗୌରବର ଏହି ମୁହୂର୍ତ୍ତଗୁଡ଼ିକ ସାରା ଦେଶକୁ ବେଶ୍ ଭାବପ୍ରବଣ କରିଥିଲା। ହକିର ଗୌରବମୟ ଅତୀତ ଓ ସ୍ୱର୍ଣ୍ଣିମ ଅଧ୍ୟାୟ ପୁଣି ଥରେ ଦେଖିବାକୁ ମିଳିଛି। ପୁରୁଷ ଓ ମହିଳା ଖେଳାଳିମାନେ ହକିକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଆୟୋଜିତ ଉତ୍ସବରେ ସମ୍ବୋଧନ ଦେଇ କହିଛନ୍ତି।

ଦୀର୍ଘ ୪ ଦଶନ୍ଧି ଧରି ଦେଶର ହକି ପ୍ରଶଂସକମାନେ ଭାରତ ପୁଣି ଥରେ ଅଲିମ୍ପିକ୍ସ ପଦକ ଜିତୁ ବୋଲି ଚାହିଁ ଆସୁଥିଲେ। ପ୍ରଶଂସକଙ୍କର ଏହି ଆଶା ଶେଷରେ ପୂରଣ ହୋଇଛି। ହକି କେବଳ ଏକ କ୍ରୀଡ଼ାରେ ସୀମିତ ହୋଇ ରହିନାହିଁ। ଦେଶ ତଥା ରାଜ୍ୟରେ ହକି କ୍ରୀଡ଼ାଠାରୁ ଆହୁରି ବହୁତ କିଛି ଅଧିକ। କୋଭିଡ୍-୧୯ ମହାମାରୀ ପ୍ରକୋପ ସତ୍ତ୍ୱେ ଆମ ଖେଳାଳିମାନେ କଠିନ ପରିଶ୍ରମ ଜାରିରଖିବା ସହ ସବୁପ୍ରକାର ଚ୍ୟାଲେଞ୍ଜକୁ ପ୍ରତିହତ କରିବାରେ ସଫଳ ହୋଇଛନ୍ତି। ଆମ ହକି ଖେଳାଳିମାନେ ଅଲିମ୍ପିକ୍ସରେ ମ୍ୟାଚ୍ ଖେଳିବା ଅବସରରେ ସାରା ଦେଶକୁ ଟିଭି ପରଦାରେ ବାନ୍ଧିରଖିବାରେ ସଫଳ ହୋଇଛନ୍ତି। ବିପର୍ଯ୍ୟୟର ଏହି ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଲୋକ ଦୋଷୀ, ସରକାର ଅସହାୟ**






## ପ୍ରତିଶ୍ରୁତି ରଖିବାକୁ ଜାତିସଂଘର ପରାମର୍ଶ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ତାଲିବାନ ସରକାରୀ କର୍ମଚାରୀଙ୍କୁ ସର୍ବକ୍ଷମା, ମହିଳାଙ୍କ ଅଧିକାରକୁ ସମ୍ମାନ ଓ ଝିଅମାନଙ୍କୁ ସ୍କୁଲରେ ପାଠପଢ଼ା ଅନୁମତି ପାଇଁ ପ୍ରତିଶ୍ରୁତି ଦେଇଛି। ଏହି ସବୁକୁ ପାଳନ କରୁ। ଜାତିସଂଘ ମାନବାଧିକାର ଅଫିସ ମୁଖପାତ୍ର ରୁପେର୍ଟ କୋଲ୍‌ଭିଲେ କହିଛନ୍ତି, ତାଲିବାନ ନିଜ ପ୍ରତିଶ୍ରୁତିକୁ ସମ୍ମାନ ଦେଇ ଅନୁପାଳନ କରୁ।





# କାମକୁ ଫେରିବାକୁ କହିଲା ତାଲିବାନ୍

### ମହିଳାଙ୍କ ଅଧିକାରକୁ ସମ୍ମାନ ଦେବୁ

**କାବୁଲ,୧୭।୮:** ଆଫଗାନିସ୍ତାନକୁ ତାଲିବାନ ରାଜୁତି ଫେରିବା ପରେ ସବୁଠୁ ବେଶି ଆତଙ୍କିତ ଅବସ୍ଥାରେ ଅଛନ୍ତି ମହିଳା। ତେବେ ମହିଳାମାନେ ଭୟଭୀତ ହେବା ଦରକାର ନାହିଁ, ଆମେ ସେମାନଙ୍କ ଅଧିକାର ସମ୍ମାନ ଦେବୁ ବୋଲି ମଙ୍ଗଳବାର ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଆଶ୍ୱାସନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ମହିଳାମାନଙ୍କ ଅଧିକାରକୁ ସମ୍ମାନ ଦିଆଯିବ, କିନ୍ତୁ ତାହା ଇସ୍‌ମିକ୍ ଆଇନ ଅନୁସାରେ। ତାଲିବାନ ଚାହୁଁଛି ଘରୋଇ ମିଡିଆ ସ୍ୱାଧୀନ ରହୁ। କିନ୍ତୁ ଖବରଦାତାମାନେ ଜାତୀୟ ମୂଲ୍ୟବୋଧ ବିରୋଧରେ କାର୍ଯ୍ୟ କରିବା ଅନୁଚିତ। ଆଫଗାନିସ୍ତାନ ଅନ୍ୟ କୌଣସି ଦେଶକୁ ଟାର୍ଗେଟ କରିବ ନାହିଁ, ଯାହାକି ୨୦୨୦ରେ ତାଲିବାନ ସହ ଚୁକ୍ତି ବେଳେ ଆମେରିକାର ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ବଡ଼ ଦାବି ରହିଥିଲା। ତାଲିବାନର କାବୁଲ ଦଖଲର ଦୁଇଦିନ ପରେ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କୁ ନିଜ ନିଜ କର୍ମକ୍ଷେତ୍ରକୁ ଫେରିବା ପାଇଁ ପରାମର୍ଶ ଦିଆଯାଇଛି। କାବୁଲରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ଏହାକୁ ତାଲିବାନର ଉଦ୍ୟମ ବିବେଚନା କରାଯାଉଛି। ତାଲିବାନରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଥିବା ମୁଜାହିଦ୍ ଟୁଇଟ୍ କରିଛନ୍ତି। ସେ କହିଛନ୍ତି, ଲୋକଙ୍କ ଧନଜୀବନ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ସରକାରୀ ସମ୍ପତ୍ତି ଓ ଯାନବାହନ ଲୁଟିଥିବା ୨୦୦ ଜଣଙ୍କୁ ତାଲିବାନ ଗିରଫ କରିଛି।

# 'ମୁଣ୍ଡ ନୁଆଁଇବି ନାହିଁ'

**କାବୁଲ, ୧୭।୮:** ଆଫଗାନିସ୍ତାନ ତାଲିବାନ ଦଖଲକୁ ଯିବା ପରେ ବି ଆତଙ୍କବାଦୀଙ୍କ ଆଗରେ ଆତ୍ମସମର୍ପଣ କରିବେ ନାହିଁ ବୋଲି କହିଛନ୍ତି ପରାଜିତ ଉପରାଷ୍ଟ୍ରପତି ଅମରୁଲ୍ଲା ସାଲେହ। ତାଙ୍କୁ ବାଛିଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସେ ନିରାଶ କରିବେ ନାହିଁ ଏବଂ କଦାପି ତାଲିବାନ ଆଗରେ ହାର ମାନିବେ ନାହିଁ ବୋଲି ସାଲେହ ଅଣ୍ଡରଗ୍ରାଉଣ୍ଡ ହେବା ପୂର୍ବରୁ ରବିବାର ଏକ ଟୁଇଟ୍ କରିଛନ୍ତି। ସେ ଦେଶର ଶେଷ ଭାଗରେ କାବୁଲର ଉତ୍ତର-ପୂର୍ବରେ ଥିବା ପଞ୍ଜଶିର ଉପତ୍ୟକାକୁ ପଳାଇଯାଇଛନ୍ତି। ସାଲେହ ତାଙ୍କ ପୂର୍ବତନ ପରାମର୍ଶଦାତା ତଥା ତାଲିବାନ ବିରୋଧୀ ଅହମ୍ମଦ ଶାହ ମାସୁଦଙ୍କ ପୁଅଙ୍କ ସହ ନଜର ଆସିଛନ୍ତି। ତାଲିବାନକୁ ହରାଇବା ପାଇଁ ସେ ଏକ ଗୋଷ୍ଠୀ ଗଠନ କରୁଥିବା ଚର୍ଚ୍ଚା ହେଉଛି। ଏହି ଉପତ୍ୟକାକୁ ତାଲିବାନ କେବେ ନିଜ କବ୍‌ଜାକୁ ନେଇପାରିନାହିଁ।

# କଶ୍ମୀରରେ ସକ୍ରିୟ ହେବେ ଆତଙ୍କବାଦୀ

ଶ୍ରୀନଗର, ୧୭।୮: ଆଫଗାନିସ୍ତାନକୁ ତାଲିବାନ୍ ଦଖଲ କରିବା ପରେ ଭାରତ ପ୍ରତି ବିପଦ ବଢ଼ିବା ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଏବଂ ଲଶ୍କର-ଇ-ତୋଇବା ଭଳି ପାକିସ୍ତାନୀ ଆତଙ୍କାଦୀ ସଙ୍ଗଠନଗୁଡ଼ିକ ତାଲିବାନ ସହ ସମ୍ପର୍କ ରଖିଥିବାରୁ ଏଭଳି ଆଶଙ୍କାକୁ ଅମୂଳକ ବୋଲି କୁହାଯାଇ ନ ପାରେ। ପାକିସ୍ତାନ ଏବେ ଆତଙ୍କବାଦୀ ତାଲିମ ଶିବିରଗୁଡ଼ିକୁ ଆଫଗାନିସ୍ତାନରୁ ପାକ୍-ଅଧିକୃତ କଶ୍ମୀର(ପିଓକେ)କୁ ସ୍ଥାନାନ୍ତର କରିପାରେ। ଇସ୍‌ଲାମାବାଦ ଭାରତ ବିରୋଧୀ କାର୍ଯ୍ୟକଳାପ ବଢ଼ାଇବା ପାଇଁ ପିଓକେକୁ ଆତଙ୍କବାଦୀଙ୍କ ଭୂସ୍ୱର୍ଗ କରିଦେବ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଏସ୍‌ପି ବୈଦ କରିଛନ୍ତି।



ମାଲାଲା ୟୁସୁଫଜାଇ

# ଦୃଢ଼ ପଦକ୍ଷେପ ନିଅନ୍ତୁ ବାଇଡେନ୍

ଆଫଗାନିସ୍ତାନରେ ଆତଙ୍କର ବାତାବରଣ ଲାଗି ରହିଥିବାବେଳେ ବିଶେଷ କରି ମହିଳା, ଯୁବତୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାଲାଲା ୟୁସୁଫଜାଇ। ଏହା ଏକ ଗମ୍ଭୀର ମାନବ ସଙ୍କଟ। ଆଫଗାନ୍‌ଙ୍କ ନିରାପତ୍ତା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ୨୩ ବର୍ଷୀୟା ମାଲାଲା କହିଛନ୍ତି। ଏଥିସହ ସେଠାରୁ ଆସୁଥିବା ଶରଣାର୍ଥୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ସେ ଚିଠି ଲେଖିଛନ୍ତି। ମହିଳାଙ୍କୁ ଶିକ୍ଷା ଅଧିକାର ନିମନ୍ତେ ଅଭିଯାନ ଚଳାଇଥିବାବେଳେ ୨୦୧୨ରେ ତାଲିବାନ ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳିଚାଳନା କରିଥିଲେ।

# ଭରସାଯୋଗ୍ୟ ନୁହେଁ ତାଲିବାନ୍

ତାଲିବାନ ଭୟରେ ଆଫଗାନିସ୍ତାନ ନେତା ଦେଶ ଛାଡ଼ି ପଳାଇଛନ୍ତି। କିନ୍ତୁ ସାଧାରଣ ନାଗରିକ, ମହିଳାଙ୍କ ସ୍ଥିତି ବିପଜ୍ଜନକ ହୋଇପଡ଼ିଛି। କୌଣସି ପରିସ୍ଥିତିରେ ବି ତାଲିବାନ ବିଶ୍ୱାସଯୋଗ୍ୟ ନୁହେଁ। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଫଗାନ୍‌ଙ୍କୁ ସାହାଯ୍ୟ କରନ୍ତୁ ବୋଲି ଗାନ୍ଧୀବାଦୀ ନେତା ଖାନ୍ ଅବଦୁଲ୍ ଗଫର ଖାନଙ୍କ ନାତୁଣୀ ତଥା ସର୍ବଭାରତୀୟ ପଖତୁନ୍ ଜିର୍‌ଗା-ଇ-ହିନ୍ଦ୍‌ର ଅଧ୍ୟକ୍ଷା ୟାଶମିନ୍ ନିଗାର ଖାନ୍ କହିଛନ୍ତି। ସିରିଆ, ପାଲେଷ୍ଟାଇନ୍ ଆଦି ଯୁଦ୍ଧ ପ୍ରଭାବିତ ଦେଶଗୁଡ଼ିକ ପରି ସ୍ଥିତି ଆଫଗାନିସ୍ତାନରେ ଉପୁଜିବାକୁ ଯାଉଛି। ମୋଦିଙ୍କ ସମେତ ଅନ୍ୟ ବିଶ୍ୱ ନେତାମାନେ ଆଫଗାନିସ୍ତାନବାସୀଙ୍କ ଦାୟିତ୍ୱ ନିଅନ୍ତୁ ବୋଲି ସେ ନିବେଦନ କରିଛନ୍ତି।



ୟାଶମିନ୍ ନିଗାର ଖାନ୍

# ଛବି ସୁଧାରୁଛି ତାଲିବାନ୍

**କାବୁଲ/ୱାଶିଂଟନ/ନୂଆଦିଲ୍ଲୀ,୧୭।୮**

୨୦୨୧ ଅଗଷ୍ଟ ୧୫ରେ ଭାରତୀୟମାନେ ୭୫ତମ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଲେଖାଯାଇଥିଲା କ୍ଷମତା ପରିବର୍ତ୍ତନର ଭିନ୍ନ ଏକ କାହାଣୀ। ତାଲିବାନ୍ ହାତରେ ଆଫଗାନିସ୍ତାନର ଭାଗ୍ୟ ବନ୍ଧକ ଦେବା ପରିବର୍ତ୍ତେ ଲଢ଼ିବା ପାଇଁ ଯେଉଁ ଶକ୍ତି ଜରୁରୀ ହୋଇପଡ଼ିଥିଲା, ଆମେରିକୀୟ ସୈନ୍ୟ ସ୍ୱଦେଶକୁ ଫେରିଯିବା ପରେ ସେଥିରୁ ବଞ୍ଚିତ ହୋଇ ଦେଶ ଛାଡ଼ି ପଳାୟନ କରିଥିଲେ ରାଷ୍ଟ୍ରପତି ଅଶ୍ରଫ ଗନି। ଫଳରେ ତାଲିବାନ୍ ଯୁଦ୍ଧ ବିରତି ଘୋଷଣା କରି କାବୁଲସ୍ଥିତ ରାଷ୍ଟ୍ରପତି ଭବନ ଦଖଲ କଲା। ଏବେ ସେଠାରେ ତାଲିବାନ୍ ୨.୦ ରାଜୁତି। ଆଫଗାନମାନେ ୨୫ ବର୍ଷ ତଳର ତାଲିବାନ ବର୍ବରତାକୁ ସ୍ମରଣ କରି ଶିହରି ଉଠୁଥିବାବେଳେ ଏହି ସ୍ଥିତି ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଦାୟୀ କରିଛନ୍ତି ଅନେକେ। ସୋମବାର ମଧ୍ୟରାତ୍ରିରେ ବାଇଡେନ୍ ନିଜ ଦୋଷ ଛଡ଼ାଇବାକୁ ଯାଇ ସାମ୍ପ୍ରତିକ ସ୍ଥିତି ପାଇଁ ଗନିଙ୍କ ମୁଣ୍ଡରେ ଲଦି ଦେଇଛନ୍ତି ସବୁ ଦୋଷ। ସେପଟେ ପୁନର୍ବାର କ୍ଷମତାର ସ୍ୱାଦ ଚାଖିବା ପାଇଁ ଲାଳାୟିତ ତାଲିବାନ ନେତାମାନେ ଟିଭି ଚ୍ୟାନେଲଗୁଡ଼ିକରେ ସାକ୍ଷାତ୍‌କାର ଦେଇ ନିଜ ମୁହଁରୁ କଳଙ୍କର କାଳିମା ଲିଭାଇବାରେ ଲାଗିଛନ୍ତି। ସରକାରୀ କର୍ମଚାରୀମାନଙ୍କୁ ସର୍ବକ୍ଷମା ଘୋଷଣା କରି କର୍ମସ୍ଥଳକୁ ଫେରିବା ପାଇଁ ତାଲିବାନ ଅନୁରୋଧ କରିଛି। ଏପରି କି ପୂର୍ବରୁ ରହିଆସିଥିବା ମହିଳା ବିରୋଧୀ ଛବି ସୁଧାରିବାକୁ ମଧ୍ୟ ଉଦ୍ୟମ କରୁଛି 'ଷ୍ଟୁଡେଣ୍ଟ ଅଫ୍ ଇସ୍‌ଲାମ'। ଏହା ହେଉଛି ୧୯୯୬ ସେପ୍ଟେମ୍ବରରେ ଆଫଗାନିସ୍ତାନକୁ ଦଖଲ କରି ଶାରିଆ ଆଇନ ପ୍ରଚଳନ କରିଥିବା ତାଲିବାନର ନୂଆ ରୂପ। ବର୍ତ୍ତମାନ ତାଲିବାନକୁ ପଡ଼ୋଶୀ ପାକିସ୍ତାନ ଓ ଚାଇନା ଖୋଲାଖୋଲି ସମର୍ଥନ କରିଥିବାବେଳେ ରୁଷିଆ ମଧ୍ୟ ପଛରେ ପଡ଼ିନାହିଁ। ଏଭଳି ସମୟରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଧ୍ୟକ୍ଷତା କରୁଥିବା ଭାରତ ପାଇଁ ଅଡୁଆ ସ୍ଥିତି ଉପୁଜିଛି। କାରଣ ଆମେରିକାର କଥା ମାନି ଭାରତ ଯେଉଁ ଆଫଗାନିସ୍ତାନରେ ୩୦୦ କୋଟି ଡଲାରରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ କରିଛି ତାହା ଏବେ ଇସ୍‌ଲାମିକ ଏମିରେଟ୍ସ ଅଫ୍ ଆଫଗାନିସ୍ତାନରେ ପରିଣତ ହୋଇଛି। ରାଷ୍ଟ୍ରମୁଖ୍ୟ ହୋଇ କ୍ଷମତାର ଡୋର ଧରିବାକୁ ଯାଉଛନ୍ତି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନର ମୁଖିଆ ମୁଲ୍ଲା ଅବ୍‌ଦୁଲ ଗନି ବରାଦର ଓରଫ ମୁଲ୍ଲା ବ୍ରଦର।

ବିଶେଷଜ୍ଞଙ୍କ ମତରେ ତାଲିବାନ ଏବେ ନିଜର ମହିଳା ବିରୋଧୀ ଛବି ବଦଳାଇବା ପାଇଁ ସାମୟିକ ଭାବେ କେତେକ ପ୍ରସଙ୍ଗରେ ନରମ ହୋଇପାରେ। କିନ୍ତୁ ଯେଉଁମାନେ ଅଢ଼େଇ ଦଶନ୍ଧି ତଳର ତାଲିବାନକୁ ଚିହ୍ନିଛନ୍ତି, ସେମାନେ ଜାଣିଛନ୍ତି ଏହାର ରକ୍ତରଞ୍ଜିତ ଇତିହାସ। ସେମାନେ କେମିତି ବିଶ୍ୱାସ କରିପାରିବେ କଥା ଓ କାମରେ ପ୍ରଭେଦ ରଖୁଥିବା ଏଇ ରକ୍ତପିପାସୁ ଆତଙ୍କବାଦୀ ସଙ୍ଗଠନକୁ। ଜାତିସଂଘ କହୁଛି, ଆଫଗାନ ଜନତାଙ୍କୁ ଏହି ସଙ୍କଟ ଭିତରେ ଏକୁଟିଆ ଛାଡ଼ି ଦିଆଯାଇପାରିବ ନାହିଁ। ଅର୍ଥାତ୍ ଏବେ ଅନ୍ତର୍ଜାତୀୟ ସମୁଦାୟର ଦାୟିତ୍ୱ ବହୁଗୁଣିତ ହୋଇଛି। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ୟୁଏନ୍‌ଏସ୍‌ସିର ଅଗଷ୍ଟ ମୁଖ୍ୟ ଦାୟିତ୍ୱ ତୁଲାଉଥିବା ଭାରତ ସେତେବେଳେ କ'ଣ କରିବ ଯେତେବେଳେ ତାଲିବାନ ଅନ୍ତର୍ଜାତୀୟ ସ୍ୱୀକୃତି ପାଇଁ ନୂଆଦିଲ୍ଲୀକୁ ଆଲୋଚନା ଲାଗି ନିମନ୍ତ୍ରଣ କରିବ। ଆମେରିକା କ'ଣ କରିବ, ଯାହାର ପୂର୍ବତନ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତା ପାଇଁ ତାଲିବାନ ସହ ଟେବୁଲରେ ଡିଲ୍ କରୁଥିଲେ। ଭାରତକୁ ପାନେ ଦେବା ପାଇଁ କୂଟନୀତିର ଗୋଟି ବଦଳାଉଥିବା ପାକିସ୍ତାନର ଆଭିମୁଖ୍ୟ କ'ଣ ରହିବ, ଯିଏ ଆତଙ୍କବାଦୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ବୋଲି ଅଭିହିତ କରୁଛି। ଆଗକୁ କ'ଣ କରିବେ ବିସ୍ତାରବାଦୀ ଚାଇନାର ଶି ଜିନ୍‌ପିଙ୍ଗ୍ ସରକାର, ଯିଏ ଉଭୟ କ୍ଷମତା ଓ ବେପାର ପାଇଁ ବ୍ୟାକୁଳ। ଏହାଠୁ ବି ବଡ଼ ପ୍ରଶ୍ନ ହେଲା, ଏକଦା ଅସ୍ପୃଶ୍ୟ ତାଲିବାନକୁ ଏବେ ଏକ 'ପଲିଟିକାଲ ଫୋର୍ସ' କୁହାଯାଇପାରିବ କି? ୩.୮ କୋଟି ଆଫଗାନ ଏବେ ଯାହା ପାଇଛନ୍ତି ତାକୁ କ'ଣ କୁହାଯାଇପାରିବ ଆଉ ଏକ 'ସ୍ୱାଧୀନତା'?



## ସ୍ଥିତି ସମୀକ୍ଷା କଲେ ମୋଦି

ପଡ଼ୋଶୀ ଆଫଗାନିସ୍ତାନରେ ଲାଗିରହିଥିବା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି(ସିସିଏସ୍)ରେ ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଫଗାନିସ୍ତାନରେ ଭାରତୀୟ ରାଷ୍ଟ୍ରଦୂତ ରୁଦ୍ରେନ୍ଦ୍ର ଟଣ୍ଡନ କାବୁଲରୁ ଫେରି ସିସିଏସ୍‌କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ଲଗାତର ଏହି ସ୍ଥିତିକୁ ନେଇ ଅଧିକାରୀମାନଙ୍କ ସହ ଯୋଗସୂତ୍ରରେ ଅଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ସାମିଲ ହେବା ପାଇଁ ୪ ଦିନିଆ ଆମେରିକା ଗସ୍ତରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ଆଫଗାନିସ୍ତାନରେ ଫସିଥିବା ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସବୁ ପ୍ରକାର ଉଦ୍ୟମ କରଯାଉଛି। ଏଥିରେ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ।

ଭାରତର ନାଗରିକଙ୍କୁ ଆଇଏଏଫ୍‌ର ବିମାନ ସି-୧୭ ମଙ୍ଗଳବାର କାବୁଲରୁ ଆଣି ଜାମନଗରସ୍ଥିତ ଏୟାରଫୋର୍ସ ବେସ୍‌ରେ ପହଞ୍ଚିଛି।



# ଭାରତ ଫେରିଲେ ଦୂତାବାସ ଅଧିକାରୀ

ଭାରତୀୟ ବାୟୁସେନା ବିମାନ ମଙ୍ଗଳବାର ସକାଳେ କାବୁଲ ବିମାନବନ୍ଦରରୁ ନିଜ ଦୂତାବାସ ଅଧିକାରୀ, ଆଇଟିବିପି ଯବାନ ଏବଂ ୪ ମିଡିଆ କର୍ମଚାରୀଙ୍କୁ ଭାରତ ଫେରାଇ ଆଣିଛି। ବିମାନ ସି-୧୭ ଯୋଗେ ୧୨୦ ଦୂତାବାସ ଅଧିକାରୀଙ୍କ ସମେତ ଦେଢ଼ଶହରୁ ଊର୍ଦ୍ଧ୍ୱ ଭାରତୀୟ ଫେରିଥିଲେ। ଆଫଗାନିସ୍ତାନ ଏବଂ ପାକିସ୍ତାନ ଆକାଶମାର୍ଗରେ ନ ଆସି ବିମାନ ସକାଳ ପ୍ରାୟ ୧୧ଟାରେ ଗୁଜରାଟର ଜାମନଗର ଏୟାରଫୋର୍ସ ବେସ୍ ଷ୍ଟେଶନରେ ଅବତରଣ କରିଥିଲା। ପରେ ସନ୍ଧ୍ୟା ପ୍ରାୟ ୫ଟାରେ ଏହା ନୂଆଦିଲ୍ଲୀ ନିକଟସ୍ଥ ହିଣ୍ଡୋନ ବାୟୁସେନା ଘାଟିରେ ପହଞ୍ଚିଥିଲା। ଭାରତରେ ପହଞ୍ଚିବା ମାତ୍ରେ ବିମାନରେ ଥିବା ଯାତ୍ରୀ 'ଭାରତ ମାତା କି ଜୟ' ସ୍ଲୋଗାନ ଦେବା ଆରମ୍ଭ କରିଦେଇଥିଲେ। ଉଦ୍ଧାର କାର୍ଯ୍ୟ ପାଇଁ ମଙ୍ଗଳବାର ସକାଳେ ଆମେରିକା ସୁରକ୍ଷା ଏଜେନ୍ସି କାବୁଲ ବିମାନବନ୍ଦରକୁ ପୁନଃଚାଲୁ କରିଥିଲା। ବିମାନ କାବୁଲରୁ ଉଡ଼ାଣ ଆରମ୍ଭ ବେଳେ ଆମେରିକା ସୁରକ୍ଷାକର୍ମୀମାନେ ସୁରକ୍ଷା ଦେଇଥିଲେ। ଏହା ପୂର୍ବରୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ତାଙ୍କ ଆମେରିକା ପ୍ରତିପକ୍ଷ ଜାକେ ସୁଲିଭାନଙ୍କ ସହ କଥା ହୋଇଥିଲେ। ଅପରପକ୍ଷରେ ଆଫଗାନିସ୍ତାନ ସ୍ଥିତିକୁ ଦୃଷ୍ଟିରେ ରଖି ସେଠାକାର ବାସିନ୍ଦାଙ୍କ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ କାଟେଗୋରୀର ଭିଜା ବ୍ୟବସ୍ଥା କରାଯାଇଛି। ଏହି ଫାଷ୍ଟ-ଟ୍ରାକ୍ 'ଇ-ଏମର୍ଜେନ୍ସି ଏକ୍ସ-ମିସ୍‌କ ଭିଜା'ରେ ଆଫଗାନ୍‌ମାନେ ଭାରତକୁ ଆସିପାରିବେ।

# ତାଲିବାନ୍‌କୁ ଫେସ୍‌ବୁକ୍ ମନା

ଆମେରିକା ଭିତ୍ତିକ ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ୍ ତାଲିବାନକୁ ଆତଙ୍କବାଦୀ ଦର୍ଶାଇବା ସହ ଏହାକୁ ସମର୍ଥନ କରୁଥିବା ସମସ୍ତ ପ୍ରକାର କଣ୍ଟେଣ୍ଟ ତଥା ସାମଗ୍ରୀକୁ ନିଜ ପ୍ଲାଟଫର୍ମରେ ନିଷିଦ୍ଧ ଘୋଷଣା କରିଛି। ଏହି ଗୋଷ୍ଠୀ ସହ ଜଡ଼ିତ କଣ୍ଟେଣ୍ଟଗୁଡ଼ିକ ଉପରେ ନଜର ରଖି ତାହାକୁ ହଟାଇବା ପାଇଁ ଫେସ୍‌ବୁକ୍ ଏକ ସ୍ୱତନ୍ତ୍ର ଆଫଗାନ୍ ଏକ୍ସପର୍ଟ ଟିମ୍ ଗଠନ କରିଛି। ବର୍ଷ ବର୍ଷ ଧରି ତାଲିବାନ ନିଜର ବାର୍ତ୍ତା ପ୍ରେରଣ ପାଇଁ ସୋସିଆଲ ମିଡିଆକୁ ବ୍ୟବହାର କରିଆସୁଛି।

ଆମେରିକା ନିୟମ ଅନୁସାରେ ତାଲିବାନ୍‌କୁ ଏକ ଆତଙ୍କବାଦୀ ସଙ୍ଗଠନ ଦର୍ଶାଯାଇଛି। ତେଣୁ ଏହି ସଙ୍ଗଠନକୁ ଫେସ୍‌ବୁକ୍ ବିପଜ୍ଜନକ ସଙ୍ଗଠନ ନୀତି ଆଧାରରେ ନିଷିଦ୍ଧ କରିଥିବା କମ୍ପାନୀ ମୁଖପାତ୍ର କହିଛନ୍ତି। ତେଣୁ ତାଲିବାନ କିମ୍ବା ଏହାକୁ ସମର୍ଥନ କରୁଥିବା ସମସ୍ତ କଣ୍ଟେଣ୍ଟକୁ ଫେସ୍‌ବୁକ୍ ପ୍ଲାଟଫର୍ମରୁ ହଟାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ହ୍ୱାଟ୍ସଆପ୍ ମାଧ୍ୟମରେ ମଧ୍ୟ ତାଲିବାନ ଆତଙ୍କବାଦୀ ପରସ୍ପର ସହ ଯୋଗାଯୋଗ କରୁଛନ୍ତି। ତେଣୁ ଏହି ପଲିସି ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ ସମେତ ସମସ୍ତ ଫ୍ଲାଗଶିପ୍ ସୋସିଆଲ ମିଡିଆ ନେଟ୍‌ୱର୍କ ପାଇଁ ଲାଗୁ ହେବ। ବ୍ୟାନ୍ ସତ୍ତ୍ୱେ ଯଦି କୌଣସି ମାଧ୍ୟମରେ ଏହି ପ୍ଲାଟଫର୍ମରେ ତାଲିବାନ ସହ ଜଡ଼ିତ କୌଣସି ଆକାଉଣ୍ଟ ନଜରକୁ ଆସିଲେ ପଦକ୍ଷେପ ନିଆଯିବ।

# ବଢ଼ିବ ଅଫିମ ବେପାର

**ୱାଶିଂଟନ,୧୭।୮**

ଆଫଗାନିସ୍ତାନରେ ଅଫିମ ଓ ହେରୋଇନ୍ ବେପାରରୁ ମିଳୁଥିବା ଲାଭରୁ ତାଲିବାନ୍‌କୁ ବଞ୍ଚିତ କରିବା ଲାଗି ବିଗତ ଆମେରିକା ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରାଯାଇଥିଲା। ବିଗତ ୧୫ ବର୍ଷରେ ଆମେରିକା ଅଫିମ ଦୂରୀକରଣରୁ ନେଇ ସନ୍ଦିଗ୍ଧ ଲାବ୍‌ଗୁଡ଼ିକରେ ଏୟାରଷ୍ଟ୍ରାଇକ୍ ଓ ଚଢ଼ାଉ ପର୍ଯ୍ୟନ୍ତ ପଦକ୍ଷେପ ନେଇ ୮ ବିଲିୟନ୍ ଡଲାରରୁ ଅଧିକ ଖର୍ଚ୍ଚ କରିଥିଲା। କିନ୍ତୁ ଶକ୍ତିଶାଳୀ ଆମେରିକାର ଏହି ରଣନୀତି ବିଫଳ ହୋଇଛି। ଆମେରିକା ଏହାର ସବୁଠୁ ଲମ୍ବା ଯୁଦ୍ଧକୁ ବିରାମ ଦେଇଛି। ଆଫଗାନିସ୍ତାନ ବିଶ୍ୱର ସର୍ବବୃହତ୍ ବେଆଇନ ନିଶାଦ୍ରବ୍ୟ ଯୋଗାଣକାରୀ ହୋଇ ରହିଥିବାବେଳେ କାବୁଲରେ ତାଲିବାନ୍‌ର କ୍ଷମତା ଦଖଲ ସହ ଏହି ଧାରା ବଜାୟ ରହିବ ବୋଲି ଆମେରିକା ଓ ଜାତିସଂଘର ଅଧିକାରୀ ତଥା ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଯୁଦ୍ଧ ବେଳେ ଧ୍ୱଂସର ଅନେକ ବିଭୀଷିକା ଦେଖିଛି ଆଫଗାନିସ୍ତାନ। ଲକ୍ଷ ଲକ୍ଷ ଲୋକ ବାସଚ୍ୟୁତ ହୋଇଛନ୍ତି, ବିଦେଶୀ ସହାୟତା ହ୍ରାସ କରାଯାଇଛି ଏବଂ ଆମେରିକା ନେତୃତ୍ୱାଧୀନ ବିଦେଶୀ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ହୋଇଥିବା କ୍ଷତି ଏବେ ସେଠାରେ ଏକ ମାନବିକ ସଙ୍କଟ ସୃଷ୍ଟି କରିଛି। ଫଳରେ ବଞ୍ଚିବା ପାଇଁ ସଂଘର୍ଷରତ ଅନେକ ହତଭାଗା ଆଫଗାନ୍ ଏବେ ନିଶାଦ୍ରବ୍ୟ କାରବାର ଉପରେ ନିର୍ଭର କରିବାକୁ ବାଧ୍ୟ ହେବେ। ତାଲିବାନ, ଅନ୍ୟ ସଶସ୍ତ୍ର ଗୋଷ୍ଠୀ, ଜାତିଗତ ସର୍ଦ୍ଦାର ଓ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ମଧ୍ୟରେ ଡ୍ରଗ୍ସରୁ ମିଳୁଥିବା ଲାଭ ଓ କ୍ଷମତା ପାଇଁ ପ୍ରତିଯୋଗିତା ବଢ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଫଳରେ ନିଶାଦ୍ରବ୍ୟ ଉପରେ ଏହି ନିର୍ଭରଶୀଳତା ଆଫଗାନିସ୍ତାନରେ ଅସ୍ଥିରତା ବୃଦ୍ଧିର କାରଣ ସାଜିବ ବୋଲି କୁହାଯାଉଛି। ଆଫଗାନିସ୍ତାନରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ତଥା ଅରାଜକତା ଅତ୍ୟଧିକ ବେଆଇନ ଅଫିମ ଉତ୍ପାଦନ ଲାଗି ସ୍ଥିତି ସୃଷ୍ଟି କରିବ। ଏଥିରୁ ତାଲିବାନ ଫାଇଦା ପାଇପାରେ ବୋଲି ଜାତିସଂଘ ଓ ଆମେରିକାର ଅଧିକାରୀମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ୟୁଏନ୍ ଅଫିସ୍ ଅଫ୍ ଡ୍ରଗ୍ସ ଆଣ୍ଡ କ୍ରାଇମ୍ (ୟୁଏନ୍‌ଓଡିସି)ର କାବୁଲ କାର୍ଯ୍ୟାଳୟ ମୁଖ୍ୟ ସେସାର୍ ଗୁଡେସ୍ କହିଛନ୍ତି, ତାଲିବାନ ପାଇଁ ଅଫିମ ବ୍ୟବସାୟ ହେଉଛି ଆୟର ଏକ ମୁଖ୍ୟ ସ୍ରୋତ। ଉତ୍ପାଦନ ବଢ଼ିଲେ ଡ୍ରଗ୍ସ ଶସ୍ତା ହେବ ଓ ଏହାର ଉପଲବ୍ଧତା ବୃଦ୍ଧି ପାଇବ। ରବିବାର କାବୁଲରେ ତାଲିବାନର ଦଖଲ ସହ ଏହି ବେଆଇନ ଗୋଷ୍ଠୀଗୁଡ଼ିକ ସେମାନଙ୍କ ବ୍ୟବସାୟ ବିସ୍ତାର ପାଇଁ ତତ୍ପର ହୋଇ ଉଠିଛନ୍ତି।



୨୦୦୦ ମସିହାରେ ତାଲିବାନ ଅନ୍ତର୍ଜାତୀୟ ବୈଧତା ହାସଲ ଲାଗି ଅଫିମ ବ୍ୟବସାୟ ଉପରେ ରୋକ ଲଗାଇଥିଲା। କିନ୍ତୁ ଏହାକୁ ନେଇ ସ୍ଥାନୀୟ ବିରୋଧ ବଢ଼ିବାରୁ ପରେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଥିଲା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆଫଗାନିସ୍ତାନର ବେଆଇନ ନିଶାଦ୍ରବ୍ୟ ବ୍ୟବସାୟ ଯୋଗୁ ସୃଷ୍ଟି ହୋଇଥିବା ବିପଦ ସତ୍ତ୍ୱେ ଆମେରିକା ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ଏହାକୁ ରୋକିବା ପାଇଁ ଖୋଲାଖୋଲି ଭାବେ ବିଶେଷ କିଛି କହି ନ ଥାଆନ୍ତି। ୟୁଏନ୍‌ଓଡିସିର ଏକ ଆକଳନ ଅନୁସାରେ ବିଶ୍ୱର ୮୦%ରୁ ଅଧିକ ଅଫିମ ଓ ହେରୋଇନ୍ ଯୋଗାଣ ଆଫଗାନିସ୍ତାନରୁ ହିଁ ହୋଇଥାଏ।

ROYAL H. S. SCHOOL OF SCIENCE & TECHNOLOGY
(Royal College of Science & Technology)
BHUBANESWAR
Admission open for :-
+2 Science
19th Batch(Session 2021-23)
ROYAL COLLEGE TOPPERS IN CHSE-2021
AMARJIT (96.67%) DIBYAJYOTI (96.17%) MUKTI PRASANNA (96 %) PAYAL (95.67%)
KHITIS (95.67%) PRITISNIGDHA (95.50%) SAMIKSHYA (95.50%) AMIT (95.33%)
AMAR (95.17%) ANKIT (95 %) SOUMYADEEP (95 %)
OUR RESULTS 100%
Many more..
Our students in MBBS Admission-2020
Satyam Parija (MKCG, Berhmpur) Pritam Ku. Giri (PRMMC, Baripada) Aiswarya Priyadarshini (PRMMC, Baripada) Ahalya Sahoo (FMMCH, Balasore)
CHSE RESULTS-2021 (17th Batch)
RESULT - 100%
TOTAL APPEARED - 360
TOTAL PASS - 360
HIGHEST MARK- 580 (96.67%)
95% MARKS & ABOVE - 11
90% MARKS & ABOVE - 52
500 CLUB - 139
1ST DIVISION- 358
2ND DIVISION- 02
NO 3RD DIVISION
NO FAIL
A-125, Mancheswar Industrial Estate, Rasulgarh, Bhubaneswar- 10
Mob.: 9861450287, 9437521358, 9438297706, 9658064058
E-mail : royalcollegebbsr1@gmail.com, website: www.royal-college.org

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୯୦,୨୧,୮୪୧ | ୪୩,୮୯,୧୭୮ | ୧୮,୭୩,୮୧,୪୪୭ |
| ଭାରତ | ୩,୨୨,୮୪,୨୭୦ | ୪,୩୨,୫୪୦ | ୩,୧୪,୭୫,୭୭୫ |
| ଓଡ଼ିଶା | ୯,୯୬,୧୫୩ | ୭୦୨୧(+୫୩) | ୯,୮୦,୪୭୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ‘ଘଟଣା ବେଳେ ଡିଏଫ୍‌ଓଙ୍କ କ୍ୱାର୍ଟର୍ସରେ ଥିଲେ ଜିଲାପାଳ’

**ଏସିଏଫ୍ ମୃତ୍ୟୁ ଘଟଣା**

ପାରଳାଖେମୁଣ୍ଡି, ୧୭।୮ (ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ଜେରା ଜାରି ରହିଛି। ମଙ୍ଗଳବାର ଦୁଇଟି ପର୍ଯ୍ୟାୟରେ ୬ ଜଣଙ୍କୁ ଜେରା କରାଯାଇଥିଲା। ଦ୍ୱିତୀୟ ଦିନର ଜେରାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍‌କୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏସିଏଫ୍ ପୋଡ଼ି ହେବା ସମୟରେ ଡିଏଫ୍‌ଓଙ୍କ କ୍ୱାର୍ଟର୍ସରେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା



ଥିଲେ ବୋଲି ଜେରାର ସମ୍ମୁଖୀନ ହୋଇଥିବା ମୁଖ୍ୟଫାଟକ ଜଗୁଆଳି ସନ୍ତୋଷ କୁମାର ବିଶ୍ୱାଳ ଗଣମାଧ୍ୟମକୁ କହିଛନ୍ତି। ଆବଶ୍ୟକସ୍ଥଳେ ସେ ଦିଗକୁ ମଧ୍ୟ ଧ୍ୟାନ ଦିଆଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଜ୍ଞାନ ରଞ୍ଜନ ମିଶ୍ର କହିଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଟିମ୍ ପ୍ରଥମେ ପୂର୍ବାହ୍ଣ ପ୍ରାୟ ୧୦ଟାରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ମୁଖ୍ୟଫାଟକ ଜଗୁଆଳି ସନ୍ତୋଷ ଓ ଡିଏଫ୍‌ଓଙ୍କ କ୍ୱାର୍ଟର୍ସରେ କାର୍ଯ୍ୟରତ ମାଳୀ ଅଜୟ କୁମାର ବେହେରାଙ୍କୁ ପ୍ରାୟ ୪ ଘଣ୍ଟା ଧରି ଜେରା କରିଥିଲା। ସେମାନେ ଘଟଣାଦିନ ରାତିରେ ବନ ବିଭାଗର କାର୍ଯ୍ୟାଳୟ ପରିସର ମଧ୍ୟରେ କେଉଁମାନେ ଉପସ୍ଥିତ ଥିଲେ ଓ କ’ଣ ସବୁ ଘଟିଥିଲା ତାହାର ସବିଶେଷ ତଥ୍ୟ କ୍ରାଇମବ୍ରାଞ୍ଚ ସମ୍ମୁଖରେ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୌମ୍ୟଙ୍କୁ ନେଇଥିବା ଆମ୍ବୁଲାନ୍ସର ଡ୍ରାଇଭର ଦୟାନିଧି ଶବର, ତାଙ୍କ ସହଯୋଗୀ ଭଗବାନ ଭୂୟାଁ, ଫାର୍ମାସିଷ୍ଟ ପି. ସୁରେଶ ଏବଂ ଜିପିଏସ୍ କ୍ଲଷ୍ଟର କୋ-ଅର୍ଡିନେଟର ପ୍ରଦୀପ କୁମାର ରାମଙ୍କୁ ମାରାଥନ ଜେରା କରିଛି। ସୌମ୍ୟଙ୍କୁ କଟକ ନେବାକୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରୁ କେତେବେଳେ ଆମ୍ବୁଲାନ୍ସ ବାହାରିଥିଲା, ବାଟରେ କେଉଁ କେଉଁ ସ୍ଥାନରେ ଅଟକିଥିଲା ଓ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାହା ନିର୍ଦ୍ଦେଶରେ ଆମ୍ବୁଲାନ୍ସ ଅଟକିଥିଲା ଏବଂ କଟକ ଯିବାପାଇଁ କେତେ ସମୟ ଲାଗିଥିଲା ଏଭଳି ସମସ୍ତ ପ୍ରଶ୍ନ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପଚରାଯାଇଥିବା କ୍ରାଇମବ୍ରାଞ୍ଚ ଅଧିକାରୀ ସୂଚନା ଦେଇଛନ୍ତି।

• B.Sc Nursing 4 Years Course
• GNM Nursing 3 Years Course
ADMISSION OPEN FOR 2021-22
100% JOB ORIENTED
Applications Are Invited From Elegible Candidates for The Post of Principal, Professors, Associate Pofesspors, Assistant Professors, Clinical Instructors for The Following Disciplines
* Medical Surgical Nursing
* Community Health Nursing
* Mental Health & Psychiatric Nursing
* Child Health Nursing
* Obstetrics & Gynaecological Nursing
* Clinical Training
* Qualifications are Considered as per INC Gudelines, * Experienc and Higher Qualificaton will be Given Preferenc,
NURSING PROGRAMMES
BADRIPRASAD College of Nursing
Ambapali, Po/PS/ Dist - Bargarh 80937 98113, 7504241329
Email : badriprasad.nursing@gmail.com

## ଯୁକ୍ତ୩ ନାମଲେଖା ପାଇଁ ୨୦ରୁ ଆବେଦନ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ): ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ଶ୍ରେଣୀରେ ନାମ ଲେଖା ପାଇଁ ଆସନ୍ତା ୨୦ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ୨୦ ତାରିଖ ପୂର୍ବାହ୍ଣ ୧୧ଟାରୁ ସେପ୍ଟେମ୍ବର ୪ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଅନଲାଇନ୍‌ରେ ଆବେଦନ କରିପାରିବେ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୯ ତାରିଖ ପୂର୍ବାହ୍ଣ ୧୧ଟାରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୯ରୁ ୧୪ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନଲାଇନ୍ ମାଧ୍ୟମରେ ଫି’ ଦାଖଲ କରିପାରିବେ। ଏହାପରେ ପ୍ରଥମ ପର୍ଯ୍ୟାୟର ନାମଲେଖା ପ୍ରକ୍ରିୟା ସେପ୍ଟେମ୍ବର ୧୬ ତାରିଖରେ ଶେଷ ହେବ। ସେପ୍ଟେମ୍ବର ୨୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଅନ୍ୟପକ୍ଷରେ ୧୨ ତାରିଖରୁ ଯୁକ୍ତ୨ ପାଇଁ ଆବେଦନ ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲରେ ଛାତ୍ରୀଛାତ୍ର ଆବେଦନ କରୁଛନ୍ତି।

# ପୁଣି ୯୬ ପିଲା ସଂକ୍ରମିତ

**୭ହଜାର ଟପିଲା କରୋନା ମୃତ୍ୟୁ**
- ଖୋର୍ଦ୍ଧାରେ ସର୍ବାଧିକ ୧,୩୯୪
- ଖୁବ୍‌ଶୀଘ୍ର ଏକ୍‌ମୋ ମେଶିନ କାର୍ଯ୍ୟକ୍ଷମ ହେବ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ରାଜ୍ୟରେ ପୁଣି ୯୬ଜଣ ପିଲା କରୋନାରେ ସଂକ୍ରମିତ ହୋଇଛନ୍ତି। ଗତ ୨୪ଘଣ୍ଟାରେ ରାଜ୍ୟରେ ୭୨୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏଥିମଧ୍ୟରେ ୧୮ବର୍ଷରୁ କମ୍ ୯୬ ଜଣ ପିଲା ରହିଛନ୍ତି। ଦୈନିକ ପିଲା କରୋନାରେ ସଂକ୍ରମିତ ହେବା ତଥ୍ୟ ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଉଛି। ଏ ନେଇ ଡିଏମ୍‌ଇଟି ସି.ବି.କେ. ମହାନ୍ତି କହିଛନ୍ତି, ରାଜ୍ୟରେ ଶିଶୁଙ୍କ ସଂକ୍ରମଣ ୧୨ ପ୍ରତିଶତ ରହୁଛି। ଯେହେତୁ ଯୁବଗୋଷ୍ଠୀ ଓ ବୟସ୍କ ବର୍ଗ ସଂକ୍ରମିତ ହୋଇସାରିଛନ୍ତି ଓ ଟିକା ନେଇସାରିଛନ୍ତି, ତେଣୁ ଶିଶୁଙ୍କୁ ଅଧିକ ସଂକ୍ରମଣର ଆଶଙ୍କା ରହୁଛି। ଶିଶୁ ସଂକ୍ରମଣ ତଥ୍ୟ ଉପରେ ସପ୍ତାହେ ନଜର ରଖିବା ପରେ ଶିଶୁଙ୍କ ସ୍ଥିତି କେମିତି ଅଛି ଜଣାପଡ଼ିବ। ତେବେ ଶିଶୁଙ୍କ ସୁରକ୍ଷା ଲାଗି ଅଧିକ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ରାଜ୍ୟରେ କରୋନା ସଂକ୍ରମଣ ତଳମୁହାଁ ହେଉଛି। ତେଣୁ ଦ୍ୱିତୀୟ ଲହର ସରି ସରି ଆସୁଛି। କିନ୍ତୁ ସମ୍ପୂର୍ଣ୍ଣ ସରି ନ ଥିବାରୁ ଏବେ ବି ସତର୍କ ରହିବାକୁ ଡିଏମ୍‌ଇଟି ପରାମର୍ଶ ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨୭୯ଜଣ ଥିବାବେଳେ ବାକି ସବୁ ଜିଲାରେ ଶହେ ତଳକୁ ରହିଛି ସଂକ୍ରମିତ ସଂଖ୍ୟା। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୯,୯୬,୧୫୩କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭ହଜାର ଟପିଯାଇଛି। ଆଉ ୬୮ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛନ୍ତି। ତେବେ ଏମାନଙ୍କ ମୃତ୍ୟୁ ଗୋଟିଏ ଦିନର ନୁହେଁ, ଅଡିଟ୍ ପରେ ତଥ୍ୟ ଦିଆଯାଇଥିବା ବିଭାଗ କହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୭,୦୨୧କୁ ବୃଦ୍ଧି ପାଇଛି। ଚଳିତ ଅଗଷ୍ଟ ମାସରେ ହଜାରେ ଉପରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ତଥ୍ୟ ଦେଇଛନ୍ତି ରାଜ୍ୟ ସରକାର। ରାଜ୍ୟରେ ମୋଟ କରୋନା ମୃତକଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୩୯୪ ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୫୬୯, କଟକରେ ୫୩୪, ଗଞ୍ଜାମରେ ୪୬୪, ପୁରୀ ୪୧୪, ବରଗଡ଼ ୩୨୬, ଅନୁଗୋଳ ୩୦୪, ବାଲେଶ୍ୱର ୨୪୦, ମୟୂରଭଞ୍ଜ ୨୩୮, ସମ୍ବଲପୁର ୨୨୯, କଳାହାଣ୍ଡିରେ ୨୦୬ଜଣଙ୍କ ମୃତ୍ୟୁ ଘଟିଛି। ବାକିସବୁ ଜିଲାରେ ମୃତ୍ୟୁ ସଂଖ୍ୟା ୨ଶହ ତଳେ ଥିବାବେଳେ ମାଲକାନଗିରିରେ ସର୍ବନିମ୍ନ ୪୫ଜଣଙ୍କ ଜୀବନ ଯାଇଛି। ରାଜ୍ୟରେ ଜୀବନ ରକ୍ଷାକାରୀ ଏକ୍‌ମୋ ମେଶିନ ସ୍ଥାପନ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ଏଗୁଡ଼ିକ କାର୍ଯ୍ୟକ୍ଷମ ହେବ ବୋଲି ଡିଏମ୍‌ଇଟି କହିଛନ୍ତି।

## ପାହାଡ଼ରୁ ପଥର ଖସି ନାବାଳକ ମୃତ

**ଅନ୍‌ଲାଇନରେ ପଢ଼ିବା ପାଇଁ ଚଢ଼ିଥିଲେ**

ପଦ୍ମପୁର, ୧୭।୮ (ଡି.ଏନ୍.ଏ.)

ଗାଁରେ ଟେଲି ନେଟ୍‌ୱର୍କ ସମସ୍ୟା ଯୋଗୁ ଅନ୍‌ଲାଇନରେ ପଢ଼ିବା ପାଇଁ ନିକଟସ୍ଥ ପାହାଡ଼ ଉପରକୁ ଯାଇଥିଲେ ଜଣେ ନାବାଳକ। ପଥର ଖସିଯିବାରୁ ତଳେ ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ନାରାୟଣପୁର ପଞ୍ଚାୟତ କନ୍ଧ ପାଣ୍ଡୁରାଗୁଡ଼ା ଗ୍ରାମର ନରହରି ଜାଗରଙ୍ଗାଙ୍କ ପୁଅ ଅଦ୍ରିଆ (୧୩)। ସୂଚନା ଅନୁଯାୟୀ, ଅଦ୍ରିଆ କଟକରେ ରହି ପଢୁଥିଲେ। କରୋନା ଯୋଗୁ ସ୍କୁଲ ବନ୍ଦ ହେବାପରେ ଗାଁକୁ ଫେରିଥିଲେ। ମଙ୍ଗଳବାର ସନ୍ଧ୍ୟା ୫ଟାବେଳେ ପଢ଼ିବା ପାଇଁ ପାହାଡ଼ ଉପରେ ଚଢ଼ିଥିଲେ। ସେଠାରେ ସେ ବସିଥିବା ପଥରଟି ଖସିପଡ଼ିଥିଲା। ଫଳରେ ଅଦ୍ରିଆ ଖସିପଡ଼ି ଡାହାଣ ଗୋଡ଼ ଭାଙ୍ଗିଯିବା ସହ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ପଦ୍ମପୁର ଦମକଳ ବାହିନୀ ସହାୟତାରେ ତାଙ୍କୁ ପଦ୍ମପୁର ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା।

Visit www.hdfc.com
ଲାଭ ଉଠାନ୍ତୁ ଆମର 40+ ବର୍ଷର ହୋମ୍ ଲୋନ୍ ଅଭିଜ୍ଞତାର
ଏଚ୍‌ଡିଏଫ୍‌ସି ହୋମ୍ ଲୋନ୍ସ @6.75%* ପ୍ର.ବ. ରୁ ଆରମ୍ଭ
₹3,000* + ଟ୍ୟାକ୍ସ ର ଫ୍ଲାଟ୍ ପ୍ରୋସେସିଙ୍ଗ୍ ଫୀ ସହ
ଆମକୁ ମିସଡ୍ କଲ୍ କରନ୍ତୁ 09289 120 120 ରେ
HDFC HOME LOANS apni jagah banao
ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ବିଚାରାଧିନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916.
NETWORK HDFC1344-21 Odi

# ସୌଦାମିନୀଙ୍କ ରିଟ୍ ଆବେଦନରେ ଏସ୍‌ଏଲ୍‌ପି ଯୋଡ଼ିହେଲା

**ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଆବେଦନ**
- ସୋମବାର ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୭।୮

ନୟାଗଡ଼ ଯଦୁପୁର ଗ୍ରାମର ୫ବର୍ଷୀୟା ଶିଶୁ କନ୍ୟା ପରୀ ଅପହରଣ, ବଳାତ୍କାର ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ମା’ ସୌଦାମିନୀ ସାହୁ ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣି ମଙ୍ଗଳବାର ହୋଇଛି। ପରୀ ବାପା ଅଶୋକ ସାହୁଙ୍କ ସ୍ୱତନ୍ତ୍ର ଲିଭ୍ ପିଟିଶନ (ଏସ୍‌ଏଲ୍‌ପି)କୁ ସମ୍ବିଧାନର ଧାରା ୩୨ରେ ସୌଦାମିନୀ କରିଥିବା ମାମଲାରେ ଯୋଡ଼ାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାରକୁ ଧାର୍ଯ୍ୟ କରାଯାଇଛି। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ପରୀଙ୍କ ମା’ ସମ୍ବିଧାନର ଧାରା ୩୨ରେ କରିଥିବା ରିଟ୍ ଆବେଦନ ଯଥେଷ୍ଟ ନୁହେଁ ବୋଲି ପୂର୍ବରୁ ବିଚାରପତି ଏ.ଏମ୍.ଖାନ୍‌ୱିଲ୍‌କର ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଏଥିସହ ଧାରା ୧୩୬ରେ ଏସ୍‌ଏଲ୍‌ପି ଦାଖଲ କରିବାକୁ କହିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ପରୀଙ୍କ ବାପା ଅଶୋକ ଏସ୍‌ଏଲ୍‌ପି ଦାଖଲ କରିଥିଲେ। ଉକ୍ତ ଏସ୍‌ଏଲ୍‌ପିକୁ ମଙ୍ଗଳବାର ଖଣ୍ଡପୀଠ ପରୀଙ୍କ ମା’ କରିଥିବା ଆବେଦନରେ ଯୋଡ଼ିଛନ୍ତି। ଗତ ବର୍ଷ ଜୁଲାଇ ୧୪ରେ ପରୀଙ୍କୁ ଘର ନିକଟରେ ଖେଳୁଥିବା ଅପହରଣ କରାଯାଇଥିଲା। ଏହାର ୧୦ଦିନ ତାଙ୍କ ଘର ପଛପଟ ବାଡ଼ିରୁ ଏକ ଅଖା ବସ୍ତାରେ ଭର୍ତ୍ତି ପରୀଙ୍କ ମୃତଦେହ ଠାବ କରାଯାଇଥିଲା। ଏନେଇ ପରିବାର ବର୍ଗ ବାବୁଲି ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି ଦର୍ଶାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅଭିଯୋଗକାରୀଙ୍କୁ ହଇରାଣ କରିଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟରେ ୨ଟି ପିଟିଶନ ଦାୟର ହୋଇଥିଲା। ଗୋଟିଏ ଆବେଦନ ପରୀଙ୍କ ବାପା କରିଥିବାବେଳେ ଅନ୍ୟଟି ଏକ ସାମାଜିକ ସଂଗଠନ ପକ୍ଷରୁ କରାଯାଇଥିଲା। ହେଲେ ପରୀଙ୍କ ମା’ଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ବିଚାରାଧୀନ ଥିବା ଦର୍ଶାଇ ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

# ଫୁଲଚାଷ କରି ଗଞ୍ଜାମ ମହିଳା ଆତ୍ମନିର୍ଭର



ଛତ୍ରପୁର, ୧୭।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ମହିଳା ସଂଘଗୁଡ଼ିକୁ ଆତ୍ମ ନିର୍ଭରଶୀଳ କରିବା ଲାଗି ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ଆନୁକୂଲ୍ୟରେ ବହୁ ପଦକ୍ଷେପ ନିଆଯାଉଛି। ଫୁଲଚାଷଠାରୁ ଆରମ୍ଭ କରି ଛତୁ, ଫଳ, ମାଛଚାଷ, କୁକ୍କୁଡା ପାଳନ, ବିଦ୍ୟୁତ ବିଲ୍ ଆଦାୟ, ଛତୁଆ ପ୍ରସ୍ତୁତ କରିବା ଆଦି ବିଭିନ୍ନ ରୋଜଗାର ପନ୍ଥା ଆପଣେଇ ମହିଳାମାନେ ସଶକ୍ତ ହେଉଛନ୍ତି। ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ନୂଆପଲ୍ଲୀ ଗ୍ରାମର ଗ୍ରାମଦେବତୀ, ଭୈରବୀ ଓ ବାଳକୁମାରୀ ମହିଳାସଂଘ ଫୁଲଚାଷ କରି ପ୍ରଶଂସା ସାଉଁଟିଛି। ମହିଳା ସଂଘର ଗୋଲାପ, ଅର୍କିଡ୍ ଓ ଜାରବେରା ଫୁଲଚାଷକୁ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପ୍ରଶଂସା କରିଛନ୍ତି। ୭୫ତମ ସ୍ୱାଧୀନତା ଦିବସ ସମାରୋହ ଅବସରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଆତ୍ମନିର୍ଭର ଗ୍ରାମୀଣ ମହିଳା ସଫଳତା ଓ ପ୍ରେରଣାଭିତ୍ତିକ ଡକ୍ୟୁମେଣ୍ଟରେ ଗଞ୍ଜାମର ମହିଳା କିଭଳି ଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି ତାହା ଦର୍ଶାଯାଇଛି, ଯାହାକି ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେବ। ସୂଚନାଯୋଗ୍ୟ, ଉପରୋକ୍ତ ୩ ମହିଳା ସଂଘର ୩୨ ସଦସ୍ୟା ଏଥିରେ ସାମିଲ ହୋଇଛନ୍ତି। ଫୁଲଚାଷ ପାଇଁ ମହିଳା ସଂଘ ଫେଡେରେଶନ ପକ୍ଷରୁ ୬.୫ ଲକ୍ଷ ଓ ୩ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। ୨୦୧୮ ମସିହାରେ ମହିଳା ସଂଘ ସଭ୍ୟାମାନେ ୧୨୦୦ ବର୍ଗମିଟର ଜମିରେ ଗୋଲାପ, ଅର୍କିଡ ଓ ଜାରବେରା ଫୁଲ ଚାଷ କରିଥିଲେ। ବର୍ଷକୁ ସେମାନେ ୧୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱର କାରବାର କରୁଛନ୍ତି।

SARASWATI VIDYA MANDIR
Higher Secondary School
Neelakantha Nagar, Berhampur-2, Odisha
Mob.: 9861033633, 6372823122 www.svmberhampur.com
Apply ONLINE
+2 SCIENCE & COMMERCE
LEGACY OF ACHIEVEMENTS & EXCELLENCE CONTINUES...
NEET - 2020: DEEPAK, STATE RANK 1, 690 NEET Score
NISER - 2020: BIKASH, STATE RANK 1, 672 NEET Score
ICAR - 2020: PRITAM, AIR RANK 1, 645 NEET Score
I.I.T - 2020: SOUMYA, ANIKET
CHSE ANNUAL RESULT -2021
588 SHIVA PRASAD PANI +2 Science
587 R. LOMITH +2 Science
587 SUBHASMITA SWAIN +2 Science
578 SUBRAT PANIGRAHY +2 Commerce
572 PRAMIT PATNAIK +2 Commerce

| +2 SCIENCE | |
|---|---|
| Appeared | 506 |
| Passed | 506 |
| Above 90% | 309 |
| (80-89)% | 149 |
| 1st DIV. | 498 |
| 2nd DIV. | 08 |
| 3rd DIV. | NIL |

| +2 COMMERCE | |
|---|---|
| Appeared | 127 |
| Passed | 127 |
| Above 90% | 12 |
| (80-89)% | 41 |
| 1st DIV. | 125 |
| 2nd DIV. | 01 |
| 3rd DIV. | 01 |

FREE NEET / IIT-JEE ONE YEAR Coaching for Meritorious Students
Admission Open : ONE YEAR INTENSIVE COACHING NEET / JEE - 2022

**ଆଜିର ମନ୍ତବ୍ୟ**

" ଆଫଗାନିସ୍ତାନର ଘଟଣାକ୍ରମକୁ ନେଇ ଭାରତକୁ ମାନବୀୟ ଆଧାରରେ ପଦକ୍ଷେପ ନେବାକୁ ପଡ଼ିବ। ଏହାସହ ପଡ଼ୋଶୀ ରାଷ୍ଟ୍ର ସହ ବନ୍ଧୁତା ଓ ଶାନ୍ତି ପାଇଁ ଏକ ସ୍ୱତନ୍ତ୍ର ନୀତି ଆପଣାଇବାକୁ ହେବ।

– ଏଚ୍.ଡି. ଦେବେଗୌଡ଼ା, ପୂର୍ବତନ ପ୍ରଧାନମନ୍ତ୍ରୀ



**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ବି.ସାଇ ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାର ଧନ କିଏ ନେଇ
ଯୋଗିଆ ଆଖିକୁ ନିଦ ନାହିଁ।**

ଧୂର୍ତ୍ତ ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଚଞ୍ଚକତା କରି ଅନ୍ୟର ଧନ ସମ୍ପତ୍ତି ଲୁଟି ନେଇଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଏପରିସ୍ଥଳେ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହେବା ନେଇ ମନରେ ନାନା ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କେଳା ଧୁଡୁକି
ଟୋକା ବିଭାହେଲା ଦର ବୁଢ଼ୀକି।**

ବିବାହ ବେଳେ ବର କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ଯୁବକ ସହ ବୟସ୍କା ନାରୀର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମାଲକାନଗିରିରେ ପ୍ରବଳ ବର୍ଷା

## ଅଧିକାଂଶ ପୋଲ ଉପରେ ପ୍ରବାହିତ ହେଉଛି ପାଣି

ମାଲକାନଗିରି/କୋରୁକୋଣ୍ଡା, ୧୭।୮ (ଡି.ଏନ୍.ଏ.)



ମାଲକାନଗିରି ଜିଲା କୋରୁକୋଣ୍ଡାର ମାଉଳିଗୁଡା ରାସ୍ତାରେ ପ୍ରବାହିତ ବର୍ଷାଜଳ ଭିତରେ ପଶି ଲୋକେ ଯାତାୟାତ କରୁଛନ୍ତି।

ମାଲକାନଗିରି ଜିଲାରେ ସୋମବାର ରାତିରୁ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଜିଲା ସଦର ମହକୁମାର ସତ୍ୟମଗୁଡ଼ା ସାହିରେ ଅନେକ ଘର ଭିତରେ ବର୍ଷାଜଳ ପଶିଛି। ମାଲକାନଗିରି-ବାଲିମେଳାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା କୋରୁକୋଣ୍ଡା ଓ ତର୍ଲାକୋଟା ପୋଲ ଉପରେ ୪ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଘଣ୍ଟା ଘଣ୍ଟା ଧରି ଲୋକେ ଉଭୟ ପାର୍ଶ୍ୱରେ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି।

କୋରୁକୋଣ୍ଡା ବ୍ଲକର ୫ଟି ପଞ୍ଚାୟତ ସହ ବାଲିମେଳା, ଚିତ୍ରକୋଣ୍ଡ, ଗୁମାକୁ ଯାତାୟାତ ବନ୍ଦ ହୋଇଯାଇଛି। କୋରୁକୋଣ୍ଡା-ମାଉଳିଗୁଡା ଗାଁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଏକ ପୋଲ ବର୍ଷାଜଳରେ ସମ୍ପୂର୍ଣ୍ଣ ବୁଡିଯାଇଛି। ପୋଲର ଉଭୟ ପାର୍ଶ୍ୱରେ ଥିବା ରାସ୍ତା ଧୋଇ ହୋଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ମାଲକାନଗିରି -ମୋଟୁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର କାଙ୍ଗୁରକୋଣ୍ଡାର ନାଳ ଉପର ପୋଲରେ ପ୍ରାୟ ୪ ଫୁଟ ଏବଂ ପୋଟେରୁ ନଦୀର ପୋଲ ଉପରେ ୨ ଫୁଟ ଉଚ୍ଚତାରେ ବର୍ଷା ଜଳ ପ୍ରବାହିତ ହେଉଛି। ଏଥିଯୋଗୁ ମାଲକାନଗିରି-ମୋଟୁ ଏବଂ କାଲିମେଳାକୁ ଯାତାୟାତ ବନ୍ଦ ହୋଇପଡିଛି। କାଲିମେଳା-ପଡିଆକୁ ସଂଯୋଗ କରୁଥିବା ରାସ୍ତାର କନ୍ୟାଶ୍ରମ ପୋଲ ଉପରେ ମଧ୍ୟ ପ୍ରାୟ ୩ ଫୁଟ ଜଳ ପ୍ରବାହିତ ଯୋଗୁ ଯାତାୟାତ ବନ୍ଦ ରହିଛି। ଏମ୍‌ଭି -୧୨ ଗ୍ରାମ ନିକଟରେ ଥିବା ନାଳର ପୋଲ ଉପରେ ମଧ୍ୟ ୪ ଫୁଟର ବର୍ଷା ଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଳ ପ୍ରବାହିତ ହେଉଥିବା ଉପରୋକ୍ତ ସ୍ଥାନଗୁଡ଼ିକରେ ପୋଲିସ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କୁ ଯାତାୟାତ କରିବା ପାଇଁ ବାରଣ କରିଛନ୍ତି। ପ୍ରଶାସନ ସ୍ଥିତି ଉପରେ ନଜର ରଖିଛି। ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ବ୍ଲକରେ ୮୬.୮ ମିମି, ମାଥିଲି ବ୍ଲକରେ ୧୪, ଖଇରପୁଟ ବ୍ଲକରେ ୩୦, ଚିତ୍ରକୋଣ୍ଡା ବ୍ଲକରେ ୩, କୋରୁକୋଣ୍ଡା ବ୍ଲକରେ ୨୭, କାଲିମେଳା ବ୍ଲକରେ ୧୭, ପଡ଼ିଆ ବ୍ଲକରେ ୧୩.୨ ମିମି ବର୍ଷା ରେକର୍ଡ କରାଯାଇଛି।

# ଆଇଏସ୍ଆଇଏସ୍ ଲିଙ୍କ୍: ୨ ମହିଳା ଗିରଫ

**ଥିରୁଭାନନ୍ତପୁରମ୍, ୧୭।୮:** ଆତଙ୍କବାଦୀ ସଙ୍ଗଠନ ଆଇଏସ୍ଆଇଏସ୍ ସହ ଲିଙ୍କ୍ ଥିବା ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏନ୍) ମଙ୍ଗଳବାର ୨ କେରଳୀ ମହିଳାଙ୍କୁ କାନପୁରରୁ ଗିରଫ କରିଛି। ସେମାନେ ହେଲେ ଶିଫା ହାରିସ୍ ଏବଂ ମିଶାହ୍ ସିଦ୍ଦିକି। ଉଭୟେ ଆଇଏସ୍ଆଇଏସ୍‌ର ବାର୍ତ୍ତା ବାଣ୍ଟିବା ଏବଂ ଆତଙ୍କବାଦୀଙ୍କ ସହଯୋଗ କରୁଥିବା ଅଭିଯୋଗ ରହିଛି। କିଛି ଦିନ ପୂର୍ବରୁ ଏହି ଦୁଇ ମହିଳାଙ୍କ ସହଯୋଗୀ ଏମ୍. ଅନଓ୍ୱାରଙ୍କୁ ଗିରଫ କରାଯାଇଥିଲା।

# କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନାଁରେ ସିବିଆଇ ମାମଲା

ଥିରୁଭାନନ୍ତପୁରମ, ୧୭।୮

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମେନ ଚାଣ୍ଡିଙ୍କ ସମେତ ୬ ପ୍ରମୁଖ ରାଜନେତାଙ୍କ ବିରୋଧରେ ମଙ୍ଗଳବାର ଯୌନ ନିର୍ଯାତନା ମାମଲା ରୁଜୁ କରିଛି। ସ୍ଥାନୀୟ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟରେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ମହାସଚିବ କେ. ସି. ବେଣୁଗୋପାଳ, କଂଗ୍ରେସ ବିଧାୟକ ଏ. ପି. ଅନିଲ କୁମାର, ଦଳୀୟ ଏମ୍‌ପି ହିବି ଇଡେନ୍ ଏବଂ ଅଦୁର ପ୍ରକାଶ ଓ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଏ. ପି. ଅବ୍ଦୁଲାକୁଟିଙ୍କ ନାମରେ ଏତଲା ଦାଏର ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଅର୍ଥ ଶୋଷଣ, ଦୁର୍ନୀତି ଏବଂ ମହିଳା ନିର୍ଯାତନା ଧାରା ଲାଗୁ ହୋଇଛି।

୨୦୧୩ରେ କେରଳ ସୋଲାର ଦୁର୍ନୀତି ମାମଲାର ଅଭିଯୁକ୍ତ ମହିଳାଙ୍କ ଅଭିଯୋଗ ଅନୁସାରେ, ପ୍ରକଳ୍ପ ବାବଦରେ ଦେଖାକରିବାକୁ ଯାଇଥିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଚାଣ୍ଡିଙ୍କ ସମେତ ଅନ୍ୟମାନଙ୍କ ଦ୍ୱାରା ସେ ଯୌନ ଶୋଷଣର ଶିକାର ହୋଇଥିଲେ। ମନ୍ତ୍ରୀ, ବିଧାୟକଙ୍କ ବାସଭବନ ଏବଂ ହୋଟେଲ ରୁମରେ ଏହି ଘଟଣା ଘଟିଥିଲା। ଏ ନେଇ ପୋଲିସ ୨୦୧୮ ରେ ଏକ ମାମଲା ରୁଜୁ କରିଥିଲା। ଗତ ଫେବୃୟାରୀ ୨୪ରେ ରାଜ୍ୟ ସରକାର ଏହି ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ।

# 'କେନ୍ଦ୍ର ସତ୍ୟପାଠ ସନ୍ତୋଷଜନକ ନୁହେଁ'

**ପେଗାସସ୍**

**୧୦ ଦିନରେ ଜବାବ ରଖିବାକୁ ନୋଟିସ୍**



ନୂଆଦିଲ୍ଲୀ, ୧୭।୮

ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ପେଗାସସ୍ ଗୁପ୍ତଚରଗିରି ଅଭିଯୋଗର ତଦନ୍ତ କରାଯିବା ପାଇଁ ଦାଖଲ ପିଟିଶନ ଆଧାରରେ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ। ୧୦ ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମାନାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କେନ୍ଦ୍ରକୁ ମଙ୍ଗଳବାର ନୋଟିସ୍ ଜାରି କରିଛନ୍ତି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ ପୃଷ୍ଠା ସମ୍ବଳିତ ସୀମିତ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ଦାଖଲ ବିଭିନ୍ନ ପିଟିଶନ ମାଧ୍ୟମରେ ଉଠିଥିବା ପ୍ରସଙ୍ଗ ବାବାଦରେ ଏହି ସତ୍ୟପାଠ ଯଥେଷ୍ଟ ସନ୍ତୋଷଜନକ ନୁହେଁ ବୋଲି ଖଣ୍ଡପୀଠରେ ଥିବା ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଅନିରୁଦ୍ଧ ବୋଷ ଦର୍ଶାଇଥିଲେ। ଏହି ପ୍ରସଙ୍ଗ ଜାତୀୟ ନିରାପତ୍ତା ସମ୍ବନ୍ଧିତ ହୋଇଥିବାରୁ ସବୁକିଛି ସତ୍ୟପାଠରେ ଦର୍ଶାଯାଇପାରିବ ନାହିଁ ବୋଲି ଶୁଣାଣିବେଳେ କେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ସରକାର କେଉଁ ସଫ୍ଟଓ୍ୱେର ବ୍ୟବହାର କରୁଛନ୍ତି କି ନାହିଁ ତାହା ସର୍ବସାଧାରଣରେ ପ୍ରକାଶ କରିବା ପରିବର୍ତ୍ତେ ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ କରୁଥିବା ଏକ ବୈଷୟିକ କମିଟିକୁ ସମ୍ପୂର୍ଣ୍ଣ ବିବରଣୀ ଦେବାକୁ କେନ୍ଦ୍ର ପ୍ରସ୍ତୁତ ଥିବା ସଲିସିଟର ଜେନେରାଲ ତୁଷାର ମେହଟା କହିଥିଲେ। ଜାତୀୟ ନିରାପତ୍ତା କିମ୍ବା ପ୍ରତିରକ୍ଷା ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଥିବା ଭଳି କୌଣସି ବିବରଣୀ ଅଦାଲତ ଚାହାଁନ୍ତି ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

**classifieds Everyday**
**0674-2580101, 2549302**





**BRIDE WANTED**

Suitable bride of age-35 or above required for Brahmin groom. Contact: 8895491804. D-70725

**GROOM WANTED**

47 ବୟସ୍କା Forest Department Job କରୁଥିବା ବିଧବା ଗୋପାଳ ଝିଅଙ୍କୁ any caste married/unmarried ବରପାତ୍ର ଆବଶ୍ୟକ। 7681060810. D-21370

ସରକାରି ଚାକିରି କରୁଥିବା 47 ବୟସ୍କା ଗୋପାଳ ଛାଡ଼ପତ୍ର ପ୍ରାପ୍ତ ଝିଅଙ୍କ ପାଇଁ ପୁଅ ଆବଶ୍ୟକ। (any caste). 7681044808. D-21351

57 ବୟସ୍କା unmarried Government ଚାକିରିଆ 78000/- ଦରମା ବ୍ରାହ୍ମଣ ଝିଅଙ୍କୁ any caste married/unmarried ଘରଜ୍ୱାଇଁ ଆବଶ୍ୟକ। 7381460017 D-21345

Groom Wanted preferable Doctor Chartered Accountant Architect OJS in general caste no bar for a beautiful Teli girl 5'7" 29 years final year Anastasia in a reputed Govt. Medical College Odisha. Contact: 9861430524. D-21353

real estate

**SALE**

Mega plotting scheme at Mouza Sankarpur, Bhubaneswar behind Vipul Garden. Contact: 9124721060. D-71314

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890

Duplex, Prime location Bhubaneswar (CHAKAISIANI). 93 Lacs. Do not call if you want to pay cash or black money. Whatsapp: 7008560412 / 9437313333. D-21371

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**Plotting project near Jaishipatna before Pipili toll gate only 10nos. of plot available. Per Sqft. Rs-899/-. Plot size-1772/2000. Contact:- 7978950573/ 9439197071 (Homestead land).** D-21358

construction

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

to-let

3BHK Ground Floor portico 979/1035 Prakruti Vihar, Delta Chowk, Baramunda. 9437303387. D-67798

**Residential flat at Ratna Residency, 1st Floor near Postal Depot, Satya Nagar, Bhubaneswar. 3 BHK with drawing, dining, kitchen & puja room, 3 sets of toilets & balconies, garage space, lift fitted. Contact: 9338247620, 9437096720, between 10 A.M. - 1 P.M. & 5 P.M. - 8 P.M.** D-21366

Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401

healthcare

Swarna SPA newly open positively health benefits with expert therapist. 9556978408. D-71128

Refreshing your mind, your body with tha best therapy at Lotus Spa. 8018891951. D-70468

Newly open full body massage ladies and gents. 8658471570, 8327740003. D-70469

Lotus SPA newly open positively health benefits/ expert therapist. 8455987557. D-71403

Newly Open Saikrupa Panchakarma Spa positively health benefits with Expert. 8984068077. D-21326

Newly open SPA center positively health benefits by expert therapist, (home service available). 9439008685. D-71402

business

Job- Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ବବ ଡିଲନ୍‌ଙ୍କ ନାଁରେ ଯୌନ ନିର୍ଯାତନା ମାମଲା



ବବ ଡିଲନ୍

ନ୍ୟୁୟର୍କ, ୧୭।୮

ପ୍ରସିଦ୍ଧ ସଙ୍ଗୀତକାର ତଥା ନୋବେଲ ବିଜେତା ବବ ଡିଲନ୍(୮୦)ଙ୍କ ନାଁରେ ନ୍ୟୁୟର୍କ କୋର୍ଟରେ ଯୌନ ନିର୍ଯାତନା ମାମଲା ରୁଜୁ ହୋଇଛି। ୧୯୬୫ ମସିହାରେ ଡିଲନ ଜଣେ ମହିଳାଙ୍କୁ ଯୌନ ଶୋଷଣ କରିଥିବା ନେଇ ଅଭିଯୋଗ ଆଣିଛନ୍ତି। ସେତେବେଳେ ପୀଡ଼ିତା ଜେ. ସି.ଙ୍କୁ ୧୨ ବର୍ଷ ବୟସ ହୋଇଥିଲା। ଗ୍ରୀନଓ୍ୱିଚ୍ କନେକ୍ଟିକଟ୍‌ରେ ରହୁଥିବା ୬୮ ବର୍ଷୀୟା ଜେ. ସି. ଗତ ସପ୍ତାହରେ ଏହି ଅଭିଯୋଗ ଆଣିଥିଲେ। ଡିଲନ ୨୩-୨୪ ବର୍ଷର ହୋଇଥିବାବେଳେ ମଦ ଓ ନିଶା ଦେଇ ଏପରି କରିଥିଲେ ବୋଲି ପୀଡ଼ିତା ଅଭିଯୋଗରେ ଦର୍ଶାଇଥିଲେ। ତେବେ ଡିଲନ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ୨୫ ହଜାରକୁ ଖସିଲା ସଂକ୍ରମଣ

ନୂଆଦିଲ୍ଲୀ, ୧୭।୮

ଦେଶରେ ଗତ ୨୪ ଘଣ୍ଟାରେ କରୋନା ସଂକ୍ରମଣ ମାମଲାରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଦିନକରେ ୨୫,୧୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହା କି ଗତ ୧୫୪ ଦିନରେ ସର୍ବନିମ୍ନ। ଦେଶରେ ମୋଟ ସଂକ୍ରମଣ ୩,୧୪,୪୮,୭୫୪କୁ ବୃଦ୍ଧି ପାଇଛି। ଶେଷଥର ପାଇଁ ଗତ ବର୍ଷ ଡିସେମ୍ବର ୨୨ରେ ପ୍ରାୟ ୨୪ ହଜାର ସଂକ୍ରମଣ ରେକର୍ଡ ହୋଇଥିଲା। ସେହିପରି ଦିନକରେ ୪୧୭ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୪,୩୨,୦୭୯ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସମ୍ପ୍ରତି ଦେଶରେ ୩,୬୯,୮୪୬ ସକ୍ରିୟ ମାମଲା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ କିନ୍ତୁ କିଛି କରିବାର ନାହିଁ। ପ୍ରତୀକ୍ଷିତ ସ୍ଥାନରୁ ଶୁଭ ଖବର ପାଇ ଉଲ୍ଲସିତ ହେବେ।

**ବୃଷ**
ସ୍ୱାସ୍ଥ୍ୟସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବାର ସମ୍ଭାବନା ରହିଛି। ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ଏହି ସମୟରେ ସରକାରୀ ସ୍ତରରେ ହାରିଗୁହାରି କିଏ ବୁଝିବେ ନାହିଁ। କାମର ବାହାନା ଦେଖାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ମିଥୁନ**
ଆକସ୍ମିକ ଭାବରେ ନୂତନ ବନ୍ଧୁତ୍ୱ ସୃଷ୍ଟି ହେବ। ହଠାତ୍ ଏକ ଭିନ୍ନ ପରିସ୍ଥିତିରେ ଜଣେ ବନ୍ଧୁ ଅନୁରକ୍ତି ପ୍ରକାଶ କରିବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଦୀର୍ଘଦିନରୁ ଲାଗି ରହିଥିବା ମାଲିମକଦ୍ଦମା କ୍ଷେତ୍ରରେ ପୁନଶ୍ଚ ବାଇଦା ପଡ଼ିପାରେ।

**କର୍କଟ**
କର୍ମକ୍ଷେତ୍ରରେ ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତବୋଧ କରିପାରନ୍ତି। କୋର୍ଟକଚେରି ମାମଲା ଦୁଶ୍ଚିନ୍ତାର କାରଣ ହୋଇପାରେ। ପୁଷ୍ୟା ନକ୍ଷତ୍ରର ଦିନଟି ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

**ସିଂହ**
ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ପରିବାରରେ ପାରସ୍ପରିକ ସହାନୁଭୂତିପୂର୍ଣ୍ଣ କଥାବାର୍ତ୍ତା ମାନସିକ ସ୍ଥିରତା ପ୍ରଦାନରେ ସହାୟକ ହେବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଥଣ୍ଡାଜନିତ କାଶ ଓ କଫଜନିତ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି।

**କନ୍ୟା**
ପଡ଼ୋଶୀଙ୍କ ଦୃଷ୍ଟିକୋଣର ଭିନ୍ନତା ଓ ଅସଂଗତ ବିଚାରଧାରା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ପରିବାରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଆକସ୍ମିକ ଆବଶ୍ୟକତା କାରଣରୁ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ବିବାହ ସମ୍ପର୍କିତ କଥାରେ ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ।

**ତୁଳା**
କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବିବାଦରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବାର ସମ୍ଭାବନା ରହିଛି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ମନ ବୁଝିଲାଭଳି କଥା କହି ପରିବାରର ପରିସ୍ଥିତିକୁ ସୁଧାରି ନେବେ। ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ବିଶେଷଭ୍ରମଣ ସାଙ୍ଗକୁ ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସାମ୍ନା କରିବାକୁ ପଡ଼ିବ।

**ଧନୁ**
କର୍ମକ୍ଷେତ୍ରରେ କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ।

**ମକର**
ବିବାଦୀୟ ଘଟଣାରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପାରିବାରିକ ଅସ୍ଥିରତା କାରଣରୁ ମହିଳାମାନେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବପରି ରହିବ।

**କୁମ୍ଭ**
ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଦିନର ଅଧିକାଂଶ ସମୟ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅସାବଧାନତା କାରଣରୁ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ।

**ମୀନ**
ଆଜି ଦିନଟିରେ ଅର୍ଥଲାଭ ସଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଅତୀତର କୌଣସି ଘଟଣାରେ ମନ ଉଦ୍‌ବେଳିତ ରହିପାରେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ମଧ୍ୟ ଭଲ ରହିବ ନାହିଁ। ଅବଶ୍ୟ ରେବତୀ ନକ୍ଷତ୍ର ଏହାର ଠିକ୍ ଓଲଟା ଫଳ ପାଇବେ।

# ରାଜନୀତିରେ ଯୋଗଦେଲେ ଅନ୍ୟମାନେ ଘୃଣା କରିବେ

**ଧରିତ୍ରୀ ଆଳାପ**

**ଅଭିଜିତ୍ ମଜୁମ୍‌ଦାର। ଓଡ଼ିଆ ସଙ୍ଗୀତ ଦୁନିଆରେ ଜଣେ ଆଗଧାଡ଼ିର ବ୍ୟକ୍ତିତ୍ୱ। ୧୯୮୯ରେ ସମ୍ବଲପୁରୀ ଗୀତରୁ କ୍ୟାରିୟର ଆରମ୍ଭ କରିଥିବା ଅଭିଜିତ୍ ୧୯୯୬ରେ କଟକ ଆସି ସଙ୍ଗୀତ ଜଗତରେ କାମ କରିଥିଲେ। ପ୍ରଥମେ ତାଙ୍କୁ ଅନେକ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ମାତ୍ର ଅସୀମ ଧୈର୍ଯ୍ୟ ଓ ଆଗକୁ ବଢ଼ିବାର ଇଚ୍ଛାଶକ୍ତି ଯୋଗୁ ଆଜି ଅଭିଜିତ୍ ଜଣେ ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ। କେବଳ ନିର୍ଦ୍ଦେଶନା ନୁହେଁ ବରଂ, କବିତା, କାହାଣୀ ଲେଖିବା ସହିତ ଅଭିନୟ, ଉପସ୍ଥାପନା ଆଦି ବିଭିନ୍ନ କ୍ଷେତ୍ରରେ ସେ ନିଜର ପାରଦର୍ଶିତା ପ୍ରମାଣିତ କରି ସାରିଛନ୍ତି। ୧୯୭୧ ସେପ୍ଟେମ୍ବର ୧୧ରେ ସମ୍ବଲପୁରରେ ଜନ୍ମ ଗ୍ରହଣ କରିଥିବା ଅଭିଜିତ୍ ଏବେ କଟକର ବାସିନ୍ଦା। ଶ୍ରୋତା ଏବଂ ଅନ୍ୟମାନଙ୍କ ପାଖରେ ଅଭିଜିତ୍ ଦାଦା ଭାବେ ପରିଚିତ ଏହି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହିତ ଧରିତ୍ରୀ ବନ୍ଦନା ସେଠୀଙ୍କ ସ୍ୱତନ୍ତ୍ର ଆଳାପ...**


ଅଭିଜିତ୍ ମଜୁମ୍‌ଦାର

**ପ୍ରଶ୍ନ– କଳା ପ୍ରତି କେବେଠାରୁ ଆଗ୍ରହ ବଢ଼ିଥିଲା?**
ଉତ୍ତର– ପିଲାବେଳେ ସ୍କୁଲରେ ମୁଁ ଡ୍ରାମା କରୁଥିଲି। ବିଶେଷକରି କଂସ, ରାବଣ, ଜଳନ୍ଧର ଆଦି ରାକ୍ଷସଙ୍କ ଅଭିନୟ କରିଛି। ମୋ ଅଭିନୟ ଦେଖି ଅନ୍ୟ ସ୍କୁଲରୁ ମଧ୍ୟ ଡାକରା ଆସୁଥିଲା। ସେ ସମୟରେ ଛୋଟପିଲାଙ୍କ ଦ୍ୱାରା ଗୀତିନାଟ୍ୟ ହେଉଥିଲା। ସେହିଠାରୁ ମୋ କ୍ୟାରିୟର ଆରମ୍ଭ ହୋଇଛି କହିଲେ ଭୁଲ୍ ହେବ ନାହିଁ। ଡ୍ରାମା ପ୍ରତି ମୋର ବିଶେଷ ଦୁର୍ବଳତା ଥିଲା। ହେଲେ ମୋ ଭିତରେ ଜଣେ ଗାୟକ ଜନ୍ମ ନେଉଛି ତାହା ମୁଁ ଜାଣି ପାରି ନ ଥିଲି। କିଶୋର କୁମାରଙ୍କ ମୁଁ ବହୁତ ବଡ଼ ପ୍ରଶଂସକ। ତାଙ୍କ ଗୀତ ଗାଇବା ସମୟରେ ସାଙ୍ଗମାନେ ମତେ ଗୀତ ଗାଇବାକୁ ପରାମର୍ଶ ଦେଲେ। ଏହାପରେ ତାଳି ଓ ପ୍ରଶଂସା ପାଇବା ଆଶାରେ ମୁଁ ଗୀତ ଗାଇବା ଆରମ୍ଭ କରିଥିଲି।

**ପ୍ରଶ୍ନ– ଅଭିନୟକୁ କାହିଁକି ଛାଡ଼ିଦେଲେ?**
ଉତ୍ତର– ବହୁତ କମ୍ ଅଭିନୟ କରିଛି। ଅଳ୍ପ କିଛି ଚଳଚ୍ଚିତ୍ରରେ ଅତିଥିଭାବେ ଛୋଟ ଛୋଟ କରିଛି। ମୋ ନିଜ ଗୀତରେ ବି ମୁଁ ଦର୍ଶକଙ୍କ ପାଖକୁ ଆସିଛି। ସଙ୍ଗୀତକୁ ଆସିବା ପରେ ବ୍ୟସ୍ତତା ଭିତରେ ଆଉ ଅଭିନୟ ପାଇଁ ସମୟ ମିଳୁନାହିଁ। ଧାରାବାହିକ, ଚଳଚ୍ଚିତ୍ର ପାଇଁ ବହୁତ ଅଫର୍ ଆସୁଛି ମାତ୍ର କରି ପାରୁନି। ମୁଁ ସଙ୍ଗୀତ ନିର୍ଦ୍ଦେଶନା ବ୍ୟତୀତ ଗୀତ ଗାଏ, ନିଜ ପାଇଁ ବି ଗାଏ ଏବଂ ଅନ୍ୟ ନିର୍ଦ୍ଦେଶକଙ୍କ ପାଇଁ ମଧ୍ୟ ଗାଏ। ଏହାବ୍ୟତୀତ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥାପନା, ଷ୍ଟେଜ୍ ଶୋ', କବିତା ଏବଂ କାହାଣୀ ମଧ୍ୟ ଲେଖେ। ତେଣୁ ଏହା ଭିତରେ ଅଭିନୟ ପାଇଁ ସମୟ ମିଳେନି।

**ପ୍ରଶ୍ନ– ଆପଣଙ୍କ ଲିଖିତ କାହାଣୀକୁ ନେଇ ଭବିଷ୍ୟତରେ ଚଳଚ୍ଚିତ୍ର କରିବାର କିଛି ଯୋଜନା ରହିଛି କି?**
ଉତ୍ତର– ସେ ବିଷୟରେ କିଛି ଭାବିନି। ଏବେ କେବଳ ମୁଁ ଲେଖିବାରେ ବ୍ୟସ୍ତ ଅଛି। ଭବିଷ୍ୟତରେ ଯଦି ସଙ୍ଗୀତ କ୍ଷେତ୍ରରେ କାମ କରିବାରୁ ସମୟ ମିଳିଲା, ତେବେ ସେଥିରେ ଧ୍ୟାନ ଦେବି। ମୋର କବିତାକୁ ନେଇ ସଙ୍ଗୀତର ରୂପ ଦେବା, କାହାଣୀକୁ ନେଇ ଚଳଚ୍ଚିତ୍ର କିମ୍ବା ନାଟକ ରଚନା କରିବା କଥା ଚିନ୍ତା କରିବି।

**ପ୍ରଶ୍ନ– ଆପଣ ଓମାଓ୍ୱାର ସଭାପତି। ଏହା ଜରିଆରେ କରୋନା ସମୟରେ କଳାକାରଙ୍କ ସମସ୍ୟାକୁ କେମିତି ଉପସ୍ଥାପନା କରିଥିଲେ?**
ଉତ୍ତର– ଓଡ଼ିଶା ମ୍ୟୁଜିକ୍ ଆର୍ଟିଷ୍ଟ ୱେଲଫେୟାର୍ ଆସୋସିଏଶନ୍ (ଓମାଓ୍ୱା)ର ମୁଁ ସଭାପତି। କରୋନା ସମୟରେ କଳାକାରଙ୍କ ଦୁଃଖ ଜଣାଇବାକୁ ଆମେ ବହୁତ ଚେଷ୍ଟା କରିଛୁ। ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛୁ, ଏପରିକି ଗୀତ ମାଧ୍ୟମରେ ଆମର ସମସ୍ୟା ଜଣାଇଛୁ। ସଂସ୍କୃତି ବିଭାଗକୁ ମଧ୍ୟ ଦେଖା କରି ସମସ୍ୟା କହିଛୁ। ତେବେ କେବଳ ଆଶ୍ୱାସନା ଛଡ଼ା କୌଣସି ସାହାଯ୍ୟ ମିଳିନାହିଁ। ଏଠାରେ କଳାକାରଙ୍କୁ ସରକାରଙ୍କ ତରଫରୁ ସାମାନ୍ୟ ପରିଚୟ ପତ୍ରଟିଏ ମଧ୍ୟ ମିଳୁନାହିଁ। କଳାକାରଙ୍କୁ ବିଭିନ୍ନ ଶୋ' କରିବାକୁ ଅନୁମତି ଦିଆଯାଉ। ୫୦ପ୍ରତିଶତ ଦର୍ଶକଙ୍କୁ ନେଇ ଆମେ ରୋଜଗାର କରିବୁ। ନିର୍ବାଚନ ପ୍ରଚାର ବେଳେ, ଭାଷଣ ଦେବା ବେଳେ ତ କରୋନା ହେଉନାହିଁ। ତେବେ କଳାକାରଙ୍କ ପାଇଁ ସରକାର ଏପରି ମନୋଭାବ କାହିଁକି ରଖୁଛନ୍ତି।

**ପ୍ରଶ୍ନ– ଆପଣ ରାଜନୀତିକୁ ଆସିବା ନେଇ ଗୋଟେ ସମୟରେ ଚର୍ଚ୍ଚା ଜୋର୍ ଧରିଥିଲା। ଏଥିରେ କେତେ ସତ୍ୟତା ରହିଛି?**
ଉତ୍ତର– ସବୁ କରିବି ମାତ୍ର ରାଜନୀତି କରିବି ନାହିଁ। ସଙ୍ଗୀତ ପାଇଁ ସାରା ବିଶ୍ୱର ଓଡ଼ିଆ ମତେ ସେମାନଙ୍କ ଭଲପାଇବା ଦେଇଛନ୍ତି। ଏ ଭଲପାଇବାକୁ ମୁଁ କୌଣସି ଦଳର ନାମରେ ବାଣ୍ଟିବାକୁ ଚାହୁଁନାହିଁ। ଯଦି କୌଣସି ଦଳରେ ସାମିଲ୍ ହୁଏ ତେବେ ଅନ୍ୟମାନେ ମତେ ଘୃଣା କରିବେ, ଯେଉଁ ଅବସ୍ଥା ଏବେ କିଛି କଳାକାରଙ୍କ ହେଉଛି। ଅପରପକ୍ଷେ ମୁଁ ଯଦି ଲୋକଙ୍କ କଥାକୁ ନେଇ ସରକାରଙ୍କୁ ଜଣାଇଲେ ତାହା ହୋଇ ପାରୁଛି, ତେବେ ରାଜନୀତି କରିବା କ'ଣ ଦରକାର। ସାରା ଜୀବନ ମୁଁ ସଙ୍ଗୀତକୁ ନେଇ ବଞ୍ଚିବି।

**ପ୍ରଶ୍ନ– ବିଧିବଦ୍ଧ ଭାବେ ସଙ୍ଗୀତ ଶିକ୍ଷା କରିଛନ୍ତି କି?**
ଉତ୍ତର– କଲେଜରେ ପାଠ ପଢୁଥିବା ସମୟରେ ମୁଁ ଭଲ ଗାଉଛି ବୋଲି ସାଙ୍ଗମାନେ ପ୍ରଶଂସା କରୁଥିଲେ। ଏହା ଶୁଣିବାପରେ ମତେ ଲାଗୁଥିଲା ଯେପରି କିଶୋର କୁମାରଙ୍କ ପରେ ମୁଁ ଦ୍ୱିତୀୟ ଗାୟକ। ମାତ୍ର ଯେତେବେଳେ ବାସ୍ତବତାକୁ ଜାଣିବା ପରେ ସଙ୍ଗୀତ ଶିକ୍ଷା ନିହାତି ଜରୁରୀ ବୋଲି ଅନୁଭବ କରି ଶିକ୍ଷା ଆରମ୍ଭ କଲି। ଏ ପର୍ଯ୍ୟନ୍ତ ମୁଁ ଜାଣିପାରୁନି ଯେ ଏତେ ବଡ଼ ସଙ୍ଗୀତ ଦୁନିଆ ଭିତରେ ମୋର ଅସ୍ତିତ୍ୱ କେଉଁଠି। ସେଥିପାଇଁ ମୁଁ କୌଣସି ଶୋ'ରେ ବିଚାରକ ହୋଇ ବସେ ନାହିଁ। ବିଚାରକ ଚୌକିରେ ବସିବାର ଯୋଗ୍ୟ ନିଜକୁ କେବେ ଭାବେ ନାହିଁ।

**ପ୍ରଶ୍ନ– ବହୁ ସମୟରେ ବିଭିନ୍ନ ପ୍ରସଙ୍ଗ ଓ ସାଧାରଣ କଥାକୁ ନେଇ ଗୀତ କରନ୍ତି। ଯାହାକି ବେଶ୍ ରୋଚକ ମଧ୍ୟ ହୋଇଥାଏ। ଏହା କିପରି କରନ୍ତି?**
ଉତ୍ତର– ଏଥିରେ କିଛି ଶିଖିବାର ନାହିଁ। ଆପଣ ଯଦି ସମସ୍ତଙ୍କ ସହ ମିଶି ପାରୁଛନ୍ତି ତେବେ ଏସବୁ ଜିନିଷ କରିପାରିବେ। ସାଧାରଣତଃ ଲୋକଙ୍କ ଭିତରେ ବହୁତ ଖଟି ହୁଏ। କିଏ କାହାକୁ ଦେଖି କମେଣ୍ଟ ମାରିଦେଲା, କ'ଣ କହିଦେଲା ଏ ସବୁ ଜିନିଷକୁ ମୁଁ ସଙ୍ଗୀତ ଭିତରେ ପୂରେଇ ଦିଏ ଏବଂ ତାହା ହିଟ୍ ହୁଏ। ଲୋକଙ୍କୁ ତାଙ୍କର କଥା, ଭାଷା ଓ ଜିନିଷ ହିଁ ଛୁଏଁ। ବାହାର ଜିନିଷ ଆଣି ଦେଲେ ଲୋକଙ୍କୁ ତାହା ଛୁଇଁବ ନାହିଁ। ଅନ୍ୟ ନିର୍ଦ୍ଦେଶକମାନେ ଗୋଟେ ଦିନରେ ପ୍ରାୟ ୫ଟି ଗୀତ କରୁଥିବାବେଳେ ମୁଁ ଗୋଟେ ଗୀତକୁ ୫ଦିନ ଲଗାଇଦିଏ। ମୋ ଗୀତ ଶୁଣି ଝିଅମାନେ ବି ବହୁତ ଏନ୍‌ଜଏ କରନ୍ତି।

**ପ୍ରଶ୍ନ– ଚିରାଚରିତ ଧାରାରୁ ଆପଣଙ୍କ ଗୀତ ଟିକେ ଭିନ୍ନ ଭଳି ମନେ ହୁଏ। ଏଭଳି ଚିନ୍ତାଧାରା କିପରି ମନକୁ ଆସେ?**
ଉତ୍ତର– ଗୋଟେ ସମୟ ଥିଲା ଯେତେବେଳେ ସବୁ ଗୀତ ପ୍ରାୟ ସମାନ ଲାଗୁଥିଲା। ତେଣୁ କିଛି ହଟ୍‌କେ କରିବା ପାଇଁ ମୁଁ ଚେଷ୍ଟା କରିଥିଲି। ସେହି ସମୟରେ ମୁଁ 'ତୋର କୃଷ୍ଣଚୂଡ଼ା ରଙ୍ଗର ନାଲି ଓଢଣୀ' ଗୀତ କରିଥିଲି। ଏଥିରେ କିଛି ତେଲୁଗୁ କଥା ପୂରେଇଥିଲି। ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ। ସେବେଠାରୁ ପ୍ରତ୍ୟେକ ଗୀତରେ କିଛି କିଛି ନୂଆ କରିବାକୁ ଚେଷ୍ଟା କରେ। ଭାତଟେ ହେବ, ଡାଲି ଟେ ହେବ, କ'ଣ ଦି'ଟା ଖାଇ ଦଉନ, ବାବା ସଲେଇଲେ, ମାଉସୀ ଘରଭଡା ଦବକି ଭଳି ଅନେକ ଗୀତ କରିଛି ଏବଂ ତାହା ଶ୍ରୋତାମାନଙ୍କ ଦ୍ୱାରା ଆଦୃତ ହୋଇଛି।

**ପ୍ରଶ୍ନ– ଅବସର ସମୟରେ କ'ଣ କରନ୍ତି?**
ଉତ୍ତର– ଫ୍ରି ଟାଇମ୍ ମିଳିଲେ ପୁଅ ଓ ସ୍ତ୍ରୀଙ୍କୁ ନେଇ ପୁରୀ ବୁଲିବାକୁ ଯାଏ। ସେଠାରେ ସାଙ୍ଗମାନଙ୍କ ହୋଟେଲ ଅଛି। ଦିନେ ଦୁଇଦିନ ରହେ। ମହାପ୍ରଭୁଙ୍କ ଦର୍ଶନ କରିବା ସହ ଅବଢା ଖାଏ, ବାଲିରେ ଗଡ଼େ। ବହୁତ ମଜା କରେ।

**ପ୍ରଶ୍ନ– ସଙ୍ଗୀତକୁ ନେଇ ଆଗକୁ କ'ଣ ଯୋଜନା ରହିଛି?**
ଉତ୍ତର– ବର୍ତ୍ତମାନ ମୁଁ କିଛି ବଙ୍ଗଳା, ଭୋଜପୁରୀ, ମରାଠୀ, ଛତିଶଗଡୀ, ତେଲୁଗୁ ସିନେମାରେ ଗୀତ କରିଛି। ଏସବୁ ରିଲିଜ୍ ଅପେକ୍ଷାରେ ରହିଛି। ହିନ୍ଦୀ ସିନେମା କରିବାର ମଧ୍ୟ ଯୋଜନା ଅଛି। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମୋ ନାଁ ହେବା ସହ ଜଗନ୍ନାଥଙ୍କ ନାଁ ନେଇ ପାରିବି ସେଥିପାଇଁ ଚେଷ୍ଟା କରୁଛି।

**ପ୍ରଶ୍ନ– ନିଜ ଜନ୍ମମାଟି ସମ୍ବଲପୁରରେ ସଙ୍ଗୀତର ଉନ୍ନତି ପାଇଁ କିଛି କରିବେ?**
ଉତ୍ତର– ସମ୍ବଲପୁରରେ ସଙ୍ଗୀତ ଅଛି, ମାତ୍ର ସେଠାରେ କାମ କରିବାର ସ୍କୋପ୍ ନାହିଁ। ସେଠାରେ କିଛି ସମ୍ବଲପୁରୀ ଶୋ' କରିବାର ଯୋଜନା କରୁଛି। ସେଠାରେ କଳା, ସଂସ୍କୃତି ଉନ୍ନତି ହେବା ସହ ଷ୍ଟୁଡିଓ, ଚ୍ୟାନେଲ କରିବା ପାଇଁ ଚେଷ୍ଟା କରିବି।

**ପ୍ରଶ୍ନ– ଜୀବନର କିଛି ସ୍ମରଣୀୟ ମୁହୂର୍ତ୍ତ**
ଉତ୍ତର– ମୋର ଲଗାତର କିଛି କ୍ୟାସେଟ୍ ଫ୍ଲପ୍ ହେବାପରେ ଲୋକ ମତେ ଅଶୁଭ କହିବା ଆରମ୍ଭ କରି ଦେଇଥିଲେ। ଲୋକମତେ ଗେଟ୍ ଆଉଟ୍ ବୋଲି ମଧ୍ୟ କହିଛନ୍ତି। ସାଇକେଲ ଧରି ବିଭିନ୍ନ ସ୍ଥାନକୁ ଯିବାବେଳେ ସେଠାରେ ମତେ ଖରାରେ ଘଣ୍ଟା ଘଣ୍ଟା ବସେଇଛନ୍ତି। ଦେହ ଅସୁସ୍ଥତା ଥିବାବେଳେ ବି କାମ କରିବାକୁ ପଡିଛି। ବହୁ ଘଟଣା ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ମତେ ଆଜି ସଫଳତା ଦେଇଛି।

**ପ୍ରଶ୍ନ– କଳାକାର ନ ହୋଇଥିଲେ କ'ଣ ହୋଇଥାନ୍ତେ?**
ଉତ୍ତର– ମୋର ଅଣ୍ଡା ପ୍ରତି ବହୁତ ଦୁର୍ବଳତା। ତେଣୁ କଳାକାର ନ ହୋଇଥିଲେ ଅଣ୍ଡା ବିକିଥାନ୍ତି। ଗୋଟେ ବଡ଼ ଦୋକାନ କରିଥାନ୍ତି। ସେଠାରେ ଆମ୍‌ଲେଟ୍ ଓ ସିଝା ଅଣ୍ଡା ବିକିଥାନ୍ତି।

**ପ୍ରଶ୍ନ– କ'ଣ ଖାଇବାକୁ ଭଲଲାଗେ?**
ଉତ୍ତର– ମତେ ସବୁ ପ୍ରକାର ଦେଶୀ ଜିନିଷ ଖାଇବାକୁ ଭଲଲାଗେ। ପଖାଳ, ବଡ଼ିଚୂରା, ମାଛ ଭଜା, ଆଳୁ ଭର୍ତ୍ତା, ପଣସ ମଞ୍ଜି, ଟମାଟୋ ପୋଡ଼ା, ଅଣ୍ଡା, ଢାବାର ଚଣାମସଲା ଖାଇବାକୁ ଭଲ ଲାଗେ।

# ଲଘୁଚାପ ଉତ୍ତର ଭାରତ ମୁହାଁ

**ଆଉ ଦିନେ ବର୍ଷିବ**

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଓଡ଼ିଶା ଉପକୂଳ ଛୁଇଁଛି । ଏହାର ପ୍ରଭାବରେ ସୋମବାର ରାତିଠାରୁ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଲଘୁଚାପ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜାମ, ନୟାଗଡ଼, କଟକ, କନ୍ଧମାଳ, ମାଲକାନଗିରି, କୋରାପୁଟ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବ। ସେହିପରି ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଯାଜପୁର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, ରାୟଗଡ଼ା, ଗଜପତି, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, ଅନୁଗୋଳ, କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୧୯ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୋନପୁର, ଅନୁଗୋଳ, ନୂଆପଡ଼ା, ବଲାଙ୍ଗୀର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

ଗୁରୁବାର ଲଘୁଚାପ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଡ଼କୁ ଚାଲିଯିବ। ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଗୁଜରାଟ ଉପରେ ମଧ୍ୟ ପଡ଼ିବ । ଫଳରେ ଏସବୁ ରାଜ୍ୟଗୁଡ଼ିକରେ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ବର୍ଷା ହେବା ସମ୍ଭାବନା ରହିଛି ।

ଏହି ଲଘୁଚାପ ପ୍ରଭାବରେ ଅଗଷ୍ଟରେ ଦେଖା ଦେଇଥିବା ନିଅଣ୍ଟିଆ ବର୍ଷା ସାମାନ୍ୟ ଭରଣା ହେବା ସମ୍ଭାବନା ରହିଛି । ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଅଗଷ୍ଟ ୧୭ ମଧ୍ୟରେ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି। ମାତ୍ର ୭ ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ସେହି ଜିଲାଗୁଡ଼ିକ ହେଲା କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, କୋରାପୁଟ,ମାଲକାନଗିରି, ନୂଆପଡ଼ା ଏବଂ ପୁରୀ। ବାକି ୨୩ ଜିଲାରେ ବର୍ଷା ନିଅଣ୍ଟିଆ ରହିଛି। ସେହି ସବୁ ଜିଲା ରେଡ୍ ଜୋନ୍‌ରେ ରହିଛି।

# ସିବିଆଇ ତଦନ୍ତ ଲାଗି ରାଷ୍ଟ୍ରପତିଙ୍କୁ ଚିଠି

**ଏସିଏଫ୍ ମୃତ୍ୟୁ ଘଟଣା**

ଖଇରା,୧୭।୮(ଡି.ଏନ.ଏ.)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ କ୍ରାଇମବ୍ରାଞ୍ଚ ମାରାଥନ ଜେରା କରୁଛି । ହେଲେ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ତଦନ୍ତ ପ୍ରକ୍ରିୟା ଉପରେ ସମ୍ପୂର୍ଣ୍ଣ ଭରସା କରିପାରୁ ନାହାନ୍ତି। ମଙ୍ଗଳବାର ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଡାକ ଯୋଗେ ଚିଠି ଲେଖି ସିବିଆଇ ତଦନ୍ତ ଦାବି କରିଛନ୍ତି। ତଦନ୍ତରେ ଶିଥିଳତା ଏବଂ ୩୫ଦିନ ପରେ ମଧ୍ୟ ଜଣେ କାହାରିକୁ ଗିରଫ କରାଯାଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସିବିଆଇ ତଦନ୍ତ ହେଲେ ଅଭିଯୁକ୍ତମାନେ ଗିରଫ ହେବାର ନିଶ୍ଚିତତା ଥିବାରୁ ତୁରନ୍ତ ଏହି ମାମଲା ସିବିଆଇକୁ ଦିଆଯାଉ ବୋଲି ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ଅଭିରାମ କହିଛନ୍ତି, କ୍ରାଇମବ୍ରାଞ୍ଚ ଉପରେ ୫୦ପ୍ରତିଶତ ଭରସା ଅଛି, ହେଲେ ଏହା ରାଜ୍ୟ ସରକାରଙ୍କ ଚାପରେ କାମ କରୁଥିବାରୁ ତାଙ୍କୁ ନ୍ୟାୟ ମିଳିବା ଆଶା କ୍ଷୀଣ। କ'ଣ ପାଇଁ ଏ ପର୍ଯ୍ୟନ୍ତ ଡିଏଫଓ ସଂଗ୍ରାମ ବେହେରା ଓ ଥାନା ଅଧିକାରିଣୀ ମମତା ପଣ୍ଡାଙ୍କୁ ନିଲମ୍ବନ କରାଯାଉନାହିଁ କି ବୋହୂ ବିଦ୍ୟାଭାରତୀ ଓ ରୋଷେୟାଙ୍କୁ ଗିରଫ କରି ରିମାଣ୍ଡରେ ନିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।




# ଭୁଲ ଇଞ୍ଜେକ୍ସନରୁ ଗର୍ଭବତୀଙ୍କ ଜୀବନ ଗଲା

ବାରିପଦା ଅଫିସ, ୧୭।୮-ମୟୂରଭଞ୍ଜ ଜିଲା ବାରିପଦା ସହରରେ ଥିବା ଏକ ନର୍ସିଂହୋମ୍‌ରେ ଭୁଲ ଇଞ୍ଜେକ୍ସନ ଦିଆଯିବାରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏନେଇ ନର୍ସିଂହୋମ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୃତ କାଳିକାପୁର ୨୪ ନଂ. ୱାର୍ଡ ଅଞ୍ଚଳର ଆରତୀମଣି ଦାସ(୩୨)ଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୭୪୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଆରତୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଉକ୍ତ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ନ କରି ଡ୍ୟୁଟିରେ ଥିବା ଡାକ୍ତର ଇଞ୍ଜେକ୍ସନ ଦେବାକୁ କହିଥିଲେ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନର୍ସ ଇଞ୍ଜେକ୍ସନ ଦେଇଥିଲେ। ତେବେ ଇଞ୍ଜେକ୍ସନ ନେବାର ୫ ମିନିଟ୍ ପରେ ଆରତୀଙ୍କ ମୃତ୍ୟୁ ଘଟିଥିଲା।



ସବୁ କର୍ମ ଏକ ଖେଳ ହେବା ଉଚିତ। କିନ୍ତୁ ଏହା ହେବ ଏକ ଦିବ୍ୟକ୍ରୀଡା ବା ଭଗବତୀ ଖେଳ। ଏ ଖେଳ ତୁମେ ଭଗବାନଙ୍କ ପାଇଁ ଖେଳିବ ଓ ଭଗବାନଙ୍କ ସହିତ ଖେଳିବ। —ଶ୍ରୀମା



# ଲୋକ ଦୋଷୀ, ସରକାର ଅସହାୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୧୫ରେ ଲାଲକିଲ୍ଲା ପ୍ରାଚୀର ଉପରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଅନେକ ବିଷୟ ଅବତାରଣା କରିଛନ୍ତି। ତେବେ ପୂର୍ବରୁ ରହିଆସିଥିବା ତାଙ୍କ ସ୍ଲୋଗାନ 'ସବ୍ କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ' ସହ 'ସବ୍ କା ପ୍ରୟାସ' ଭଳି ଆଲଙ୍କାରିକ ଶବ୍ଦ ଯୋଡ଼ି 'ଆଜାଦି କୀ ଅମୃତ ମହୋତ୍ସବ' ପାଳନ କରିଛନ୍ତି ବୋଲି କୁହାଯାଉଛି।

ଏଠାରେ 'ସବ୍ କା ପ୍ରୟାସ' ଭଳି ବାକ୍ୟାଂଶର ଅର୍ଥ ବୁଝାଯିବା ଦରକାର। ମଣିଷର ମନସ୍ତାତ୍ତ୍ୱିକ ଅବସ୍ଥାକୁ ଦେଖିଲେ 'ବେନ୍ ଫ୍ରାଙ୍କଲିନ୍ ଇଫେକ୍ଟ' ମନେପଡ଼େ। କୁହାଯାଏ ଯଦି ଜଣେ ବ୍ୟକ୍ତିଙ୍କୁ ଆମେ ଅନୁଗ୍ରହ ଦେଖାଇଥାଉ, ତାଙ୍କ ପ୍ରତି ଆମ ହୃଦୟରେ ସମବେଦନା ସୃଷ୍ଟି ହୁଏ। ଏଥିରୁ ବୁଝିବାକୁ ହେବ ଯେ, ଲୋକଙ୍କ ବିଶ୍ୱାସଭାଜନ ହେବାକୁ ହେଲେ ନିୟମିତ ଭାବେ ତାଙ୍କଠାରୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ମାଗିବା, ତାହା ହେଲେ ସେମାନେ ନିଜକୁ ସହଯୋଗ ମାଗୁଥିବା ବ୍ୟକ୍ତିଙ୍କଠାରୁ ଉଚ୍ଚ ମନେକରି ଗର୍ବିତ ହୋଇଥାଆନ୍ତି। ଏହା ଏକ ଚତୁର ପଦ୍ଧତି, ଯାହାଦ୍ୱାରା ଜଣେ ଶକ୍ତିଶାଳୀ ବ୍ୟକ୍ତି ନିଜର କର୍ତ୍ତବ୍ୟ ଠିକ୍ ଭାବେ ତୁଲାଇବା ପରିବର୍ତ୍ତେ ଅନ୍ୟ ବେକରେ ଜୁଆଳି ପକାଇ ଦିଅନ୍ତି। ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କ ଅବଦାନକୁ ଗୁରୁତ୍ୱ ଦେବାକୁ ଯାଇ ସର୍ବଦା ସବୁକିଛି ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଯଦି ସରକାରରେ କିଛି ବିଫଳତା ହେଲା ତାହା ଲୋକଙ୍କ ବିଫଳତା ବୋଲି ବୁଝାଯାଉଛି। ଗତ କିଛି ବର୍ଷ ତଳକୁ ଅନିଶା କଲେ ଏହିପରି ଅନେକ ବିଷୟ ଆଲୋଚନା ପରିସରକୁ ଆସିପାରିବ। 'ସ୍ୱଚ୍ଛ ଭାରତ' କେନ୍ଦ୍ର ସରକାରଙ୍କ ଏକ ଅଭିଯାନ ଥିଲା। ଏହି କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଡ଼ ସକାଶେ ନାଗରିକଙ୍କ ଉପରେ ଉପଟିକସ ବସାଯାଇଥିଲା। କିନ୍ତୁ ପରିଷ୍କାର ପରିଚ୍ଛନ୍ନତା ଅଭିଯାନ ସମ୍ପୂର୍ଣ୍ଣ ବିଫଳ ହୋଇଯାଇଛି। ନୂଆଦିଲ୍ଲୀର ରେଳ ଷ୍ଟେଶନ ପ୍ରସ୍ଥାନପଥଠାରୁ ଆରମ୍ଭକରି ଓଡ଼ିଶାର ବ୍ରହ୍ମପୁରର ରାସ୍ତାଘାଟକୁ ଦେଖିଲେ ଏହାର ପ୍ରମାଣ ମିଳିଯିବ। ସେତେବେଳେ ପ୍ରତ୍ୟେକ ନାଗରିକଙ୍କୁ ବର୍ଷକୁ ୧୦୦ ଘଣ୍ଟା ସ୍ୱଚ୍ଛତା ଅଭିଯାନ ପାଇଁ ଦେବାକୁ କୁହାଯାଇଥିଲା। ଏବେ ସେହି ବିଫଳତାକୁ ଅଧିକାଂଶ ଭାରତୀୟ ମନେପକାଇପାରୁ ନାହାନ୍ତି।

ପ୍ରଧାନମନ୍ତ୍ରୀ ଏଲ୍‌ପିଜି ସବ୍‌ସିଡି ପରିତ୍ୟାଗ କରିବାକୁ ଆହ୍ୱାନ ଦେଇଥିଲେ। ତା' ପରେ ଲୋକେ ବାଉଳା ହୋଇ ସାଙ୍ଗସାଥି ଓ ବନ୍ଧୁମାନଙ୍କୁ ପଚାରିବା ଆରମ୍ଭ କଲେ ସେମାନେ ସବ୍‌ସିଡି ଛାଡ଼ିଛନ୍ତି ନା ନାହିଁ। ଆମେ ସମସ୍ତେ ଏହା ଭଲ ଭାବେ ଜାଣିଛେ ଯେ, ସବ୍‌ସିଡି ଛାଡ଼ିବା କେଉଁ ସ୍ତରକୁ ଗଲା ଓ ତାହା ଦ୍ୱାରା କେଉଁ କର୍ପୋରେଟ୍ କିଭଳି ଲାଭାନ୍ୱିତ ହେଲେ। ଏହି ଦାୟିତ୍ୱ ନାଗରିକଙ୍କ ଉପରେ ଛାଡ଼ି ଦିଆଯାଇଥିଲା। ଏବେ ଯଦି କେହି ପ୍ରଶ୍ନ କରନ୍ତି ଯେ, ସବ୍‌ସିଡି ପରିତ୍ୟାଗ କରିବା ଦ୍ୱାରା କେଉଁମାନେ ଉପକୃତ ହେଲେ, ସେତେବେଳେ ଜନସାଧାରଣଙ୍କ ଦେଶପ୍ରୀତି କାର୍ଯ୍ୟକଳାପକୁ ପ୍ରଶ୍ନ କରାଗଲା ଭଳି ପ୍ରତୀୟମାନ ହେବ। ବାସ୍ତବ କଥା ହେଉଛି ଯେ, ସମସ୍ତେ ସବ୍‌ସିଡି ତ୍ୟାଗ କରିବା ସତ୍ତ୍ୱେ ଏଲ୍‌ପିଜି ସିଲିଣ୍ଡରର ଅହେତୁକ ଦରବୃଦ୍ଧି ଯୋଗୁ ଗରିବ ଲୋକଙ୍କ ରୋଷେଇ ଘରେ ଆଉ ଗ୍ୟାସ୍ ଚୁଲା ଦେଖିବା କଷ୍ଟକର। ଯେଉଁମାନେ ସବ୍‌ସିଡି ପାଇବା ଯୋଗ୍ୟ ସେମାନେ ନିଜର ବ୍ୟାଙ୍କ ଆକାଉଣ୍ଟକୁ ଦେଖିଲେ ମାତ୍ର ୧୩/୧୪ ଟଙ୍କା ଆସୁଥିବାର ଲକ୍ଷ୍ୟ କରୁଥିବେ।

୮ ନଭେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣ ଘୋଷଣା କରିବା ବେଳେ ଦେଶବାସୀଙ୍କୁ କ'ଣ କହିଥିଲେ ଏଠାରେ ମନେପକାଇ ଦିଆଯାଇପାରେ। ଦେଶର ସ୍ୱାର୍ଥକୁ ଦେଖିଲେ ଲୋକଙ୍କୁ କିଛି ସମୟ ପାଇଁ କଷ୍ଟ ସହିବାକୁ ପଡ଼ିବ ଓ ୫୦ ଦିନ ଧୈର୍ଯ୍ୟ ଧରିବାକୁ ସେ ଆହ୍ୱାନ ଦେଇଥିଲେ। ଲୋକେ ମଧ୍ୟ ଧରିନେଲେ ଯେ ସେମାନଙ୍କ ତ୍ୟାଗ ଦ୍ୱାରା କଳାଧନ, ଆତଙ୍କବାଦ ଓ ନକଲି ନୋଟ୍‌କୁ ରୋକିବାରେ ସକ୍ଷମ ହେବା ସହ ଦୁର୍ନୀତି ବନ୍ଦ କରାଇଦେବ। କିନ୍ତୁ ଫଳାଫଳ ଦେଶବାସୀ ଭୋଗୁଛନ୍ତି। ଜଣେ ବ୍ୟକ୍ତିଙ୍କ ଏଭଳି ନିଷ୍ପତ୍ତି ଯୋଗୁ ଆଜି ଭାରତୀୟ ଅର୍ଥନୀତି ତଳିତଳାନ୍ତ ହୋଇଯାଇଛି। ସେହିଭଳି ଭାବେ କୋଭିଡ୍-୧୯ ଦେଖାଦେବା ପରେ ପ୍ରଧାନମନ୍ତ୍ରୀ ରାତାରାତି ଲକ୍‌ଡାଉନ୍ ଘୋଷଣା କରିଦେଲେ। ଏହାଦ୍ୱାରା ପ୍ରବାସୀ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଲେ। ଏପରିକି ଭୂତାଣୁକୁ ନିପାତ କରିଦେବା ସକାଶେ ଥାଳି ବାଡ଼େଇବା, ରାତି ୯ଟା ୯ ମିନିଟ୍‌ରେ ବିଜୁଳି ବନ୍ଦ କରିଦିଆଯାଇ ଦୀପ ଜାଳିବା ଭଳି ଅବାଞ୍ଛିତ ଦାୟିତ୍ୱ ନାଗରିକଙ୍କୁ ଦିଆଗଲା। ଏଥିରେ ଅନେକ ମୁଖ୍ୟମନ୍ତ୍ରୀ, ତନ୍ତ୍ରୀ, ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ସନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ 'ଘୋ'ରେ ମାତିଲେ। କେହି ଜଣେ ପ୍ରଶ୍ନ କଲେ ନାହିଁ ଯେ, ଏଭଳି ପାଗଳାମିରେ ଆମେ କାହିଁକି ସାମିଲ ହେଉଛେ। ସେମାନେ ଭୁଲିଗଲେ ଯେ, ଇତିହାସରେ ସେମାନେ ସର୍ବଦା ଉପହସିତ ହୋଇ ୟୁଟ୍ୟୁବ୍‌ରେ ରହିବେ। ପ୍ରଧାନମନ୍ତ୍ରୀ ସେମାନଙ୍କଠାରୁ ଅନୁଗ୍ରହ ଚାହୁଁଛନ୍ତି ବୋଲି ଭାବି ଖୁସିରେ ଗଦ୍‌ଗଦ୍ ହୋଇ ଲୋକେ ତାଙ୍କ କଥାରେ ମାତିଗଲେ। କିନ୍ତୁ ଯେତେବେଳେ ସଂକ୍ରମଣ ବଢ଼ି କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା, ସେତେବେଳେ ଅମ୍ଳଜାନ ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଘୋର ଅଭାବ ଦେଖାଦେଲା। ସେହି ସମୟରେ ସରକାରଙ୍କ ଦାୟିତ୍ୱହୀନତାଠାରୁ ଲୋକଙ୍କ ବେପରୁଆ ମନୋଭାବକୁ ପ୍ରଶ୍ନ କରାଗଲା। ବାସ୍ତବ ବିଫଳତାଠାରୁ ଦୃଷ୍ଟି ହଟେଇବା ସକାଶେ କୁହାଗଲା ଲୋକେ ମାସ୍କ ପିନ୍ଧୁ ନାହାନ୍ତି ଓ ସାମାଜିକ ଦୂରତ୍ୱ ରକ୍ଷା କରୁନାହାନ୍ତି। ସବୁ ଗଣମାଧ୍ୟମରେ ବଜାର ଭିଡ଼ର ଚିତ୍ର ବାରମ୍ବାର ପ୍ରସାରିତ କରାଗଲା—ଲୋକ ଦୋଷୀ, ସରକାର ଅସହାୟ।

ଅନୁରୂପ ଭାବେ 'ବେଟି ବଚାଓ, ବେଟି ପଢ଼ାଓ' ଧ୍ୱନି ମଧ୍ୟ ଲୋକଙ୍କ ଉପରେ ଲଦି ଦିଆଯାଇ ଝିଅମାନଙ୍କ ଦାୟିତ୍ୱ ମାତାପିତା ଓ ଅଭିଭାବକ ନିଅନ୍ତୁ ବୋଲି କୁହାଗଲା। ସତେଯେମିତି ସେମାନଙ୍କ ଉପରେ ପୂର୍ବରୁ ଦାୟିତ୍ୱ ନ ଥିଲା। କେହି ଜଣେ ପ୍ରଶ୍ନ ଉଠାଇଲେ ନାହିଁ ଯେ, ସରକାର କନ୍ୟା ସନ୍ତାନମାନଙ୍କ ପାଇଁ କେଉଁ ବିଶେଷ କାର୍ଯ୍ୟକ୍ରମ ହାତେଇଛନ୍ତି।

ପୁନର୍ବାର ଦୋହରାଯାଇପାରେ ଯେ, ଏହିଭଳି ସବୁ ଯୋଜନାରେ ଜନସାଧାରଣଙ୍କୁ ସାମିଲ କରାଯାଉଛି ବୋଲି ସରକାର ଖୋଲାଖୋଲି ବାରମ୍ବାର କହିବା ଦ୍ୱାରା କୌଣସି କାର୍ଯ୍ୟକ୍ରମ ବିଫଳ ହେଲେ ତାହା ଲୋକଙ୍କ ବିଫଳତା ବୋଲି ଧରାଯାଉଛି। ଏବଂ ସରକାର ତାଙ୍କ ଦାୟିତ୍ୱବୋଧତାଠାରୁ ସୁରୁଖୁରୁରେ ଦୂରେଇ ଯାଉଛନ୍ତି। ସେଥିପାଇଁ ୧୫ ଅଗଷ୍ଟ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିଲେ ମନେହେଉଛି ଯେହେତୁ ପୂର୍ବର 'ସବ୍ କା ବିକାଶ' ଏବେ 'ବିକାଶ' କୁଆଡ଼େ ଗଲା ତାଚ୍ଛଲ୍ୟରେ ପରିଣତ ହୋଇଗଲାଣି, ସେଥିପାଇଁ ଏବେ 'ସବ୍ କା ପ୍ରୟାସ' ସ୍ଲୋଗାନ ଜନ୍ମ ହେଲା। ଏବେ ପ୍ରୟାସର ଦାୟିତ୍ୱ ଲୋକଙ୍କ ମୁଣ୍ଡ ଉପରେ ପଡ଼ିଲା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 2 | | | 5 |
| | | | 3 | | | 6 | | |
| | 9 | | | 7 | 5 | | | |
| | 6 | 2 | | | 4 | 8 | | |
| | | | | 5 | 6 | 3 | | |
| | | | 2 | | 7 | 1 | | |
| 1 | | 7 | | | | | 3 | 6 |
| | | | 5 | 1 | | | | |
| | 5 | | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 8 | 4 | 7 | 2 | 5 | 1 |
| 4 | 1 | 2 | 6 | 3 | 5 | 8 | 7 | 9 |
| 8 | 5 | 7 | 9 | 1 | 2 | 4 | 6 | 3 |
| 7 | 6 | 4 | 1 | 8 | 9 | 5 | 3 | 2 |
| 3 | 8 | 1 | 2 | 5 | 4 | 7 | 9 | 6 |
| 5 | 2 | 9 | 3 | 7 | 6 | 1 | 4 | 8 |
| 9 | 7 | 6 | 5 | 2 | 1 | 3 | 8 | 4 |
| 1 | 4 | 8 | 7 | 9 | 3 | 6 | 2 | 5 |
| 2 | 3 | 5 | 4 | 6 | 8 | 9 | 1 | 7 |

ଗତ ସଂସ୍କରଣର ଉତ୍ତର

# ଧନ କ'ଣ ସୁଖ କିଣିପାରେ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଏ ପ୍ରଶ୍ନର ଜବାବ ଦେବାକୁ ହେଲେ ପ୍ରଥମେ ନିରୂପଣ କରିବାକୁ ହେବ ସୁଖର ସଂଜ୍ଞା। ଅନେକ ଦାର୍ଶନିକ ଏବଂ ଚିନ୍ତାଶୀଳ ବ୍ୟକ୍ତି ଏହାକୁ ଏକ ପ୍ରହେଳିକା ବୋଲି କହନ୍ତି। ଏଣୁ କବି ରାଧାନାଥଙ୍କ ଭାଷାରେ "ସୁଖ ରୂପେ ଯାହା ଜନ ନେତ୍ରେ ଦିଶେ, ହାତେ ଆସେ ହାତୁ ପଡ଼ିବା ପାଇଁ ସେ। ବସ୍ତୁ ନୁହଁଇ ସେ ଅଟଇଟି ଧୂମ, ଆନ ନାମ ତା'ର ଆକାଶ କୁସୁମ।" ଅତଏବ ସୁଖ ପଛରେ ଧାଇଁବା ଆକାଶ କୁସୁମ ତୋଳିବା ଭଳି ଏକ ନିଷ୍ଫଳ ପ୍ରୟାସ। ତଥାପି ଆମେ ଅନବରତ ତାହା ହିଁ କରିଥାଉ। ସୁଖର ସନ୍ଧାନରେ ଧାଇଁ ଧାଇଁ ଅଣନିଃଶ୍ୱାସୀ ହେଉ ଏବଂ ତାହା ହୁଏ ଆମର ସବୁ ଦୁଃଖର କାରଣ। ସେଥିପାଇଁ ଯୋଗୀ ଶ୍ରେଷ୍ଠ ଶ୍ରୀ ଅରବିନ୍ଦ କହିଛନ୍ତି, "ତୁମେ ବର୍ତ୍ତମାନ ଯାହା ଅଛ, ତାହାକୁ ନେଇ ଯଦି ସୁଖୀ ନୁହଁ, ତେବେ ତୁମେ କଦାପି ସୁଖୀ ହୋଇପାରିବ ନାହିଁ।" ଅର୍ଥାତ୍ ସୁଖ ପାଇବାକୁ ହେଲେ ଆମକୁ ନିଜର ବର୍ତ୍ତମାନରେ ହିଁ ସନ୍ତୁଷ୍ଟ ହେବା ଶିଖିବାକୁ ପଡ଼ିବ। ସେଥିପାଇଁ ଏକାନ୍ତ ଭାବେ ଲୋଡ଼ା ଆଧ୍ୟାତ୍ମିକ ଚେତନାର ବିକାଶ, ଜୀବନର ଅଳିକତା ସମ୍ପର୍କରେ ସଚେତନତା ତଥା ବସ୍ତୁବାଦୀ ଲାଳସାରୁ ମୁକ୍ତି। ତାହା ହିଁ ଆମକୁ ସନ୍ତୋଷ ଦେଇପାରିବ ଓ ସୁଖ କ'ଣ ନ ବୁଝିଲେ ବି ତାହାର ଏକ ଅଜଣା ସ୍ପର୍ଶ ଆମ ମନକୁ ସ୍ପର୍ଶ କରିପାରିବ। ତେବେ, ଦିନକୁ ଦିନ ମଣିଷ ସମାଜରେ ବିସ୍ତାର ଲାଭ କରିବାରେ ଲାଗିଛି ବସ୍ତୁବାଦ। ଲୋକେ ଅଧିକରୁ ଅଧିକ ଲାଳସାଗ୍ରସ୍ତ ହୋଇପଡୁଛନ୍ତି ବିଭିନ୍ନ ସାଂସାରିକ ବସ୍ତୁ ପ୍ରତି, ଯାହା କି କିଣାଯାଇପାରିବ। ସେଥିପାଇଁ ଏବେ ଅନେକେ ମନେକରୁଛନ୍ତି ଯେ, ଏସବୁ କିଣିବା ମାଧ୍ୟମରେ ସୁଖ ଲାଭ କରାଯାଇପାରିବ। ସେମାନଙ୍କ ମତରେ ଆମେ ଭଲ ପାଉଥିବା ଜିନିଷଟି ପାଇବାକୁ ହେଲେ ଧନ ଦରକାର। ତେବେ, ମଣିଷର ଲାଳସା ଅପରିସୀମ। ଏଣୁ ସେଥି ଅନୁସାରେ ଏହା ପରିତୃପ୍ତ କରିବା ପାଇଁ ସବୁ ପାଇବାକୁ ହେଲେ ଲୋଡ଼ା ଅପରିସୀମ ଧନ, ଯାହା କି ସମ୍ଭବ ନୁହେଁ। ତା' ହେଲେ ଏଭଳି ସୁଖ ଲାଭ କରାଯାଇ ପାରିବା ମଧ୍ୟ ଅସମ୍ଭବ।

ଧନ ସହିତ ସୁଖର ସମ୍ପର୍କକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କର ଭିନ୍ନ ଭିନ୍ନ ମତ ରହିଛି। ଏହା ସ୍ଥିର କରିବାକୁ ୧୯୯୦ ଦଶକରେ ସର୍ବେକ୍ଷଣଟିଏ କରିଥିଲେ ଆମେରିକାର ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱ ବିଦ୍ୟାଳୟର ଅର୍ଥନୀତିଜ୍ଞ ଡାନିଏଲ କହନେମ୍ୟାନ ଏବଂ ଅଂଗୁସ ଡେଆଟନ। ତାଙ୍କ ମତରେ ସୁଖର ସଂଜ୍ଞା ହେଲା ଶାରୀରିକ ଏବଂ ମାନସିକ ସ୍ତରରେ ସନ୍ତୋଷ ଲାଭ। ଏହି ସର୍ବେକ୍ଷଣରେ ସେମାନେ ନେଇଥିଲେ ବିଭିନ୍ନ ଦେଶର ୧, ୭୨୫, ୯୯୪ ଜଣ ପ୍ରାପ୍ତ ବୟସ୍କ (୧୮ରୁ ୬୫ ବର୍ଷ) ଲୋକ। ସେଥିରୁ ଜଣାପଡ଼ିଲା ଯେ, ପ୍ରାଥମିକ ଅବସ୍ଥାରେ ଧନ ସହିତ ସୁଖର ସମ୍ପର୍କ ରହିଛି। ତେବେ, ଏହାର ଏକ ସୀମା ଅଛି। ଅନ୍ୟ ଭାଷାରେ କହିବାକୁ ଗଲେ, ସଂସାର ଚଳାଇବାକୁ କଠିନ ହେଉଥିବା ନିମ୍ନ ଆୟକାରୀମାନଙ୍କ କ୍ଷେତ୍ରରେ ଧନ ସହିତ ସୁଖର ସମ୍ପର୍କ ରହିଛି। ତେବେ ଏ ସମ୍ପର୍କ ଧୀରେ ଧୀରେ ଶିଥିଳ ହୁଏ ଆୟବୃଦ୍ଧି ସହିତ। କହନେମ୍ୟାନ ଏବଂ ଡେଆଟନଙ୍କ ଆକଳନ ଅନୁସାରେ ଏହାର ସୀମାହେଲା ବାର୍ଷିକ ୭୫୦୦୦ ଡଲାର ଆୟ କରିବା। ତହିଁରୁ ଅଧିକ ଆୟକାରୀଙ୍କ କ୍ଷେତ୍ରରେ ସୁଖ ସହିତ ଧନର ସମ୍ପର୍କ ହ୍ରାସ ପାଇଚାଲେ। ଅନ୍ୟପକ୍ଷରେ, ଅଧିକ ଧନୀ ଲୋକଙ୍କ କ୍ଷେତ୍ରରେ ତାହା ନକାରାତ୍ମକ ହୋଇଥାଏ ବୋଲି କହନ୍ତି ଇଲିନଏ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ ଏଡ୍ ଡାଇନର। ଅର୍ଥାତ୍ ତାଙ୍କ ମତରେ ଅଧିକରୁ ଅଧିକ ଧନ ମାନସିକ ଚାପ ସୃଷ୍ଟିକାରୀ ହୋଇଥିବାରୁ ତାହା ସୁଖକୁ ହରଣ କରେ।

ସେହିପରି ମତଟିଏ ପୋଷଣ କରନ୍ତି ମିଚିଗାନ ଷ୍ଟେଟ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ ରିଚାର୍ଡ ଇ ଲୁକାସ। ସେ ଯୁକ୍ତି ବାଢ଼ନ୍ତି ଯେ, ତାହା ହୋଇ ନ ଥିଲେ ଫିନଲାଣ୍ଡ ବା ଡେନମାର୍କ ଅଥବା ଭୁଟାନ ଭଳି ଦେଶର ଲୋକେ ଅଧିକ ବିତ୍ତଶାଳୀ ଆମେରିକୀୟମାନଙ୍କ ଠାରୁ 'ଖୁସିର ସୂଚକାଙ୍କ'ରେ ଊର୍ଦ୍ଧ୍ୱରେ ରହନ୍ତି କିପରି? ଅନ୍ୟପକ୍ଷରେ ଅସୁଖୀଙ୍କ ତାଲିକାରେ କିପରି ଭାରତର ସ୍ଥାନ ଲାଇବେରିଆ, ରୱାଣ୍ଡା, ସିରିଆ ଇତ୍ୟାଦିଙ୍କର ଉପରେ ହୁଅନ୍ତା?

ଏକ ନିୟମିତ ସମୟ ବ୍ୟବଧାନରେ (ପ୍ରାୟ ପ୍ରତିବର୍ଷ) ବିଭିନ୍ନ ଦେଶର ଲୋକଙ୍କ ଜୀବନଧାରାକୁ ନେଇ ଜାତିସଂଘ ତରଫରୁ ସଷ୍ଟେନେବଲ ଡେଭେଲପମେଣ୍ଟ ସଲ୍ୟୁସନ୍‌ସ ନେଟ୍‌ୱର୍କଦ୍ୱାରା ଖୁସିର ସୂଚକାଙ୍କ ପ୍ରସ୍ତୁତ କରାଯାଏ। ଏହା ନିର୍ଦ୍ଧାରଣ କରିବା ପାଇଁ ବିଚାରକୁ ନିଆଯାଉଥିବା କାରକମାନଙ୍କ ମଧ୍ୟରୁ ମୁଖ୍ୟଗୁଡ଼ିକ ହେଲା ଲୋକଙ୍କ ଆୟ, ସ୍ୱାଧୀନତା, ବିଶ୍ୱାସ, ସୁସ୍ଥ ଜୀବନ, ଆୟୁଷ, ସାମାଜିକ ସହାୟତା ଏବଂ ବଦାନ୍ୟତା। ଏଥି ଅନୁଯାୟୀ ଆର୍ଥିକ ଅବସ୍ଥାରେ କ୍ରମାଗତ ବୃଦ୍ଧି ଘଟି ଚାଲିବା ସତ୍ତ୍ୱେ ବି ବିଗତ କିଛି ବର୍ଷ ଧରି ସମଗ୍ର ବିଶ୍ୱରେ ଖୁସିର ସୂଚକାଙ୍କ ହ୍ରାସ ପାଇବାରେ ଲାଗିଛି। ଆମ ଦେଶରେ ଏହା ଅଧିକ ମାତ୍ରାରେ ଘଟିଛି। ଅତଏବ ବିଗତ ବର୍ଷ (୨୦୨୦ରେ) ଏହା ସର୍ବେକ୍ଷଣଭୁକ୍ତ ହୋଇଥିବା ୧୫୬ଟି ଦେଶ ମଧ୍ୟରେ ୧୪୦ତମ ସ୍ଥାନ ଅଧିକାର କରିଛି। ଏହାର ପୂର୍ବ ବର୍ଷ ଏହା ଥିଲା ୧୩୩ତମ ସ୍ଥାନରେ। ଅନ୍ୟପକ୍ଷରେ ଏହା ଉପରକୁ ଅଛନ୍ତି ତୁଳନାତ୍ମକ ଭାବେ ଆର୍ଥିକ ଅନଗ୍ରସର ପାକିସ୍ତାନ (୬୬ତମ) ଏବଂ ବାଂଲାଦେଶ (୧୨୫ତମ)। ଚାଇନାର ସ୍ଥାନ ୯୩ତମ।

ଏହା ମନକୁ ଆଣିଥାଏ ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ରିଚାର୍ଡ ଇଷ୍ଟରଲିନ ୧୯୭୪ରେ ପ୍ରକାଶ କରିଥିବା ଏକ ମତବାଦ, ଯାହା କି 'ଇଷ୍ଟରଲିନ ପାରାଡୋକ୍ସ' ରୂପେ ଜଣାଶୁଣା। ସେଥିରେ ସେ ଯୁକ୍ତି ବାଢ଼ିଥିଲେ ଯେ, ଦେଶର ଅର୍ଥନୈତିକ ବିକାଶ ବା ନାଗରିକଙ୍କର ଅଧିକ ଆୟ ସନ୍ତୋଷ ବା ସୁଖ ପ୍ରଦାନ କରି ନ ଥାଏ। ସେଥିପାଇଁ ଅପେକ୍ଷାକୃତ ଦରିଦ୍ର ଦେଶର ଲୋକେ ସେମାନଙ୍କ ଆବଶ୍ୟକତା ପୂରଣ କରିବା ଭଳି ଆୟକୁ ନେଇ ଅଧିକ ସୁଖୀ ହୋଇପାରିଥାନ୍ତି। ଅନ୍ୟପକ୍ଷରେ ଉଚ୍ଚ ଆୟକାରୀ ବର୍ଗ ଧାଇଁଥାନ୍ତି ଅଧିକରୁ ଅଧିକ ଧନ ପଛରେ। ତେଣୁ ତାଙ୍କୁ ସେହି ଅନୁସାରେ ସୁଖ ବା ସନ୍ତୋଷ ମିଳିବା ସମ୍ଭବ ହୁଏ ନାହିଁ। (ଏହା ମଧ୍ୟ ଗାନ୍ଧିଜୀ ଏବଂ ବୁଦ୍ଧଦେବଙ୍କ ମତ)। ଅବଶ୍ୟ, ଏ ମତବାଦକୁ କିଛି ଅର୍ଥନୀତିଜ୍ଞ ବିରୋଧ କରନ୍ତି।

ଧନ ଓ ସୁଖ ମଧ୍ୟରେ ରହିଥିବା ସମ୍ପର୍କ ଏକ ଭିନ୍ନ ଦିଗରୁ ବିଚାରକୁ ନେଇଛନ୍ତି ଇଂଲଣ୍ଡର ବେଟ୍‌ସେ ଷ୍ଟିଭେନସନ ଏବଂ ଜଷ୍ଟିନ ୱେଲଫେର। ତାଙ୍କ ମତରେ ଧନ ହୁଏତ ସୁଖ ଦେଇପାରେ କିନ୍ତୁ ଏହାକୁ ନିଶ୍ଚିତ କରିପାରେ ନାହିଁ। ସେମାନେ ଆୟକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ପରମ ଆୟ ଏବଂ ଆପେକ୍ଷିକ ଆୟ। ତହିଁରୁ ପ୍ରଥମଟି ହେଲା ଆମେ ଯାହା ଅର୍ଥ ବା ଧନ ଆକାରରେ ରୋଜଗାର କରୁ। ତେବେ ଦ୍ୱିତୀୟଟି ଆମ ଜୀବନଧାରା ଉପରେ ପର୍ଯ୍ୟବସିତ। ଉଦାହରଣସ୍ୱରୂପ, ଅଧିକାଂଶ ଦିନ ନିଜର ବନ୍ଧୁମାନଙ୍କୁ ଭେଟିବା ଓ ତାଙ୍କ ସହିତ କିଛି ସମୟ ହସଖୁସିରେ କଟାଇବାର ମୂଲ୍ୟ ବାର୍ଷିକ ୬୩, ୮୩୩ ପାଉଣ୍ଡ ହେଲା ବେଳେ କେବଳ ସପ୍ତାହକୁ ଦୁଇଥର ସେ ସୁଯୋଗ ପାଇବା ୫୦, ୫୦୦ ପାଉଣ୍ଡ ଆୟର ସୁଖଦିଏ ବୋଲି ଆକଳନ କରିଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ନାଟ୍ଟା ଭୁନ୍ଦ ପୋଓ୍ୱଡଥାଭି ଏବଂ ଅନ୍ୟ କିଛି ଗବେଷକ। ସେହିପରି ପଡ଼ୋଶୀମାନଙ୍କ ସହିତ ନିୟମିତ ବାର୍ତ୍ତାଳାପ, ବନ୍ଧୁଙ୍କ ସହିତ ଏକତ୍ର ବାସ କରିବା, ବିବାହ ଏବଂ ଉତ୍ତମ ସ୍ୱାସ୍ଥ୍ୟର ମୂଲ୍ୟ ଯଥାକ୍ରମେ ବାର୍ଷିକ ୪୦,୦୦୦, ୮୨,୫୦୦, ୫୩,୮୩୩ ଏବଂ ୩, ୦୪,୦୦୦ ପାଉଣ୍ଡ ଆୟ ସହିତ ସମାନ ସୁଖ ଦେଲା ବେଳେ ବୈଧବ୍ୟ, ସ୍ୱାମୀ ସ୍ତ୍ରୀ ଅଲଗା ରହିବା, ବିବାହ ବିଚ୍ଛେଦ ଏବଂ ଖରାପ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ବାର୍ଷିକ ଯଥାକ୍ରମେ ୨,୫୦,୦୦୦, ୫୭,୬୬୭, ୨୪,୫୦୦ ଏବଂ ୪୮,୦୦୦ ଡଲାର ହରାଇବା ଦୁଃଖ ସହ ସମାନ ବୋଲି ଗଣନା କରାଯାଏ। ଷ୍ଟିଭେନସନ ଓ ୱେଲଫେରଙ୍କ ମତରେ ଏହା ହେଉଛି 'ଆପେକ୍ଷିକ ଆୟ'।

ଏସବୁ କଥା ବିଚାରକୁ ନେଲେ ଧନ ସହିତ ସୁଖର କିଛି ନିଶ୍ଚିତ ସମ୍ପର୍କ ଥିବାର ମନେ ହୁଏନା। ତାହା ହୋଇଥିଲେ ବଡ଼ ବଡ଼ ବ୍ୟବସାୟୀ, ଶିଳ୍ପପତି, ଲୁଣ୍ଠନକାରୀ ଏବଂ ଅସାଧୁ ଉପାୟରେ ଧନ ଉପାର୍ଜନ କରୁଥିବା ଲୋକେ ସର୍ବାଧିକ ସୁଖୀ ହୋଇଥାନ୍ତେ। କିନ୍ତୁ ପ୍ରକୃତରେ ତାହା ନୁହେଁ। ଅନ୍ୟପକ୍ଷରେ ବୈଜ୍ଞାନିକମାନେ ବିବିଧବର୍ଗର ଲୋକଙ୍କ ମସ୍ତିଷ୍କର କ୍ରିୟାଶୀଳତା ଉପରେ ଅଧ୍ୟୟନ କଲାପରେ ଦୀର୍ଘକାଳ ଧରି ଧ୍ୟାନ ଓ ଯୋଗରେ ଲିପ୍ତ ରହୁଥିବା ନେପାଳର ମାଥିଏଉ ରିକାର୍ଡଙ୍କୁ ଚଳିତବର୍ଷ ବିଶ୍ୱର ସବୁଠାରୁ ସୁଖୀ ମଣିଷ ରୂପେ ଘୋଷଣା କରିଛନ୍ତି। ସେ ଥିଲେ ଜଣେ ଆଣବିକ ଜୀବ ବିଜ୍ଞାନୀ କିନ୍ତୁ ଏବେ ପାଲଟିଛନ୍ତି ବୌଦ୍ଧ ସନ୍ନ୍ୟାସୀ।

ଗାନ୍ଧିଜୀ କହୁଥିଲେ, ଧନ କେବଳ ଆମ ଆବଶ୍ୟକତା ପୂରଣ ପାଇଁ ଅଭିପ୍ରେତ ହେବା ଦରକାର। ଆମେ ଲାଳସାଗ୍ରସ୍ତ ହୋଇ ତା' ପଛରେ ଧାଇଁବା ଠିକ୍ ନୁହେଁ। କାରଣ ଲାଳସାର ସୀମା ନାହିଁ। ଏହା ବଢ଼ି ବଢ଼ି ଚାଲେ ଏବଂ ମାନସିକ ଚାପ ଓ ଅସନ୍ତୋଷ ଭାବକୁ ବଢ଼ାଇଚାଲେ। ଏହି ଲାଳସା ହିଁ ଏବେ ପ୍ରକୃତିକୁ ଲୁଣ୍ଠନ କରାଉଛି। ସେଥିପାଇଁ ତାଙ୍କ ମତରେ ଧନ ଅର୍ଜନ କର କିନ୍ତୁ ତା' ପାଲରେ ପଡ଼ ନାହିଁ। ନଚେତ୍ ସୁଖ ବା ଶାନ୍ତି ତ ମିଳିବ ନାହିଁ, ବରଂ ବଢ଼ିବ ମନର ଅଶାନ୍ତି ଓ ଆମେ ଆମ ଉତ୍ତର ପିଢ଼ି ପାଇଁ ଛାଡ଼ିଯିବା ଏକ ନିକୃଷ୍ଟ ପ୍ରକୃତି ଏବଂ ପରିବେଶ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୯୮୫୭୬୭**

# କାଗଜକଲମର ଦୁରବସ୍ଥା



ଡ.ସତ୍ୟନାରାୟଣ ମିଶ୍ର

ସଭ୍ୟତାର ବିବର୍ତ୍ତନ ପ୍ରଗତି ଓ ଅଭିନବ ଉତ୍କର୍ଷକୁ ପ୍ରତୀୟମାନ କରିବାକୁ ହେଲେ କାଗଜ ଓ କଲମର ସମନ୍ୱୟ ତଥା ଅଭିବୃଦ୍ଧିକୁ ବିଚାର କରାଯାଇଥାଏ। ଗୋଟିଏ ଜାତି ବା ସଭ୍ୟତାର ଦର୍ପଣ ହେଉଛି କାଗଜରେ କଲମ ଦ୍ୱାରା ଲିଖିତ ବିବରଣୀ ବା ସନ୍ଦେଶ, ଯାହା ଯୁଗେ ଯୁଗେ ପରବର୍ତ୍ତୀ ଉତ୍ତରଦାୟାଦକୁ ଦେଇଥାଏ ଏକ ସୁନିୟନ୍ତ୍ରିତ ବାର୍ତ୍ତା ଏବଂ ଜୀବନଶୈଳୀର କ୍ରମ ତଥା ବ୍ୟତିକ୍ରମ। କାଗଜ କଲମର ବ୍ୟବହାର ପ୍ରଥମେ ଆରମ୍ଭ ହୋଇଥାଏ ଶିକ୍ଷା କ୍ଷେତ୍ରରୁ, ଯାହା ସ୍ମୃତି ଓ ସିଦ୍ଧାନ୍ତର ରକ୍ଷକ ବୋଲି ବିବେଚନା କରାଯାଏ। କାଗଜ ହେଉଛି ପଠନ, ଲିଖନ, ଶ୍ରବଣ ଇତ୍ୟାଦିର ମେରୁଦଣ୍ଡ, ଯେଉଁଥିରେ ସଭ୍ୟତାର ଶରୀର ଦଣ୍ଡାୟମାନ ହୋଇଥାଏ।

ଭାବର ପ୍ରକାଶକୁ ଲିପିବଦ୍ଧ କରିବାର ଉପାୟ କାଗଜ ଓ କଲମ ଦ୍ୱାରା ସମ୍ଭବ ହୋଇଥାଏ। ଭାବରୁ ଚିନ୍ତନ ଓ ସୃଜନଶୀଳତାର ସୃଷ୍ଟି ହୋଇଥାଏ। କାଗଜ କଲମର ବର୍ତ୍ତମାନରୁ ସୃଷ୍ଟି ହୋଇଥାଏ ଅତୀତ ଓ ଭବିଷ୍ୟତ। ଏଥିରେ ସୃଷ୍ଟି ହୁଏ ଜ୍ଞାନ, ଶିକ୍ଷା, ପ୍ରାମାଣିକ ତଥ୍ୟ ଓ ଦୈନନ୍ଦିନ ଜୀବନର ଇତିକଥା। କିନ୍ତୁ ନିଶ୍ଚିତ ଓ ଅନିଶ୍ଚିତର ଶୀତଳ ଯୁଦ୍ଧରେ ମଣିଷ ବର୍ତ୍ତମାନ କାଗଜ କଲମକୁ ହତାଦର କରି ପ୍ରଯୁକ୍ତିବିଦ୍ୟାର ଉଦ୍ଭାବନରେ ନିଜକୁ ସୁରକ୍ଷିତ ଓ ଅସୁରକ୍ଷିତର ଦ୍ୱନ୍ଦ୍ୱ ମଧ୍ୟରେ ଛନ୍ଦି ହୋଇଯାଉଛି। ଆମେରିକାର ୧୦୦୦ ଓ ବ୍ରିଟେନର ୫୦୦ ନାଗରିକଙ୍କୁ ନେଇ କରାଯାଇଥିବା ଏକ ସର୍ଭେରେ ୮୮% ବ୍ୟକ୍ତି ଉତ୍ତର ଦେଇଥିଲେ ଯେ ସେମାନେ କାଗଜର ଲେଖାକୁ ଅଧିକ ବୁଝିଥାନ୍ତି ଓ ସାଇତି ରଖିପାରିଥାନ୍ତି। ଏହା ସହଜ ଓ ସରଳ ହୋଇଥାଏ, ଯେଉଁଥିରେ ଥାଏ ଭାବନାତ୍ମକ ଆବେଗ ତଥା ପ୍ରେରଣାର ଉଚ୍ଛ୍ୱାସ। ୨୦୧୩ରେ ବ୍ରିଟେନରେ ପ୍ରକାଶିତ ଏକ ସନ୍ଦର୍ଭ 'ଡିଜିଟାଲ ଯୁଗରେ ମସ୍ତିଷ୍କର ଦକ୍ଷତା : କାଗଜ ବନାମ ପରଦା'ରୁ ଜଣାଯାଏ ଯେ ମସ୍ତିଷ୍କର ଦକ୍ଷତା ଓ ସୃଜନଶୀଳତା କାଗଜର ଲିଖନ ଓ ପଠନରେ ଉଜ୍ଜ୍ୱଳ ଥିବା ବେଳେ ପ୍ରଯୁକ୍ତି ବିଦ୍ୟାର ପରଦାରେ ମସ୍ତିଷ୍କର ଗ୍ରନ୍ଥୀ ନିଷ୍କ୍ରିୟ ହୋଇଥାଏ। କାଗଜ କଲମ ବ୍ୟବହାର ଦ୍ୱାରା ମସ୍ତିଷ୍କ ସକ୍ରିୟ ହୋଇଥାଏ, ସ୍ମୃତି ଶକ୍ତିର ବୃଦ୍ଧି ହୋଇଥାଏ, ମସ୍ତିଷ୍କର ସ୍ନାୟୁକୁ ବୃଦ୍ଧାବସ୍ଥାରୁ ଦୂରେଇ ରଖିଥାଏ, ରଚନାତ୍ମକ ସୃଜନଶୀଳତାକୁ ଚମକ ପ୍ରଦାନ କରିଥାଏ, ଶରୀର ଓ ସ୍ନାୟୁକୁ ଶାନ୍ତ କରିଥାଏ, ଅବସାଦ ଓ ଚିନ୍ତାକୁ ଲାଘବ କରିଥାଏ, ଜାଣିବାର ଇଚ୍ଛାକୁ ତ୍ୱରାନ୍ୱିତ କରିଥାଏ।

ଆଜିର ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ଅବସ୍ଥା ଓ ଶିକ୍ଷାର ଦୟନୀୟ ସ୍ଥିତିକୁ ଆଲୋଚନା କଲେ ବର୍ତ୍ତମାନ ସମାଜ ଏକ ଭୟଙ୍କର ସ୍ଥିତି ମଧ୍ୟ ଦେଇ ଗତି କରୁଛି, ଯାହା କୃତ୍ରିମ ଜ୍ଞାନର ପାହାଡ଼ ମଧ୍ୟରେ ମଣିଷ ଶିଖରରେ ଅଛି ବୋଲି ନିଜକୁ ବହୁତ ଗର୍ବ ଅନୁଭବ କରୁଛି। ବର୍ତ୍ତମାନ ଜ୍ଞାନର ଗଭୀରତା ଛାତ୍ରୀଛାତ୍ରମାନଙ୍କର ଅର୍ଜନ କରିଥିବା ମୂଲ୍ୟାଙ୍କନ ଅନୁପାତ ଉପରେ ଆଧାରିତ, ଯେଉଁଥିରେ ପାଠ୍ୟଖସଡ଼ାର ପ୍ରଶ୍ନ ଓ ଉତ୍ତର ସହ ସମ୍ପର୍କ ରହିଥାଏ। ଜ୍ଞାନର ଅର୍ଥ ପାଠ୍ୟପୁସ୍ତକରେ ଲିପିବଦ୍ଧ ଥିବା ସମସ୍ତ ବିଷୟବସ୍ତୁ ସହ ନିଜର ଦକ୍ଷତା ପ୍ରତିପାଦନ ଓ ନିବିଡ଼ ସମ୍ପର୍କ। ବର୍ତ୍ତମାନ ଗ୍ରାମରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଛାତ୍ରୀ ଛାତ୍ର ବା ବ୍ୟକ୍ତି ନିକଟରେ କାଗଜ କଲମର ସ୍ଥିତି ବହୁତ ଗୌଣ ରହିଥିବା ବେଳେ ପ୍ରଯୁକ୍ତି ବିଦ୍ୟାର ଉପକରଣରେ ପରଦାଯୁକ୍ତ ଯନ୍ତ୍ର ଯଥେଷ୍ଟ ମାତ୍ରାରେ ନିଶ୍ଚୟ ଉପଲବ୍ଧି ହେଉଅଛି। କୋମଳମତି ପିଲାମାନେ ଏପରିକି ସମାଜର ଅଧିକାଂଶ ନାଗରିକଙ୍କ କାଗଜ କଲମ ସହ ସମ୍ପର୍କ ନାହିଁ କହିଲେ ଉଚିତ ହେବ। ପିଲାମାନେ ବହି ପଢ଼ିବା, ଅନୁଧ୍ୟାନ, ଅନୁଶୀଳନ ବା ଚିନ୍ତା କରି କିଛି ଲେଖିବାର ମହତ ଉଦ୍ଦେଶ୍ୟକୁ ଧୀରେ ଧୀରେ ଭୁଲି ଯିବାକୁ ବସିଲେଣି। ଚିଠି, ଦରଖାସ୍ତ, ଗଳ୍ପ, ରଚନା, ହସ୍ତଲିଖନ ଆଦି ବର୍ତ୍ତମାନ ଲେଖିବା ପାଇଁ ଇଚ୍ଛା ନାହିଁ ବା ଧୈର୍ଯ୍ୟ ନାହିଁ। ଡିଜିଟାଲ ପରଦାରେ ଭାଷାର ଅପଭ୍ରଂଶ କରି ଅତି ସ୍ୱଳ୍ପ ଭାଷାରେ ଭାବର ଆଦାନ ପ୍ରଦାନ ହେଉଛି, ଯାହା ସମୟକ୍ରମେ ଅଭ୍ୟାସରେ ପରିଣତ ହୋଇଯିବ ଓ ତଥିରେ କେବଳ ଅପଭ୍ରଂଶର ଭାଷା ହିଁ ସମାଜରେ ବିରାଜମାନ କରିବ। ଏପରିକି ବର୍ତ୍ତମାନ ଅନେକ ପରିବାରରେ ସିଲଟ ଖଡ଼ି କିମ୍ବା କାଗଜ କଲମ ବ୍ୟବହାରକୁ ଏକ ନଗ୍ନ ଚିତ୍ରରେ ଚିତ୍ରିତ କରୁଛନ୍ତି, ଯାହା ସଭ୍ୟତାକୁ କୁଆଡେ ଗତିରୋଧ କରୁଛି। ମାତ୍ର ବର୍ତ୍ତମାନର ଡିଜିଟାଲ ପରଦାରେ ସମାଜର ସୃଜନଶୀଳତା ଭବିଷ୍ୟତ ପାଇଁ ସୁରକ୍ଷିତ ହୋଇପାରିବା ନେଇ ଏକ ଅସମାହିତ ପ୍ରଶ୍ନ ମଣିଷକୁ ବିବ୍ରତ କରିବାକୁ ବସିଲାଣି।

ଗ୍ରନ୍ଥ ବା କାଗଜ କଲମରୁ ସୃଷ୍ଟି ହେଉଥିବା ପରିପକ୍ୱ ଭାଷାକୁ ନିଜର ପିଲାମାନଙ୍କ ପରି ପାଳନ କରାଯାଏ, ଯେଉଁଥିରେ ତାହା ସୁରକ୍ଷିତ ରହେ। ମାତ୍ର ବିଡ଼ମ୍ବନାର ବିଷୟ ଯେ ବର୍ତ୍ତମାନ ଅଧିକାଂଶ ଛାତ୍ରୀଛାତ୍ର ଡିଜିଟାଲ ପରଦାର ଉପଯୋଗ କରି କେବଳ ପରୀକ୍ଷାରେ ଅଧିକ ନମ୍ବର ପାଇଁ ଲାଳାୟିତ। ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ ମଧ୍ୟ କାଗଜ କଲମର ପ୍ରୟୋଗ ଧୀରେ ଧୀରେ ନିମ୍ନଗାମୀ ହେଉଅଛି ଓ ଡିଜିଟାଲ ପରଦାର ଆକର୍ଷଣରେ ମଣିଷ ବର୍ତ୍ତମାନ ବନ୍ଧା। ପ୍ରଯୁକ୍ତିବିଦ୍ୟାର ଉପଯୋଗିତା ଓ ଉପାଦେୟତାକୁ କ୍ଷେତ୍ର ଅନୁଯାୟୀ ପ୍ରୟୋଗ କଲେ ମଣିଷ ସେଥିରୁ ତାହାର ସଫଳ ଉପାଦାନ ପାଇପାରିବ। ଯଦି ଔଷଧର ଉପଯୁକ୍ତ ମାତ୍ରା ଓ ବ୍ୟବଧାନକୁ ଠିକ୍ ଭାବରେ ପ୍ରୟୋଗ କରାଯାଏ ତେବେ ମଣିଷ ଆରୋଗ୍ୟ ଲାଭ କରେ। ମାତ୍ର ଯଦି ଉକ୍ତ ଔଷଧର ମାତ୍ରାଧିକ ବ୍ୟବହାର ଓ ଅବଧିକୁ ଠିକ୍ ଭାବରେ ପାଳନ କରା ନଯାଏ ତେବେ ମଣିଷର ମୃତ୍ୟୁ ସୁନିଶ୍ଚିତ ହୋଇଥାଏ। ତେଣୁ ପ୍ରଯୁକ୍ତିବିଦ୍ୟାର ଡିଜିଟାଲ ପରଦାରେ ସମୟାନୁପାତିକ ଓ ଉପଯୁକ୍ତ ବ୍ୟବହାର କରି କାଗଜ କଲମ ମଧ୍ୟରେ ଥିବା ଲୁକ୍କାୟିତ ସୃଷ୍ଟିକୁ ଖୋଜି ବାହାର କଲେ ବର୍ତ୍ତମାନର ଆବଶ୍ୟକତାକୁ ଚରିତାର୍ଥ କରିବା ସହ ଭବିଷ୍ୟତ ପାଇଁ ହୋଇଯିବ ଏକ ଅମୂଲ୍ୟ ବରଦାନ। କାଗଜକଲମର ସ୍ଥିତି ବର୍ତ୍ତମାନ ଧୀରେ ଧୀରେ ଅପସରି ଯିବାକୁ ବସିଲାଣି, ଯାହା ବିପଦର ଏକ ନିଶ୍ଚିତ ଚେତାବନୀ। ଏ ପ୍ରସଙ୍ଗରେ ଏକଦା ମାର୍ଟିନ ଲୁଥରଙ୍କ ଉକ୍ତି ଥିଲା, ଯଦି ପୃଥିବୀକୁ ପରିବର୍ତ୍ତନ କରିବାକୁ ଇଚ୍ଛା ହୁଏ ତେବେ କାଗଜ ଓ କଲମ ଦ୍ୱାରା ହିଁ ସମ୍ଭବ ହୋଇପାରେ। ହୃଦୟର ସ୍ପନ୍ଦନ ଓ ଭାବନାର ଉଚ୍ଛ୍ୱାସକୁ କାଗଜ କଲମରେ ଲିପିବଦ୍ଧ କରାଯାଇପାରେ, ଯେଉଁଥିରେ ଥାଏ ବାସ୍ତବ ସୃଷ୍ଟିର ପ୍ରାକୃତିକ ଚିରନ୍ତନ ଅବଦାନ। ତେଣୁ କାଗଜ କଲମର ଦୁରବସ୍ଥାକୁ ମର୍ମେ ମର୍ମେ ଅନୁଭବ କରି ଭବିଷ୍ୟତକୁ ଜ୍ଞାନର ଅନ୍ଧକାରରୁ ରକ୍ଷା କରି କାଗଜ କଲମକୁ ନିଜର କରିପାରିଲେ ଭବିଷ୍ୟତ ନିକଟରେ ଆମେ କୃତଜ୍ଞ ହୋଇପାରିବା।

**ଅଭିଲେଖାଧିକାରୀ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ: ୯୯୩୭୩୪୫୯୦୦**

## ଏଇ ଭାରତରେ

ଜଣେ ଆଦିବାସୀ ମହିଳାଙ୍କ ଚାଷ ପଦ୍ଧତି ଏବେ ବହୁ ଚାଷୀଙ୍କୁ ବାଟ ଦେଖାଉଛି। କର୍ଣ୍ଣାଟକର ମହୀଶୂର ଜିଲା ଅନ୍ତର୍ଗତ ଏଚ୍‌ଡି କୋଟେ ବ୍ଲକ୍ ନିବାସୀ ପ୍ରେମା ପ୍ରଥମେ କପା ଓ ମକା ଚାଷ କରୁଥିଲେ। ପରେ ଚିଆ ଚାଷ କରି ପୂର୍ବାପେକ୍ଷା ୩ ଗୁଣ ଲାଭ କରୁଛନ୍ତି। ଏହି ଲାଭରେ ସେ ଦୁଇଚକିଆ ଗାଡି କିଣି ଆଖପାଖ ଗାଁକୁ ଯାଇ ୩୦ ଜଣ ଚାଷୀଙ୍କୁ ଚିଆ ଚାଷ କରିବା ଲାଗି ଉତ୍ସାହିତ କରୁଛନ୍ତି। ମହିଳାମାନେ ମଧ୍ୟ ପ୍ରେମାଙ୍କ ପ୍ରେରଣା ଲାଭ କରି ଚିଆ ଚାଷ କରି ସେମାନଙ୍କ ଆୟ ବୃଦ୍ଧି କରିପାରିଛନ୍ତି। ପ୍ରେମା ନାଗରହୋଲେ ଜଙ୍ଗଲରୁ ବିସ୍ଥାପିତ ହୋଇ ସୋଲେପୁରା ସଂରକ୍ଷିତ ଜଙ୍ଗଲକୁ ଆସିବା ପରେ ଚିଆ ଓ ଦକ୍ଷିଣ ଆମେରିକାର ମିଲେଟ୍ ଚାଷ କରି ପ୍ରଥମେ ୧.୨୦ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଚିଆ ଚାଷରେ ସଫଳତା ପାଇଁ ତାଙ୍କୁ 'ଚିଆ ରାଣୀ' ବୋଲି କୁହାଯାଉଛି। ସେ ତାଙ୍କ ଘରପାଖରୁ ୫୦ କି.ମି. ପରିସରରେ ଥିବା ଗାଁଗୁଡ଼ିକୁ ଯାଇ ୩୦ ଜଣ ଚାଷୀଙ୍କୁ ଗାଇଡ୍ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୬

- ସୁଦାନ ବିରୋଧରେ ଆକାଶସୀମା ଲଙ୍ଘନ କଟକଣା ଜାରି ପାଇଁ ଜାତିସଂଘର ନିରାପତ୍ତା ପରିଷଦ ନିଷ୍ପତ୍ତି ନେଇଛି।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାପାନୀ ରକେଟର ଏଚ୍-୨କୁ ସଫଳତାର ସହ ମହାକାଶକୁ ଉତ୍କ୍ଷେପଣ କରାଯାଇଛି।
- ପାକିସ୍ତାନ ସମର୍ଥିତ ତାଲିବାନ ଗୋଷ୍ଠୀ ଦ୍ୱାରା ଆଫଗାନିସ୍ତାନରେ ଦୀର୍ଘ ଏକବର୍ଷ ଧରି ପଣବନ୍ଦୀ ଭାବେ ଥିବା ୭ ଜଣ ରାଷ୍ଟ୍ରୀୟ ପାଇଲଟ କୌଶଳ କ୍ରମେ ଖସି ପଳାଇଛନ୍ତି।

## ଚିରନ୍ତନୀ

ଜୀବନ ମନ୍ଦିର ମମ
ଅସୀମ ଆକାଶେ ଟେକି ଶିର
ବିଜୟ ନିଶାଣ ସମ
ସୁମହାନ ରହେ ଉଭା ଚିର।
—(ମହାଦୀପ)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନାମ ପରିବର୍ତ୍ତନ ଅନାବଶ୍ୟକ

ମହାଶୟ,

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନକୁ ହକି ଯାଦୁଗର୍ ମେଜର୍ ଧ୍ୟାନଚାନ୍ଦଙ୍କ ନାମରେ ବଦଳ କରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଅସମ୍ମାନ କରି ଜାତୀୟ ସଂହତିରେ ଆଞ୍ଚ ଆଣିବା ପରି ନିଷ୍ପତ୍ତି ସରକାରଙ୍କ ଈର୍ଷା ଓ ଅସହିଷ୍ଣୁତା ପ୍ରତିପାଦନ କରୁଛି। ପୂର୍ବରୁ ଧ୍ୟାନଚାନ୍ଦଙ୍କ ନାମରେ 'ଧ୍ୟାନଚାନ୍ଦ ଜୀବନବ୍ୟାପୀ ସାଧନା' ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପୁଣି ଖେଳାଳିମାନଙ୍କୁ 'ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ପ୍ରଦାନ କରିବାର ଯଥାର୍ଥତା ନାହିଁ। ସରକାର ଆଜି ପର୍ଯ୍ୟନ୍ତ ଭାରତକୁ ତିନିଥର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଆଣିଥିବା ଏବଂ ୧୦୦୦ ଗୋଲ ଦେଇଥିବା ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଉପାଧିରେ ମଣ୍ଡିତ କରି ନାହାନ୍ତି। ପ୍ରାଚୀନତାର ଐତିହ୍ୟ ଓ ମହାନତା ବହନ କରୁଥିବା ସହର ବା ଧର୍ମସ୍ଥଳୀର ନାମ ପରିବର୍ତ୍ତନ କରି ନୂତନ ନାମରେ ନାମିତ କରିବା ସରକାରଙ୍କ ବିକୃତ ମାନସିକତା ବୋଲି କହିଲେ ଭୁଲ ହେବନାହିଁ। ସରକାର ଏଥିରୁ ନିବୃତ୍ତ ରହି ନୂତନ ନାମକରଣରେ ନାମିତ କରିବା ପୂର୍ବରୁ ପାରିପାର୍ଶ୍ୱିକ ଅବସ୍ଥା ଉପରେ ସମୀକ୍ଷା କରିବା ଆବଶ୍ୟକ।

—ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିର୍ବାଚନ ଆସିଲେ ବିଭିନ୍ନ ଯୋଜନା ମନେପଡ଼େ: କଂଗ୍ରେସ

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ନିର୍ବାଚନ ଆସିଲେ ବିଜେଡି ସରକାରର ବିଭିନ୍ନ ଯୋଜନା କଥା ମନେପଡ଼େ। ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ପ୍ରଚଳନ କରିବା ସମ୍ପର୍କରେ ଘୋଷଣା କରିଛନ୍ତି। ଓଡ଼ିଶାର ୩ କୋଟି ୩୦ ଲକ୍ଷ ହିତାଧିକାରୀଙ୍କ ପାଇଁ ୨୦୧୮ ଅଗଷ୍ଟ ୧୫ରେ ଘୋଷଣା କରିଥିବା ପୁରୁଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ରୂପ ଦେଇଛନ୍ତି; ଯାହା ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଲକ୍ଷ୍ୟ ରଖି ପୁରୁଣା ବହିରେ ନୂଆ ମଲାଟ ମଡ଼ାଯାଇଛି ବୋଲି ମନୋଜ ଅଭିଯୋଗ କରିଛନ୍ତି। ସରକାର ଏହାର ଜବାବରେ କହିଛନ୍ତି, ଏହି ଯୋଜନା ଲାଗୁ ହେବାଠାରୁ ରାଜ୍ୟରେ ୧୫କୋଟି ୬୦ ଲକ୍ଷ ୮୮୪ ଜଣ ପୁରୁଷ ଓ ମହିଳା ଉପକୃତ ହୋଇଛନ୍ତି। ୨ ବର୍ଷ ୬ ମାସରେ ରାଜ୍ୟର ମୋଟ ଜନସଂଖ୍ୟାର ୪ ଗୁଣ ଲୋକ କିପରି ଏହି ଯୋଜନାରେ ଉପକୃତ ହେଲେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ଗୁପ୍ତଯୁଗ ସଭ୍ୟତାର ସନ୍ଧାନ

- ଠାବ ହୋଇଛି ଭଗ୍ନାବଶେଷ
- ଏସ୍‌ୟୁ ଇତିହାସ ବିଭାଗର ଗବେଷଣା

**ସମ୍ବଲପୁର, ୧୭।୮ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଗୁପ୍ତଯୁଗୀୟ ସଭ୍ୟତାର ସନ୍ଧାନ ମିଳିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ସ୍ନାତକୋତ୍ତର ଇତିହାସ ବିଭାଗ ଗବେଷଣାରୁ ଏହା ଜଣାପଡ଼ିଛି। ଜିଲାର ଯୁଯୁମୁରା ନିକଟ ବଡ଼ମାଳ ଓ ମହାନଗର ନିଗମର ଦୁର୍ଗାପାଲିଠାରୁ ବଡ଼ବଜାର ପର୍ଯ୍ୟନ୍ତ ୨କି.ମି. ଅଞ୍ଚଳରେ ଭଗ୍ନାବଶେଷ ଠାବ ହୋଇଛି। ଏଥିରୁ ଗୁପ୍ତବଂଶର ଶାସନକାଳରେ ବ୍ୟବହାର ହେଉଥିବା ପୋଡ଼ା ମାଟିଇଟା ପ୍ରଭୃତିରେ ନିର୍ମିତ ବସତି ଥିବା ଅନୁମାନ କରାଯାଇଛି। ଇଟାର ଆକାର ଗୁପ୍ତବଂଶ ଶାସନକାଳରେ ବ୍ୟବହାର ହେଉଥିବା ଇଟା ସହିତ ସମାନ ରହିଛି। ସମ୍ବଲପୁର ସହରର ଉକ୍ତ ଅଞ୍ଚଳରେ ଏଭଳି ଇଟା ବ୍ୟବହାର ହୋଇଥିବା ସମ୍ପର୍କରେ ପ୍ରଥମେ ଖବରଦାତା ଦୀପକ କୁମାର ପଣ୍ଡା, କୁଳମଣି ପଟେଲ, ଡ. ବିଭୁଦେନ୍ଦ୍ର ମିଶ୍ର, ପି.କେ. ମିଶ୍ର ସନ୍ଧାନ ପାଇ ବିଶ୍ୱବିଦ୍ୟାଳୟକୁ ପରୀକ୍ଷା ପାଇଁ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇତିହାସ ବିଭାଗ ପ୍ରଫେସର ଡ. ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ନବୀନ କୁମାର ସାହୁ, ସଂଗ୍ରହାଳୟର କ୍ଷୀରସିନ୍ଧୁ ବାରିକ, ଖଗେଶ୍ୱର ଭୋଇ ପ୍ରମୁଖଙ୍କୁ ନେଇ ବିଶେଷଜ୍ଞ ଦଳ ଉକ୍ତ ସ୍ଥାନରେ ପୁଙ୍ଖାନୁପୁଙ୍ଖ ପରୀକ୍ଷା କରିଥିଲେ। ଏହା ସହ ଜିଲାର ହରିହର ଯୋର କୂଳ ଅସୁରଗଡ଼ଠାରେ ଖନନ ସମୟରେ ମୂଲ୍ୟବାନ ପଥର ଯଥା ଗାର୍ନେଟ, ବେରୀ, ଆକ୍ୱାମେରିନ, ଏମେଥିଷ୍ଟ, କୋରଣ୍ଡମ, କାର୍ନେଲିଆନ, ଆଗେଟ, ଚାଲସିଡୋନୀ ପ୍ରଭୃତି ଦ୍ରବ୍ୟ ସହିତ କାଚର ମାଳି ଓ ଅଂଶ, ମାଳା ଓ ପଥର ତିଆରି ପାଇଁ ଲୌହ ଉପକରଣ, ମୁକ୍ତାକାଶ ଓ ଆରକ୍ଷିତ ଉତ୍ପାଦନ ସ୍ଥଳୀ ଠାବ କରାଯାଇଛି।

ଉକ୍ତ ସ୍ଥାନରେ ଅନୁସନ୍ଧାନରୁ ଜଣାପଡ଼ିଛି ଚତୁର୍ଭୁଜ ଆକାରର ଏହି ଜନବସତି ମୌର୍ଯ୍ୟ ଶାସନ ସମୟରେ ବିକଶିତ ହୋଇଥିଲା। ସେହିପରି ସମ୍ବଲପୁର ସହରର ଦକ୍ଷିଣକୁ ୪୫ କି.ମି. ଦୂର ସିଣ୍ଡୋଲର ପାହାଡ଼ ଉପରେ ଆଗରୁ ବିଶାଳ ନିର୍ମାଣର ଅବଶେଷ ଥିବା ଜଣାପଡ଼ିଛି। ଏହା ସମ୍ବଲପୁର ସହରର ହୁମା ବକ୍ର ମନ୍ଦିର ଓ ଦୁର୍ଗାପାଲି ଭଗ୍ନାବଶେଷ ସହିତ ସମାନ ବୋଲି କୁହାଯାଉଛି। ବହୁମୁଖୀ ପୁଙ୍ଖାନୁପୁଙ୍ଖ ଓ ବିସ୍ତୃତ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଗଲେ ସମ୍ବଲପୁର ସହରର ପ୍ରତିଷ୍ଠା ପ୍ରକ୍ରିୟା ଓ ସହର ସମ୍ପ୍ରସାରଣ ବାବଦରେ ଆହୁରି ଐତିହାସିକ ସୂଚନା ମିଳିପାରିବ ବୋଲି ବିଶେଷଜ୍ଞ ଦଳ କହିଛନ୍ତି। ଏହା ସହ ମହାନଦୀ କୂଳ କୁରୁମପଦର ଓ ବୌଦ୍ଧ ଜିଲା ମହାନଦୀ କୂଳ ତେନ୍ତୁଲିପାଲି ଉପତ୍ୟକାରେ ସର୍ବେକ୍ଷଣ ସମୟରେ ବିଭିନ୍ନ ରଙ୍ଗ ଓ ଆକାରର କାଚଚୁଡ଼ି, କାଚ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରାପ୍ତ ହୋଇଛି। ଏଠାରେ ଛତିଶଗଡ଼ର ଗୋଲାକାର ଦୁର୍ଗ ଭଳି ସ୍ଥଳ ରହିଥିବା ଜଣାପଡ଼ିଥିଲା। ବୌଦ୍ଧ ଜିଲା ମହାନଦୀ କୂଳ ଡାହାଣ ପାର୍ଶ୍ୱର ମନମୁଣ୍ଡାଠାରେ ମଧ୍ୟ ବ୍ୟାପକ ଜନବସତି ସହିତ ଟେରାକୋଟା ଘେର ଥିବା କୂଅଗୁଡ଼ିକର ଭଗ୍ନାବଶେଷ ଠାବ କରାଯାଇଛି। କଳାହାଣ୍ଡି ଜିଲା ମଦନପୁର-ରାମପୁର ନିକଟ ବୁଢ଼ୀଗଡ଼ର ତେଲନଦୀ ବାମପାର୍ଶ୍ୱରେ ଅନୁସନ୍ଧାନ ସମୟରେ ଇଟାରେ ନିର୍ମିତ ଷ୍ଟ୍ରକ୍‌ଚର ଓ ସେ ସମୟର କଳାକୃତି ରହିଥିବା ଅନୁମାନ କରାଯାଇଛି, ଯାହାକି ସମ୍ଭବତଃ ଗୁପ୍ତ ଶାସନ କାଳର ବୋଲି ବିଶେଷଜ୍ଞ ଦଳର ପ୍ରଫେସର ସାହୁ ସୂଚନା ଦେଇଥିଲେ।



ସମ୍ବଲପୁରରୁ ୪୫କି.ମି. ଦୂର ସିଣ୍ଡୋଲ ପାହାଡ ଉପରେ ନିର୍ମାଣ ଅବଶେଷ।

# ଫରେଷ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ


ଫରେଷ୍ଟରଙ୍କ ପଦ୍ମପୁର ମାଷ୍ଟରଟିକ୍ରା ବାସଭବନରେ ଭିଜିଲାନ୍ସ ଚଢ଼ାଉ ଚାଲିଛି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

**ବରଗଡ଼ ଅଫିସ୍/ପଦ୍ମପୁର, ୧୭।୮ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧରେ କାର୍ଯ୍ୟରତ ଫରେଷ୍ଟର ସୁଶାନ୍ତ ଦାଶଙ୍କ ବାସଭବନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଫରେଷ୍ଟର ଦାଶଙ୍କ ପଦ୍ମପୁର ମାଷ୍ଟରଟିକ୍ରା ସ୍ଥିତ ବାସଭବନ ଏବଂ ଝାରବନ୍ଧ ଫରେଷ୍ଟ ଅଫିସ ଚ୍ୟାମ୍ବରରେ ଏକକାଳୀନ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ଫରେଷ୍ଟରଙ୍କ ସମୁଦାୟ ୫୫ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ଦାଶରଥି ସେଠୀ ସୂଚନା ଦେଇଛନ୍ତି। ବରଗଡ଼, ସୋନପୁର ଏବଂ ସମ୍ବଲପୁରର ୧୨ଜଣିଆ ୨ଟି ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ। ଫରେଷ୍ଟର ଦାଶଙ୍କୁ ବରଗଡ଼ ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚୁରା କରାଯାଉଥିବା ଜଣାପଡ଼ିଛି।


**ଶ୍ରମିକ ଆବଶ୍ୟକ**
କାରଖାନରେ ରହି କାମ କରିବା ପାଇଁ ମହିଳା ଏବଂ ପୁରୁଷ ଶ୍ରମିକ ଆବଶ୍ୟକ।
7978550684

**REQUIRED**
- 2 Nos. SALES OFFICER for Diesel Engine, Pumpsets, Generators, Submersible Pumps. Exp. - 3 yrs.
- 1 No. ACCOUNTANT : M/F (Tally Exp. - 1 Yr.)
- 1 No. STORE ASSISTANT

WEST COAST DIESELS LLP
odisha@wcdllp.com
Contact: 9937528127


# ୬୩,୫୦୦ ଶିକ୍ଷକ ପାଇବେ ପଦୋନ୍ନତି

**ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ**
- ୧୫ହଜାର ଏସ୍‌ଏଚ୍‌ଜିଙ୍କୁ ସ୍କୁଲ ରକ୍ଷଣାବେକ୍ଷଣ ଦାୟିତ୍ୱ
- ଓଏସ୍‌ଟିଇଟି ପରୀକ୍ଷା ସୁପରିଚାଳନା ଉପରେ ଗୁରୁତ୍ୱ
- ପରିଚାଳନା ପାଇଁ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ
- ସବୁ ବିଦ୍ୟାଳୟ କୋଠା ଏକ ପ୍ରକାର ରଙ୍ଗ ହେବ

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ)**

ଏଣିକି ଜିଲା ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ଜିଲାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର ସମସ୍ୟା ତଦାରଖ କରିବେ। ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ଏବଂ ଜିଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷାଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୁଖ ଶାସନ ସଚିବ ଅଧ୍ୟକ୍ଷତା କରିଥିଲେ। ସେପ୍ଟେମ୍ବର ସୁଦ୍ଧା ୬୩,୫୦୦ ଶିକ୍ଷକ ପଦୋନ୍ନତି ଖସଡ଼ା ପ୍ରସ୍ତୁତ କରାଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ବର୍ଗରେ ଥିବା ୬୩,୫୦୦ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି କରାଇବେ। ମାଧ୍ୟମିକ ଶିକ୍ଷକ ନିଯୁକ୍ତି ପାଇଁ ସେପ୍ଟେମ୍ବର ୧ରେ ହେବାକୁ ଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ଯୋଗ୍ୟତା ପରୀକ୍ଷା (ଓଏସ୍‌ଟିଇଟି) ସୁପରିଚାଳନା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏହି ପରୀକ୍ଷା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା କରାଯିବ। ଏହାର ଉପଯୁକ୍ତ ପରିଚାଳନା ପାଇଁ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ନିରନ୍ତର ଭାବେ ଶିକ୍ଷାର୍ଥୀଙ୍କ ମୂଲ୍ୟାୟନ ପାଇଁ ୟୁନିଟ୍ ଟେଷ୍ଟ କରାଯିବ। ତେଣୁ ମାଧ୍ୟମିକ ଶିକ୍ଷା ପରିଷଦ ସମସ୍ତ ଜିଲା ରିସୋର୍ସ ଗ୍ରୁପ୍ ଜରିଆରେ ପ୍ରଧାନଶିକ୍ଷକମାନଙ୍କ ପ୍ରଶିକ୍ଷଣ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛି।

ସେହିପରି ରାଜ୍ୟର ୧,୧୨୩ ହାଇସ୍କୁଲରେ ରୂପାନ୍ତରଣ କାର୍ଯ୍ୟକ୍ରମ ହେଉଛି। ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ/ଇ-ଲାଇବ୍ରେରୀ/ଲାବୋରେଟୋରୀକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ପ୍ରତି ଜିଲା ସ୍ତରରେ ସ୍ୱତନ୍ତ୍ର ଭାବେ ଇ-କଣ୍ଟେଣ୍ଟ୍ ସମୃଦ୍ଧ କରାଯିବ। ସ୍କୁଲ ରକ୍ଷଣାବେକ୍ଷଣ ସହ ମଧ୍ୟାହ୍ନ ଭୋଜନ, ରୋଷେଇ ଓ ବଗିଚା କାର୍ଯ୍ୟ ପ୍ରାୟ ୧୫ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟାଙ୍କୁ ଦିଆଯିବ। ସମସ୍ତ ବିଦ୍ୟାଳୟ କୋଠା ଏକ ପ୍ରକାର ରଙ୍ଗ ହେବ। ଇତିମଧ୍ୟରେ ପ୍ରାୟ ସମସ୍ତ ଆଦର୍ଶ ବିଦ୍ୟାଳୟ ପାଇଁ ଜମି ମିଳିଛି। ତେଣୁ ସବୁଠାରେ ଯୁଦ୍ଧକାଳୀନ ଭିତ୍ତିରେ କାମ ଆଗେଇ ଚାଲିଛି। ଆଗାମୀ ବର୍ଷଠାରୁ ଆଦର୍ଶ ବିଦ୍ୟାଳୟରେ ଯେପରି ଶତ ପ୍ରତିଶତ ପିଲା ଉତ୍ତୀର୍ଣ୍ଣ ହେବେ ସେଥିପାଇଁ ପଦକ୍ଷେପ ନେବାକୁ ଅଧ୍ୟକ୍ଷମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଚଳିତ ବର୍ଷଠାରୁ ନବମ ଓ ଦଶମ ଶ୍ରେଣୀ ସାହିତ୍ୟ ବହିରେ ଛାତ୍ରୀଛାତ୍ରଙ୍କ ଜାତୀୟତାବୋଧ ପାଇଁ 'ବନ୍ଦେ ଉତ୍କଳ ଜନନୀ' ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭକୁ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଲା ଶିକ୍ଷାଧିକାରୀମାନେ ସେମାନଙ୍କ ମୋବାଇଲ୍ ନମ୍ବର ସଂଗ୍ରହ କରିବେ। ବିଭିନ୍ନ ସାମାଜିକ ବାର୍ତ୍ତାଗୁଡ଼ିକୁ ନିର୍ଦ୍ଧାରିତ ହୋର୍ଡିଂ ମାଧ୍ୟମରେ ସ୍କୁଲର ମୁଖ୍ୟ ସ୍ଥାନଗୁଡ଼ିକରେ ଲଗାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଥିବାରୁ ଶିକ୍ଷା ଅଧିକାରୀମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ତଦାରଖ ସହ ବିଭାଗୀୟ ନିର୍ଦ୍ଦେଶ ପ୍ରତିପାଳନ କରିବେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଯୋଜନା) ଏଥିପାଇଁ ନୋଡାଲ ଅଧିକାରୀ ରହିବେ। ଏସ୍‌ଇଆର୍‌ଟି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ କରୋନା କାଳରେ ପରୀକ୍ଷାମୂଳକ ଭାବେ ସେମାନଙ୍କ ବାସସ୍ଥାନ ନିକଟରେ ପଢ଼ାଯାଉଛି। ବ୍ଲକ୍ ଶିକ୍ଷାଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବେ। ମଧ୍ୟାହ୍ନ ଭୋଜନ ନିମନ୍ତେ ଜିଲା ଶିକ୍ଷାଧିକାରୀମାନେ ଚାଉଳ ଉଠାଇବେ। ଜିଲା ଶିକ୍ଷାଧିକାରୀମାନେ କାର୍ଯ୍ୟ ଦକ୍ଷତା ଗ୍ରେଡିଙ୍ଗ ଇନ୍‌ଡେକ୍ସ (ପିଜିଆଇ) ପରଫର୍ମାନ୍ସର ଉନ୍ନତି ପାଇଁ ପ୍ରଚେଷ୍ଟା କରିବେ। ଏହାଛଡ଼ା ଭିତ୍ତିଭୂମି ଏବଂ କୋଠାବାଡ଼ି ଉନ୍ନୟନରେ ଦିଆଯାଇଥିବା ଅନୁଦାନ ଖୁବ୍‌ଶୀଘ୍ର ଠିକ୍ ସମୟରେ ସଦୁପଯୋଗ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ପୂର୍ବତଟ ରେଳପଥର ୨ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୧୭।୮:** ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ମଙ୍ଗଳବାର ୨ ସ୍ୱତନ୍ତ୍ର ଟ୍ରେନ୍‌କୁ ପୁଣି ଥରେ ଚଳାଇବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍‌ଗୁଡିକ ମଧ୍ୟରେ ପୁରୀ-ଦୁର୍ଗ-ପୁରୀ ସ୍ୱେଶାଲ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ- ଭୁବନେଶ୍ୱର ସ୍ୱେଶାଲ ସାମିଲ ରହିଛି। ପୁରୀ-ଦୁର୍ଗ-ପୁରୀ ସ୍ୱେଶାଲ ଚଳିତ ମାସ ୨୧ରୁ ପୁରୀରୁ ସେବା ଆରମ୍ଭ କରିବ। ଅଗଷ୍ଟ ୨୨ରୁ ଏହା ଦୁର୍ଗ ପଟୁ ଛାଡ଼ିବ। ଆଗାମୀ ନିର୍ଦ୍ଦେଶ ନ ଆସିବା ଯାଏ ଏହା ଚଳାଚଳ କରିବ ବୋଲି ରେଳପଥ ପକ୍ଷରୁ ସୂଚନା ମିଳିଛି। ସେହିଭଳି ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ଟ୍ରେନ ଭୁବନେଶ୍ୱରରୁ ଚଳିତ ମାସ ୩୧ ଏବଂ ନୟାଗଡ଼ ଟାଉନରୁ ସେପ୍ଟେମ୍ବର ୧ରେ ଛାଡ଼ିବ। ଏଥିଲାଗି ସମୟ ଏବଂ ଷ୍ଟେଶନର ସୂଚୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହା ପୂର୍ବରୁ ରାଉରକେଲା ଏବଂ ପୁରୀ ମଧ୍ୟରେ ସ୍ୱେଶାଲ ଟ୍ରେନ ଚଳାଚଳ ନେଇ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଉରକେଲାରୁ ଏହି ଟ୍ରେନ ଅଗଷ୍ଟ ୨୪ ଏବଂ ପୁରୀରୁ ୨୫ ତାରିଖରେ ଛାଡ଼ିବ ବୋଲି ସୂଚନା ମିଳିଛି।


**Manager ଆବଶ୍ୟକ**
ମାର୍ବଲ ଦୋକାନ ପାଇଁ **ମାର୍କେଟିଂ ପିଲା** ଆବଶ୍ୟକ। ବୟସ- 20-25, ଦରମା- 8000 - 15000/-, ସ୍ଥାନ- ଭୁବନ। ମାର୍ବଲ ଏବଂ ଟାଇଲ୍ସରେ ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
ମୋ- 8249410328, 9777339411

**WALK-IN-INTERVIEW**
Please visit Marshaghai College Website i.e. **www.marshaghaicollege.ac.in** for appointment of contractual **GUEST FACULTY & NON-TEACHING STAFF** for the Session 2021-22.
Sd./- Principal-cum-Secretary
Marshaghai College

**GANGADHAR MEHER UNIVERSITY**
AMRUTA VIHAR, SAMBALPUR (ODISHA)
**UG ADMISSION NOTIFICATION (2021-22)**
Applications are invited for admission to different UG Programs of Gangadhar Meher University, Sambalpur for the Session 2021-22. Interested candidates are required to visit the University website **www.gmuniversity.ac.in** for information brochure, application form, eligibility criteria & other details.
For UG Admission 2021-22, Online application form has been made available in the University website w.e.f. **16.08.2021**. The last date for online application submission is **31.08.2021**.
Sd./- Registrar

**ଜନସାଧାରଣ ସୂଚନା**
ମେସର୍ସ ଏସ୍.ଏମ୍.ସି. ପାୱାର ଜେନେରେସନ ଲିମିଟେଡ୍
Industrial Growth Centre, Kukurjangha, Badmal, ଝାରସୁଗୁଡା, ଓଡ଼ିଶା
ଏତଦ୍ୱାରା ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି ଯେ, ଇସ୍ପାତ କାରଖାନା ଓ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସହିତ [(WHRB-30 MW) ଏବଂ (AFBC-40 MW)] ପ୍ରତିଷ୍ଠା ପାଇଁ ମେସର୍ସ SPS ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍ ସପକ୍ଷରେ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଚିଠି ସଂଖ୍ୟା J-11011/189/2007-IA II (I) ତା ୦୭/୦୮/୨୦୦୭ରିଖ ର ପ୍ରଦାନ କରାଯାଇଥିବା ପରିବେଶୀୟ ମଞ୍ଜୁରୀ କୁ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଚିଠି ସଂଖ୍ୟା- J-11011 /189/2007- IA II (I) ତା.୨୪/୧୨/୨୦୨୦ ରିଖ ଅନୁଯାୟୀ ମେସର୍ସ ଏସ୍.ଏମ୍.ସି. ପାୱାର ଜେନେରେସନ ଲିମିଟେଡ୍ କୁ ଉକ୍ତ ପରିବେଶୀୟ ମଞ୍ଜୁରୀ ହସ୍ତାନ୍ତର କରାଯାଇଅଛି।
ଏହି ହସ୍ତାନ୍ତରିତ ପରିବେଶୀୟ ମଞ୍ଜୁରୀ ପତ୍ର ର ଅବିକଳ ନକଲ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର ତଥା ଝାରସୁଗୁଡା ଅଫିସ, ଓଡିଶା ଏବଂ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବସାଇଟ୍ (www.envfor.nic.in) ରେ ଉପଲବ୍ଧ ହୋଇପାରିବ।
ଶ୍ରୀ ଜେ.ପି. ଶର୍ମା
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ-ୱାର୍କସ୍
ମେସର୍ସ ଏସ୍.ଏମ୍.ସି. ପାୱାର ଜେନେରେସନ ଲିମିଟେଡ୍

**ODISHA UNIVERSITY OF AGRICULTURE & TECHNOLOGY**
Bhubaneswar - 751003, Odisha
Website: www.ouat.nic.in
0674-2397818/919, Fax: 0674-2397424
E-III-I-96/2014/13174/UAT Date: 16.08.2021
**OFFICE ORDER**
In pursuance to Letter No. 3-11/2017-ES Dt.20.05.2021, Govt. of India, Ministry of Agril. & Co-operation, Directorate of Economics & Statistics (CS Division) 449, Krishi Bhawan, New Delhi & read with Circular No. 10499 dated 06.07.2021 of OUAT, Bhubaneswar, Advertisement No. 20948 dated 04.09.2014 made for recruitment to the post of "Field Supervisor" in Comprehensive Scheme, OUAT, Bhubaneswar, followed by due official procedure is hereby cancelled.
By Order of the Vice-Chancellor
Sd./- Registrar


# ୨୦ରୁ ବିଏଡ୍, ବିଏଚ୍ଏଡ୍ ନାମଲେଖା ପାଇଁ ଆବେଦନ

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ)**

୨୦୨୧-୨୩ ଶିକ୍ଷାବର୍ଷ ପାଇଁ ବ୍ୟାଚେଲର ଅଫ୍ ଏଜୁକେଶନ (ବିଏଡ୍) ଏବଂ ବ୍ୟାଚେଲର ଅଫ୍ ହିନ୍ଦୀ ଏଜୁକେଶନ (ବିଏଚ୍ଏଡ୍)ରେ ନାମଲେଖା ପାଇଁ ଆସନ୍ତା ୨୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୧୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିବେ। ପ୍ରବେଶିକା ପରୀକ୍ଷା ଅକ୍ଟୋବର ୭ରୁ ୯ତାରିଖ ମଧ୍ୟରେ ଅନୁଷ୍ଠିତ ହେବାର ରହିଛି। ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଛାତ୍ରୀଛାତ୍ରମାନେ www.dheodisha.gov.in/www.samsodisha.gov.in ୱେବ୍‌ସାଇଟ୍‌ରେ ପାଇପାରିବେ। ଛାତ୍ରୀଛାତ୍ରମାନେ ଟୋଲ ଫ୍ରି ନମ୍ବର ୧୫୫୩୩୫/୧୮୦୦-୩୪୫-୬୭୭୦ରେ ସକାଳ ୬ରୁ ରାତି ୧୦ଟା ମଧ୍ୟରେ ଫୋନ୍ କରିପାରିବେ।

# ହାଇକୋର୍ଟରେ ପକ୍ଷ ରଖିଲେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ

**ଅଧାପକଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ମାମଲା**

**କଟକ ଅଫିସ, ୧୭।୮:** ଅଧାପକଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ ମାମଲାରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ମଙ୍ଗଳବାର ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ହାଇକୋର୍ଟଙ୍କ ପୂର୍ବ ଆଦେଶକୁ କାର୍ଯ୍ୟକାରୀ କରାଯାଇଥିବା ସେ ସତ୍ୟପାଠ ମାଧ୍ୟମରେ ନିଜର ପକ୍ଷ ରଖିଥିଲେ। ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରିଥିଲେ।

ଆବେଦନକାରୀ ବାଲିଗୁଡା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ବିଦ୍ୟୁତାନନ୍ଦ ବସ୍ତିଆଙ୍କୁ ତାଙ୍କ ବକେୟା ପ୍ରାପ୍ୟ ସୁଧ ହାରରେ ପ୍ରଦାନ କରିବାକୁ ୨୦୧୫ ମସିହାରେ ହାଇକୋର୍ଟ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଥିଲା, ବକେୟା ପ୍ରାପ୍ୟ ପ୍ରଦାନ କରାଯାଇଛି। ଏହାର ସୁଧ ୨ସପ୍ତାହ ମଧ୍ୟରେ ପ୍ରଦାନ କରାଯିବା ପାଇଁ ପ୍ରକ୍ରିୟା ଚାଲିଛି। କିନ୍ତୁ ତାହା ନ ମିଳିବାରୁ ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଅଗଷ୍ଟ ୧୭ ତାରିଖରେ ବ୍ୟକ୍ତିଗତଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।


Ministry of Education, Government of India
NATIONAL TESTING AGENCY
Excellence in Assessment
(An Autonomous Organization under the Department of Higher Education, Ministry of Education, Government of India)

**ସର୍ବସାଧାରଣ ବିଜ୍ଞପ୍ତି**
ତାରିଖ: ୧୬।୦୮।୨୦୨୧
**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ - ସାଧାରଣ ପ୍ରବେଶିକା ପରୀକ୍ଷା (ସିୟୁ-ସିଇଟି) ୨୦୨୧**
**ନିମନ୍ତେ ଅନ୍‌ଲାଇନ୍ ଆବେଦନ ପତ୍ର**
ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ **ଶିକ୍ଷା ଅଧିବେଶନ ୨୦୨୧-୨୨** ନିମନ୍ତେ ଉପର ଦର୍ଶିତ ୧୨ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର **ଇଣ୍ଟେଗ୍ରେଟେଡ୍/ଅଣ୍ଡରଗ୍ରାଜୁଏଟ୍ (ୟୁଆଇ) ପାଠ୍ୟକ୍ରମ ଏବଂ ପୋଷ୍ଟ-ଗ୍ରାଜୁଏଟ୍ (ପିଜି)** ପାଠ୍ୟକ୍ରମରେ ନାମଲେଖା ଲାଗି **କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି)** ପଦ୍ଧତିରେ **କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ - ସାଧାରଣ ପ୍ରବେଶିକା ପରୀକ୍ଷା (ସିୟୁ-ସିଇଟି) ୨୦୨୧** ସଞ୍ଚାଳନ କରିବ।

| ସିୟୁ-ସିଇଟି ୨୦୨୧ ନିମନ୍ତେ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ପତ୍ର ଦାଖଲର ଅବଧି | ୧୬ ଅଗଷ୍ଟରୁ ୦୧ ସେପ୍ଟେମ୍ବର, ୨୦୨୧ (ରାତି ୧୧.୫୦ ଘଟିକା ପର୍ଯ୍ୟନ୍ତ) |
|---|---|
| ସଫଳ ଦେୟ ଟ୍ରାଞ୍ଜାକ୍ସନ୍‌ର ଶେଷ ତାରିଖ | ୦୨ ସେପ୍ଟେମ୍ବର, ୨୦୨୧ (ରାତି ୧୧.୫୦ ଘ. ପର୍ଯ୍ୟନ୍ତ) |
| ପରୀକ୍ଷା ତାରିଖ | ୧୫, ୧୬, ୨୩ ଓ ୨୪ ସେପ୍ଟେମ୍ବର, ୨୦୨୧ |
| ପରୀକ୍ଷାର ଅବଧି | ୧୨୦ ମିନିଟ୍ (୦୨.୦୦ ଘଣ୍ଟା) |
| ପରୀକ୍ଷାର ପଦ୍ଧତି | ଏଲ୍‌ଏଏନ୍ ଭିତ୍ତିକ ସିବିଟି (କମ୍ପ୍ୟୁଟର ଆଧାରିତ ପରୀକ୍ଷା) |
| ପରୀକ୍ଷାର ପ୍ୟାଟର୍ନ | ଏକାଧିକ ବିକଳ୍ପ ପ୍ରଶ୍ନାବଳୀ ସମ୍ବଳିତ ବସ୍ତୁନିଷ୍ଠ ପ୍ରକାର |
| ପରୀକ୍ଷାର ଭାଷା | କେବଳ ଇଂରାଜୀ (ଭାଷା ପାଠ୍ୟକ୍ରମଗୁଡ଼ିକୁ ଛାଡ଼ି) |

ସିୟୁ-ସିଇଟି ୨୦୨୧ରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ https://cucet.nta.nic.in, www.nta.ac.inରେ ଉପଲବ୍ଧ ସବିଶେଷ ସୂଚନା ବୁଲେଟିନ୍ ପଢ଼ିପାରନ୍ତି ଏବଂ ପାଠ୍ୟକ୍ରମର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପାଠ୍ୟକ୍ରମ ଢାଞ୍ଚା ଇତ୍ୟାଦି ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ସମ୍ପୃକ୍ତ ୱେବ୍‌ସାଇଟରେ ଉପଲବ୍ଧ।
ପ୍ରାର୍ଥୀମାନେ ଉପରଦର୍ଶିତ ଅବଧିରେ କେବଳ https://cucet.nta.nic.inରେ ଅନ୍‌ଲାଇନ୍ ଆବେଦନ କରିପାରିବେ। ସିୟୁ-ସିଇଟି ୨୦୨୧ ନିମନ୍ତେ ଆବେଦନ କରିବା ପୂର୍ବରୁ ବାଞ୍ଛିତ ପାଠ୍ୟକ୍ରମ ପାଇଁ ନିର୍ଦ୍ଦିଷ୍ଟ ଅଂଶଗ୍ରହଣକାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆବଶ୍ୟକ କରାଯାଇଥିବା ଯୋଗ୍ୟତା ମାନଦଣ୍ଡକୁ ପଢ଼ିନିଅନ୍ତୁ। ପରୀକ୍ଷା ଦେୟ ମଧ୍ୟ **ଡେବିଟ୍/କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ୟୁପିଆଇ କିମ୍ବା ପେଟିଏମ୍** ବ୍ୟବହାର କରି ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅନ୍‌ଲାଇନ୍ ପୈଠ କରିବାକୁ ହେବ (ବିବରଣୀ ପାଇଁ ଦୟାକରି ସୂଚନା ବୁଲେଟିନ୍ ଦେଖନ୍ତୁ)। **ଯୋଗ୍ୟତାମୂଳକ ଡିଗ୍ରୀ/ସାର୍ଟିଫିକେଟ୍‌ର ଅନ୍ତିମ ପରୀକ୍ଷାରେ ଭାଗ ନେଉଥିବା ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିବା ପାଇଁ ଯୋଗ୍ୟ।**
କୌଣସି **ପ୍ରଶ୍ନ କିମ୍ବା ସ୍ପଷ୍ଟୀକରଣ** ପାଇଁ, ପ୍ରାର୍ଥୀମାନେ ଏନ୍‌ଟିଏ ହେଲ୍‌ପଡେସ୍କ ନଂ. ୦୧୧ ୪୦୭୫୯୦୦୦ରେ କଲ୍ କରିପାରନ୍ତି କିମ୍ବା cucet@nta.ac.inରେ ଏନ୍‌ଟିଏକୁ ଲେଖିପାରନ୍ତି।
(ଡା. ସାଧନା ପରାଶର)
ବରିଷ୍ଠ ନିର୍ଦ୍ଦେଶକ (ପରୀକ୍ଷା)
davp 21354/11/0011/2122 ୱେବ୍‌ସାଇଟ୍: www.nta.ac.in ହେଲ୍‌ପଲାଇନ୍ ନମ୍ବର: ୦୧୧-୪୦୭୫୯୦୦୦

**ODISHA PUBLIC SERVICE COMMISSION**
**NOTICE**
No. 5717/PSC Dt.17.08.2021
1R-7-2020-21, DR-V
**Corrigendum to Notice No. 5662/PSC, Dt.16.08.2021 for recruitment to the Post of Assistant Professor in Life Science (Botany)**
No. D-91: It is for information of all concerned that in the Para-1, line-3 of the Notice No. 5662/PSC, Dt.16.08.2021 in place of "Verification of Original documents and interview" it is to be read as **"Verification of Original Documents"**.
In the Para-2, line - 1 "and the interview" is **deleted**.
The caption "Programme of Verification and Interview" to be read as **"Programme of Verification"**.
Accordingly, only **document verification** shall be conducted on 24.08.2021 in the discipline of **Life Science (Botany)**.
All other terms and condition of the Notice No. 5662/PSC, Dt.16.08.2021 remains unchanged.
Sd./- Secretary
OIPR-12002/11/0061/2122

**ସର୍ବସାଧାରଣ ସୂଚନା**
ଏତଦ୍ୱାରା ସମସ୍ତ ସମ୍ପୃକ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା.୧୩.୦୮.୨୦୨୧ରିଖ ଦିନ ମେସର୍ସ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ (ପୂର୍ବରୁ ଏସାର୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍) ଉଦୟବଟ, ପୋ: ପାରାଦ୍ୱୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶାକୁ "ଉଦୟବଟ, ପୋ: ପାରାଦ୍ୱୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା ସ୍ଥିତ ସ୍ୱୀକୃତିପ୍ରାପ୍ତ ୧୨ ଏମ୍‌ଟିପିଏ ପେଲେଟ୍ ପ୍ଲାଣ୍ଟର ବଳକାଥିବା ୬ ଏମ୍‌ଟିପିଏ ପେଲେଟ୍ ପ୍ଲାଣ୍ଟ (ୟୁନିଟ୍-୨) କାର୍ଯ୍ୟ ସମ୍ପୂର୍ଣ୍ଣ" କରିବା ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପରିବେଶ ଅନୁମତି ପ୍ରଦାନ କରିଛନ୍ତି।
ଏହି ପରିବେଶ ଅନୁମତି ପତ୍ରର ନକଲ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ / କମିଟିଙ୍କ ନିକଟରେ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୱେବସାଇଟ୍ (www.parivesh.nic.in)ରେ ଉପଲବ୍ଧ।
ସ୍ଥାନ: ଭୁବନେଶ୍ୱର ସ୍ୱାକ୍ଷର/-
ତାରିଖ: ୧୪.୦୮.୨୦୨୧ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍

## ଅବକାରୀ ଚଢ଼ାଉ: ୪ କୋର୍ଟ ଚାଲାଣ

ଲହୁଣୀପଡା,(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ମଦ ଜବତ ହୋଇଛି । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ଏସ.କେ. ଆସାଫ ଅଲ୍ଲାଙ୍କ ନିର୍ଦ୍ଦେଶକ୍ରମେ ଲହୁଣୀପଡା ଅଞ୍ଚଳର ବାସୁବାହାଲ, ନୂଆଡିହି, ସୁଲଭଡିହି, ପରାଗପୋଷ ଗ୍ରାମରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ପର୍ଶୁରାମ ମାହାନ୍ତ, ଧର୍ମୁ କିଷାନ, ରଶ୍ମିନି ମୁଣ୍ଡା ଓ ବିଳାସ ଭୁମିଜଙ୍କ ନିକଟରୁ ପ୍ରାୟ ୬୪ ଲିଟର ମଦ ଜବତ ହୋଇଥିଲା । ଏହି ଘଟଣାରେ ଚାରିଜଣଙ୍କୁ ଗିରଫ କରାଯାଇଥିଲା। ଲହୁଣୀପଡା ଅବକାରୀ ଅଧିକାରୀ ଶ୍ରୀକାନ୍ତ କୁମାର ପଟ୍ଟନାୟକ, ଅବଦୁଲ ଅନୱାରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା ।

**ସଂକ୍ଷେପରେ**

## ଆନ୍ତରିକ ସୁରକ୍ଷା ସେବା ପଦକ ପାଇବେ କେବଲାଙ୍ଗ ଥାନା ଅଧିକାରୀ

ଲହୁଣୀପଡା,୧୭।୮(ଡି.ଏନ.ଏ.): କେବଲାଙ୍ଗ ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଚଳିତବର୍ଷ ଆନ୍ତରିକ ସୁରକ୍ଷା ସେବା ପଦକ ପାଇବା ପାଇଁ ମନୋନୀତ ହୋଇଥିବା ଜଣାପଡିଛି ।


ବିକାଶ ରଞ୍ଜନ ସ୍ୱାଇଁ।

କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଥିବା ଜାଣିବାକୁ ମିଳିଛି। ପ୍ରକାଶ ଯେ, ଥାନା ଅଧିକାରୀ ସ୍ୱାଇଁ ବଣେଇ ଉପଖଣ୍ଡର ମାଓ ଉପଦ୍ରବ ଅଞ୍ଚଳ ଗୁରୁଣ୍ଡିଆ ଓ ମହୁଲପଦା ଥାନାରେ ନିଷ୍ଠାପର ଭାବେ କାର୍ଯ୍ୟ କରି ପ୍ରଶଂସିତ ହେବା ସହିତ ଗତବର୍ଷ ଆନ୍ତରିକ ସୁରକ୍ଷା ସେବା ପଦକ ପାଇଥିଲେ। ଚଳିତବର୍ଷ ମଧ ଏହି ସେବା ପଦକ ପାଇବା ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।

## ରକ୍ତଦାନ ଶିବିର, ୭୬ ୟୁନିଟ୍ ସଂଗ୍ରହ

ଦେବଗଡ଼,୧୭।୮(ଡି.ଏନ.ଏ): ଓଡିଶା ଡ୍ରାଇଭର ମହାସଂଘ ଦେବଗଡ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲା ଡ୍ରାଇଭର ସଂଘର ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦେବଗଡ ଏସ୍‌ପି ରାଜକିଶୋର ପାଇକରାୟ ମୁଖ୍ୟଅତିଥି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ଓଡିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ କୁମାର ମେଣ୍ଡୁଲି ଓ ଜିଲା ଡ୍ରାଇଭର ସଂଘ ପରାମର୍ଶଦାତା ପୃଥ୍ୱୀରାଜ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବିରରେ ମୋଟ ୭୬ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶେଷରେ ସଂଘ ସମ୍ପାଦକ ରଞ୍ଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ଡ୍ରାଇଭର ସଂଘର ଜିଲା କାର୍ଯ୍ୟାଳୟ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବାରକୋଟ ବ୍ଲକ ଡ୍ରାଇଭର ସଂଘ ସଭାପତି ଲିଙ୍ଗରାଜ ରାଉତ, ସମ୍ପାଦକ ଗୌତମ ଦେବଗନ ଓ ପ୍ରଶାନ୍ତ ବାଗ ପ୍ରମୁଖ ସହଯୋଗ କରିଥିଲେ ।

## ଖବରଦାତାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧନା

ଦେବଗଡ଼,୧୭।୮(ଡି.ଏନ.ଏ): ଦେବଗଡ ଜିଲା ବିଜେଡି ପକ୍ଷରୁ ଜିଲାର ଖବରଦାତାମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରାଯାଇଛି । ସ୍ଥାନୀୟ ଡାକବଙ୍ଗଳାରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲା କୃଷକ ବିଜେଡି ସଭାପତି ଇଂ. ଚିତ୍ତ ରଞ୍ଜନ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ରାଜ୍ୟ କୃଷକ ବିଜେଡି ଉପସଭାପତି ଅମରେନ୍ଦ୍ର ଗଙ୍ଗଦେବ, ତିଳେଇବଣି ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ବେହେରା, କାମାକ୍ଷା ଗଙ୍ଗଦେବ, ବିକାଶ କୁମାର ପ୍ରଧାନ, ଇଂ. ବିଷ୍ଣୁ ପ୍ରସାଦ ଅମାତ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବିଜେଡି ପକ୍ଷରୁ ଜିଲାର ବିଭିନ୍ନ ଗଣମାଧମର ପ୍ରତିନିଧିମାନଙ୍କୁ ଉପଢୌକନ ଓ କରୋନା କିଟ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଚନ୍ଦ୍ରଶେଖର ଭୁକ୍ତା, ପୂର୍ବତନ କାଉନଶିଲର ମାନସ କୁମାର ପ୍ରଧାନ, ଅହିଂସା ନାୟକ ଓ ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

କୁତ୍ରା,୧୭।୮(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଉଡ଼ରୁମା ଗ୍ରାମର ଅବସରପ୍ରାପ୍ତ ସୈନିକ ବିଜୟ କୁମାର ଲାକ୍ରା(୬୧)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସେ ୨୦୦୮ ମସିହାରେ ଅବସର ଗ୍ରହଣ ପରେ ଜନ୍ମମାଟିକୁ ଫେରି ଆସି ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଏହି ସମୟ ମଧରେ ଗ୍ରାମରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। କିଷାନ ସମାଜର ମୁଖ୍ୟ ଭାବେ ଲୋକଙ୍କ ସୁବିଧା ଅସୁବିଧାରେ ପାଖରେ ଛିଡା ହେଉଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


ବିଜୟ କୁମାର ଲାକ୍ରା (ଫାଇଲ ଫଟୋ)

# ବେଆଇନ ଜମି ଆବଣ୍ଟନ ପ୍ରତିବାଦରେ ଧାରଣା

ରାଉରକେଲା ଅଫିସ୍, ୧୭।୮

ରାଉରକେଲାରେ ଇଡ୍‌କୋର ଜମି ଆବଣ୍ଟନ ଦୁର୍ନୀତି ପ୍ରତିବାଦରେ ଜିଲା କଂଗ୍ରେସ ତରଫରୁ ମଙ୍ଗଳବାର ସିଭିଲ ଟାଉନଶିପ୍‌ର ବିବାଦୀୟ ଜମିରେ ଗଣଧାରଣା ଅନୁଷ୍ଠିତ ହୋଇଛି । ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଗଣଧାରଣାରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରୋହିତ ଯୋଶେଫ ତିର୍କୀ, ଜିଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ପିସିସି ସଭ୍ୟ ପ୍ରଭାତୀ ମିଶ୍ର, ଯୁବ କଂଗ୍ରେସ ଜିଲା ସଭାପତି ଜ୍ଞାନେନ୍ଦ୍ର ଦାସ, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଲିୟାରସିଂ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, କୃଷକ କଂଗ୍ରେସ ଅଧକ୍ଷ


କଂଗ୍ରେସ ନେତାମାନେ ଗଣଧାରଣାରେ ସାମିଲ ହୋଇଛନ୍ତି।

ମନମୋହନ ଓରାମ, ସିଭିଲ ଟାଉନ ସିଟିଜେନ ଫୋରମ ସଭାପତି ପି. କେ. ଦାସ, ଯୁବ ଶିଳ୍ପୋଦ୍ୟୋଗୀ ବର୍ଣ୍ଣି ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଇଡ୍‌କୋ ତରଫରୁ ଡେସିମିଲ୍ ପ୍ରତି ମାତ୍ର ୮୨ ହଜାର ଟଙ୍କା ମୂଲ୍ୟରେ ରିଲାଏବଲ ସ୍ୱ ଶିଳ୍ପ ସଂସ୍ଥାକୁ ହୋଟେଲ ନିର୍ମାଣ ପାଇଁ ୪୨ ନମ୍ବର ଟାଉନ ୟୁନିଟ୍‌ରେ ୬୦ ଡେସିମିଲ୍ ଜମି ଆବଣ୍ଟନ କରାଯାଇଥିବାରୁ କଂଗ୍ରେସ ନେତୃବୃନ୍ଦ ତୀବ୍ର ବିରୋଧ କରିଥିଲେ। ତେଣୁ ତୁରନ୍ତ ଏହି ବେଆଇନ୍ ଜମି ଆବଣ୍ଟନକୁ ବାତିଲ୍ କରି ଉକ୍ତ ସ୍ଥାନରେ ଟାୱାର ନିର୍ମାଣ କିମ୍ବା ସାଧାରଣ ଗରିବ ଲୋକଙ୍କ ପାଇଁ ଆପାର୍ଟମେଣ୍ଟ ନିର୍ମାଣ କରିବାକୁ କଂଗ୍ରେସ ତରଫରୁ ଦାବି କରାଯାଇଛି । ନଚେତ ଜିଲା ପ୍ରଶାସନ ଓ ଇଡ୍‌କୋର ଦୁର୍ନୀତିଖୋର ନୀତି ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ । ବୁଧବାର ସକାଳ ୧୦ଟା ବେଳେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବ ବୋଲି ସେମାନେ ଘୋଷଣା କରିଥିଲେ । ଶେଷରେ ଇନ୍‌ଟକ ସଭାପତି ନିହାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଜି କଂଗ୍ରେସ ଘେରିବ ଏଡିଏମ୍ ଅଫିସ୍**

# ବ୍ରାଉନସୁଗାର ଜବତ, ୩ ଗିରଫ


ଗିରଫ ୩ ଅଭିଯୁକ୍ତ, ଜବତ ହୋଇଥିବା ଟଙ୍କା।

ସୁନ୍ଦରଗଡ/ରାଜଗାଙ୍ଗପୁର, ୧୭।୮(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ପୋଲିସ ମଙ୍ଗଳବାର ଲକ୍ଷାଧିକ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ଓଜନ ୫ ଗ୍ରାମ ୩୯୦ ମିଲିଗ୍ରାମ। ପୋଲିସ ଏହି କାରବାରରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ,ନଗଦ ୧୭ହଜାର ୯୦୦ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ କରିଛି। ଏନେଇ ରାଜଗାଙ୍ଗପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଡ. ଶଶାଙ୍କ ବେଉରା ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ରାଜଗାଙ୍ଗପୁର ଥାନା ଆଇଆଇସି ବିବିସ୍ସ ପ୍ରଧାନ ଲିପଲୋଇ ଛକ ଠାରେ ସୁନ୍ଦରଗଡ ଯାଉଥିବା ଓଡି୧୬ଇ ୫୬୫୧ନଂ ବିଶିଷ୍ଟ ବାଇକକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବାଇକରେ ଯାଉଥିବା ୩ ଜଣ ଯୁବକଙ୍କ ଠାରୁ ଏହି ବ୍ରାଉନସୁଗାର ଜବତ ହୋଇଥିଲା। ପୋଲିସ ଏହି ଘଟଣାରେ ରାଜଗାଙ୍ଗପୁରର ଟେମ୍ପା ଓରଫ ଏମ୍ ଡି ନୌସାଦ (୩୮) , ସୁନ୍ଦରଗଡର ଲବ ସା (୩୫) ଓ ଗୋବିନ୍ଦା ସା (୨୦)ଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ରାଜଗାଙ୍ଗପୁର ଥାନାରେ କେସ ନଂ ୨୬୩/୨୧ ରେ ଦଫା ୨୧ (ଖ) ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ଏହି ବ୍ରାଉନ ସୁଗାର ଧରି ସୁନ୍ଦରଗଡ ସହରକୁ ଆସୁଥିଲେ ବୋଲି ପୋଲିସ ପ୍ରକାଶ କରିଛି ।

# ମନୀଷାଙ୍କୁ ଜୀବନସାଥୀ କଲେ କିରଣ

ସୁନ୍ଦରଗଡ,୧୭।୮(ଡି.ଏନ୍.ଏ.)

ସେବାଶ୍ରମରେ ପାଳିତା କନ୍ୟା ମନୀଷା (୧୯)ଙ୍କୁ ଜୀବନସାଥୀ ରୂପେ ଗ୍ରହଣ କରି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ସୁନ୍ଦରଗଡ ସହରର କିରଣ ପାଣ୍ଡେ। କିରଣ, ତାଙ୍କ ମାତାପିତା ଓ ପରିବାରବର୍ଗ ମନୀଷାଙ୍କୁ ଆପଣାର କରି ଅନ୍ୟନ୍ୟ ଉଦାହରଣ ସୃଷ୍ଟି କରିବା ସହ ସମାଜ ପାଇଁ ଏକ ଉତ୍ତମ ବାର୍ତ୍ତା ଦେଇ ପାରିଛନ୍ତି। କିଛି ବର୍ଷ ତଳେ ସୁନ୍ଦରଗଡ ଜିଲା ଲେଫ୍ରିପଡା ଦର୍ଲିପାଲି ଗ୍ରାମର ସାମାଜିକ କର୍ମୀ ଜ୍ଞାନେନ୍ଦ୍ର ପଟେଲ, ସୈରିନ୍ଦ୍ରୀ ପଟେଲ, ସୀତା ପଟେଲ, ଜୟକୁମାରୀ ନାଏକ, ବିମଳା ପଟେଲ ପ୍ରମୁଖ ପିତୃମାତୃହୀନା ୩ ମାସର ଶିଶୁକନ୍ୟା ମନୀଷାଙ୍କୁ ଆଣି ଟାଙ୍ଗରପାଲି ବ୍ଲକ ବେଲସରାସ୍ଥିତ ଜୟଶଙ୍କର ସେବାଶ୍ରମ ପରିଚାଳିକା ଭାରତୀ ନାହାକଙ୍କ ହାତରେ ଟେକି ଦେଇଥିଲେ। ଆଶ୍ରମ ପରିସରରେ ମନୀଷାଙ୍କୁ ଭାରତୀ ମାଆର ସ୍ନେହ ,ଶ୍ରଦ୍ଧା ଦେଇ ଅନ୍ୟ ଶିଶୁମାନଙ୍କ ଗହଣରେ ଲାଳନ ପାଳନ କରି ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଇଥିଲେ। ବର୍ତ୍ତମାନ ସେ ନର୍ସିଂ ଟ୍ରେନିଂ ନେଉଛନ୍ତି। ସୁନ୍ଦରଗଡ ସହର ମହେଶଡିହିସ୍ଥିତ ନୂଆପଡାର ନତୁପ୍ରସାଦ ପାଣ୍ଡେ ଓ ତାଙ୍କ ସ୍ତ୍ରୀ ସେବତୀ


ଅନ୍ୟମାନଙ୍କ ଗହଣରେ ନବଦମ୍ପତି ।

**ଆଦର୍ଶ ବିବାହ**
- ସୃଷ୍ଟି କଲେ ଅନନ୍ୟ ଉଦାହରଣ

ପୁଅ କିରଣ(୩୧)ଙ୍କ ପାଇଁ ମନୀଷାଙ୍କୁ ବୋହୂ କରି ନେବାକୁ ପ୍ରସ୍ତାବ ଦେଇଥିଲେ। କିରଣ ମଧ ଜୀବନସାଥୀ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଏହି ପ୍ରସ୍ତାବକୁ ସେବାଶ୍ରମ ପକ୍ଷରୁ ସମ୍ମତି ପ୍ରଦାନ ପରେ ରବିବାର ସୁନ୍ଦରଗଡ ମହେଶଡିହି ଜଗନ୍ନାଥ ମନ୍ଦିରରେ ମନୀଷା ଓ କିରଣଙ୍କ ବୈଦିକ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା। ଏହି ବିବାହରେ ସେବାଶ୍ରମର ପରିଚାଳିକା ଭାରତୀ ଓ ତାଙ୍କ ସ୍ୱାମୀ ସୁଶୀଳ ନାୟକ କନ୍ୟା ମାତା ପିତା ଭାବେ କନ୍ୟାଦାନ କରିଥିଲେ। ଏହି ବିବାହ ଉତ୍ସବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଅନନ୍ତ ପେରୁଆ, ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ମହେନ୍ଦ୍ର ପଟେଲ ଓ ଦର୍ଲିପାଲି ଗ୍ରାମର ମାଆମାନେ ଉପସ୍ଥିତ ଥିଲେ । ବିବାହ ସମ୍ପର୍କରେ କିରଣ ଓ ତାଙ୍କ ମାତାପିତା କହିଛନ୍ତି ମନୀଷାଙ୍କୁ ବୋହୂ ରୂପରେ ଗ୍ରହଣ କରି ସେମାନେ ଅତ୍ୟନ୍ତ ଖୁସୀ । ପିଲା ବେଳୁ ମାତାପିତାଙ୍କୁ ହରାଇ ସେବାଶ୍ରମରେ ବଢିଥିବା ମନୀଷାଙ୍କ ଜୀବନର ଅଭାବବୋଧକୁ ଆମେ ପୂରଣ କରି ତାଙ୍କୁ ସ୍ନେହଶ୍ରଦ୍ଧାରେ ବାନ୍ଧି ରଖିବୁ। ସେ ମଧ ଆମକୁ ଆପଣାର କରିବ ବୋଲି ଆଶା ରଖିଛୁ ।

# ସାଇନ୍ସ ପାର୍କ, ପ୍ଲାନେଟୋରିୟମ କାର୍ଯ୍ୟ ଅଗ୍ରଗତି ସମୀକ୍ଷା

ରାଉରକେଲା ଅଫିସ୍,୧୭।୮

ରାଉରକେଲା ଛେଣ୍ଡଠାରେ ଏକ ଜାତୀୟସ୍ତରୀୟ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ ପ୍ରତିଷ୍ଠା କରାଯାଉଛି। ରାଜ୍ୟ ସରକାରଙ୍କ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୋମବାର ଏହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ସ୍ମାର୍ଟ ସିଟି ରାଉରକେଲା ଆଜି ବିଭିନ୍ନ କ୍ଷେତ୍ରରେ ଆଗକୁ ଯାଇଛି। ଏହି ବିକାଶରେ ସାଇନ୍ସ ପାର୍କ ଏବଂ ପ୍ଲାନେଟୋରିୟମ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେବାକୁ ଯାଉଛି। ଏହା କାର୍ଯ୍ୟକ୍ଷମ ହେଲେ ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳର ଲୋକେ ବିଜ୍ଞାନ ସମ୍ପର୍କିତ କାର୍ଯ୍ୟକ୍ରମ ସହ ଯୋଡି ହୋଇପାରିବେ। ବିଶେଷକରି ଛାତ୍ରୀଛାତ୍ରମାନଙ୍କ ଜ୍ଞାନର ପରିସୀମା ବୃଦ୍ଧି ପାଇପାରିବ ବୋଲି କହିଛନ୍ତି ମନ୍ତ୍ରୀ ପଣ୍ଡା। ମନ୍ତ୍ରୀ ରାଉରକେଲାସ୍ଥିତ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର, ଆଶାଦୀପ ଥେରାପିୟୁଟିକାଲ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଭିନ୍ନକ୍ଷମ ହିତାଧିକାରୀ ଏବଂ କେତେକ ବରିଷ୍ଠ ନାଗରିକଙ୍କୁ ହ୍ୱିଲ ଚେୟାର, ଆଶା ବାଡ଼ି, ଶ୍ରବଣ ଯନ୍ତ୍ର ଆଦି ଉପକରଣ ବଣ୍ଟନ କରିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ବେଳେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା, ସୁନ୍ଦରଗଡ଼ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ହାବଡା ସିଂ ଏବଂ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ରାଉରକେଲା ସ୍ମାର୍ଟସିଟିର ମିଳିତ ସହଯୋଗରେ ୮ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ ଚାଲିଛି।

# ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

ଦେବଗଡ଼,୧୭।୮(ଡି.ଏନ.ଏ)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ସରକାରୀ ହାଇସ୍କୁଲର ଶିକ୍ଷକଙ୍କ ନିସ୍ଠୁର ମାଡ଼ରେ ଜଣେ ଦଶମ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ କୁଣ୍ଢେଇଗୋଲା ଥାନା ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଏକ ମାମଲା (ନଂ.୧୫୪/୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଉକ୍ତ ଛାତ୍ର ଜଣକ କୁଣ୍ଢେଇଗୋଲା ଗ୍ରାମର ନିଜ ମାମୁଁ ଘରେ ରହି ସ୍ଥାନୀୟ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ରାସ୍ତାରେ ଯାଉଥିବା ବେଳେ ଉକ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ସେ କୁଆଡେ ନମସ୍କାର କରି ନ ଥିଲେ। ଫଳରେ ସୋମବାର ବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ଶିକ୍ଷକ ଜଣକ ତାଙ୍କୁ ବାଡ଼ିରେ ନିସ୍ଠୁର ପିଟିଥିଲେ। ଏପରିକି ଗୋଟିଏ ବାଡ଼ି ଭାଙ୍ଗିଯିବାରୁ ଆଉ ଗୋଟିଏ ବାଡ଼ି ଆଣି ତାଙ୍କୁ ବାଡେଇଥିଲେ। ଶିକ୍ଷକଙ୍କ ମାଡ଼ରେ ଛାତ୍ରର ଶରୀର ସାରା ଫୁଲି ଯାଇଥିଲା।


ଗୁରୁତର ଛାତ୍ରଙ୍କୁ ଚିକିତ୍ସା କରାଯାଉଛି।

ସ୍କୁଲ ଛୁଟି ପରେ ଛାତ୍ର ଜଣକ ଘରକୁ ଆସି ଅସୁସ୍ଥତା ଅନୁଭବ କରି ଗୁରୁତର ହୋଇ ପଡ଼ିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଶିକ୍ଷକଙ୍କ ଏଭଳି ବର୍ବରତାକୁ ସ୍ଥାନୀୟ ଅଞ୍ଚଳରେ ନିନ୍ଦା କରାଯାଇଥିବାବେଳେ ମଙ୍ଗଳବାର ଛାତ୍ରଙ୍କ ପରିବାର ଲୋକେ କୁଣ୍ଢେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କ ମତାମତ ମିଳିପାରିନାହିଁ ।

# ଜିଲା କୃଷି ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ବଞ୍ଚିତ ଚାଷୀ

ଦେବଗଡ,୧୭।୮(ଡି.ଏନ.ଏ)

ପ୍ରକୃତ ଚାଷୀଙ୍କ ଜମି ପଟ୍ଟା ବ୍ୟବହାର କରି ଚଞ୍ଚକତା ପୂର୍ବକ ନକଲି ଚାଷୀମାନେ ବୀମାଭୁକ୍ତ ହୋଇଛନ୍ତି। ଫଳରେ ଦେବଗଡ଼ ଜିଲା କେନ୍ଦେଇଜୁରୀ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ସଡୋ ପଞ୍ଚାୟତର ଶତାଧିକ ଚାଷୀ ପ୍ରଧାନମନ୍ତ୍ରୀ କୃଷକ ବୀମାରୁ ବଞ୍ଚିତ ହୋଇଛନ୍ତି। ସେମାନେ ଗତ ୧୦ ତାରିଖରେ ଦେବଗଡ ଜିଲାପାଳଙ୍କ ସମେତ ଦେବଗଡ ତହସିଲଦାର, ଜିଲା ଯୋଗାଣ ଅଧିକାରୀ ଓ ଏଆର୍‌ସିଏସ୍‌ଙ୍କ ଦ୍ୱାରସ୍ଥ ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଥିଲେ ମଧ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେବେ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ନିକଟରେ ଏ ନେଇ ଅଭିଯୋଗ କରିବା ପରେ ୧୫ ତାରିଖ ସନ୍ଧ୍ୟାରେ ନିଜକୁ ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଲପଡା ଗ୍ରାମର ପ୍ରଫୁଲ୍ଲ ନାଏକ ବୋଲି ପରିଚୟ ଦେଇ ଜଣେ ବ୍ୟକ୍ତି ଅନ୍ୟ ୨ଜଣ ନକଲି ଚାଷୀଙ୍କ ସହ କାଳଚିପୁଡାଡିହୀ ଗ୍ରାମକୁ ଆସିଥିଲେ । ସେମାନେ ନିରୀହ ଚାଷୀମାନଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ମାମଲାକୁ ରଫାଦଫା କରିବାକୁ କହି ଫେରିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି ବୀମା ପାଇଁ ଆବେଦନର ସମୟ ସୀମା ଶେଷ ହୋଇଯାଇଥିବାରୁ ବଞ୍ଚିତ ଚାଷୀମାନଙ୍କ ମଧରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି। ଫଳରେ ମଙ୍ଗଳବାର ସେମାନେ ପୁଣିଥରେ ଜିଲା କୃଷି ଅଧିକାରୀଙ୍କୁ ସାକ୍ଷାତ କରି ଏହାର ବିଚାର ପାଇଁ ଗୁହାରି କରଛନ୍ତି। ପୂର୍ବାହ୍ନରେ କାଳଚିପୁଡାଡିହୀ ଗ୍ରାମର ଗିରିନ୍ଦ୍ର ବାଘ, ଗଙ୍ଗାଧର ପ୍ରଧାନ, ଭୋଳା ବାର୍ଲା, ବିଷ୍ଣୁ ଚରଣ ପ୍ରଧାନ, ଦୟାନିଧି ନାୟକ, ଶୁକ୍ରା କୁଜୁର, ପ୍ରାଣବନ୍ଧୁ ଦେହୁରୀ, ଜିତେନ୍ଦ୍ର ବାଘ, ହୃଦାନନ୍ଦ ମାଝୀ, ବୁଧୁ କେର୍କେଟ୍ଟା ଓ ଯୋଗେଶ୍ୱର ଅଡାଙ୍କ ସମେତ ସଡୋ, କାଳଚିପୁଡାଡିହୀ, ଡୁଲୁବଡିହୀ, ପତ୍ରାଝରୀ ଓ ଡଙ୍ଗାପଥର ଗ୍ରାମର ବହୁ ଚାଷୀ ଜିଲା ମୁଖ୍ୟ କୃଷି ଅଧିକାରୀ ବାଳକୃଷ୍ଣ ଗୌଡଙ୍କୁ ଏ ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

**ନକଲି ଚାଷୀଙ୍କ କୃଷି ବୀମା କରାଯିବା ଘଟଣା**

# ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

ରିଆମାଳ, ୧୭।୮( ଡି.ଏନ୍.ଏ.)

ବରିଷ୍ଠ ଶିକ୍ଷକ ତଥା କବି ବିପିନ ବିହାରୀ ପୃଷ୍ଟି ୨୦୨୧ ବର୍ଷ ପାଇଁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଶିକ୍ଷକ ପୃଷ୍ଟି ବିଭିନ୍ନ ବିଦ୍ୟାଳୟରେ ଦୀର୍ଘ ୨୩ବର୍ଷ ହେଲା କାର୍ଯ୍ୟ କରି ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶ ଏବଂ କରୋନା ସଚେତନତା ଭଳି କାର୍ଯ୍ୟକ୍ରମ କରିଆସୁଛନ୍ତି। ରେଙ୍ଗାଲବେଡା ଗ୍ରାମରେ ରାଧାକୃଷ୍ଣ ସାହିତ୍ୟ ସଂସଦ ପ୍ରତିଷ୍ଠା କରି 'ମୁଖପତ୍ର' ଅମୃତବିନ୍ଦୁ ମାଧ୍ୟମରେ ସେ ପରିବେଶ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ଗ୍ରାମବାସୀଙ୍କୁ ଏକାଠି କରି ସଚେତନ କରିବାରେ ଶିକ୍ଷକ ପୃଷ୍ଟିଙ୍କ ଭୂମିକା ରହିଛି।

# ଫୁଟବଲ ଟୁର୍ନାମେଣ୍ଟ: ନଳବନ୍ଧ ଚାମ୍ପିୟନ

ଦେବଗଡ଼,୧୭।୮(ଡି.ଏନ.ଏ)

ବାରକୋଟ ବ୍ଲକ ବସାଲଇ ଗ୍ରାମପଞ୍ଚାୟତ ଅଶନନାଳି ଗ୍ରାମର ରାଧାକୃଷ୍ଣ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କଲା ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୪-୦ ଗୋଲରେ ପରାସ୍ତ କରି ନଳବନ୍ଧ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରୀ କମିଟି ସଦସ୍ୟ ସୁଧୀର କୁମାର ବ୍ରହ୍ମା ମୁଖ୍ୟଅତିଥି, ସରପଞ୍ଚ ଦିଲୀପ କୁମାର ପଟ୍ଟନାୟକ ଓ ସମିତି ସଦସ୍ୟ ଭୁବନେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ନଳବନ୍ଧ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ରନର୍ସ ଅପ୍ କଲା ଦଳକୁ ଟ୍ରଫି ସହ ସାଢେ ୪ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ଉଗ୍ରସେନ ପ୍ରଧାନ, ବରିଷ୍ଠ ଶିକ୍ଷକ କଙ୍ଗାରୁ ଚରଣ ପ୍ରଧାନ ଓ ଭାଜପା କର୍ମୀ ଦୟାଶଙ୍କର ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ଥିଲେ ।


କୃତୀ ଦଳକୁ ପୁରସ୍କୃତ କରାଯାଉଛି।

# ରାଜଗାଙ୍ଗପୁର ସହର ନିକଟରେ ହାତୀ

ରାଜଗାଙ୍ଗପୁର,୧୭।୮(ଡି.ଏନ.ଏ)

ମଙ୍ଗଳବାର ରାଜଗାଙ୍ଗପୁର ସହର ନିକଟ ଜଙ୍ଗଲକୁ ହାତୀ ପଶି ଆସିଛି । ହାତୀ ପଲଙ୍କୁ ଦେଖିବା ପାଇଁ ବହୁ ବ୍ୟକ୍ତି ଉତ୍ସାହିତ ହୋଇ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିବା ବେଳେ ବନ ବିଭାଗ କର୍ମଚାରୀ ପରିସ୍ଥିତି ପ୍ରତି ନଜର ରଖିଛନ୍ତି । ତେବେ ହାତୀ ସହର ଭିତରକୁ ପଶି ଆସିବା ଭୟ ଲୋକଙ୍କୁ ଆତଙ୍କିତ କରିଛି ।

ରାଜଗାଙ୍ଗପୁର ସହର ଓ ତାର ଆଖପାଖ ଅଞ୍ଚଳରେ ଆଜି ଦିନ ତମାମ ହାତୀକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଭୋର ୪ଟା ସମୟରେ ୮ ଟି ହାତୀ ରାଜଗାଙ୍ଗପୁର ସହରର ଲିପଲୋଇ ନାଳ ନିକଟ ଜଙ୍ଗଲକୁ ଚାଲି ଆସିଥିଲେ। ସେମାନଙ୍କ ମଧରେ ୫ଟି ବଡ ହାତୀ ଓ ୩ ଟି ଛୁଆ ହାତୀ ଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସହରବାସୀ ଭୟଭୀତ ହୋଇ ପଡିଥିଲେ । ହାତୀ ପଶିବା ଖବର ପାଇ ରାଜଗାଙ୍ଗପୁର ବନଖଣ୍ଡ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଯେପରି ହାତୀମାନେ ସହରରେ ପଶି ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ଗ୍ରହଣ କରିଥିଲେ। କେତୋଟି ହାତୀ ନାଳ ପାର ହୋଇ ୱାର୍ଡ ନଂ. ୧୧ ସୁରୁଡିହି ଯିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଫେରି ଆସିଥିଲେ । ଦିନ ତମାମ ହାତୀଙ୍କୁ ଛାଡିବା ପରେ ବନବିଭାଗ କର୍ମଚାରୀ ଓ ଗଜରାଜ ବିଭାଗ କର୍ମଚାରୀ, ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ସନ୍ଧ୍ୟା ସମୟରେ ନିଆଁ ଜାଳି, ବାଣ ଫୁଟାଇ ଘଟଣାସ୍ଥଳରୁ ହାତୀ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ । ହାତୀମାନେ ପଳାଇବା ପାଇଁ ମଧ ବାହାରିଥିଲେ । କିନ୍ତୁ ହାତୀକୁ ଦେଖିବା ପାଇଁ କେତେକ ବ୍ୟକ୍ତି ଏକାଠି ହୋଇ ହୋ ହଲ୍ଲା କରିବା ପରେ ହାତୀ ପଲ ନ ଯାଇ ପୁଣି ପୂର୍ବରୁ ଥିବା ସ୍ଥାନକୁ ଫେରି ଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ଜଗି ବସିଛନ୍ତି। ଅନ୍ୟପଟେ ଲିପଲୋଇ ନାଳ ପୋଲ ଉପରେ ଶତାଧିକ ବ୍ୟକ୍ତି ହାତୀକୁ ଦେଖିବା ପାଇଁ ଭିଡ ଜମାଇଥିଲେ। ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଘଉଡାଇବା ଦେଖିବାକୁ ମିଳିଥିଲା ।


ଜଙ୍ଗଲରେ ହାତୀ ପଲ ।

**ହାତୀଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼**

## ଶିରିଡି ସାଇ ମନ୍ଦିରରୁ ଚୋରି

ବ୍ରଜରାଜନଗର,(ଡି.ଏନ.ଏ.): ଓରିଏଣ୍ଟ ଥାନା ଅଧୀନ ସିରିଡି ସାଇ ମନ୍ଦିରରୁ ସୋମବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ତିନିଦିନ ଧରି ବିଦ୍ୟୁତ୍ ନ ଥିବା ସୁଯୋଗ ନେଇ ଚୋରମାନେ ମନ୍ଦିର ଭିତର ହୁଣ୍ଡି ଓ ବାହାର ହୁଣ୍ଡି ଭାଙ୍ଗି ଟଙ୍କା ନେଇ ଯାଇଛନ୍ତି। ବାବାଙ୍କ ପାଖ ହୁଣ୍ଡିରୁ ପ୍ରାୟ ୨୭ ଶହ ଟଙ୍କା ନେଇଯାଇଥିବା ଜଣାପଡିଛି। ଏ ନେଇ ମନ୍ଦିର କମିଟି ପକ୍ଷରୁ ଅଭିଯୋଗ ପରେ ଏସ୍‌ଡିପିଓ ଦିଲୀପ ଦାସ ଓ ଓରିଏଣ୍ଟ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା ପରିଷଦ ବୈଠକ, ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଜଣେ ମୃତ

**ଝାରସୁଗୁଡ଼ା ଅଫିସ,୧୭।୮:** ଝାରସୁଗୁଡ଼ା-ସମ୍ବଲପୁର ରେଳଲାଇନ୍‌ରେ ମାଲ୍‌ବାହୀ ଟ୍ରେନ୍‌ରେ କଟି ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ସରବାହାଲର ଭୀମ ରଣା(୫୫)। ଝାରସୁଗୁଡା ରେଲୱେ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ମର୍ଗରେ (ଶବ ସଂରକ୍ଷଣ) ରଖିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜିଆର୍‌ପି ଥାନା ଆଇଆଇସି ସୌଦାମିନୀ ନାଗ କହିଛନ୍ତି। ଜିଆର୍‌ପି ପୋଲିସ ଥାନା ଅପମୃତ୍ୟୁ କେସ୍ ନଂ(୨୭/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମାଲବାହୀ ଟ୍ରେନ୍‌ରେ ଭୀମଙ୍କ ଗୋଡ କଟିଯିବା ନେଇ ଟ୍ରେନ୍ ଚାଳକ ନିକଟସ୍ଥ ବୃନ୍ଦାମାଲ ରେଲୱେ ଷ୍ଟେଶନରେ ଜଣାଇଥିଲେ। ଆର୍‌ପିଏଫ୍ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରି ଅଭିଯୋଗରେ ମୋବାଇଲ ଦୋକାନୀ ଅଟକ

**ସମ୍ବଲପୁର,୧୭।୮(ବ୍ୟୁରୋ):** ସମ୍ବଲପୁର ଟାଉନ ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣେ ମୋବାଇଲ ଦୋକାନୀଙ୍କୁ ଅଟକ ରଖିଛି। ଜମନକିରା ଥାନା ଅଞ୍ଚଳରେ ଥିବା ମୋବାଇଲ ଦୋକାନରୁ ଦୋକାନୀ ଜଣକ ଏକ ସିମ୍ ବିକ୍ରି କରିଥିଲେ। ଏହି ସିମ କାର୍ଡ ଆଧାରରେ ପୋଲିସ ତାଙ୍କ ପାଖରେ ପହଞ୍ଚିଥିଲା। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହନ୍ତି, ମୋବାଇଲ ଫୋନ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତରେ ଉକ୍ତ ଦୋକାନୀଙ୍କ ଚୋରି ସହ ସମ୍ପର୍କ ରହିଥିବା ଜଣାପଡିଛି। ହେଲେ ଏବେ ତଦନ୍ତ ଜାରି ରହିଛି। ଉକ୍ତ ମୋବାଇଲ ଦୋକାନୀ ଏକ ଓଡ଼ିଆ ଖବରକାଗଜ ପାଇ କାମ କରନ୍ତି।

### ଓଏସ୍‌ଓୟୁ ଉନ୍ନତମାନର ଶିକ୍ଷା ଦେବାକୁ ପ୍ରତିବଦ୍ଧ

**ସମ୍ବଲପୁର,୧୭।୮ (ବ୍ୟୁରୋ):** ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଉନ୍ନତମାନର ଶିକ୍ଷା ଦେବାକୁ ପ୍ରତିବଦ୍ଧ। ଛାତ୍ରୀଛାତ୍ର କିପରି ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକର ସାମ୍ନା କରିବେ ସେ ଦିଗରେ ମଧ୍ୟ ବିଶ୍ୱବିଦ୍ୟାଳୟ ପ୍ରଶିକ୍ଷଣ ଦେବ। ଏହା ସେମାନଙ୍କ ଜୀବନରେ ସଫଳତା ଆଣିବ ଓ ସେମାନେ ସର୍ବଦା ରାଷ୍ଟ୍ରଲାଗି ଚିନ୍ତା କରିବେ। ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରି କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଏହି ଆହ୍ୱାନ ଦେଇଛନ୍ତି। କୁଳସଚିବ ମାନସରଞ୍ଜନ ପୂଜାରୀ, ବିତ୍ତ ନିୟନ୍ତ୍ରକ ନଳିନୀରଞ୍ଜନ ଷଡଙ୍ଗୀ ଉପସ୍ଥିତ ଥିଲେ।

### ହୀରାକୁଦ ମହାବିଦ୍ୟାଳୟରେ ସୁସ୍ଥ ଦୌଡ଼ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୮ (ବ୍ୟୁରୋ):** ଜାତୀୟ ସେବା ସଂସ୍ଥା ଓ ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ସୁସ୍ଥ ଦୌଡ଼ କାର୍ଯ୍ୟକ୍ରମ ମଙ୍ଗଳବାର ହୀରାକୁଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ମଞ୍ଜୁଲତା ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଜାତୀୟ ସେବା ସଂସ୍ଥା ସଂଯୋଜକ ଡ. ସୀମାନ୍ତିକା ଦାଶଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତାର ଅମୃତ ମହୋତ୍ସବ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୨.୦ ହୋଇଥିଲା। ଜିଲା ଜାତୀୟ ସେବା ସଂସ୍ଥା ସଂଯୋଜକ ଡ. ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଓ ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ସଂଗଠନ ମୁଖ୍ୟ ମାରିୟାନୁସ ବିଲୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ।

# ମିଶନ ଆଶ୍ରାରେ ଘରବାହୁଡ଼ା

ଝାରସୁଗୁଡ଼ା ଅଫିସ,୧୭।୮

ଝାରସୁଗୁଡ଼ା ଜିଲା ପ୍ରଶାସନ, ଜିଲା ଖଣିଜ ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମ୍‌ର ମିଳିତ ଉଦ୍ୟମରେ ଜିଲାରେ ଅସହାୟ ବୃଦ୍ଧାବୃଦ୍ଧ, ମାନସିକ ଅନଗ୍ରସର ଓ ନିଶା ନିବାରଣ ଆଦି ଥଇଥାନ କେନ୍ଦ୍ର ଚାଲିଛି। ଏଥିମଧ୍ୟରେ ଲଖନପୁର ବ୍ଲକ୍ ଗୋବିନ୍ଦପୁରରେ ଭରସା ବୃଦ୍ଧାଶ୍ରମ, ଏଚ୍ କଣ୍ଟାପାଲିରେ ମାନସିକ ଅନଗ୍ରସର ମହିଳାଙ୍କ ମିଶନ ଆଶ୍ରା, ବଡମାଲରେ ଅନଗ୍ରସର ପୁରୁଷଙ୍କ ମିଶନ ଆଶାଲୋକ ଓ ସୁଲଦିଆପଡାରେ ନିଶା ନିବାରଣ କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରରେ ଶତାଧିକ ମହିଳାପୁରୁଷଙ୍କୁ ଚିକିତ୍ସା କରାଯାଇ ସଂସ୍ଥା ତରଫରୁ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ସେମାନଙ୍କ ସମସ୍ୟା ସମ୍ପର୍କରେ ପିପୁଲ୍ସ ଫୋରମ୍ ତରଫରୁ ଆଲୋଚନା କରାଯାଇ ସମାଧାନ କରାଯାଉଛି। ପରେ ତାଙ୍କ ପରିବାର ବର୍ଗଙ୍କୁ ସୂଚନା ଦେଇ ଘରକୁ ଛାଡି ଦିଆଯାଉଛି। ଏ ନେଇ ପିପୁଲ୍ସ ଫୋରମ୍ ତରଫରୁ ଉପରୋକ୍ତ କେନ୍ଦ୍ରରେ ଅନ୍ତେବାସୀଙ୍କ ଘରବାହୁଡା କାର୍ଯ୍ୟକ୍ରମ କରାଯାଇଥାଏ।



ଘରବାହୁଡା କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥି।

ମିଶନ ଆଶ୍ରା କେନ୍ଦ୍ରରେ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ମୁଖ୍ୟଅତିଥି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସକ ଡା. ଡୋଲାମଣି ପଟେଲ, ଜିଲା ଖଣିଜ ପ୍ରତିଷ୍ଠାନ ଅଧିକାରୀ ସୁବ୍ରତ ସ୍ୱାଇଁ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମ୍ ପଶ୍ଚିମ ଓଡ଼ିଶା ମୁଖ୍ୟ ପରିଚାଳକ ସଞ୍ଜୟ ଜେଠି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କେନ୍ଦ୍ରର ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ଅନ୍ତେବାସୀଙ୍କ ଘରବାହୁଡା ହୋଇଥିଲା। ଏଥିରେ ବିଭିନ୍ନ କେନ୍ଦ୍ରର ସମୁଦାୟ ୧୪ଜଣ ସୁସ୍ଥ ଅନ୍ତେବାସୀଙ୍କୁ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସେମାନଙ୍କୁ ପରିବାର ଲୋକେ ସାଙ୍ଗରେ ଧରି ଖୁସିରେ ଘରକୁ ଫେରିଥିଲେ। ଏହି ସମୟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

**ଅନ୍ତେବାସୀଙ୍କ ସୁବିଧାଅସୁବିଧା ପଚାରି ବୁଝିଲେ ଅତିଥି**

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁରର ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟ ହରିପାଲ ମଙ୍ଗଳବାର ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ ଫେସ୍‌ବୁକରେ ଜଣେ ଅଣଓଡିଆ ବ୍ୟକ୍ତି ସମାଲୋଚନା କରିଥିବା ନେଇ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, କୋଭିଡ୍ ସମୟରେ ଓଡିଶା ମୋ ପରିବାର ପକ୍ଷରୁ ରାଜଘାଟରେ ସହାୟତା କେନ୍ଦ୍ର ଖୋଲଯାଇଥିଲା। ସେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଲୋକାର୍ପଣ କରିଥିଲେ। ଅନ୍ୟ କେତେଜଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଘଟଣାକୁ ନେଇ ଜଣେ ଅଣଓଡିଆ ବ୍ୟକ୍ତି କଟୁ ମନ୍ତବ୍ୟ ଦେଇଛନ୍ତି। ଫୋନ୍ ନମ୍ବର ସର୍ବସାଧାରଣରେ ଦିଆଯାଉ, ନ ହେଲେ ପଦ୍ମଶ୍ରୀ ମୃତ ଦେହ ପାଇଁ କାଠ, ଘିଅ, କିରୋସିନ ଦେବେ ବୋଲି ଉଲ୍ଲେଖ କରାଯାଇଛି। ବ୍ୟକ୍ତି ଜଣଙ୍କ ବିଭିନ୍ନ ସମୟରେ ଏଭଳି ମନ୍ତବ୍ୟ ଦେଉଛନ୍ତି।


ଏସ୍‌ପି ଅଫିସ ସମ୍ମୁଖରେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ।

ଫଳରେ ତାଙ୍କର ବ୍ୟକ୍ତିଗତ ଛବି ଖରାପ ହେଉଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅନୁରୋଧ କରିଛନ୍ତି। ପୂର୍ବରୁ ଏହି ବ୍ୟକ୍ତିଙ୍କ ନାମରେ କ୍ଷେତରାଜପୁର ଥାନା ଓ ଏସ୍‌ପିଙ୍କ ପାଖରେ ଲିଖିତ ଅଭିଯୋଗ କରାଯାଇଛି।

# ପାନୀୟଜଳ ସମସ୍ୟା: ବିଡିଓଙ୍କୁ ଦାବିପତ୍ର

ନାକଟିଦେଉଳ,୧୭।୮(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର କଞ୍ଚନପୁର ଗ୍ରାମ ପଳସାଖଳି ସାହିରେ ୨ମାସ ହେଲା ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହାର ସମାଧାନ ନିମନ୍ତେ ମଙ୍ଗଳବାର ସାହିବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, ସାହିରେ ସରକାରଙ୍କ ପକ୍ଷରୁ ସୌରଚାଳିତ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ହେଲେ ୨ମାସ ହେଲା ଏହା ଅଚଳ ଅବସ୍ଥାରେ ରହିଛି। ଆବଶ୍ୟକତା ମେଣ୍ଟାଇବା ପାଇଁ ଲୋକେ ପ୍ରାୟ ଦେଢ କି.ମି. ଦୂର ଭଙ୍ଗାମୁଣ୍ଡା ସାହିରେ ଥିବା ନଳକୂପରୁ ପିଇବା ପାଣି ଆଣୁଛନ୍ତି। କୌଣସି କାରଣରୁ ଯଦି କେହି ଯାଇ ନ ପାରୁଛନ୍ତି ସେମାନେ ନିକଟସ୍ଥ ନାଳରୁ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ସେମାନେ ଦୀର୍ଘ ୨୫କି.ମି. ଦୂରରୁ ବ୍ଲକ କାର୍ଯ୍ୟାଳୟକୁ ଆସି ଭାରପ୍ରାପ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟଙ୍କୁ ଭେଟିଥିଲେ। ତେବେ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ଭାରପ୍ରାପ୍ତ ବିଡ଼ିଓ ସାହିର ମହିଳାମାନଙ୍କୁ ଆଶ୍ୱସନା ଦେଇଛନ୍ତି। ସାହିର ରୀତା କିସାନଙ୍କ ନେତୃତ୍ୱରେ ନରେଶ କିସାନ, ବିଜୁଳି କିସାନ, ସନ୍ଧ୍ୟାରାଣୀ କିସାନ, ବାସନ୍ତୀ କିସାନ, ସୁଶୀଳା କିସାନ ପ୍ରମୁଖ ବିଡ଼ିଓଙ୍କୁ ଭେଟି ଆପତ୍ତି ଜଣାଇଥିଲେ।


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାହିର ମହିଳାମାନେ।

## ମଦ ବ୍ୟବସାୟୀଙ୍କୁ ପୋଲିସ ଜିମା ଦେଲେ ଯୁବଗୋଷ୍ଠୀ

କୁତ୍ରା,୧୭।୮(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ବୁଢ଼ାକଟା ଗ୍ରାମର ସଚେତନ ଯୁବଗୋଷ୍ଠୀ ୨ ଜଣ ମଦ ବ୍ୟବସାୟୀଙ୍କୁ ଧରି ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି। ପ୍ରକାଶ ଯେ, ସୋମବାର ସକାଳେ ବିରେନ୍ଦ୍ର ପାଲ ଓ ପ୍ରମୋଦ କୁମାର ନାମକ ୨ ଜଣ ମଦ ବ୍ୟବସାୟୀ ଦେଶୀ ମଦ ପାଉଚ ନେଇ ବୁଢ଼ାକଟା ଗ୍ରାମର ଜଣେ ମଦ ବିକାଳିଙ୍କୁ ଦେବା ପାଇଁ ଯିବା ବେଳେ ଯୁବଗୋଷ୍ଠୀଙ୍କ ହାତରେ ଧରାପଡିଥିଲେ। ଏ ନେଇ ଯୁବଗୋଷ୍ଠୀଙ୍କ ଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ମଦ ବ୍ୟବସାୟୀଙ୍କୁ ଥାନାକୁ ଆଣିଥିଲେ। ଉଭୟ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କ ସମ୍ମୁଖରେ ବୁଢ଼ାକଟା ଗ୍ରାମରେ ଆଉ ମଦ ବିକ୍ରି କରିବୁ ନାହିଁ ବୋଲି ଗ୍ରାମବାସୀଙ୍କୁ ଲିଖିତ ଆକାରରେ ଦେଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଏକ କେସ ରୁଜୁ ହୋଇଛି। ପୋଲିସ ଓ ଅବକାରୀ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମର ଟଙ୍କଧର ବରହିଆ,ମୀନକେତନ ବାଦୀ, ବିନୋଦ ପ୍ରଦାନ ,ଗଙ୍ଗାଧର ସାହୁ,ଗୋଲବଦନ ଲାକ୍ରା,ଚକ୍ର ଟପ୍ପୋ,ପ୍ରକାଶ ଡୁଙ୍ଗ ଡୁଙ୍ଗ,ପ୍ରଦୀପ ସୁନାନୀ,କିଶୋର ବେହେରା,ବିନୟ ପୋଡ଼,ଲଲିନ୍ଦ୍ର ଲାକ୍ରା ପ୍ରମୁଖ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଫସଲ ବୀମା ଟଙ୍କା ଦାବି କଲେ ଚାଷୀ


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀମାନେ।

ସମ୍ବଲପୁର,୧୭।୮(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କୟାକୁଦ ପଞ୍ଚାୟତବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଆର୍ଥିକ ବର୍ଷ ୨୦୨୦-୨୧ରେ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ମିଳି ନ ଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବ୍ଲକର ଅନ୍ୟ ପଞ୍ଚାୟତରେ ଚାଷୀମାନଙ୍କୁ ବୀମା ଟଙ୍କା ମିଳିଛି। କୟାକୁଦ ପଞ୍ଚାୟତର ଚାଷୀଙ୍କ ନାମତାଲିକା ମଧ ପ୍ରକାଶ ପାଇଥିଲା। ଏଥିପାଇଁ ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ମିଳିତ ଭାବେ ସର୍ଭେ କରିଥିଲେ। ରୋଗ ପୋକ ସହ ନିଅଣ୍ଟ ବର୍ଷା ଯୋଗୁ ଧାନ ଅମଳ ହୋଇପାରି ନ ଥିଲା। ଏବେ ପୁଣି ମରୁଡି ଆଶଙ୍କା ଦେଖାଦେଲାଣି। ବୀମା ଟଙ୍କା ନ ପାଇବାରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ ଏ ଦିଗରେ ପଦକ୍ଷେପ ନିଆଯାଉ ବୋଲି ଦାବି କରିଥିଲେ। ନିରଞ୍ଜନ ସାହୁ, ନବୀନ ବିଶ୍ୱାଳ, ରମା ବେହେରା, ଅଶୋକ ଭୋଇ, ବିଶ୍ୱାମିତ୍ର ବିଶ୍ୱାଳ, ପ୍ରଫୁଲ୍ଲ ରଣା, ଦସରଥ ପ୍ରଧାନ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ଜିଲାକୁ ଫାଇଲେରିଆ ମୁକ୍ତ କରିବା ଲକ୍ଷ୍ୟ

ଝାରସୁଗୁଡ଼ା ଅଫିସ,୧୭।୮

ଝାରସୁଗୁଡ଼ା ଜିଲାରେ ୧୬ଶହରୁ ଊର୍ଦ୍ଧ୍ୱ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମଧ୍ୟରୁ ଅଧିକାଂଶ ହାଇଡ୍ରୋସିଲ୍ ରୋଗୀ ବୋଲି ଜଣାପଡିଛି। ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ହେଲେ ସମସ୍ତ ହାଇଡ୍ରୋସିଲ୍ ରୋଗୀଙ୍କ ଅସ୍ତ୍ରୋପଚାର କରିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଝାରସୁଗୁଡା ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ ମାଗଣା ହାଇଡ୍ରୋସିଲ୍ ଅସ୍ତ୍ରୋପଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ବିଶେଷଜ୍ଞ ଡା.ସୁରେନ୍ଦ୍ର କୁମାର ଡୁଙ୍ଗୁରୀଙ୍କ ନେତୃତ୍ୱରେ ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ହୋଇଥିଲା । ଏଥିରେ ଓଟି ସହାୟକ କ୍ରିସେନ୍ସିୟା ବାରା, ଭାସ୍କର ଚନ୍ଦ୍ର ବେହେରା, ରୁଦ୍ର ମାଝି, ନିରଞ୍ଜନ ବୁଝା ପ୍ରମୁଖ ସହଯୋଗ କରିଥିଲେ। ଶିବରରେ ୧୯ଖଣ୍ଡ ମୌଜା ଅଞ୍ଚଳର ୧୭ଜଣଙ୍କ ସମେତ ସମୁଦାୟ ୨୭ ରୋଗୀଙ୍କ ଅସ୍ତ୍ରୋପଚାର ହୋଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଡୋଲାମଣି ପଟେଲ, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟରାଜା ପ୍ରଧାନ, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠନାଥ କଶ୍ୟପ ପ୍ରମୁଖ ଯୋଗଦେଇଥିଲେ।


ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର କରାଯାଉଛି।

**ମାଗଣା ହାଇଡ୍ରୋସିଲ୍ ଅସ୍ତ୍ରୋପଚାର ଆରମ୍ଭ**

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ଦେବଗଡ଼,୧୭।୮(ଡି.ଏନ.ଏ)

ନିଜ ମୌଳିକ ଅଧିକାରରୁ ବଞ୍ଚିତ ଥିବା ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ମୁହଁରେ ହସ ଫୁଟାଇବାକୁ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଜିଲାର ସମସ୍ତ ବ୍ଲକରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ଟାସ୍କ ଫୋର୍ସର ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସ୍ତରରୁ ଆସିଥିବା ବୈଠକର ବିବରଣୀକୁ ବ୍ଲକସ୍ତରୀୟ କମିଟିରେ ସମୀକ୍ଷା କରାଯାଇଥିଲା। ତିନୋଟି ବ୍ଲକରୁ ମୋଟ ୩୬୦ ଶିଶୁଙ୍କ ଆବେଦନପତ୍ରକୁ ଯୋଗ୍ୟ ବିବେଚନା କରି ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ ପାଇଁ ଜିଲା ଶିଶୁ ସୁରକ୍ଷା ବିଭାଗକୁ ସୁପାରିଶ କରାଯାଇଥିଲା। ବାରକୋଟ ବ୍ଲକରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମକୁ ସିଡିପିଓ ପ୍ରବୀଣା ମିଶ୍ର ପରିଚାଳନା କରିଥିଲେ ଓ ବିଡିଓ ଆକାଶ ରଞ୍ଜନ ସାହୁ ଅଧକ୍ଷତା କରିଥିଲେ।

# ଶିଶୁ ସୁରକ୍ଷା ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୧୭।୮ (ବ୍ୟୁରୋ)

ଶିଶୁ ସୁରକ୍ଷା ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ସମ୍ବଲପୁର ରୋଟାରୀ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଆଦର୍ଶ ଉପଦେଷ୍ଟା ଅରବିନ୍ଦ ମହାପାତ୍ର ଓ ରାଜେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରାଧ୍ୟାପକ ଡ. ପିୟୁଷ ତନସନା ପ୍ରଶିକ୍ଷକ ଭାବେ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ବ୍ରଜେନ୍ଦ୍ର କିଶୋର ପଣ୍ଡା ଓ ପୁଷ୍ପାରାଣୀ ମହାପାତ୍ର, ଡ. ଝରଣା ମିଶ୍ର, ବାଣୀ ମହାପାତ୍ର, ନେହେରୁ ଯୁବ କେନ୍ଦ୍ରର ମାରିୟାନୁସ ବିଲୁଙ୍ଗ, କିଶୋର ନ୍ୟାୟ ବୋର୍ଡର ମମତା ମହାନ୍ତି, ନକୁଳ ଲେପଚା, ସୁବ୍ରତ କ୍ଷେତ୍ରିୟ, ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଡ. ବିଶ୍ୱମୋହନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁର ଯତ୍ନ ଓ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଆଦର୍ଶ ସମ୍ପାଦକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଶିଶୁ କଲ୍ୟାଣ ସମିତି, ଜେଜେ ବୋର୍ଡ ସଦସ୍ୟ, ଜିଲା ଆଇନସେବା ପ୍ରାଧିକରଣ ସ୍ୱେଚ୍ଛାସେବୀ ଓ ଚାଇଲ୍ଡ ଲାଇନ କର୍ମୀମାନେ ସାମିଲ ହୋଇଥିଲେ।

# ୱେକାର ସାଧାରଣ ପରିଷଦ ସଭା

ସମ୍ବଲପୁର,୧୭।୮(ବ୍ୟୁରୋ)

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଠିକାଦାର ସଂଘ (ୱେକା)ର ସାଧାରଣ ପରିଷଦ ସଭା ସମ୍ବଲପୁର ମାଝିପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପରିଡା ଏଥିରେ ଅଧକ୍ଷତା କରିଥିଲେ। ସଂଘର ବିଭିନ୍ନ ସମସ୍ୟା ଆଲୋଚନା ପରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତିକ୍ରମେ ହରିହର ବେହେରା ସଭାପତି, ପ୍ରଦୋଷ କୁମାର ପଣ୍ଡା କାର୍ଯ୍ୟକାରୀ ସଭାପତି, ଶିଶିର କୁମାର ରଥ ସାଧାରଣ ସମ୍ପାଦକ ଓ ଦେବାଶିଷ ରାୟଗୁରୁ ସାଙ୍ଗଠନିକ ସମ୍ପାଦକ ଓ ସଂଯୋଜକ ମନୋନୀତ ହୋଇଛନ୍ତି। ସେହିପରି ସମ୍ବଲପୁରର ଜ୍ୟୋତିରଞ୍ଜନ ମହାରଣା, ସୁନ୍ଦରଗଡର ସମୀର କୁମାର ପଟେଲ, ଭବାନୀପାଟଣାର ସଞ୍ଜୀବ କୁମାର ପାଢୀଯୋଶୀ, ବଲାଙ୍ଗୀରର ଦୀପକ କୁମାର ନାୟକ ଓ ଝାରସୁଗୁଡାର ରଞ୍ଜନ କୁମାର ପଣ୍ଡା ଉପସଭାପତି ରହିଛନ୍ତି। ଗୋଲାପ କେଶରୀ ଚଇନି, ଦେବାନନ୍ଦ ବାବୁ, ମିନାଲ ବେହେରା ଯୁଗ୍ମ ସମ୍ପାଦକ, ସୁବ୍ରତ ପ୍ରଧାନ କୋଷାଧକ୍ଷ ରହିଛନ୍ତି। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ୫ ଜଣ ଓ ଉପଦେଷ୍ଟା ମଣ୍ଡଳୀରେ ୪ଜଣଙ୍କୁ ଚୟନ କରାଯାଇଛି।

# ଛତୁଚାଷ ତାଲିମ ନେଲେ ଭିଏସ୍‌ଏସ୍ ସଦସ୍ୟ

ସମ୍ବଲପୁର,୧୭।୮(ବ୍ୟୁରୋ)

ମାନେଶ୍ୱର ବ୍ଲକର ସାଲେସିଂ ଓ ବୋଲବଙ୍ଗା ଗ୍ରାମରେ ଛତୁ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ଚିପିଲିମା ଓ ରାଜ୍ୟ ବାନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଦର ରେଞ୍ଜ ପକ୍ଷରୁ ଏହା ଆୟୋଜନ ହୋଇଥିଲା। ଛତୁଚାଷ ସହ ପନିପରିବା ଚାଷ ଉପରେ ମଧ ତାଲିମ ଦିଆଯାଇଥିଲା। ଶିବିରରେ ବନ ସୁରକ୍ଷା ସମିତିର ପ୍ରାୟ ୫୦ଜଣ ସଦସ୍ୟ ଯୋଗଦେଇଥିଲେ। କୃଷି ବିଜ୍ଞାନକେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ସ୍ୱାଗତିକା ଶ୍ରୀଚନ୍ଦନ, ମୋନାଲିସା ପ୍ରଧାନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ବିଭୁତିଭୂଷଣ ହୋତା, ସୁଶିଲ କୁମାର ପାତ୍ର, ପ୍ରତାପ ଲାଲ ପଣ୍ଡା, ରୀତା ସାହୁ ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ।



ମାନେଶ୍ୱର ବ୍ଲକରେ ଛତୁଚାଷ ତାଲିମ ଦିଆଯାଉଛି।

# ଜମନକିରାରେ ଗୋଚର ଭୂମି ଅଭାବ

ଜମନକିରା,୧୭।୮(ଡି.ଏନ୍.ଏ.)

**ପ୍ରତିକାର ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର**

ସମ୍ବଲପୁର ଜିଲା ଜମନକିରା ମୌଜାରେ ଗୃହପାଳିତ ପଶୁଙ୍କ ଲାଗି ଚାରଣ ଭୂଇଁ ଅଭାବ ପରିଲକ୍ଷିତ ହୋଇଛି। ଏହାର ପ୍ରତିକାର ପାଇଁ ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଗୋ ମହିଷାଦି ଫସଲ ନଷ୍ଟ କଲେ ପଞ୍ଚାୟତ ଦ୍ୱାରା ମାଲିକଙ୍କଠାରୁ ଦିନକୁ ୫୦୦ ଟଙ୍କା ଜରିମାନା ଓ ଖାଇବା ବାବଦରେ ଜୋରଜବରଦସ୍ତ ପଇସା ଅସୁଲ କରାଯାଉଛି। ଅନ୍ୟପକ୍ଷରେ ଗୋ ମହିଷାଦିଙ୍କ ମୃତ୍ୟୁ ହେଲେ ସେମାନଙ୍କ ଶବ ଉଠାଇବା ବ୍ୟବସ୍ଥା ପଞ୍ଚାୟତ ପକ୍ଷରୁ କରାଯାଉ ନାହିଁ। ଫଳରେ ମାଲିକଙ୍କୁ ଏଥିଲାଗି ହଜାର ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଗାଈ ରୋଗାକ୍ରାନ୍ତ ହେଲେ ଗୋ-ପାଳକଙ୍କୁ ଅନୁରୂପ ଭାବେ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୪୪(ଏଲ୍) ଅନୁସାରେ ସାମୂହିକ ହିତ ସାଧନ ନିମନ୍ତେ ଚାରଣଭୂମି ଓ ଜମି ସ୍ଥାପନ ବ୍ୟବସ୍ଥା, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଧାରା ୫୩ ଅନୁସାରେ ମୃତପଶୁର ଶବ ଉଠାଇବା ଗ୍ରାମ ପଞ୍ଚାୟତର ଏକ ମୁଖ୍ୟ କାମ ହୋଇଥିବା ବେଳେ ଏହା ଠିକ୍‌ରେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ବହୁବାର ଜଣାଇବା ସତ୍ତ୍ୱେ ପ୍ରତିକାର ବ୍ୟବସ୍ଥା କରାଯାଇ ନ ଥିବା ଯୋଗୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, କୁଚିଣ୍ଡା ଉପଜିଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ପ୍ରଶାନ୍ତ ପଣ୍ଡା, ନବୀନ ପଟେଲ, ସାଲେକରାମ ପଧାନ, ମଙ୍ଗଲୁ ମହାନନ୍ଦିଆ, ସହଦେବ ମହାନନ୍ଦିଆ, ସୁରେଶ ପୋଡ଼, ବିନୋଦ ଦେହୁରୀ, ପ୍ରଦୀପ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଉପଜିଲାପାଳ ଗୋଏଲ କହନ୍ତି, ଗ୍ରାମବାସୀଙ୍କଠାରୁ ଦାବିପତ୍ର ପାଇଛି। ଏହାର ଶୀଘ୍ର ପ୍ରତିକାର ବ୍ୟବସ୍ଥା କରାଯିବ।

**୧୦୯ଜଣଙ୍କୁ ଜମି ଅଧିକାର ପ୍ରମାଣପତ୍ର**

ବରଗଡ଼ ଅଫିସ୍: ବରଗଡ଼ ପୌର ପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ସହରାଞ୍ଚଳର ହିତାଧିକାରୀଙ୍କୁ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ୧୦୯ଜଣଙ୍କୁ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିଥିଲେ। ସେହିପରି ୧୨୦ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ନଗର ବିଜେଡ଼ି ସଭାପତି କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକଳ୍ପ ଯୋଗୁ ବିପନ୍ନ ହେବ ଜୀବନ ଜୀବିକା



ରାଜକନିକା ଅଚ୍ୟୁତପୁରଠାରେ ଚାଲିଥିବା ଗଣଧାରଣା ସ୍ଥଳରେ କଂଗ୍ରେସ ଟିମ୍।



ରାଜକନିକା ବରୁଣାଡିହା ଖରସ୍ରୋତା ନଦୀର ପ୍ରକଳ୍ପ ସ୍ଥାନରେ ଭାଜପା ଟିମ୍।

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ନେବା ବିବାଦ
- ପ୍ରକଳ୍ପ ସ୍ଥଳରେ କଂଗ୍ରେସ, ଭାଜପାର ଅନୁଧ୍ୟାନ କମିଟି

କେନ୍ଦ୍ରାପଡା ଅଫିସ/ରାଜକନିକା/ଆଳି, ୧୭।୮ (ଡି.ଏନ.ଏ.)

ଖରସ୍ରୋତା ନଦୀ ପାଣି ଉଠା ବିବାଦକୁ ନେଇ କଂଗ୍ରେସ ଓ ଭାଜପାର ରାଜ୍ୟସ୍ତରୀୟ ଦୁଇ ଟିମ୍ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହରେ ମଙ୍ଗଳବାର ପହଞ୍ଚି ଥିଲେ। ଏହି ଦୁଇ ଟିମ୍‌ର ନେତୃମଣ୍ଡଳୀ ପ୍ରକଳ୍ପ ଯୋଗୁ ଜୀବନଜୀବିକା ବିପନ୍ନ ହେବ ବୋଲି କହିଥିଲେ। ଏଥିସହ ସେମାନେ ଗତ ୧୦ ତାରିଖରେ ବରୁଣାଡିହାରେ ପୋଲିସ ଆକ୍ରମଣ ଓ ରାତି ଅଧିଆ ଆନ୍ଦୋଳନକାରୀଙ୍କୁ ଗିରଫଦାରିକୁ ନିନ୍ଦା କରିଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ପାନୀୟ ଜଳ, କୃଷି ଓ ଭିତରକନିକାର ଜୈବ ବିବିଧତାର ସୁରକ୍ଷା ନିମନ୍ତେ ଏକ ଅନୁଧ୍ୟାନ କମିଟି ପାଇଁ ଦାବି ଜଣାଇଥିଲେ। ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଖଲାସ ଓ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରି ଏହି ବିବାଦର ସମାଧାନ ପାଇଁ ଜନସଭାର ଆବଶ୍ୟକ ବୋଲି ମତ ଦେଇଥିଲେ।

ଭାଜପା ରାଜ୍ୟ ସମ୍ପାଦକ ପୃଥୀରାଜ ହରିଚନ୍ଦନ, ଗୋଲଖ ମହାପାତ୍ର, ରାଜ୍ୟ ଉପସଭାପତି ପ୍ରଭାତି ପରିଡା, ପିଙ୍କି ପ୍ରଧାନ, ଅନିତା ଶୁଭଦର୍ଶିନୀ, ଜିଲା ପ୍ରଭାରୀ ଡ. ଜତିନ ମହାନ୍ତି, ଜିଲା ସଭାପତି କିଶୋର କୁମାର ପଣ୍ଡା, ବରିଷ୍ଠ ନେତା ଭୁବନ ମୋହନ ଜେନା, ବିଷ୍ଣୁ ଦାସ ପ୍ରମୁଖ ଅପରାହ୍ଣ ୨ଟା ୨୫ ମିନିଟ୍‌ରେ ବରୁଣାଡିହା ପ୍ରକଳ୍ପ ସ୍ଥାନରେ ପହଞ୍ଚିଥିଲେ। ଏହି ଟିମ୍‌କୁ ପ୍ରକଳ୍ପ ସ୍ଥାନକୁ ଯିବାକୁ ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ପୋଲିସ ଅଟକାଇ ଥିଲା। ପୋଲିସ ଓ ଭାଜପା ଟିମ୍‌ର କଥା କଟାକଟି ପରେ ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରିଥିଲେ। ଭାଜପା ରାଜ୍ୟ ସମ୍ପାଦକ ହରିଚନ୍ଦନ ପ୍ରକଳ୍ପ ସମ୍ପର୍କରେ କହିଥିଲେ, କେନ୍ଦ୍ରାପଡ଼ା ଜିଲା ଜଳସଙ୍କଟରେ ଥିବା ଓଡ଼ିଶାର ଏକମାତ୍ର ଜିଲା ଭାବେ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ଜଳ ପରିମାଣ ବୃଦ୍ଧି ପାଇଁ ଜଳଶକ୍ତି ଅଭିଯାନ ଆରମ୍ଭ କରିଛନ୍ତି। ଏହାସତ୍ତ୍ୱେ ଏଠାରୁ ଜଳ ଉଠାଇ ଭଦ୍ରକକୁ ଦିଆଗଲେ ସ୍ଥାନୀୟ ଜୀବନ ଓ ଜୀବିକା ନଷ୍ଟ ହେବ। ଜଳର ପରିମାଣ ଓ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ସମ୍ପର୍କରେ ଅନୁଧ୍ୟାନ ପରେ ପ୍ରକଳ୍ପ କାର୍ଯ୍ୟ କରିବା ଆବଶ୍ୟକ। ପୋଲିସର କାର୍ଯ୍ୟକଳାପ ସାଧାରଣ ଲୋକଙ୍କ ପାଇଁ ଅତିଷ୍ଠର କାରଣ ହୋଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅନୁଧ୍ୟାନ ଟିମ୍‌ରେ ସ୍ଥାନୀୟ ଅଞ୍ଚଳର ଗୋଲକ ନାୟକ, ବ୍ରଜସୁନ୍ଦର ଭୂୟାଁଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ସେହିପରି ଅପରାହ୍ଣ ୪ଟାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ କଂଗ୍ରେସ ଟିମ୍ ବରୁଣାଡିହାରେ ପହଞ୍ଚି ପ୍ରକଳ୍ପ ସ୍ଥାନ ଅନୁଧ୍ୟାନ ସହ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହିତ ମତ ବିନିମୟ କରିଥିଲେ। ଏ ସମ୍ପର୍କରେ ବରିଷ୍ଠ ନେତା କାନୁନ୍‌ଗୋ କହିଥିଲେ, ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ଅବସ୍ଥାରେ ଭଦ୍ରକ ଜିଲାର ଆଖୁଆପଦାଠାରେ ପ୍ରବାହିତ ବୈତରଣୀ ନଦୀରୁ ପାଣି ଉଠାଇବା ପାଇଁ ଡିପିଆର୍ ହୋଇଥିଲା। ଖରସ୍ରୋତା ନଦୀରେ ଜଳ ଉଠାଇବା ୨୦୧୯ରେ ସ୍ଥିର ହେବାକୁ ନେଇ ଅନୁଧ୍ୟାନ କରାଯିବ। ଖରସ୍ରେତା ନଦୀରୁ ପାଣି ଉଠାଗଲେ କେନ୍ଦ୍ରାପଡ଼ା ଜିଲା ବିଶେଷ ଭାବେ ପ୍ରଭାବିତ ହେବ। ଅଣମୌସୁମୀ ସମୟରେ ଜଳସ୍ରୋତ ଏଠାରେ ରହୁନାହିଁ। ଏଥିପାଇଁ ନଦୀର ତଳମୁଣ୍ଡରେ ଏକ ବ୍ୟାରେଜ ପାଇଁ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ ଅନୁଧ୍ୟାନ କମିଟି ବିଚାର କରିବ। ଭିତରକନିକାର ଜୈବ ବିବିଧତା ସହିତ ସ୍ଥାନୀୟ ଅଞ୍ଚଳର କୃଷି ଓ ପାନୀୟ ଜଳକୁ ସୁରକ୍ଷିତ କରିବାକୁ ହେବ। ପ୍ରକଳ୍ପ କାର୍ଯ୍ୟ ବନ୍ଦ କରି ଜିଲା ପ୍ରଶାସନ ପକ୍ଷରୁ ବିଶେଷଜ୍ଞଙ୍କ ଦ୍ୱାରା ଅନୁଧ୍ୟାନ କରାଯାଉ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଭାବାବେଗ ସହ କଂଗ୍ରେସ ରହିଛି ଓ ସଂଗ୍ରାମ କରିବ ବୋଲି ମତ ଦେଇଥିଲେ। ଏହି ରାଜ୍ୟସ୍ତରୀୟ ଟିମ୍‌ରେ କେନ୍ଦ୍ରାପଡା ଜିଲା ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ନେତା ଜ୍ଞାନଦେବ ବେହୁରା, ପୂର୍ବତନ ବିଧାୟକ ଦେବେନ୍ଦ୍ରନାଥ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ଅନୁଧ୍ୟାନ କମିଟି ସଦସ୍ୟମାନେ ଅଚ୍ୟୁତପୁରଠାରେ ଚାଲିଥିବା ଗଣଧାରଣାରେ ସାମିଲ ହୋଇଥିବା ଲୋକଙ୍କ ସହ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଜବାବ ତଲବ କଲେ ହାଇକୋର୍ଟ

**ଶ୍ରୀମନ୍ଦିର ପରିଚାଳନା କମିଟିର ବୈଧତାକୁ ଚ୍ୟାଲେଞ୍ଜ**

କଟକ ଅଫିସ/ପୁରୀ ଅଫିସ, ୧୭।୮

ଶ୍ରୀମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦିଷ୍ଟ ନିଯୋଗର ପ୍ରତିନିଧିମାନେ ବାରମ୍ବାର ମନୋନୀତ ହେଉଛନ୍ତି। ଜାଣିଶୁଣି ଖୁଣ୍ଟିଆ ନିଯୋଗକୁ ଅଣଦେଖା କରାଯାଉଛି। ତେଣୁ ନୂତନ ପରିଚାଳନା କମିଟିର ବୈଧତାକୁ ଚ୍ୟାଲେଞ୍ଜ କରି ଖୁଣ୍ଟିଆ ନିଯୋଗ ସଭାପତି ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ତଦନୁଯାୟୀ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ବିଚାରକରି ପ୍ରତିପକ୍ଷ ରାଜ୍ୟ ସରକାର, ପରିଚାଳନା କମିଟିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲାପାଳଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ଏଥିସହ ମାମଲାର ଚୂଡ଼ାନ୍ତ ରାୟ ଉପରେ ହିଁ ପରିଚାଳନା କମିଟିର ଭବିଷ୍ୟତ ନିର୍ଭର କରିବ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସି.ଆର୍. ଦାଶଙ୍କ ଜଣିକିଆ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରିଥିଲେ।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ପ୍ରତିଦିନ ଶ୍ରୀମନ୍ଦିରରେ ୧୯ ପ୍ରକାରର ସେବାପୂଜା ଖୁଣ୍ଟିଆ ସେବକ ସମ୍ପନ୍ନ କରିଥାନ୍ତି। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ସମୟରେ ଖୁଣ୍ଟିଆ ନିଯୋଗର ସେବକଙ୍କୁ ସଦସ୍ୟ ଭାବେ ଜାଣିଶୁଣି ଗ୍ରହଣ କରାଯାଉ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ନାଁ ରାଜ୍ୟ ସରକାରଙ୍କ ନିକଟକୁ ମୁଖ୍ୟ ପ୍ରଶାସକ ପଠାଇବାବେଳେ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ରହୁ ନାହିଁ। ଏହି ପ୍ରସଙ୍ଗରେ ସ୍ୱଚ୍ଛତା ପାଇଁ ନିୟମାବଳୀ ପ୍ରଣୟନ କରାଯିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ଖୁଣ୍ଟିଆ ନିଯୋଗ ସେବକଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଭାବେ ଗ୍ରହଣ କରାଯାଉ ବୋଲି ପିଟିଶନରେ ଦର୍ଶାଯାଇଛି। ନଚେତ୍ ଆଗାମୀ ଦିନରେ ନିଯୋଗ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି।

## ଆଗାମୀ ଦିନରେ ଟିପିଡବ୍ଲ୍ୟୁଓଡିଏଲ୍ ସ୍ଥିରତା ଆଣିବ

**ଯାନ୍ତ୍ରିକ ତ୍ରୁଟିରୁ କଳାହାଣ୍ଡି ଜିଲାରେ ବିଦ୍ୟୁତ୍ ସେବା ବ୍ୟାହତ**

ସମ୍ବଲପୁର, ୧୭।୮ (ବ୍ୟୁରୋ)

କଳାହାଣ୍ଡି ଜିଲାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଗଷ୍ଟ ମାସରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କୁହାଯାଇଛି, ପଶ୍ଚିମ ଓଡ଼ିଶାରେ କମ୍ପାନୀ ଗ୍ରାହକମାନଙ୍କୁ ବିଦ୍ୟୁତ ଯୋଗାଉଛି। କିନ୍ତୁ ଗ୍ରୀଡ୍‌କୋ ଓ ଓପିଟିସିଏଲର ମଧ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଥିରୁବାଲି ୩୩-୧୧ କେଭି ଗ୍ରୀଡ୍ ସବଷ୍ଟେଶନରେ ଓଭରଲୋଡିଂ ଯୋଗୁ ଯାନ୍ତ୍ରିକ ତ୍ରୁଟି (ଟ୍ରିପ) ଦେଖାଦେଇଥିଲା, ଯାହା ଆୟତ୍ତ ବାହାରେ ରହିଥିଲା। ପରବର୍ତ୍ତି ସମୟରେ ସମସ୍ତ ଏଜେନ୍ସି ପରସ୍ପର ମଧ୍ୟରେ ସହଯୋଗ ସ୍ଥାପନ କରି ଏହାର ସମାଧାନ କରିଥିଲେ। ଏଥିରେ କଳାହାଣ୍ଡି ଜିଲାର ୪ ଏନ୍‌ଏସି, ଗୋଟିଏ ମ୍ୟୁନିସିପାଲିଟି, ୧୦ ବ୍ଲକ ଅଞ୍ଚଳର ଜନସାଧାରଣ ପ୍ରଭାବିତ ହୋଇଥିଲେ। ସେମାନେ ଅଗଷ୍ଟ ୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଦିନରେ ଗ୍ରାହକଙ୍କ ଯେଭଳି କିଛି ସମସ୍ୟା ନ ହେବ ସେ ଦିଗରେ କମ୍ପାନୀ ଯତ୍ନବାନ ରହିଛି। ଅତ୍ୟାଧୁନିକ ଯନ୍ତ୍ରାଂଶ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ସରବରାହରେ ସ୍ଥିରତା ଆସିବ ବୋଲି ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

## ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକାରିଣୀ ତାଲିକା ଘୋଷିତ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ମଙ୍ଗଳବାର ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ତାଲିକା ଘୋଷଣା କରିଛନ୍ତି। ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ଶେଖ୍ ରଫିକ୍, ମିର୍ଜା ଜାଫର୍ ବେଗ୍, ଗୁରିନ୍ଦର ସିଂହ, ସଲିମ୍ ଖାନ୍, ମମତା ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଭାବେ ବଳବିନ୍ଦର ସିଂହ ଓ ଶେଖ୍ ମହମ୍ମଦ ଜଲାଲୁଦ୍ଦିନ୍ ଆକବର, ସମ୍ପାଦକ ଭାବେ ଶେଖ୍ ହସନ, ସୋନିଆ ଦାସ, ଶାହିଦା ଖାତୁନ୍, ଶେଖ୍ ଗଫୁର୍, ଶେଖ୍ ଚାନ୍ଦ, କୋଷାଧ୍ୟକ୍ଷ ଭାବେ ଘାସିରାମ ଜୈନ, ସାମାଜିକ ଗଣମାଧ୍ୟମ ସଂଯୋଜକ ଶେଖ୍ ମେରାଜୁଦ୍ଦିନ୍, ସାମାଜିକ ଗଣମାଧ୍ୟମ ସହ ସଂଯୋଜକ ଭାବେ ମେହେରୁଲ୍ଲା ଶେଖ୍ ଏବଂ କାର୍ଯ୍ୟାଳୟ ସମ୍ପାଦକ ଭାବେ କୈଳାସ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ସଂଖ୍ୟାଲଘୁ ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ମହମ୍ମଦ ସଫିକ୍, ମହମ୍ମଦ ରଫିକ୍, ମହତାବ ଖାନ୍ ଏବଂ ଅଧ୍ୟାପକ ଅବଦୁଲ୍ ସଲାମଙ୍କୁ ମନୋନୀତ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୋଲାମ ଜିଲାନି ହବିବ, ନବ ବେହେରା, ଶେଖ୍ ଅହସାନ୍, ଶେଖ୍ ଜମାଲୁଦ୍ଦିନ, ମହମ୍ମଦ୍ ଗଫୁର ଖାନ୍ ପ୍ରମୁଖଙ୍କୁ ମନୋନୀତ କରାଯାଇଛି ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ଦୁଇ ଜଣଙ୍କୁ ୧୦ ବର୍ଷ ଜେଲ, ୧ ଲକ୍ଷ ଜରିମାନା

**ଗଞ୍ଜେଇ ଚୋରାଚାଲାଣ ମାମଲାର ରାୟ**

ମାଲକାନଗିରି, ୧୭।୮ (ଡି.ଏନ୍.ଏ.)

ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ମାଲକାନଗିରି ଜିଲା ଦୌରା ଜଜ୍ ମଙ୍ଗଳବାର ୨ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ଶୁଣାଣିରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଆଉ ୧ ବର୍ଷ ଲେଖାଏ ଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି, ୨୦୧୯ ଜୁନ ୫ ତାରିଖ ରାତିରେ ମାଲକାନଗିରି ଆଦର୍ଶ ଥାନା ପୋଲିସ ଶିଖପାଲି-ପଡ଼ିଆ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ (ସିଜି ୦୯ ଜେଏଚ- ୦୬୨୫) ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ୧୭ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ଏହାକୁ ଜବତ କରାଯାଇଥିଲା। ଏହାର ପରିମାଣ ୫୦୩ କେଜି ୪୦୦ ଗ୍ରାମ ଥିଲା। ଏହି ଚୋରା ଚାଲାଣରେ ସମ୍ପୃକ୍ତ କାଲିମେଲା ଥାନା ଏମ୍‌ପିଭି-୨୩ ଗ୍ରାମର ମନୋଜ ପଟ୍ଟନାୟକ ଓ ଏମପିଭି-୨୯ ଗ୍ରାମର ମୋତିଲାଲ ମଣ୍ଡଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। କେସ୍ ନଂ.୧୨୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ଏହାର ତଦନ୍ତ କରିଥିଲେ। ସେବେଠାରୁ ଏହି ମାମଲା ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବିଜୟ ମହାନ୍ତି ପରିଚାଳନା କରୁଥିଲେ।

## ଡକାୟତ ଗ୍ୟାଙ୍ଗ ଠାବ: ୬ ଗିରଫ

**୧୬୫ ଗ୍ରାମ ସୁନା ଅଲଙ୍କାର, ୨ ଲାପ୍‌ଟପ୍, ୨ ଗାଡ଼ି ଜବତ**



ଗିରଫ ଅଭିଯୁକ୍ତ, ଜବତ ଅଳଙ୍କାର ଓ ଅନ୍ୟ ସାମଗ୍ରୀ।

କଟକ ଅଫିସ, ୧୭।୮

ଚୌଦ୍ୱାର ପୋଲିସ ଏକ ଡକାୟତି ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ଆଇବି ରୋଡ୍‌ର ଛୋଟୁ ଓରଫ ପ୍ରଶାନ୍ତ ପଲେଇ(୨୩), ପ୍ରଧାନସାହିର ଲିପୁ ଓରଫ ବିଶ୍ୱଜିତ୍ ସାହୁ(୧୯), ମଙ୍ଗଳାବାଗ ଥାନା ରାଣୀହାଟ ଶଗଡିଆ ସାହିର ଚିକୁ ଓରଫ ଅନିଲ କୁମାର ବେହେରା(୨୬), ଜଗତ୍‌ପୁର ଶାନ୍ତି ନଗରର ଗୁରୁବ ମାରାଣ୍ଡି(୧୮), ମଙ୍ଗଳାବାଗ ନୂଆପାଟଣାର ନିଲୁ ଓରଫ ପ୍ରଶାନ୍ତ କୁମାର ସାହୁ(୫୫) ଓ ଜଗତ୍‌ପୁର ବୈକୁଣ୍ଠ ବିହାରର ଯୋଗୀ ଓରଫ୍ ଲକ୍ଷ୍ମୀଧର ଟୁଡୁ (୨୬)। ସେମାନଙ୍କଠାରୁ ୧୬୫ ଗ୍ରାମର ସୁନା ଅଳଙ୍କାର, ଦୁଇଟି ଲାପ୍‌ଟପ୍, ଗୋଟିଏ ଡିଭିଆର ମେଶିନ, ଲୁହାକଟା ଯନ୍ତ୍ର, ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଥିବା ମଙ୍ଗଳବାର କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଡିସିପି ପ୍ରମୋଦ ରଥ କହିଛନ୍ତି।

ସେ ସୂଚନା ଦେଇ କହିଛନ୍ତି, ଗତ ଜୁଲାଇ ୨୭ ତାରିଖ ସକାଳେ ଚୌଦ୍ୱାର ଥାନା ଅଧୀନ ମଙ୍ଗରାଜପୁର ଗ୍ରାମର ମନୋଜ କୁମାର ବରାଳ ପରିବାର ସଦସ୍ୟଙ୍କ ସହ ବାହାରକୁ ଯାଇଥିଲେ। ଦିନକ ପରେ ଘରକୁ ଫେରିବାରୁ କେହି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ୮ଭରି ଓଜନର ସୁନା ଅଳଙ୍କାର ଓ କିଛି ଟଙ୍କା ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୨୨/୨୧)ରୁଜୁକରି ତଦନ୍ତ ଚଳାଇଥିଲା। ପରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏହି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଚିକୁ ଓ ଛୋଟୁଙ୍କୁ ଗିରଫ କରିଥିଲା। ସେମାନଙ୍କ ତଥ୍ୟ ଆଧାରରେ ଅନ୍ୟତମ ଅଭିଯୁକ୍ତ ଲିପୁ ଓ ଗୁରୁବଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କୁ ଜେରା କରାଯିବାରୁ ଚୋରି ସୁନା ଅଳଙ୍କାରକୁ ନିଲୁ ଓ ଯୋଗୀଙ୍କୁ ବିକ୍ରି କରିଥିବା କହିଥିଲେ। ଚିକୁ ନାଁରେ ସହରର ବିଭିନ୍ନ ଥାନାରେ ୧୩ ଏବଂ ଛୋଟୁଙ୍କ ନାଁରେ କଟକ ଓ ଅନ୍ୟ ଜିଲାର ଥାନାରେ ମୋଟ୍ ୯ଟି ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ଏସିପି ଅମରେନ୍ଦ୍ର ପଣ୍ଡା, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଉପସ୍ଥିତ ଥିଲେ।

**ମାଷ୍ଟରମାଇଣ୍ଡ ଚିକୁଙ୍କୁ ଏନ୍‌କାଉଣ୍ଟର ହୋଇଥିଲା**

ଏହି ଡକାୟତି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ଚିକୁ ସୁନାଚେନ ଲୁଟ୍ କରିବାରେ ମାହିର। ଗତବର୍ଷ ମଙ୍ଗଳାବାଗ ଅଞ୍ଚଳରେ ଚିକୁ ଓ ତାଙ୍କ ସହଯୋଗୀ ଡକାୟତି ଯୋଜନା କରୁଥିବାବେଳେ ଖବରପାଇ ପୋଲିସ ଚଢାଉ କରିଥିଲା। ପୋଲିସକୁ ଦେଖି ସେମାନେ ଗୁଳି ଚଳାଇଥିଲେ। ପରେ ପୋଲିସ ସେମାନଙ୍କ ଉପରକୁ ପାଲଟା ଗୁଳି ଚାଳନା କରିଥିଲା। ଏଥିରେ ଚିକୁ ଆହତ ହେବାରୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ପରେ ସେ ଜାମିନ୍‌ରେ ଆସିଥିଲେ। ନିଜର ଏକ ଗ୍ୟାଙ୍ଗ ତିଆରି କରି କେତେଜଣ ସଦସ୍ୟଙ୍କୁ ସେଥିରେ ସାମିଲ କରିଥିଲେ। ସେ ନିଜ ସହଯୋଗୀଙ୍କ ଜରିଆରେ ଚେନ୍ ଲୁଟ୍ ସହ ବିଭିନ୍ନ ସ୍ଥାନରେ ଲୋକଙ୍କ ଘରେ ପଶି ଲୁଟ୍ କରୁଥିଲେ। ଏହି ଗ୍ୟାଙ୍ଗ୍ ସମ୍ପର୍କରେ ପୋଲିସ ଅଧିକ ଖୋଳତାଡ କରୁଛି। ଆବଶ୍ୟକ ପଡିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କରାଯିବ ବୋଲି ପୋଲିସ କହିଛି।

## ଆନ୍ତଃ ବ୍ଲକ ଫୁଟବଲ ଚାମ୍ପିୟନଶିପ୍‌ର ପ୍ରସ୍ତୁତି



ସୁନ୍ଦରଗଡ ଷ୍ଟାଡିୟମଠାରେ ଅନୁଷ୍ଠିତ ବୈଠକରେ ଜିଲା କ୍ରୀଡା ସଂସଦର କର୍ମକର୍ତ୍ତା ଓ ପୁରାତନ ଖେଳାଳିମାନେ।

ସୁନ୍ଦରଗଡ଼, ୧୭।୮ (ଡି.ଏନ.ଏ.)

ଜିଲା କ୍ରୀଡ଼ା ସଂସଦ ପରିସରରେ ପ୍ରଥମ ଜିଲାସ୍ତରୀୟ ଆନ୍ତଃ ବ୍ଲକ ଫୁଟବଲ ଚାମ୍ପିଅନସିପ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଫାଓ ଉପସଭାପତି ତଥା ସଂସଦର ପ୍ରତିଯୋଗିତା କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୁନ୍ଦରଗଡ଼ ଜିଲାର ଅନେକ ପ୍ରାକ୍ତନ ଖେଳାଳି ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସାଧାରଣ ସଂପାଦକ ଭୋଳଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ଜିଲାର ୧୭ଟି ବ୍ଲକରେ ଏହି ପ୍ରତିଯୋଗିତା ଆସନ୍ତା ୨୫ ତାରିଖଠାରୁ ଅନୁଷ୍ଠିତ ହେବ। ପ୍ରତି ବ୍ଲକରୁ ଜିତିଥିବା କ୍ଲବ ୪ଟି ଜୋନରେ ଖେଳିବେ। ୪ଟି ଜୋନରୁ ୮ଟି ଦଳ ଲିଗ ମ୍ୟାଚ ଖେଳିବେ ଏବଂ ପର୍ଯ୍ୟାୟ କ୍ରମେ ସେମି ଫାଇନାଲ ଏବଂ ଫାଇନାଲ ଖେଳ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ସଦର ଉପଖଣ୍ଡର ୯ଟି ବ୍ଲକରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ସଦର ବ୍ଲକର କିର୍ଲିମା ଠାରେ ଏସ.ଡି.ବି .ଏଲ କ୍ଲବ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ, ସବଡେଗା ବ୍ଲକର ଗାଇବିରାରେ ନେତାଜୀ କ୍ଲବ ମିନି ଷ୍ଟାଡିୟମରେ, ବାଲିଶଙ୍କରା ବ୍ଲକର ବନ୍ଧବାହାଲରେ ଜୟତ ରାମ କ୍ଲବ ଖେଳପଡିଆରେ, ଟାଙ୍ଗରପାଲି ବ୍ଲକର ତସଲାଡ଼ିହିରେ ଭି.ଏସ.ଏସ ମିନି ଷ୍ଟାଡିୟମରେ, ଲେଫ୍ରିପଡା ବ୍ଲକର ସୁରୁଗୁଡ଼ାଠାରେ ଏସ. ଭି. ୱାଇ ରାମଦେବ ପଡ଼ିଆରେ, ହେମଗିରି ବ୍ଲକର ଡୁରୁବଗା ମିନି ଷ୍ଟାଡିୟମରେ, ବଡ଼ଗାଁ ବ୍ଲକର ମିନି ଷ୍ଟାଡିୟମରେ, କୁତ୍ରା ବ୍ଲକର ରାଜାବସା ଖେଳ ପଡ଼ିଆରେ, ରାଜଗାଙ୍ଗପୁର ବ୍ଲକର ଲାଇଙ୍ଗ ଖେଳ ପଡ଼ିଆରେ ପ୍ରଥମ ପର୍ଯ୍ୟାୟର ମ୍ୟାଚଗୁଡ଼ିକ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଜିଲା ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ସଦର ଉପ ଜିଲାପାଳ ଅଭିମନ୍ୟୁ ବେହେରା ପ୍ରକାଶ କରିଛନ୍ତି। ଏହି ବୈଠକରେ ବରିଷ୍ଠ ଖେଳାଳି ନିତ୍ୟାନନ୍ଦ ଦାସ, ସନ୍ତୋଷ କୁମାର ସୁନାନି, ହୃଦୟ ରଞ୍ଜନ ସିଂ, ବିମଳ ବୋଷ, ଚିତ୍ତରଞ୍ଜନ ନାଏକ, ଦେବେନ୍ଦ୍ର ଖର୍ସେଲ ଯୋଗ ଦେଇଥିଲେ। ଏହାଛଡା ସଂସଦର ସଦସ୍ୟ ରୋମାଞ୍ଚ ଭୈସାଲ, ବିଶ୍ୱରଞ୍ଜନ ହୋତା, ଫୁଟବଲ ସଂପାଦକ ନିତ୍ୟକୁମାର ବଳ, ସହ ସଂପାଦକ ଜୟଦେବ ପାତ୍ର ଉପସ୍ଥିତ ଥିଲେ। ସଂସଦ କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡକାୟତି ଗ୍ୟାଙ୍ଗର ୪ ଗିରଫ




ଖବରଦାତା ସମ୍ମିଳନୀରେ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଛି।

ଧର୍ମଗଡ଼, ୧୭।୮ (ଡି.ଏନ.ଏ.)

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡକାୟତ କରୁଥିବା ଏକ ଗ୍ୟାଙ୍ଗର ୪ଜଣଙ୍କୁ ଧର୍ମଗଡ, ଜୁନାଗଡ଼, ଭବାନୀପାଟଣା ପୋଲିସ ସହାୟତାରେ ଗିରଫ କରାଯାଇଛି। ଗିରଫ ଡକାୟତମାନେ ଗଞ୍ଜାମ ଜିଲା ଆସିକା ଥାନା ପକାଲପାଲି ଗ୍ରାମର ଏ ରଞ୍ଜିତ ରାଓ (୩୭), ଡି ଆକାଶ (୨୭), ଜେ ଚନ୍ଦୁ (୧୮) ଏବଂ କଳାଷଣ୍ଡପୁର ଏମ୍ ଗଣେଶ (୨୫)। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। କଳାହାଣ୍ଡି ଜିଲା ଧର୍ମଗଡ଼ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ନଗଦ ୧ ଲକ୍ଷ ୪୦ ହଜାର, ୨ଟି ବାଇକ, ୩ଟି ମୋବାଇଲ ଫୋନ, ପାସବୁକ, ପାନକାର୍ଡ, ଆଧାର କାର୍ଡ ଜବତ କରାଯାଇଥିବା ସେ କହିଛନ୍ତି।

ସେ ସୂଚନା ଦେଇ କହିଛନ୍ତି, ଗତ ୧୩ ତାରିଖରେ ଆମ୍ବଗୁଡା ଗ୍ରାମର ଉଦ୍ଧବ ସୁନାନୀ ବ୍ୟାଙ୍କରୁ ୧ ଲକ୍ଷ ୯ ହଜାର ଟଙ୍କା ଉଠାଇ ଆସୁଥିଲେ। ଏହି ସମୟରେ ଗୋଟିଏ ବାଇକ୍‌ରେ ୩ଜଣ ଡକାୟତ ଆସି ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଧର୍ମଗଡ଼ ପୋଲିସ ଏହି ଘଟଣା ଉପରେ ସୀମାନ୍ତ ବିଭିନ୍ନ ଥାନାକୁ ସୂଚନା ଦେବା ସହିତ ବ୍ଲକିଂ କରି ଯାଞ୍ଚ କରିଥିଲା। ପୋଲିସ ତଦନ୍ତ ପରେ ଡକାୟତମାନେ ଭବାନୀପାଟଣା ଇରିଗେସନ କଲୋନୀରେ ରହୁଥିବା ଖବର ପାଇ ଧର୍ମଗଡ଼, ଜୁନାଗଡ଼ ଏବଂ ଭବାନୀପାଟଣା ପୋଲିସ ମିଳିତ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିଲା। ଗିରଫ ଡକାୟତମାନେ କଳାହାଣ୍ଡି, ବଲାଙ୍ଗୀର ନୂଆପଡା, କନ୍ଧମାଳ ଓ ବରଗଡ଼ ଜିଲାର ୮ଟି ଥାନା ଅଞ୍ଚଳରେ ମୋଟ ୧୯ ଲକ୍ଷ ୫୭ ହଜାର ଟଙ୍କା ଲୁଟ କରିଥିବା ପୋଲିସ ସୂଚନା ଦେଇଛି।

# କମ୍ ବର୍ଷା: ଫସଲ ହାନି ଆଶଙ୍କା

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

- ମୁକାବିଲା ପାଇଁ ଯୁଗ୍ମ-ମନ୍ତ୍ରୀସ୍ତରୀୟ ବୈଠକ
- ସମସ୍ତ ଉଠା ସେଚପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ
- ଫସଲବୀମାରେ ଅଧିକ ଚାଷୀଙ୍କୁ ସାମିଲ କରିବାକୁ ପରାମର୍ଶ

ଚଳିତ ଖରିଫ୍ ଋତୁରେ ରାଜ୍ୟରେ କମ୍ ବର୍ଷା ହୋଇଛି। ସମ୍ଭାବ୍ୟ ଫସଲ କ୍ଷତିକୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ମଙ୍ଗଳବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ସମବାୟ ବିଭାଗର ଯୁଗ୍ମ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷିମନ୍ତ୍ରୀ ଡ. ଅରୁଣ ସାହୁ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଭାଗୀୟ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସ୍ଥିତିର ସମୀକ୍ଷା କରିଛନ୍ତି।

ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ଅଞ୍ଚଳରେ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟରେ ଜଳସେଚନ କରାଯିବା, ଅଚଳ ହୋଇ ପଡ଼ିଥିବା ଉଠା ସେଚ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୃଷି, ସମବାୟ ଓ ଜଳସମ୍ପଦ ବିଭାଗର କ୍ଷେତ୍ର ଅଧିକାରୀମାନେ ଚାଷଜମି ଅନୁଧ୍ୟାନ କରି ଜରୁରିକାଳୀନ ଯୋଜନା ପ୍ରସ୍ତୁତ କରିବା, କ୍ଷେତ୍ର ଅଧିକାରୀମାନେ ଧାନ ଫସଲର ସଦ୍ୟତମ ସ୍ଥିତି ସମ୍ପର୍କରେ ନିୟମିତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟକୁ ଅବଗତ କରାଇବା ପାଇଁ କୁହାଯାଇଛି। କୃଷିମନ୍ତ୍ରୀ କହିଲେ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିଅଣ୍ଟିଆ ବର୍ଷା ପରିପ୍ରେକ୍ଷୀରେ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ପ୍ରଭାବିତ ଅଞ୍ଚଳରେ ସେପ୍ଟେମ୍ବରରେ ପ୍ରାକ୍‌ରବିରେ ଅଣଧାନ ଓ ବିକଳ୍ପ ଚାଷ କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେବା ଆବଶ୍ୟକ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗର ଅଧିକାରୀ ସମନ୍ୱୟ ବୈଠକ କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମବାୟ ମନ୍ତ୍ରୀ କହିଲେ, କ୍ଷତି ଭରଣା ଲାଗି ଅଧିକରୁ ଅଧିକ ଚାଷୀଙ୍କୁ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଚାଷୀମାନେ ଯେପରି ତୁରନ୍ତ କ୍ଷତିପୂରଣ ପାଇପାରିବେ, ସେଥିଲାଗି ବୀମା କମ୍ପାନୀଗୁଡ଼ିକୁ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଅଧିକ ଫସଲ ଋଣ ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଉଛି। କୃଷି ଶ୍ରମଜୀବୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରୋଜଗାରକ୍ଷମ କରାଯିବାକୁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ସମବାୟ ସମିତି ସମୂହର ରେଜିଷ୍ଟ୍ରାର ସୁଶାନ୍ତ କୁମାର ବାରିକ୍, ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଅସୀମ କୁମାର ମହାପାତ୍ର, ମହାନଦୀ-କାଠଯୋଡ଼ି ସିଷ୍ଟମ୍‌ର ମୁଖ୍ୟଯନ୍ତ୍ରୀ ଭକ୍ତଚରଣ ମହାନ୍ତି, ବୃହତ୍ ଉଠାଜଳସେଚନ ମୁଖ୍ୟଯନ୍ତ୍ରୀ ଚିନ୍ମୟ ରଞ୍ଜନ ରାଉତ, ଓୟୁଏଟିର ଡିନ୍ ସମ୍ପ୍ରସାରଣ ପ୍ରଫେସର ପି.ଜେ. ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ସମଲେଇ ଯୋଜନାରେ ସମ୍ବଲପୁର ଘୁନ୍‌ଘୁଟିପଡ଼ାର ୨୫୦ ପରିବାରକୁ ନିକଟସ୍ଥ ଫିଶେରି ବନ୍ଧ କିମ୍ବା ନର୍ସରିଠାରେ ଥଇଥାନ କରାଯିବା ଦାବିରେ ମଙ୍ଗଳବାର ଘୁନ୍‌ଘୁଟିପଡ଼ାବାସୀଙ୍କ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

## ଓଡ଼ିଶା ୨୦୩୩ ଯାଏ...

ପ୍ରଥମ ପୃଷ୍ଠାରୁ...

ସମସ୍ୟାବହୁଳ ସମୟରେ ଦୁଇ ଦଳ କୋଟି କୋଟି ଭାରତୀୟଙ୍କ ମୁହଁରେ ହସ ଫୁଟାଇଛନ୍ତି। ଆମର ଏହି ପୁରୁଷ ଓ ମହିଳା ହକି ଖେଳାଳିମାନଙ୍କଠାରେ ଆମେ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହକି ଇଣ୍ଡିଆ ସହିତ ଆମର ସହଭାଗିତା ଏବେ ଉଦାହରଣ ସୃଷ୍ଟି କରିଛି। ଏଥିପାଇଁ ଆମେ ବେଶ୍ ଖୁସି ଓ ଗର୍ବିତ। ଶେଷରେ ଏହା ଦେଶ ପାଇଁ ଗୌରବ ଆଣିଦେଇଛି ଓ ଆମର ହକି ଦଳଗୁଡ଼ିକ ବହୁତ କିଛି ହାସଲ କରିପାରିଛନ୍ତି। ଓଡ଼ିଶା ଓ ହକି ଏବେ ସମାନ ଅର୍ଥବୋଧକ ଶବ୍ଦ ବନିଯାଇଛନ୍ତି। ଉଭୟ ପରସ୍ପର ପାଇଁ ପରିପୂରକ ହୋଇଛନ୍ତି। ଏହି ସହଭାଗିତା ଆଗକୁ ଜାରି ରହିବ। ଓଡ଼ିଶା ଆଉ ୧୦ ବର୍ଷ ଭାରତୀୟ ହକି ଦଳର ପ୍ରାୟୋଜକ ରହିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଆଗାମୀ ଦିନରେ ହକିର ନୂଆ ଯୁଗ ସୃଷ୍ଟି ହେବ ଓ ଦେଶ ପାଇଁ ଆହୁରି ଗୌରବମୟ ଇତିହାସ ସୃଷ୍ଟି ହେବ ବୋଲି ଏଥିରୁ ସୂଚନା ମିଳୁଛି।

### ୧୩ଟି ପୁରସ୍କାର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋଟ ଉପରେ ୧୩ଟି ପୁରସ୍କାର ପ୍ରଦାନ କରିଥିଲେ। ପୁରୁଷ ହକି ଦଳର ସଦସ୍ୟ ହରମନପ୍ରୀତ ସିଂଙ୍କୁ 'ପ୍ଲେୟର ଅଫ୍ ଦି ମ୍ୟାକ୍ସିମମ୍ ନମ୍ବର ଅଫ୍ ଗୋଲ ସ୍କୋର' ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅଭିଜ୍ଞ ପୁରୁଷ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ 'ମ୍ୟାକ୍ସିମମ୍ ନମ୍ବର ଅଫ୍ ଗୋଲ୍ସ ସେଭ୍ସ' ପୁରସ୍କାର ଦିଆଯାଇଥିଲା। ନୀଳକାନ୍ତ ଶର୍ମାଙ୍କୁ 'ପ୍ଲେୟର ଅଫ୍ ମ୍ୟାକ୍ସିମମ୍ ନମ୍ବର ଅଫ୍ ଗୋଲ ଆସିଷ୍ଟ' ପୁରସ୍କାର ଦିଆଯାଇଥିଲା। ରୂପିନ୍ଦର ପାଲ ସିଂଙ୍କୁ 'ପ୍ଲେୟର ଅଫ୍ ମ୍ୟାକ୍ସିମମ୍ ନମ୍ବର ଅଫ୍ ଡିଫେନ୍ସିଭ ଟ୍ୟାକଲ୍ସ' ପୁରସ୍କାର ଦିଆଯାଇଥିଲା। ସେହିପରି ଓଡ଼ିଆ ଖେଳାଳି ଅମିତ ରୋହିଦାସ ଓ ହରମନପ୍ରୀତ ସିଂଙ୍କୁ 'ପ୍ଲେୟର ଅଫ ଦି ମ୍ୟାକ୍ସିମମ୍ ଇଣ୍ଟରସେପସନ୍ସ ଇନ୍ ମିଡ୍‌ଫିଲ୍ଡ' ପୁରସ୍କାର ଦିଆଯାଇଥିଲା।

### ଦୀପ୍ ଗ୍ରେସ୍‌ଙ୍କୁ ସ୍ୱତନ୍ତ୍ର ପୁରସ୍କାର

ସେହିପରି ମହିଳା ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଡ୍ରାଗ୍ ଫ୍ଲିକର ଗୁରଜିତ କୌର ଓ ବନ୍ଦନା କାଟାରିୟା 'ପ୍ଲେୟର ଅଫ୍ ମ୍ୟାକ୍ସିମମ୍ ନମ୍ବର ଅଫ୍ ଗୋଲ ସ୍କୋରର୍' ପୁରସ୍କାର ପାଇଥିଲେ। ଗୋଲକିପର ସବିତା ପୁନିଆ 'ପ୍ଲେୟର ଅଫ୍ ଦି ମ୍ୟାକ୍ସିମମ୍ ନମ୍ବର ଅଫ୍ ଗୋଲ ସେଭ୍ସ' ପୁରସ୍କାର ହାସଲ କରିଥିଲେ। ଅଧିନାୟିକା ରାଣୀ ରାମପଲ ଓ ନବନୀତ କୌର ଯୁଗ୍ମଭାବେ 'ପ୍ଲେୟର ଅଫ୍ ଦି ମ୍ୟାକ୍ସିମମ୍ ନମ୍ବର ଅଫ୍ ଗୋଲ ଆସିଷ୍ଟ' ପୁରସ୍କାର ହାସଲ କରିଥିଲେ। ସେହିପରି ଓଡ଼ିଆ ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କାଙ୍କୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ 'ପ୍ଲେୟର ଅଫ୍ ମ୍ୟାକ୍ସିମମ୍ ନମ୍ବର ଅଫ୍ ଡିଫେନ୍ସିଭ ଟ୍ୟାକଲ୍ସ' ପୁରସ୍କାର ପ୍ରଦାନ କରାଯାଇଥିଲା। ପି. ସୁଶୀଳା ଚାନୁଙ୍କୁ 'ପ୍ଲେୟର ଅଫ୍ ମ୍ୟାକ୍ସିମମ୍ ଇଣ୍ଟରସେପସନ ଇନ୍ ଦି ମିଡ୍‌ଫିଲ୍ଡ' ପୁରସ୍କାର ଦିଆଯାଇଥିଲା। ସ୍ୱତନ୍ତ୍ର ପୁରସ୍କାର ପାଇଥିବା ଏହି ସବୁ ଖେଳାଳିଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ତଥା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ଧ୍ରୁବ ବାତ୍ରା ଦେଶରେ ଅଲିମ୍ପିକ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କ ଉନ୍ନତି ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଛନ୍ତି। ଦେଶରେ ହକିର ପୁନରୁଦ୍ଧାର ପାଇଁ ମଧ୍ୟ ସେ ବହୁତ କିଛି କରିଛନ୍ତି। ସାରା ବିଶ୍ୱରେ ମଧ୍ୟ ହକିର ପ୍ରଚାର ଓ ପ୍ରସାର ପାଇଁ ସେ ଜଣେ ଦକ୍ଷ ପ୍ରଶାସକ ଭାବେ ଆଖିଦୃଶିଆ କାର୍ଯ୍ୟ କରିଛନ୍ତି। ସେଥିପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଆ ଡାକ୍ତର ତଥା ଟୋକିଓ ଅଲିମ୍ପିକ୍ସର ପ୍ରଥମ ଭାରତୀୟ ଏଫ୍‌ଆଇଏଚ୍ ମେଡିକାଲ ଅଫିସର ବିଭୁ କଲ୍ୟାଣ ନାୟକଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ ଓ ତାଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

ଟୋକିଓ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଓ ଏଫ୍‌ଆଇଏଚ୍‌ରେ ଭାରତ ର୍‌ୟାଙ୍କିଙ୍ଗ୍‌ରେ ଉନ୍ନତି କରିଥିବାରୁ ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋବାମ, ସାଧାରଣ ସମ୍ପାଦକ ରାଜିନ୍ଦର ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ଓ ହକି ଇଣ୍ଡିଆର ସବୁ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବା ସହ ଫେଡେରେଶନକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ତଥା ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଅଧିନାୟକ ମନପ୍ରୀତ ସିଂ ଓ ଅଧିନାୟିକା ରାଣୀ ରାମପଲ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ।

# ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୧ ନମ୍ବର

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

**ସୂଚନା ପ୍ରଦାନ, ସ୍ୱଚ୍ଛତା ସୂଚକାଙ୍କ**

ସୂଚନା ପ୍ରଦାନ ଏବଂ ସ୍ୱଚ୍ଛତା ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମଗ୍ର ଦେଶରେ ୧ ନମ୍ବର ସ୍ଥାନ ହାସଲ କରିଛି। ଦେଶରେ କାର୍ଯ୍ୟ କରୁଥିବା ୩୧ଟି ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଦୂଷଣ ନିୟନ୍ତ୍ରଣ କମିଟିଗୁଡ଼ିକର କାର୍ଯ୍ୟର ଅନୁଶୀଳନ କରାଯାଇଥିଲା। ବୋର୍ଡର କାର୍ଯ୍ୟକଳାପ, ସେବା ପ୍ରଦାନ, ପ୍ରଦୂଷଣ ସ୍ତର, ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଆଦି ସମ୍ବନ୍ଧୀୟ ତଥ୍ୟକୁ ବିଚାରକୁ ନିଆଯାଇଥିଲା। ସାର୍ବଜନୀନ ୱେବ୍ ପୋର୍ଟାଲରେ ସୂଚନା ଓ ସେବା ପ୍ରଦାନ ମାପିବା ପାଇଁ ୧୮ଟି ବିଭିନ୍ନ ମାନକ ପ୍ରସ୍ତୁତ କରାଯାଇଥିଲା। ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ତଥ୍ୟକୁ ବିଚାର କରାଯାଇଥିଲା। ଏହି ଅନୁଶୀଳନରେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୬୭ ପ୍ରତିଶତ ନମ୍ବର ରଖି ୧ ନମ୍ବର ସ୍ଥାନ ହାସଲ କରିଛି। ଓଡ଼ିଶା ସହ ତେଲଙ୍ଗାନା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ସମପରିମାଣ ନମ୍ବର ପାଇଛି। ସେହିପରି ତାମିଲନାଡୁ ପ୍ରଦୂଷଣ ବୋର୍ଡ ୬୫.୫ ପ୍ରତିଶତ, ମଧ୍ୟପ୍ରଦେଶ ୬୪ ପ୍ରତିଶତ ଏବଂ ପଶ୍ଚିମବଙ୍ଗ ୬୨ପ୍ରତିଶତ ନମ୍ବର ସହ ତାଲିକାରେ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦୂଷଣ ବୋର୍ଡର ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ୍ ବୋର୍ଡର ଏହି ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିପାଇଁ ବୋର୍ଡର ସମସ୍ତ ଅଧିକାରୀ ଏବଂ କର୍ମକର୍ତ୍ତାଙ୍କୁ ମୁଖ୍ୟ ଶାସନ ସଚିବ ଧନ୍ୟବାଦ ଜଣାଇବା ସହ ପ୍ରାକୃତିକ ପରିବେଶ ପରିଚାଳନାରେ ସମସ୍ତ ପକ୍ଷଙ୍କୁ ସାମିଲ କରି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱଚ୍ଛତା ବର୍ଗୀକରଣ ବିଷୟରେ ସୂଚନା ଦେଇ ମୁରୁଗେସେନ୍ କହିଛନ୍ତି ଯେ ବିଜ୍ଞାନ ଓ ପରିବେଶ କେନ୍ଦ୍ର ଦ୍ୱାରା ସମଗ୍ର ଦେଶରେ ଏହି ଅନୁଧ୍ୟାନ କରାଯାଇଥିଲା। ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା, ଉତ୍ପାଦନ ଆରମ୍ଭ, ବିପଜ୍ଜନକ ବର୍ଜ୍ୟର ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଅନ୍‌ଲାଇନ ଦେୟ ପୈଠ ବ୍ୟବସ୍ଥା, ଅନୁମତି ପତ୍ରର ସ୍ୱୟଂକ୍ରିୟ ନବୀକରଣ ବ୍ୟବସ୍ଥା, ଇ-ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପଞ୍ଜୀକରଣ, ତଥ୍ୟ ଅନୁଶୀଳନକାରୀ ଓ ପ୍ରଦୂଷଣ ମାପକ କ୍ୟାମେରାରୁ ସଦ୍ୟତନ ତଥ୍ୟ (ରିଅଲଟାଇମ୍ ଡାଟା) ପ୍ରକାଶ ଆଦି ପ୍ରମୁଖ ସେବାକୁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ପ୍ରଦୂଷଣ ବିଷୟରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ସମାଧାନ ପାଇଁ ମଧ୍ୟ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ମୋବାଇଲ୍ ଆପ୍ ସେବା ଆରମ୍ଭ କରାଯାଇଛି।

## ଆପିକଲ୍‌ର ନୂତନ ୱେବ୍‌ସାଇଟ ଲୋକାର୍ପିତ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ରାଜ୍ୟରେ କୃଷି ଉଦ୍ୟୋଗ ଲାଗି ବ୍ୟାପକ ସୁଯୋଗ ରହିଛି। ଏହାଦ୍ୱାରା ଚାଷୀଙ୍କ ଆୟ ବଢ଼ିବ ବୋଲି କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମଙ୍ଗଳବାର କୃଷି ଭବନ ପରିସରରେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ (ଆପିକଲ)ର ନୂତନ ୱେବ୍‌ସାଇଟ୍ ଲୋକାର୍ପଣ ସମାରୋହରେ ଯୋଗଦେଇ ମନ୍ତ୍ରୀ କହିଲେ, ରାଜ୍ୟ ସରକାର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲାଗି ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଉଦ୍ୟୋଗଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଲାଗି ପ୍ରୋତ୍ସାହନ ସହିତ ଆକର୍ଷଣୀୟ ରିହାତି ଦିଆଯାଉଛି। ଯୁବ ଉଦ୍ୟୋଗୀମାନେ ଏଥିଲାଗି ଆଗେଇ ଆସିବା ଉଚିତ। ଆପିକଲର ଏହି ନୂତନ ୱେବ୍‌ସାଇଟ୍ ସେମାନଙ୍କ ଲାଗି ସହାୟକ ହେବ ବୋଲି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଆପିକଲର ତ୍ରୈମାସିକ ନିଉଜ୍‌ଲେଟର 'ଉଦ୍ୟମିତାର' ଉନ୍ମୋଚନ କରାଯାଇଥିଲା।


**DIRECTORATE OF MEDICAL EDUCATION & TRAINING, ODISHA**
**CORRIGENDUM NOTICE**

**No. 10551 Bhubaneswar Dt.12.08.2021**

No. E-348: In view of the administrative exigency, the "Last date of submission of proposal" and "Date of opening of proposal" for "selection of agency for Integration of Ambulances Services (Public & Private) for Golden Hour Management" is hereby revised, as mentioned below.

i) Last date for submission of complete proposal : 23.08.2021 upto 05.00 P.M.
ii) Date & time of opening of Proposal & Presentation : 24.08.2021 at 3.30 P.M.

The terms and conditions of RFP as revised upon queries made by the Bidders in the Pre-Bid Meeting are available in the website of DMET, Odisha i.e. **www.dmetodisha.gov.in** in the news and event section.

**Sd./- Addl. DMET, Odisha**
OIPR-10016/11/0008/2122



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 11368 Dated: 13.08.2021**

**Bid Identification No. MC/RMC/36/2021**

No. C-755: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online Mode. Bid Identification No. MC/RMC/36/2021 for 07 Nos. different electrical work with value of Rs.4.38 lakh to Rs.11.73 lakh.

1. Bid documents will be available in website **www.tendersorissa.gov.in** from 17.08.2021.
2. Bids must be submitted on "Online" on or before 01.09.2021 by 17.00 hours.
3. Bids shall be opened at 11.00 hours on 02.09.2021 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0026/2122


## ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୧୭।୮ (ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଅଗଷ୍ଟ ୧୬ ତାରିଖ ଶିକ୍ଷକ ସଂଘର ଦାବି ଦିବସରେ ୬୬୨କଲେଜ ସଂଘ ଓ ୪୮୮କଲେଜ ସଂଘ ପ୍ରତିନିଧି ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସପ୍ତମ ବେତନ ହାରରେ ଦରମା ସହିତ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ସୁବିଧା, ଅଧ୍ୟାପକଙ୍କ ପ୍ରଥମ ପଦବୀ ପୂରଣ ଓ ଟ୍ୟୁଟୋରିଆଲ କ୍ଲାସ୍‌କୁ ଅନ୍ତର୍ଭୁକ୍ତ କରିବା, ଯୁକ୍ତ୨ ଓ ଯୁକ୍ତ୩କୁ ପୃଥକୀକରଣ କରିବା, ଦ୍ୱିତୀୟ କିରାଣି, ତୃତୀୟ ପିଅନ, ରାତ୍ର ଜଗୁଆଳ, ଗ୍ରନ୍ଥାଗାର ଆଟେଣ୍ଡାଣ୍ଟମାନଙ୍କୁ ଅନୁଦାନ ନିୟମରେ ଅନ୍ତର୍ଭୁକ୍ତ କରିବା, ଚାକିରି କାଳ ୬୦ ବର୍ଷରୁ ୬୨ ବର୍ଷକୁ ବର୍ଦ୍ଧିତ କରିବା ଆଦି ଦାବି କରାଯାଇଛି। ୬୬୨ ସଂଘ ସଭାପତି ଗୋଲକ ନାୟକ, ୪୮୮ସଂଘର ସଭାପତି ପବିତ୍ର ମହଲାଙ୍କ ସମେତ ସଓାପ ଉଦ୍ଦିନ ଅହମଦ, ଅଟଳ ବଳ, ଗଗନ ବେଉରା ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଏକ ବୈଠକ ଡକାଯାଇ ୨ ସଂଘର ଅସଂଗତି ଉପରେ ଆଲୋଚନା କରାଯାଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନରେ କଲେଜ ସଂଘ ତରଫରୁ ରଞ୍ଜନ ପ୍ରଧାନ, ତପନ ଜେନା, ଅଶୋକ ପୁରୋହିତ, ପ୍ରଶାନ୍ତ ପ୍ରଧାନ, ପ୍ରଭାତ ଶତପଥୀ, କୈଳାସ ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ବସ୍ତିଆ ପ୍ରମୁଖ ସଭା ପରିଚାଳନା କରିଥିଲେ।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୧୧୯୦୨/IND-II-PH-922 ତାରିଖ ୧୨।୦୮।୨୦୨୧
No.CAD-898

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ତହସିଲଦାର, ରଘୁନାଥପୁର ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ରଘୁନାଥପୁର ତହସିଲ ଅନ୍ତର୍ଗତ ଜୟପୁର-ନୂଆପଡ଼ାରେ** ୧୬.୧୬ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ **ଜୟପୁର-ନୂଆପଡ଼ା ମହାନଦୀ ପଠା କ୍ଲଷ୍ଟର ବାଲିଘାଟ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୨।୦୯।୨୦୨୧ରିଖ ଦିବା ୧୦.୩୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଜୟପୁର ସ୍ଥିତ ପି.ଡବ୍ଲ୍ୟୁ.ଡି ଆଇ.ବି.-କମ୍-ରେଷ୍ଟ ସେଡ୍‌ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଜଗତ୍‌ସିଂହପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଜଗତ୍‌ସିଂହପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଜଗତ୍‌ସିଂହପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ପାରାଦୀପ** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ପାରାଦୀପ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./-ସଦସ୍ୟ ସଚିବ**
OIPR-08012/11/0043/2122



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**

**No. 11371 Dated: 13.08.2021**

**Bid Identification No. MC/RMC/37/2021**

No. C-761: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online Mode. Bid Identification No. MC/RMC/37/2021 for 01 No. Civil work with value of Rs.73.57 lakhs.

1. Bid documents will be available in website **www.tendersorissa.gov.in** from 17.08.2021.
2. Bids must be submitted on "Online" on or before 01.09.2021 by 17.00 hours.
3. Bids shall be opened at 11.00 hours on 02.09.2021 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0027/2122



idco ODISHA No.CAD-905

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**

**Bid Identification No. Civil/EST-20/2021-22**
**13223 / 13.08.2021**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work: Construction of Central Library Building at Government College of Engineering, Keonjhar
2. Value of the Work: Rs.997.95 lakhs
3. Period of Completion: 11 (Eleven) Calendar Months
4. Availability of tender online for Bidding:
   i. Start Date: 18.00 hours of Dt.21.08.2021.
   ii. End Date: 17.00 hours of Dt.09.09.2021.
   iii. Opening Date: 11.30 hours of Dt.13.09.2021.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil)**
**IDCO, Bhubaneswar**
OIPR-14003/11/0053/2122



Annexure - II

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), GANJAM (DISTRICT)**

**Phone: 06811-263931/9438200041, District Website: www.ganjam.nic.in**

**Tender No. 5337 Dt.16.08.2021**

No. CAD-909: District Manager, Odisha State Civil Supplies Corporation Ltd., Ganjam (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transportation of wheat from Food Storage Depot (FSD), FCI to Rice Receiving Centres (RRC) of Ganjam |
| 2 | Availability of bid document in the portal | From 17.08.2021 (Date) |
| 3 | Last Date/time for receipt of bids in the portal | Dt.31.08.2021 upto 05.30 (P.M.) |
| 4 | Date/Time of Opening of Technical Bid | Dt.01.09.2021 at 11.30 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam (District), Chatrapur |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Ganjam**
OIPR-07034/11/0005/2122



**OFFICE OF THE SUPERINTENDING ENGINEER, RWS&S DIVISION BHANJANAGAR- 761126**
**Phone No.-06821-241026 (O)/ 241079(R),**
No.O-540:- **Fax No.-06821-241026/240056**
**e-mail: eerwss_bnj@nic.in, eerwssbnj2009@gmail.com**
**Govt. of Orissa "e" Procurement Notice**
**Bid Identification No. S.E._RWS&S_29/2021-22**

1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover system according to the norm of "e" Procurement system in online mode for providing 100% functional TAP connection for different PWS Schemes in Ganjam District from the eligible contractors as per DTCN.
2. Nature of work : Supplying all labour T&P and materials for construction of valve chamber, 100% house connection laying of distribution of pipeline etc. for different PWS schemes in the Ganjam District.
3. No. of tender : 02 Nos.
4. Tender paper cost : Rs.4000/- to 6000/-
5. Tender cost : 17.65 lakhs to 49.66 lakhs
6. Class of contractor : D, C, B & A
7. Date and time of availability of bid document in the portal : Dt.18.08.2021 at 11.00 A.M. to 26.08.2021 upto 5.00 P.M.
8. Date of opening of bid : Dt.27.08.2021 at 11.00 A.M.
9. Period of completion : 90 (Ninety) days
10. The bidders have to participate in online bidding only. Further details can be seen from the website https://tendersorissa.gov.in

**Sd./- Superintending Engineer,**
**RWS&S Division, Bhanjanagar**
OIPR-25021/11/0023/2122

# ଜାଣି ରଖନ୍ତୁ



➤ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।

➤ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।

➤ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।

➤ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମଇଁଷି ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

➤ବର୍ଷାଦିନେ ଗୋ-ମଇଁଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମଇଁଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।

# ମାଛ ଯାଆଁଳ ସଂଗ୍ରହ ସମୟରେ..

ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।



# ଆଖୁ ଚାଷରେ କାଣ୍ଡବିନ୍ଧା ପୋକ ଦମନ

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ। ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ। ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



# ଗହ୍ମା ଓ ଗୋପୂଜନ



ଡ. ବୀର କିଶୋର ପରିଡ଼ା



ଗହ୍ମାପୂର୍ଣ୍ଣିମା ଏକ ମହାନ୍ କୃଷିଭିତ୍ତିକ ପର୍ବ। ଚଳିତ ମାସ ୨୨ ତାରିଖ ରବିବାର ଦିନ ସମଗ୍ର ରାଜ୍ୟ ତଥା ଦେଶରେ ପାଳିତ ହେବାକୁ ଯାଉଛି ଗହ୍ମାପର୍ବ। ଗହ୍ମାପର୍ବର ଅର୍ଥ ଗୋମାତାର ପର୍ବ। ଏହି ପର୍ବକୁ ଶ୍ରାବଣ ପୂର୍ଣ୍ଣିମା, ରାଖୀ ପୂର୍ଣ୍ଣିମା ଅଥବା ଶ୍ରୀବଳଭଦ୍ରଙ୍କ ଜନ୍ମତିଥିରେ ପାଳନ କରାଯାଉଥିବାରୁ ଗହ୍ମାପୂର୍ଣ୍ଣିମା ବୋଲି କୁହାଯାଏ। ଗହ୍ମାର ଅନ୍ୟ ଅର୍ଥ ହେଲା- ଗଭୀରମୁହାଁ ଲଙ୍ଗଳ, ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ। କୃଷିର ଆଦ୍ୟ ଦେବତା ଭାବେ ବଳଭଦ୍ରଙ୍କୁ ଅଭିହିତ କରାଯାଏ। ଗହ୍ମାର ଅନ୍ୟ ଅର୍ଥ ହେଲା ଏକ ଉଚ୍ଚ ସ୍ଥାନ। ଗହ୍ମାଡିଆଁକୁ ଉଚ୍ଚ ସ୍ଥାନରୁ ଡେଇଁବାକୁ ହିଁ ବୁଝାଇଥାଏ। ସର୍ବପ୍ରଥମେ ଗୋପପୁରରେ ଗହ୍ମାଡିଆଁ ଖେଳ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଗହ୍ମାପୂର୍ଣ୍ଣିମା ଉତ୍ସବ ପାରମ୍ପରିକ ଭାବେ ସର୍ବଭାରତୀୟ ସ୍ତରରେ ପାଳନ କରାଯାଉଛି। ଏହିଦିନ ଗୋରୁ ବିଶେଷକରି ବଳଦମାନଙ୍କର ପୂଜାର୍ଚ୍ଚନା କରାଯାଏ। କାରଣ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସମ୍ପଦ ଉପରେ ହିଁ ନିର୍ଭର କରିଥାଏ।

ଗହ୍ମାପୂର୍ଣ୍ଣିମା ଦିନକୁ ପ୍ରଭୁ ଶ୍ରୀବଳଭଦ୍ରଙ୍କର ଜନ୍ମଦିବସ ଭାବେ ପାଳନ କରାଯାଏ। ବଳଭଦ୍ରଙ୍କର ମୁଖ୍ୟ ଆୟୁଧ ହେଉଛି ହଳ ଲଙ୍ଗଳ। ବଳଭଦ୍ରଙ୍କର ଅନ୍ୟନାମ ହଳଧର ଯାହା କୃଷିର ପ୍ରତୀକ। ପ୍ରଭୁଶ୍ରୀ ବଳଭଦ୍ର ହେଉଛନ୍ତି ବଳ ଓ ଜ୍ଞାନର ପ୍ରତୀକ ଏବଂ ସର୍ବୋପରି କୃଷିର ଦିଗ୍‌ଦ୍ରଷ୍ଟା। ଭଗବାନ ବଳରାମ କୃଷିର ଉନ୍ନତି, ଗୋସେବା ଓ ଗୋରକ୍ଷାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ।

ଗହ୍ମାପୂର୍ଣ୍ଣିମାରେ କୃଷି ଉତ୍ପାଦନର ପ୍ରମୁଖ ସହାୟକ ବଳଦକୁ କୃଷକମାନେ ତେଲ ହଳଦୀ ଲଗାଇବା ପରେ ସ୍ନାନ କରାଇ ଗୋଡ଼କୁ ପଇଡ଼ ପାଣିରେ ଧୋଇଦିଅନ୍ତି। ତା'ପରେ ସିନ୍ଦୂର ଫୁଲମାଳ ଓ ଶିଙ୍ଗରେ ରାଖୀବାନ୍ଧି ଦିଅନ୍ତି। ଘର ଦୁଆର ଓ ଗୁହାଳ ଲିପା ପୋଛା ସହିତ କାନ୍ଥରେ ଚିତାରେ ଲଙ୍ଗଳ, ବଳଦ ଆଦିର ଝୋଟି ପକାଇଥାଆନ୍ତି। କୃଷକ ତା'ର ପରିବାର ସହ ପ୍ରତ୍ୟୁଷରୁ ସ୍ନାନକରି ପ୍ରଭୁ ଶ୍ରୀବଳଭଦ୍ରଙ୍କ ସହ ହଳ ଲଙ୍ଗଳ ଓ ବିଭିନ୍ନ କୃଷି ଉପକରଣ ଯଥା - ମହି, କୋଡ଼ି, କାଙ୍କ, କୋଦାଳ, ଗଇଁତି ଏବଂ ଗୋ-ପୂଜା ଆଦି ଆନନ୍ଦଉଲ୍ଲାସରେ ପାଳନ କରିଥାଏ। ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ। ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା - ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ରାଜ୍ୟ ସରକାର ରାଜ୍ୟରେ ଗୋସମ୍ପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ବ୍ୟାପକ ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି। କରୋନା ଯୋଗୁ କ୍ଷତିଗ୍ରସ୍ତ ଦୁଗ୍ଧ ଚାଷୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଓମ୍‌ଫେଡ଼ର ଦୁଗ୍ଧ ସମବାୟ ସମିତି ଜରିଆରେ ପ୍ରତି ଦୁଗ୍ଧ ଚାଷୀଙ୍କୁ ଦେଉଥିବା ଦୁଗ୍ଧ ଲିଟର ପିଛା ୪୦୦ ଗ୍ରାମ୍ ଦାନା ବାବଦକୁ ୬ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଓମଫେଡ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଚଳିତ ମାସ ୫ରେ ଶୁଭାରମ୍ଭ କରିଛନ୍ତି। ଫଳରେ ଆମ ରାଜ୍ୟର ୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେଉଛନ୍ତି। ସେଥିପାଇଁ ସରକାର ୧୧କୋଟି ଟଙ୍କାର ଏକ ପ୍ୟାକେଜ ଦୁଗ୍ଧ ଚାଷୀଙ୍କୁ ଲୋକାର୍ପଣ କରିଛନ୍ତି।

ସବୁଜ ଘାସ ହିଁ ଗୋରୁଙ୍କ ପ୍ରଧାନ ଖାଦ୍ୟ। ସେଥିପାଇଁ ସରକାର ତଥା ପ୍ରାଣୀ ସମ୍ପଦ ବିକାଶ ବିଭାଗ ମିନିକିଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ମକା, ବରୁଗୁଡ଼ି ଆଦି ଘାସ ଦୁଗ୍ଧ ଚାଷୀଙ୍କୁ ଯୋଗାଇ ଦେଇଛନ୍ତି। ଏଥିସହିତ ଆଜୋଲା ଚାଷ, ଘାସ ଆଚାର (ସାଇଲେଜ), ଖାଦ୍ୟଶସ୍ୟର ଅବଶିଷ୍ଟାଂଶର ପୁଷ୍ଟିବର୍ଦ୍ଧନ ନିମନ୍ତେ କିଟ୍‌ସ ପ୍ରଦାନ ସହିତ ଚାଷୀଙ୍କ ଘର ପାଖରେ ଡେମୋ ମାଧ୍ୟମରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

ସେହିଭଳି ରାଷ୍ଟ୍ରବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ୧ ଓ ୨ ମାଧ୍ୟମରେ ମାଗଣାରେ କୃତ୍ରିମ ପ୍ରଜନନ ସେବା ଦୁଗ୍ଧ ଚାଷୀଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଇଅଛି। ଚଳିତ ବର୍ଷ ମଧ୍ୟ ଏହି ସେବା ଅଗଷ୍ଟ ୧ରୁ ଆରମ୍ଭ ହୋଇଛି ଏବଂ ଜୁଲାଇ ୨୦୨୨ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ଉପଲବ୍ଧ କରାଯାଇଅଛି, ଯାହା ଫଳରେ ବାକି ରହିଥିବା ଗୋ ସମ୍ପଦକୁ ଅନ୍ତର୍ଭୁକ୍ତ କରି ସମସ୍ତ ଗାଈ ବା ଛଡ଼ାଙ୍କୁ ଏହି ସେବା ପରିସରଭୁକ୍ତ କରିବା ହେଉଛି ସରକାରଙ୍କର ଆଭିମୁଖ୍ୟ। ଏଥିସହିତ ରାଜ୍ୟର ୧୦୦ଗୋଟି କୃତ୍ରିମ ପ୍ରଜନନ କେନ୍ଦ୍ର ଯୋଗେ କୃତ୍ରିମ ପ୍ରଜନନରେ ସେକ୍ସ ସିମେନ୍ ବ୍ୟବହାର କରି ଏକ ପାଇଲଟ ପ୍ରୋଜେକ୍ଟ ମାଧ୍ୟମରେ କରାଯାଇ ଉନ୍ନତ ମାଈ ବାଛୁରୀ ସୃଷ୍ଟି କରାଯାଉଅଛି। ସେହିଭଳି ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋସମ୍ପଦକୁ ସୁରକ୍ଷା ଦେବା ପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ ଆଦି ରୋଗର ଶତ ପ୍ରତିଶତ ପ୍ରାଣୀକୁ ପ୍ରତିଷେଧକ ଟିକା ପ୍ରଦାନ କରାଯାଉଅଛି। ରାଜ୍ୟ ତଥା ଦେଶରୁ ଫାଟୁଆ ରୋଗକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ସୀମିତ ରଖିବା ପାଇଁ ୨୦୨୫ ସୁଦ୍ଧା ନିୟନ୍ତ୍ରଣ ଓ ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଜାତୀୟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗୋମହିଷାଦିଙ୍କୁ ଫାଟୁଆ ଟିକା ଯୁଦ୍ଧକାଳୀନ ଭିତ୍ତିରେ ପ୍ରଦାନ କରାଯାଉଅଛି। ରାଜ୍ୟର ଅପହଞ୍ଚ ଜିଲାରେ ପ୍ରାଣୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଣୀତ ଏକ ପ୍ରମୁଖ କାର୍ଯ୍ୟକ୍ରମ ସ୍ୱରୂପ ୩୧୪ଟି ବ୍ଲକରେ ଭ୍ରାମ୍ୟମାଣ ଗାଡ଼ି ମାଧ୍ୟମରେ ପ୍ରାଣୀ ଚିକିତ୍ସା ସେବା ଉପଲବ୍ଧ କରାଯାଇଅଛି। ୨୦୧୯ ପ୍ରାଣୀଧନ ଗଣନା ଅନୁଯାୟୀ ଆମ ରାଜ୍ୟରେ ସମୁଦାୟ ଗୋରୁ ୯୯.୦୩ ଲକ୍ଷ ଥିବା ବେଳେ ମଇଁଷି ୪.୫୮ ଲକ୍ଷ ଅଛନ୍ତି। ତନ୍ମଧ୍ୟରୁ ସଙ୍କର ଗୋରୁ ୧୫.୮୦ ଲକ୍ଷ ଥିବାବେଳେ ଦେଶୀ ଗୋରୁ ସଂଖ୍ୟା ୮୩.୨୩ ଲକ୍ଷ। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨୦୧୯-୨୦ ବର୍ଷରେ ୨୩୭୦ ହଜାର ମେଟ୍ରିକ ଟନ୍ ହୋଇଥିବା ବେଳେ ଦୈନିକ ମୁଣ୍ଡପିଛା ଉପଲବ୍ଧ ହେଉଥିବା ଦୁଗ୍ଧର ପରିମାଣ ୧୩୬ ଗ୍ରାମ୍। ଆମ ରାଜ୍ୟରେ ବଳକା ୧ଲକ୍ଷ ଲିଟରରୁ ଊର୍ଦ୍ଧ୍ୱ କ୍ଷୀର ଦୈନିକ ବିହାର ଓ ଝାଡ଼ଖଣ୍ଡ ରାଜ୍ୟକୁ ଓମ୍‌ଫେଡ୍ ଦ୍ୱାରା ବିକ୍ରୟ କରାଯାଉଛି।

ଆଜିକାଲି କୃଷିର ଯାନ୍ତ୍ରିକୀକରଣ ହେବା ଫଳରେ ପ୍ରତି ଗାଁ ଗାଁରେ ପାୱାରଟିଲର, ଟ୍ରାକ୍ଟର ଆଦିର ବହୁଳ ବ୍ୟବହାର କୃଷି କ୍ଷେତ୍ରରେ ଦେଖିବାକୁ ମିଳିଛି। ଯାହା ଫଳରେ ଗାଁ ଗହଳିରେ ଆଉ ବଳଦଙ୍କ ସଂଖ୍ୟା ବିଶେଷ ଦେଖିବାକୁ ମିଳୁନାହିଁ। ଆଦିବାସୀ ବହୁଳ ଜିଲାରେ ବଳଦଙ୍କ ଦ୍ୱାରା ଅଧିକ ଚାଷ ଉପଯୋଗୀ ହୋଇ ପାରୁଥିବାବେଳେ ଉପକୂଳବର୍ତ୍ତୀ ଜିଲାରେ ବଳଦଙ୍କ ସଂଖ୍ୟା ବହୁତ କମ୍ ଦେଖିବାକୁ ମିଳୁଛି। ବ୍ୟାପକ ଗୋଚାଲାଣ ଯୋଗୁ ଅଣ୍ଡିରା ଗୋରୁ ବା ବଳଦଙ୍କ ସଂଖ୍ୟା ହ୍ରାସ ପାଇବା ହେତୁ ଆମ ରାଜ୍ୟ ତଥା ଦେଶର ବିକାଶ ଧାରାରେ ଅନ୍ତରାୟ ସୃଷ୍ଟି କରୁଛି। ତେଣୁ ସରକାରଙ୍କ ଦ୍ୱାରା ପ୍ରଣୀତ ଉପରୋକ୍ତ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଜନ ସହଯୋଗ ଏକାନ୍ତ ଆବଶ୍ୟକ।

ଶେଷରେ ଏହି ପବିତ୍ର ଗହ୍ମାପୂର୍ଣ୍ଣିମା ପାଳନ ଅବସରରେ ଆମ ରାଜ୍ୟର ସମସ୍ତ ଗୋମାତା ସେବାରେ ବ୍ରତୀ ଥିବା ଦୁଗ୍ଧଚାଷୀ ତଥା କୃଷକ ଭଉଣୀଭାଇଙ୍କୁ ଶୁଭେଚ୍ଛା ସହ ସୁଖ ସମୃଦ୍ଧି କାମନା କରୁଛି।

*-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର*
*ମୋ : ୯୪୩୭୬୦୭୩୧୨*



ଚଳିତ ମାସ ୨୨ ତାରିଖରେ ପାଳିତ ହେବାକୁ ଯାଉଛି ଗହ୍ମା ପୂର୍ଣ୍ଣିମା । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...



# ପନିପରିବା ତଳିଘରା ପ୍ରସ୍ତୁତି

ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ। ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ। ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ



ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ। ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ। ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ। ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ। ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ। ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ। ଝରାରେ ପାଣି ଦିଅନ୍ତୁ। ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବର୍ଷାଦିନେ ସାଧାରଣତଃ ବାଇଗଣ, ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ। ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ।

# ଧାନ ତଳି ରୋଇବା ସମୟରେ...

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମଳିଲେ ରୁଆ ତଳି ପକାନ୍ତୁ। ଓଡିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ



ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଖତ ଓ ଯବକ୍ଷାରଜାନ ସାର ଦିଅନ୍ତୁ।

# ମାଣ୍ଡିଆ ରୁଆ

ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ। ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ। ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ।



# ପାଳଛତୁ ଲଗାଇବା ପ୍ରଣାଳୀ

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡ଼ାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ବିଡା ଭିଜା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡ଼ିକ ଉପରେ ଏକ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ।

# ଭାରତ ପ୍ରଥମେ ପାକିସ୍ତାନକୁ ଭେଟିବ

ଦୁବାଇ, ୧୭।୮(ପି.ଟି.)

ଆଗାମୀ ଟି୨୦ ବିଶ୍ୱକପ୍‌ରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ। ଅକ୍ଟୋବର ୨୪ ତାରିଖରେ ଦୁବାଇରେ ଭାରତ-ପାକିସ୍ତାନ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ଭାରତ ୩୧ ତାରିଖରେ ଏହାର ଦ୍ୱିତୀୟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଦୁବାଇରେ ଭେଟିବ। ଏହାପରେ ଆଫଗାନିସ୍ତାନ ବିପକ୍ଷରେ ଆବୁଧାବିଠାରେ ନଭେମ୍ବର ୩ରେ ମ୍ୟାଚ ଖେଳିବ ଟିମ୍ ଇଣ୍ଡିଆ। ସୁପର-୧୨ ପର୍ଯ୍ୟାୟରେ ଭାରତ ଏହାର ଶେଷ ୨ଟି ଲିଗ୍ ମ୍ୟାଚ ଗ୍ରୁପ 'ବି' ବିଜେତା (ନଭେମ୍ବର ୫, ଦୁବାଇ) ଏବଂ ଗ୍ରୁପ 'ଏ'ର ଦ୍ୱିତୀୟ ସ୍ଥାନୀୟ ଦଳ(ନଭେମ୍ବର ୮, ଦୁବାଇ) ବିପକ୍ଷରେ ଖେଳିବ।

ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୭ରେ ଓମାନରେ ଆରମ୍ଭ ହେବ। ଏହି ଦିନ ପପୁଆ ନ୍ୟୁଗିନିକୁ ଘରୋଇ ଓମାନ ଏବଂ ବାଂଲାଦେଶ-ସ୍କଟଲାଣ୍ଡ ମଧ୍ୟରେ ମୁକାବିଲା ହେବ। ଏହି ପର୍ଯ୍ୟାୟ ପାଇଁ ଗ୍ରୁପ୍ 'ଏ'ରେ ୨୦୧୪ ଚାମ୍ପିୟନ ଶ୍ରୀଲଙ୍କା, ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ ଓ ନାମ୍ବିଆ ସ୍ଥାନ ପାଇଛି। ଗ୍ରୁପ୍ 'ବି'ରେ ରହିଛି ବାଂଲାଦେଶ, ସ୍କଟଲାଣ୍ଡ, ପପୁଆ ନ୍ୟୁଗିନି ଓ ଓମାନ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସୁପର-୧୨କୁ ଉନ୍ନୀତ ହେବେ। ପ୍ରତିଯୋଗିତାର ସୁପର-୧୨ ପର୍ଯ୍ୟାୟ ଅକ୍ଟୋବର ୨୩ରେ ଆରମ୍ଭ ହେବ। ଏହି ଦିନ ଆବୁଧାବିରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଏବଂ ଦୁବାଇରେ ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ମଧ୍ୟରେ ମୁକାବିଲା ହେବ। ନଭେମ୍ବର ୧୦ରେ ପ୍ରଥମ ସେମିଫାଇନାଲ ଆବୁଧାବି ଏବଂ ୧୧ରେ ଦ୍ୱିତୀୟ ସେମିଫାଇନାଲ ଦୁବାଇରେ ଅନୁଷ୍ଠିତ ହେବ। ନଭେମ୍ବର ୧୪ରେ ଦୁବାଇରେ ଫାଇନାଲ ଖେଳାଯିବ। ନଭେମ୍ବର ୧୫କୁ ରିଜର୍ଭ ଦିବସ ଭାବେ ରଖାଯାଇଛି। କରୋନା ସଂକ୍ରମଣର ତୃତୀୟ ଲହର ଆସିବା ସମ୍ଭାବନା ଥିବାରୁ ଭାରତ ଏହି ଟୁର୍ନାମେଣ୍ଟକୁ ୟୁନାଇଟେଡ ଆରବ ଏମିରେଟ୍ସ ଓ ଓମାନରେ ଆୟୋଜନ କରୁଛି।

ପାକିସ୍ତାନ ୟୁଏଇରେ ଗତ ଦଶନ୍ଧି ହେଲା କ୍ରମାଗତ ଖେଳି ଆସୁଛି। ତେଣୁ ୟୁଏଇ ପରିବେଶ ତାଙ୍କ ପାଇଁ ଘରୋଇ ପରିବେଶ ସହିତ ସମାନ ବୋଲି ପାକିସ୍ତାନ ଅଧିନାୟକ ବାବର ଆଜମ ପ୍ରକାଶ କରିଛନ୍ତି। ଏହି ଟୁର୍ନାମେଣ୍ଟ ପାକିସ୍ତାନ ଖେଳାଳିଙ୍କ ପାଇଁ ଦକ୍ଷତା ପ୍ରଦର୍ଶନର ସୁଯୋଗ ଆଣିବ ବୋଲି ସେ କହିଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ ୨୦୧୬ ଟାଇଟଲ ବଜାୟ ରଖିବା ଉପରେ ନଜର ରଖିଛନ୍ତି। ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲର ଶେଷ ଓଭରରେ କାର୍ଲୋସ ବ୍ରାଥୱେଟ କ୍ରମାଗତ ୪ ଛକା ମାରିବାରୁ ଇଂଲଣ୍ଡ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲା ୱେଷ୍ଟଇଣ୍ଡିଜ। ଟୁର୍ନାମେଣ୍ଟ କିନ୍ତୁ ସଂଘର୍ଷପୂର୍ଣ୍ଣ ହେବ ବୋଲି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଆଶାପ୍ରକାଶ କରିଛନ୍ତି। ଆଇସିସି ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ ଯେତେଶୀଘ୍ର ହୋଇଯିବ ଭଲ। କାରଣ ଏହାଦ୍ୱାରା ଭାରତ ପୂରା ଟୁର୍ନାମେଣ୍ଟ ଉପରେ ଧ୍ୟାନ କେନ୍ଦ୍ରିତ କରିପାରିବ ବୋଲି ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀର ପ୍ରକାଶ କରିଛନ୍ତି।




## କାର୍ଯ୍ୟସୂଚୀ

**ରାଉଣ୍ଡ-୧**

ଅକ୍ଟୋବର ୧୭: ଓମାନ ବନାମ ପପୁଆ ନ୍ୟୁଗିନି, ବାଂଲାଦେଶ ବନାମ ସ୍କଟଲାଣ୍ଡ
ଅକ୍ଟୋବର ୧୮: ଆୟର୍ଲାଣ୍ଡ ବନାମ ନେଦରଲାଣ୍ଡ୍ସ, ଶ୍ରୀଲଙ୍କା ବନାମ ନାମ୍ବିଆ
ଅକ୍ଟୋବର ୧୯: ସ୍କଟଲାଣ୍ଡ ବନାମ ପପୁଆ ନ୍ୟୁଗିନି, ଓମାନ ବନାମ ବାଂଲାଦେଶ
ଅକ୍ଟୋବର ୨୦: ନାମ୍ବିଆ ବନାମ ନେଦରଲାଣ୍ଡ୍ସ, ଶ୍ରୀଲଙ୍କା ବନାମ ଆୟର୍ଲାଣ୍ଡ
ଅକ୍ଟୋବର ୨୧: ବାଂଲାଦେଶ ବନାମ ପପୁଆ ନ୍ୟୁଗିନି, ଓମାନ ବନାମ ସ୍କଟଲାଣ୍ଡ
ଅକ୍ଟୋବର ୨୨: ନାମ୍ବିଆ ବନାମ ଆୟର୍ଲାଣ୍ଡ, ଶ୍ରୀଲଙ୍କା ବନାମ ନେଦରଲାଣ୍ଡ୍ସ

**ସୁପର-୧୨**

ଅକ୍ଟୋବର ୨୩: ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ
ଅକ୍ଟୋବର ୨୪: ଏ-୧ ବନାମ ବି-୨, ଭାରତ ବନାମ ପାକିସ୍ତାନ
ଅକ୍ଟୋବର ୨୫: ଆଫଗାନିସ୍ତାନ ବନାମ ବି-୧
ଅକ୍ଟୋବର ୨୬: ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ, ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ
ଅକ୍ଟୋବର ୨୭:ଇଂଲଣ୍ଡ ବନାମ ବି-୨, ବି-୧ ବନାମ ଏ-୨
ଅକ୍ଟୋବର ୨୮:ଅଷ୍ଟ୍ରେଲିଆ ବନାମ ଏ-୧
ଅକ୍ଟୋବର ୨୯: ୱେଷ୍ଟଇଣ୍ଡିଜ ବନାମ ବି-୨, ପାକିସ୍ତାନ ବନାମ ଆଫଗାନିସ୍ତାନ
ଅକ୍ଟୋବର ୩୦: ଦକ୍ଷିଣ ଆଫ୍ରିକା ବନାମ ଏ-୧, ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ
ଅକ୍ଟୋବର ୩୧: ଆଫଗାନିସ୍ତାନ ବନାମ ଏ-୨, ଭାରତ ବନାମ ନ୍ୟୁଜିଲାଣ୍ଡ
ନଭେମ୍ବର ୧: ଇଂଲଣ୍ଡ ବନାମ ଏ-୧
ନଭେମ୍ବର ୨: ଦକ୍ଷିଣ ଆଫ୍ରିକା ବନାମ ବି-୨, ପାକିସ୍ତାନ ବନାମ ଏ-୨
ନଭେମ୍ବର ୩: ନ୍ୟୁଜିଲାଣ୍ଡ ବନାମ ବି-୧, ଭାରତ ବନାମ ଆଫଗାନିସ୍ତାନ
ନଭେମ୍ବର ୪: ଅଷ୍ଟ୍ରେଲିଆ ବନାମ ବି-୨, ୱେଷ୍ଟଇଣ୍ଡିଜ ବନାମ ଏ-୧
ନଭେମ୍ବର ୫: ନ୍ୟୁଜିଲାଣ୍ଡ ବନାମ ଏ-୨, ଭାରତ ବନାମ ବି-୧
ନଭେମ୍ବର ୬: ଅଷ୍ଟ୍ରେଲିଆ ବନାମ ୱେଷ୍ଟଇଣ୍ଡିଜ, ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା
ନଭେମ୍ବର ୭: ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ, ପାକିସ୍ତାନ ବନାମ ବି-୧
ନଭେମ୍ବର ୮: ଭାରତ ବନାମ ଏ-୨

**ନକ୍ଆଉଟ ପର୍ଯ୍ୟାୟ**

ନଭେମ୍ବର ୧୦: ପ୍ରଥମ ସେମିଫାଇନାଲ (ଆବୁଧାବି)
ନଭେମ୍ବର ୧୧: ଦ୍ୱିତୀୟ ସେମିଫାଇନାଲ (ଦୁବାଇ)
ନଭେମ୍ବର ୧୪: ଫାଇନାଲ (ଦୁବାଇ)।

# ରେସଲର ରବିନ୍ଦର ଫାଇନାଲରେ

**ଜୁନିୟର ବିଶ୍ୱ ଚାମ୍ପିୟନଶିପ୍**

**ଉଫା (ରୁଷିଆ), ୧୭।୮ (ପି.ଟି.):** ଭାରତର ଉଦୀୟମାନ ରେସ୍‌ଲର ରବିନ୍ଦର ଏଠାରେ ଚାଲିଥିବା ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ୬୧କେଜି ଶ୍ରେଣୀ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଗୌରବ ବଲିୟାନ (୭୯କେଜି) ଓ ଦୀପକ (୯୭କେଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ରବିନ୍ଦର ୨୦୧୮ରେ ଏସିଆନ କ୍ୟାଡେଟ୍ ଟାଇଟଲ ଏବଂ ୨୦୧୯ରେ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଏଠାରେ ସେମିଫାଇନାଲରେ ସେ ଆର୍ମେନିଆର ଲେଭିକ୍ ମିକାୟେଲୟାନଙ୍କୁ ହରାଇ ଦେଇଛନ୍ତି। ୨୦ ବର୍ଷୀୟ ବଲିୟାନ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ଜର୍ମାନୀର ରିଚାର୍ଡ ଶ୍ରୋଡରଙ୍କୁ ହରାଇବା ଲାଗି ମାତ୍ର ୬୫ ସେକେଣ୍ଡ ସମୟ ନେଇଥିଲେ। ଅନ୍ୟପକ୍ଷରେ ଦୀପକ ହଙ୍ଗେରୀର ମିଲାନ ଆନ୍ଦ୍ରାସ କୋର୍କସୋଗ୍‌ଙ୍କ ବିପକ୍ଷରେ ୩-୨ରେ ବିଜୟ ହାସଲ କରି ୯୭କେଜି ଶ୍ରେଣୀରେ ବ୍ରୋଞ୍ଜ ଲାଭ କରିଛନ୍ତି।

ପୂର୍ବରୁ ବେଲାରୁଷର ଇଭାନ ହ୍ରାମିକା ବିପକ୍ଷ ଆକ୍ସନଭରା ପ୍ରିକ୍ୱାର୍ଟରଫାଇନାଲ ମୁକାବିଲାକୁ ରବିନ୍ଦର ୫-୨ରେ ଜିତି ନେଇଥିଲେ। ଇଭାନଙ୍କ ଆଟାକିଂ ଷ୍ଟାଇଲ ଭଲ ରହିଥିଲା। ମାତ୍ର ଷ୍ଟାମିନା ଯୋଗୁ ଭାରତୀୟ ରେସ୍‌ଲର ଏଥିରେ ବିଜୟ ଲାଭ କରିଥିଲେ। ପରେ ବ୍ରୁନେଇର ଆଲିବେଗ୍ ଆଲିବେଗୋଭ୍‌ଙ୍କ ବିପକ୍ଷ କ୍ୱାର୍ଟରଫାଇନାଲରେ ରବିନ୍ଦର ଉନ୍ନତ ରକ୍ଷଣାତ୍ମକ କୌଶଳ ପ୍ରଦର୍ଶନ କରିଥିଲେ। ଆଲିବେଗ୍ ପ୍ରଥମେ ରବିନ୍ଦରଙ୍କ ଡାହାଣ ଗୋଡ଼କୁ ଧରିଥିଲେ। ପରେ ଆକ୍ରମଣାତ୍ମକ ପ୍ରଦର୍ଶନ ସହ ଦୁଇ ଗୋଡ଼କୁ ଆଟାକ୍ କରି ବିପଜ୍ଜନକ ଜଣାପଡୁଥିଲେ। କିନ୍ତୁ ରବିନ୍ଦର ଉଭୟ ଥର ତାଙ୍କ ଶକ୍ତି ଓ ଉପସ୍ଥିତ ବୁଦ୍ଧି ଖଟାଇ ସେଥିରୁ ମୁକୁଳିଯାଇଥିଲେ।

**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
**O/o. SR. GENERAL MANAGER, RENGALI HYDRO ELECTRIC PROJECT**
P.O.: RENGALI DAM SITE, PIN- 759105, DIST.- ANGUL (ODISHA)
TEL.: 06760-277214, FAX: 06760-277324, Email: sgmel500@gmail.com
No.: RHEP/C & P/PUR-III-62/4462 Date: 11.08.2021

**NOTICE INVITING TENDER No. RHEP-20/2021-22**

No.: CAD-891: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/contractor.

| Sl. No. | Description of Services | Cost of Tender Paper (Non-refundable) in Rs. | Estimated Amount/ EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Annual Maintenance Contract (AMC) of Internal Wiring System of RHEP Residential & Non-residential buildings on Job Contract Basis through Outsourcing agency | Rs.7080/- (Inclusive of GST @ 18%) | Rs.11,81,538/- and in lieu of EMD, Bid Security declaration form to be submitted | From Dt.17.08.2021 to Dt.27.08.2021 upto 03.00 P.M. | Upto 04.00 P.M. Dt.27.08.2021 | At 04.30 P.M. Dt. 27.08.2021 |

For details and further correspondence/corrigendum, please visit our website www.ohpcltd.com.
OIPR-04005/11/0015/2122 Sd./- C & P Head, RHEP, Rengali

**GOVERNMENT OF ODISHA**
**OFFICE OF THE DISTRICT PROJECT CO-ORDINATOR**
**SARVA SIKHYA AVIYAN, SAMBALPUR**
**E-Procurement Notice**
**BID IDENTIFICATION No.: SSA/SBP/CIVIL/32/2020-21**
E-mail: dpcsamblpur.opepa@nic.in Phone/Fax-0663-2410834
No. n-29 **No. 308/CW/Dated 13.08.21**

1. The District **Project Coordinator, SSA, Sambalpur** on behalf of Governor of Odisha, invites **Percentage Rate** bids in **Single Cover System** in **ONLINE MODE** for construction of **Playground**, as detailed in DTCN from the eligible Class of Contractors.
2. No. of works : **01 (ONE)**
3. Tender Cost : **Rs.10,000/-**
4. Class of Contractor : **"B" Class or equivalent**
5. Date and time available in Website & receipt of Bids: **12.00 hrs. of 18.08.2021 to 17.00 hrs of 30.08.2021**
6. Date of Opening of Tender : **01.09.2021 at 11.30 hrs.**
7. The Bidders have to participate in ONLINE bidding only. Further details can be seen from website **www.tendersodisha.gov.in** only.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./- District Project Co-ordinator
OIPR-27031/11/0002/2122 SSA, Sambalpur

# ଏସିଆନ ଗେମ୍ସ ପଦକ ଉପରେ ଚାନୁଙ୍କ ନଜର



ଆମ୍‌ୱେ ଇଣ୍ଡିଆର ସିଇଓ ଅଂଶୁ ବୁଦ୍ଧରାଜା ଓ ସିଏମ୍ଓ ଅଜୟ ଖାନ୍ନାଙ୍କ ସହ ମୀରାବାଈ ଚାନୁ।

**ଆମ୍‌ୱେ ନ୍ୟୁଟ୍ରିଲାଇଟ୍‌ର ବ୍ରାଣ୍ଡ ଆମ୍ବାସାଡର ହେଲେ**

**ନୂଆଦିଲ୍ଲୀ, ୧୭।୮ (ପି.ଟି.):** ଅଲିମ୍ପିକ୍ ରୌପ୍ୟ ପଦକ ବିଜୟିନୀ ସାଇଖୋମ ମୀରାବାଈ ଚାନୁଙ୍କ ପରବର୍ତ୍ତୀ ଲକ୍ଷ୍ୟ ୨୦୨୨ ଏସିଆନ ଗେମ୍ସରେ ପଦକ ଜିତିବା। ଏହା ବ୍ୟତୀତ ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ ଉପରେ ତାଙ୍କ ନଜର ରହିବ ବୋଲି ସେ କହିଛନ୍ତି। ଭାରୋତ୍ତୋଳନ ଇଭେଣ୍ଟରେ ଭାରତକୁ ପଦକ ଦେଇ ଚାନୁ ଦୀର୍ଘ ଦୁଇ ଦଶନ୍ଧୀ ପ୍ରତୀକ୍ଷାର ଅବସାନ ଘଟାଇଥିଲେ। ଟୋକିଓ ଗେମ୍ସରେ ସେ ମହିଳା ୪୯ କେଜି ବିଭାଗରେ ରୌପ୍ୟ ପଦକ ହାସଲ କରିଥିଲେ। "ମୋ ଟାର୍ଗେଟ ଏବେ ଏସିଆନ ଗେମ୍ସ। ଶ୍ରେଷ୍ଠ ପ୍ରଦର୍ଶନ କରି ୨୦୨୨ ଏସିଆନ ଗେମ୍ସରେ ଭାରୋତ୍ତୋଳନ ଇଭେଣ୍ଟକୁ ଦେଶପାଇଁ ଏକ ପଦକ ଜିତିବା ମୋର ଅଭିଳାଷ ରହିଛି" ବୋଲି ଆମ୍‌ୱେ ନ୍ୟୁଟ୍ରିଲାଇଟ୍‌ର ବ୍ରାଣ୍ଡଆମ୍ବାସାଡର ହେବା ଅବସରରେ ସେ ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସ ପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ବେଳକୁ ମୁଁ ସ୍ୱର୍ଣ୍ଣ ପଦକ ଜିତିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି। ଚାନୁ ୨୦୧୪ ଓ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଯଥାକ୍ରମେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୭ରେ ସେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ମଧ୍ୟ ହାସଲ କରିଥିଲେ। ୨୦୨୦ ଏସିଆନ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ମାତ୍ର ଏସିଆନ ଗେମ୍ସରେ ପଦକ ଶୂନ୍ୟତା ଏବେ ମଧ୍ୟ ରହିଛି।

# ଟିମ୍ ଇଣ୍ଡିଆକୁ ପ୍ରଶଂସାର ସୁଅ

**ଲର୍ଡ୍ସ ଟେଷ୍ଟ ବିଜୟ**

ଲଣ୍ଡନ, ୧୭।୮(ପି.ଟି.)

ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସୋମବାର ଟିମ୍ ଇଣ୍ଡିଆ ୧୫୧ ରନରେ ଇଂଲଣ୍ଡକୁ ହରାଇବାପରେ ଭାରତୀୟ ଖେଳାଳିଙ୍କ ପ୍ରଶଂସାରେ ଶତମୁଖ ହୋଇ ପଡ଼ିଛି କ୍ରୀଡ଼ା ଜଗତ। ଏହାର ସର୍ବାଗ୍ରେ ଅଛନ୍ତି ପୂର୍ବତନ ଅଧିନାୟକ ସଚିନ ତେନ୍ଦୁଲକର। ଭାରତର ବିଶ୍ୱସ୍ତରୀୟ ପେସ୍ ଆକ୍ରମଣ ବିଭାଗ ବ୍ୟାଟ୍‌ରେ ଚମତ୍କାରିତା ଦେଖାଇବାପରେ ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ପରାଜୟ ସ୍ୱାଦ ଚଖାଇଥିଲେ। ଫଳରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଥିଲା। ଟେଷ୍ଟର ପ୍ରତି ମୁହୂର୍ତ୍ତକୁ ଉପଭୋଗ କଲି। କଷ୍ଟସାଧ୍ୟ ପରିସ୍ଥିତିରେ ଟିମ୍ ଇଣ୍ଡିଆ ଯେପରି ଧୈର୍ଯ୍ୟ ଓ ସାହସିକତା ଦେଖାଇଲା ତାହା ମୋତେ ଅଭିଭୂତ କରିଛି। ବହୁତ ଭଲ ଖେଳିଲ ବୋଲି ସଚିନ ଟୁଇଟ କରିଛନ୍ତି। ଭାରତୀୟ ଦଳର ଲଢୁଆ ମନୋବୃତ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ପ୍ରଶଂସା କରିଛନ୍ତି। ଭାରତ ପାଇଁ ଏହା ଚିତ୍ତାକର୍ଷକ ବିଜୟ। ଟିମ୍‌ର ପ୍ରକୃତ ଚରିତ୍ର ଏଥିରୁ ଜଣାପଡ଼ିଲା। ମ୍ୟାଚକୁ ନିକଟରୁ ଦେଖିଥିବାରୁ ବହୁତ ଖୁସି ଲାଗିଲା। ପ୍ରତ୍ୟେକ ଭାରତୀୟ ଏହାକୁ ଉପଭୋଗ କରିଛନ୍ତି ବୋଲି ଗାଙ୍ଗୁଲି ଲେଖିଛନ୍ତି। ପୂର୍ବତନ ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ଲେଖିଛନ୍ତି ଯେ, ଅନ୍ତିମ ଦିବସରେ ଖରାପ ପରିସ୍ଥିତିରୁ ଉଧୁରି ଭାରତ ଯେପରି ବିଜୟ ହାସଲ କଲା ତାହା ଅତ୍ୟନ୍ତ ରୋମାଞ୍ଚକ ଥିଲା। ଭାରତ ପାଇଁ ଏହା ଏକ ବଡ଼ ବିଜୟ।

କେବଳ ଭାରତୀୟ ଖେଳାଳି ନୁହନ୍ତି, ଶେନ ୱର୍ଣ୍ଣ ଏବଂ ମାଇକେଲ ଭନ୍‌ଙ୍କ ପରି ବିଦେଶର ପୂର୍ବତନ ତାରକାମାନେ ମଧ୍ୟ କୋହଲିଙ୍କ ଦଳକୁ ପ୍ରଶଂସା ନ କରି ରହିପାରି ନାହାନ୍ତି। ଲର୍ଡ୍ସ ପିଚ୍ ବହୁତ ଭଲ ଥିଲା। ତେଣୁ ଏଠାରେ ଭାରତୀୟ ଦଳ ଏହାର ଚରିତ୍ର ଦେଖାଇଲା। ଭାରତ ଟସ୍ ହାରିଥିଲା ଏବଂ ପ୍ରଥମ ଇନିଂସରେ ଇଂଲଣ୍ଡ ଅଗ୍ରଣୀ ନେଇଥିଲା। ସମସ୍ତେ ଭାବିଥିଲେ ଯେ ରିଷଭ ପନ୍ତ ଆଉଟ ହୋଇଗଲେ ଇଂଲଣ୍ଡ ବିଜୟ ସହଜ ହୋଇଯିବ। ମାତ୍ର ଭାରତ ଲଢୁଆ ପ୍ରଦର୍ଶନ କରି ବିଜୟର ହକ୍‌ଦାର ହୋଇ ଯାଇଥିଲା। ପ୍ରଥମ ଟେଷ୍ଟରେ ବର୍ଷା ହୋଇ ନ ଥିଲେ ଭାରତ ସମ୍ଭବତଃ ୨-୦ରେ ଅଗ୍ରଣୀ ଲାଭ କରିଥାନ୍ତା ବୋଲି ୱର୍ଣ୍ଣ ନିଜ ଟୁଇଟର ପେଜ୍‌ରେ ଲେଖିଛନ୍ତି। ଭନ ଲେଖିଛନ୍ତି ଯେ, ମଜାଦାର କ୍ରିକେଟ ଦେଖିବାକୁ ମିଳିଲା। ଇଂଲଣ୍ଡଠାରୁ ସେମାନେ କାହିଁକି ଉନ୍ନତ ତାହା ଭାରତୀୟ ଦେଖାଇଦେଲେ। ସେମାନେ ସର୍ବଦା ବିଜୟୀ ହେବାରେ ବିଶ୍ୱାସ ରଖିଛନ୍ତି।



ଇଂଲଣ୍ଡର ଅନ୍ତିମ ଉଇକେଟ ହାସଲ ପରେ ମହମ୍ମଦ ସିରାଜ(ଡାହାଣ)ଙ୍କ ପ୍ରତିକ୍ରିୟା।

**GOVT. OF ODISHA** No. O-542
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
Tel.: 06766-258301 (O), Email ID: se_nerwkjr@rediffmail.com
**Identification No. PMGSY Online NCB No. 317**
No. 3435 Date: 11.08.2021

1. Name of the Work : Construction of Road & Bridge work under PMGSY Programme.
2. Total No. of Package : 01 No. individual work
3. Estimated Cost of individual package : Rs.882.11 lakh (Approximately)
4. Period of Completion : 18 Calendar months
5. Other details :

| Procurement Officer | Bid Identification No. | No. of Work | Availability of tender Online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief Construction Engineer, Rural Works Circle, Keonjhar | PMGSY Online NCB No. 317 | 01 No. | 18.08.2021 at 11.00 A.M. | 01.09.2021 upto 5.00 P.M. |

- Further details can be seen from the website: **www.pmgsytenders.gov.in**.

Sd./- Chief Construction Engineer
R.W. Circle, Keonjhar
OIPR-25177/11/0003/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
RBVN Basin, Berhampur, Mail: ce_rvn@yahoo.co.in
**e-Procurement Notice No. CE&BM, RBVN-03/2021-22**

No. A-368: Online tenders are invited for EPC Contract for **Construction of In-stream storage structure at Village: Jakamarapalli across river Ramanadi in district Ganjam (D/S of confluence of river Ramanadi and Ghodahada)** from perspective bidders.

| Sl. No. | Procurement Officer | Bid Identification No. | Name of the Work | Period of Completion | Availability of Bid document in the portal |
|---|---|---|---|---|---|
| 01 | CE & BM, RBVN Basin, Berhampur | CE & BM, RBVN (CHID-EPC)-01/2021-22 | Construction of In-stream storage structure at village Jakamarapalli across river Ramanadi in district Ganjam (D/S of confluence of river Ramanadi & Ghodahada) | 30 (Thirty) Calendar Months | 17.08.2021 from 11.00 A.M. to 15.09.2021 upto 5.00 P.M. |

Further details can be seen from the e-procurement portal **"https://tendersodisha.gov.in"**.
OIPR-32072/11/0006/2122 Sd./- Chief Engineer & Basin Manager, RVN Basin, Berhampur

# ସହିଦ ସ୍ପୋର୍ଟିଂ ପରିସରରେ କମ୍ୟୁନିଟି ହଲ୍


ମଙ୍ଗଳବାର ଭୂମିପୂଜନ ଅବସରରେ ଅତିଥିଙ୍କ ସହ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୧୭।୮
(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ କମ୍ୟୁନିଟି ହଲ୍‌ର ଭୂମିପୂଜନ ଉତ୍ସବ ମଙ୍ଗଳବାର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ରଣଜୀ କ୍ରିକେଟ ଦଳର ପୂର୍ବତନ କୋଚ୍ ରଶ୍ମିରଞ୍ଜନ ପରିଡ଼ା, ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ନିକୁଞ୍ଜ ମହାନ୍ତି, ବବିନ୍ ମହାନ୍ତି, ପି. ଜୟଚନ୍ଦ୍ର, ସି.ପି. ଶର୍ମା, ଶରତ ବେହେରା, ବାପି ମହାନ୍ତି, ଆପାଙ୍କ ଅହମଦ ପ୍ରମୁଖ ଉପସ୍ଥିତ ଥିଲେ।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**No. 12093/OMC/Persnl./2021, Date: 16.08.2021**

No. CAD-894:- Odisha Mining Corporation Ltd., a Gold Category State PSU having annual turnover of Rs. 5587 Crore (Provisional) during FY 2020-21 intends to fill up the following regular posts through direct recruitment by the Walk-in-Interview mode/ process.

| Sl. No. | Name of the post | No. of vacant posts | Scale of Pay | Qualification | Age as on 01.07.2021 |
|---|---|---|---|---|---|
| 1 | Surveyor | 15 | Pay Level-9 (Rs.35400-112400/-) | Diploma in Mines Survey/Mining Engineering from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 32 years |
| 2 | Mining Mate-III | 50 | Pay Level- 5 (Rs.21700-69100/-) (One extra increment at the time of entry) | HSC with Mining Mate Certificate of Competency issued by DGMS as per MMR (Metalliferous Mines Regulations), 1961 | Not below 18 years and above 32 years |

**DATE & PLACE OF WALK-IN-INTERVIEW**

| POST | DATE & TIME | VENUE OF INTERVIEW |
|---|---|---|
| Mining Mate- III | 02.09.2021 at 8.00 AM | Community Centre, OMC Colony of Regional Office, Barbil, Dist- Keonjhar |
| Surveyor | 03.09.2021 at 8.00 AM | |

• Interested candidates fulfilling the eligibility criteria for respective posts may attend the walk-in-interview as per the above schedule. • For details please visit OMC website: **https://omcltd.in.**
OIPR-30005/11/0077/2122 Sd./- GENERAL MANAGER (P&A)

**କ୍ରିପ୍ଟୋକରେନ୍ସି କ୍ୟାବିନେଟ ଡ୍ରାଫ୍ଟ ପ୍ରସ୍ତୁତ**

ଭାରତରେ କ୍ରିପ୍ଟୋକରେନ୍ସି ବ୍ୟବହାର ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ସ୍ଥିତି ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। ତେବେ କ୍ରିପ୍ଟୋକରେନ୍ସି ସମ୍ପର୍କିତ ଡ୍ରାଫ୍ଟ ବର୍ତ୍ତମାନ ପ୍ରସ୍ତୁତ ହୋଇ ସାରିଛି। ଏହାକୁ କ୍ୟାବିନେଟ ସାମ୍ନାରେ ରଖାଯିବ। ସଂସଦର ଶୀତ ଅଧିବେଶନରେ ଏହାକୁ ଉପସ୍ଥାପନ କରାଯିବା କାର୍ଯ୍ୟକ୍ରମ ରହିଥିବା ସୂଚନା ରହିଛି।

## ସଂକ୍ଷେପରେ

### ଉଡ଼ାଣ କଟକଣା କୋହଳ କଲା ୟୁଏସ୍

**ମୁମ୍ବାଇ,୧୭।୮:** କୋଭିଡ୍ ସ୍ଥିତି ସ୍ୱାଭାବିକ ହେଉଥିବାରୁ ଆମେରିକା ଭାରତ ଲାଗି ଯାତ୍ରା କଟକଣାକୁ କିଛିଟା କୋହଳ କରିଥିବା ଜଣାପଡିଛି। ଆମେରିକାର ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନ (ସିଡିସି) ପକ୍ଷରୁ ଭାରତକୁ ଲେଭଲ-୨ ବର୍ଗରେ ରଖାଯାଇଛି। ପୂର୍ବରୁ ଭାରତ ଲେଭଲ-୩ରେ ରହିଥିଲା। କୋଭିଡ୍ ମାମଲା ଅଧିକ ରହିବା ଯୋଗୁ ଭାରତ ଉପରେ କଟକଣା କୋହଳ କରାଯାଇ ନ ଥିଲା। ଭାରତରୁ ଆମେରିକା ଯାତ୍ରା କରୁଥିବା ପର୍ଯ୍ୟଟକଙ୍କ ଲାଗି ସମ୍ପୂର୍ଣ୍ଣ ଭାବେ କେବେ କଟକଣା କୋହଳ କରାଯାଉଛି ସେ ଘଟଣା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଦ୍ୱିତୀୟ ଲହର ଆସିବା ଯୋଗୁ ଭାରତରେ କରୋନା ମାମଲା ବଢିଥିଲା। ଏହି ସମୟରେ ସାରା ଦେଶରେ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଭଳି ଘଟଣା ଦେଖିବାକୁ ମିଳିଥିଲା। ଅଣ ଆମେରିକୀୟଙ୍କୁ ଆମେରିକାରେ ପ୍ରବେଶ କରିବା ଲାଗି ସେଠାକାର ସରକାର ବିଭିନ୍ନ କଟକଣା ଲାଗୁ କରିଥିଲେ।

### ଗାର୍ଡିଆନ୍ସ ସେଫ୍ଟି ଆପ୍‌ର ୧ ନିୟୁତ ଡାଉନ୍‌ଲୋଡ୍

**ନୂଆଦିଲ୍ଲୀ,୧୭।୮:** ଟ୍ରୁକଲରର ନିର୍ମାତା ଟ୍ରୁ ସଫ୍ଟୱେର ସ୍କାଣ୍ଡିନେଭିଆ ଏବି ଦ୍ୱାରା ବିକଶିତ ବ୍ୟକ୍ତିଗତ ସୁରକ୍ଷା ଆପ୍ ଗାର୍ଡିଆନ୍ସ ପକ୍ଷରୁ ଆକର୍ଷଣୀୟ ନୂଆ ଅପ୍‌ଡେଟ୍ ଘୋଷଣା କରାଯାଇଛି। ଏହା ବିଶ୍ୱବ୍ୟାପୀ ୧ ମିଲିୟନ ଡାଉନ୍‌ଲୋଡ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହି ଆପ୍ ଉଭୟ ଗୁଗଲ୍ ପ୍ଲେ ଷ୍ଟୋର୍ ଓ ଆପଲ୍ ଆପ୍ ଷ୍ଟୋରରେ ଉପଲବ୍ଧ ରହିଛି। ସମ୍ପୂର୍ଣ୍ଣ ଡାଉନ୍‌ଲୋଡ୍ ମଧ୍ୟରୁ ୬୦% ଡାଉନ୍‌ଲୋଡ୍ ଭାରତରୁ କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏକ ସଫଳ ଲଞ୍ଚ ପରେ ଓ ବିଶ୍ୱବ୍ୟାପୀ ଉପଭୋକ୍ତାମାନଙ୍କଠାରୁ ଏକ ଉତ୍ସାହଜନକ ପ୍ରତିକ୍ରିୟା ପରେ, ଗାର୍ଡିଆନ୍ସ ଏବେ ଏକାଧିକ ଭାଷା ଯେପରିକି ହିନ୍ଦୀ, ଆରବିକ୍, ଫ୍ରେଞ୍ଚ, ସ୍ପାନିଶ, ପର୍ତ୍ତୁଗୀଜ୍ ଓ ଇଣ୍ଡୋନେସିଆନ୍ ଆଦିକୁ ସପୋର୍ଟ କରୁଛି। ଏହି ଆପ୍ ଗୁଗଲ୍ ପ୍ଲେ ଷ୍ଟୋରରେ ୪.୫ ଷ୍ଟାର୍ ରେଟିଂ ପାଇଛି ଏବଂ ଏହା ମ୍ୟାପ୍ ଓ ନାଭିଗେଶନ ବର୍ଗରେ ଶୀର୍ଷ ୧୦ଟି ଆପ୍ ମଧ୍ୟରେ ସାମିଲ ରହିଛି।

# ପୁଞ୍ଜିବଜାରର ବୃଦ୍ଧି ଧାରା ଜାରି

## ୨୦୯ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ



**ମୁମ୍ବାଇ,୧୭।୮**

ଲଗାତର ୪ ସେସନ ହେବ ଦେଶର ପୁଞ୍ଜିବଜାରର ବୃଦ୍ଧି ଧାରା ଜାରି ରହିଛି। ଏହି ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି ରେକର୍ଡ ସ୍ତରରେ ଛୁଇଁବାକୁ ସକ୍ଷମ ହୋଇଛି। ମଙ୍ଗଳବାର ସେନ୍‌ସେକ୍ସ ୨୦୯.୬୯ ପଏଣ୍ଟ(୦.୩୮%) ଉଚ୍ଚରେ ରହି ୫୫,୭୯୨.୨୭ ପଏଣ୍ଟରେ ବନ୍ଦ ହୋଇଛି। ଫଳରେ ଏହା ୫୫,୮୫୪.୮୮ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ସେହିଭଳି ନିଫ୍ଟି ୫୧.୫୫ ପଏଣ୍ଟ ବା ୦.୩୧% ଉଚ୍ଚରେ ରହି ୧୬,୬୧୪.୬୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହା ଦିନ ମଧ୍ୟରେ ୧୬,୬୨୮.୫୫ ପଏଣ୍ଟ ସ୍ତର ଛୁଇଁଥିଲା।

ସେନ୍‌ସେକ୍ସରେ ଭଲ କାରବାର ହାସଲ କରିଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଟେକ୍ ମହିନ୍ଦ୍ରା ସବୁଠାରୁ ଉଚ୍ଚରେ ରହିଛି। ଏହାର ଶେୟାର ପ୍ରାୟ ୩% ବଢ଼ିଛି। ସେହିଭଳି ଟିସିଏସ୍, ନେସ୍‌ଲେ ଇଣ୍ଡିଆ, ଇନ୍‌ଫୋସିସ୍ ଏବଂ ହିନ୍ଦୁସ୍ଥାନ ୟୁନିଲିଭର ଭଳି କମ୍ପାନୀର ଶେୟାର ମଧ୍ୟ ଭଲ ପ୍ରଦର୍ଶନ କରିଛି। ଏହାବାଦ ଇଣ୍ଡସଇଣ୍ଡ ବ୍ୟାଙ୍କ, ଏନ୍‌ଟିପିସି, ଭାରତୀ ଏୟାରଟେଲ, ଏଲ୍ ଆଣ୍ଡ ଟି ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଭଳି କମ୍ପାନୀର ଶେୟାର ପ୍ରଭାବିତ ସ୍ଥିତିରେ ରହିଛି। ବିଏସ୍‌ଇର ଆଇଟି, ଟେକ୍ନୋଲୋଜି, ହେଲ୍‌ଥ କେୟାର, କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ ଶକ୍ତି କ୍ଷେତ୍ର ସୂଚକାଙ୍କ ୨.୩୩% ବଢ଼ିଛି। ସେହିଭଳି ମେଟାଲ, ଟେଲିକମ, ବେସିକ ମ୍ୟାଟେରିଆଲ ଏବଂ ରିୟଲ ଇଷ୍ଟେଟ ସୂଚକାଙ୍କ ପ୍ରାୟ ୨.୬୩% ନିମ୍ନରେ ରହିଛି।

ବିଶ୍ୱ ବଜାରର ପ୍ରଭାବ ଭାରତ ବଜାର ଉପରେ ରହିଛି। ସଂକ୍ରମଣ ବୃଦ୍ଧି ଆଶଙ୍କା, ଚାଇନା ସରକାରଙ୍କ ଇଣ୍ଟରନେଟ କମ୍ପାନୀଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନିବେଶକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଥିବା ଜିଓଜିତ ଫାଇନାନ୍ସିଆଲ ସର୍ଭିସେସ୍‌ର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି। ମାତ୍ର ଭାରତରେ ଆଇଟି, ଏଫ୍‌ଏମ୍‌ସିଜି ଏବଂ ଫାର୍ମା ଶେୟାରର କାରବାର ଉନ୍ନତ ରହିବାକୁ ପୁଞ୍ଜିବଜାରର ଊର୍ଦ୍ଧ୍ୱଗାମୀ ରହିଛି।

# ମହିନ୍ଦ୍ରାର ନୂଆ ଏକ୍ସୟୁଭି ୭୦୦



**ନୂଆଦିଲ୍ଲୀ,୧୭।୮**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଗ୍ଲୋବାଲ ଏସ୍‌ୟୁଭି ଯାନ ଏକ୍ସୟୁଭି ୭୦୦କୁ ଉନ୍ମୋଚନ କରାଯାଇଛି। କମ୍ପାନୀ ପାଇଁ ଏକ ସମ୍ପୂର୍ଣ୍ଣ ନୂଆ ଯୁଗ ଆରମ୍ଭ କରିଛି। ଏହି ଯାନ ଭାରତକୁ ଏକ ବିଶ୍ୱାସୀ, ଦୃଢ଼ ବିଶ୍ୱ ମହାଶକ୍ତି ଭାବେ ଉଭା ହେବା ବିଷୟକୁ ଉପସ୍ଥାପନ କରୁଛି। ବିଶ୍ୱ ମଞ୍ଚରେ ନେତୃତ୍ୱ ନେବାକୁ ଏହା ପ୍ରସ୍ତୁତ ରହିଛି। ସୁନ୍ଦର ଶିଳ୍ପକାରିତା ସହିତ ନୂଆ ମଡେଲ ଏଭଳି ଦେଖାଯାଉଛି ଯାହାକୁ ଏଡ଼ାଇହେବ ନାହିଁ। ଏହାର ଭିତର ପାର୍ଶ୍ୱ ବେଶ୍ ଆମୋଦଦାୟକ ହୋଇଥିବା ବେଳେ ଏହା ଆରାମଦାୟକ ଗାଡ଼ି ଚାଳନା ଅନୁଭୂତି ପ୍ରଦାନ କରୁଛି। ଉତ୍ସବ ଋତୁ ପୂର୍ବରୁ ଏହାର ବୁକିଂ ଆରମ୍ଭ ହେବ। ଏହା ଡିଜେଲ ଓ ଗ୍ୟାସୋଲିନ୍ ଇନ୍ଧନ ବିକଳ୍ପ ସହିତ ମାନୁଆଲ୍ ଓ ଅଟୋମେଟିକ୍ ଏବଂ ୫ ଓ ୭ ସିଟ୍ ବିଶିଷ୍ଟ ବିକଳ୍ପରେ ଉପଲବ୍ଧ ହେବ। ଅଲ୍ ହ୍ୱିଲ୍ ଡ୍ରାଇଭ୍ ଭଳି ବିକଳ୍ପ ସହିତ ମଧ୍ୟ ଏହା ଉପଲବ୍ଧ ହେବ। ଏହି ଅବସରରେ କମ୍ପାନୀର ଏମ୍‌ଡି ତଥା ସିଇଓ ଅନିଷ ଶାହ କହିଛନ୍ତି, ୨୦୨୬ ସୁଦ୍ଧା ୯ଟି ଏସ୍‌ୟୁଭି ଆଣିବାର ଯୋଜନା ପ୍ରସ୍ତୁତ କରାଯାଇଥିବା ବେଳେ ଆମେ ମୂଳ ଏସ୍‌ୟୁଭି ବର୍ଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଛୁ। ନୂଆ ମଡେଲଟିରେ ୮ଇଞ୍ଚ ଇନ୍‌ଫୋଟେନ୍‌ମେଣ୍ଟ ବ୍ୟବସ୍ଥା, ଆଣ୍ଡ୍ରଏଡ୍ ଅଟୋ, ସ୍ମାର୍ଟ ଡୋର ହ୍ୟାଣ୍ଡେଲ, ଏଲ୍‌ଇଡି ଟେଲ୍ ଲ୍ୟାମ୍ପ, ଷ୍ଟିୟରିଂ ମାଉଣ୍ଟେଡ୍ ସୁଇଚ୍, ପାୱାର ଆଡ୍‌ଜଷ୍ଟ ଓଆର୍‌ଭିଏମ୍ ସହିତ ଟର୍ନ ଇଣ୍ଡିକେଟର୍, ଡେ ନାଇଡ୍ ଆଇଆର୍‌ଭିଏମ୍, ଆର୍୧୭ ଷ୍ଟିଲ୍ ହ୍ୱିଲ୍ ରହିଛି। ଏହାର ଗ୍ୟାସୋଲିନ୍ ମଡେଲର ଦାମ୍ ୧୧.୯୯ ଲକ୍ଷ ଟଙ୍କା ଓ ଡିଜେଲ ମଡେଲ ଦାମ୍ ୧୨.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି।

# ଓଏଲ୍‌ଡିଏ ପକ୍ଷରୁ କୋଭିଡ୍ ପରିବାରଙ୍କୁ ସହାୟତା

**ଭୁବନେଶ୍ୱର,୧୭।୮**

ଓଡ଼ିଶା ଏଲ୍‌ପିଜି ବିତରକ ସଂଘ (ଓଏଲ୍‌ଡିଏ) ପକ୍ଷରୁ ବିତରକ ସଂସ୍ଥାର କର୍ମଚାରୀ ସ୍ୱର୍ଗତ ସୁଧୀର ସେଠୀଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଘର ସଭାପତି ବିଶ୍ୱନାଥ ମୁଖାର୍ଜୀଙ୍କ ନେତୃତ୍ୱରେ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ଇଣ୍ଡେନ ଗ୍ୟାସ୍ ବିତରକ ସଂସ୍ଥାର କର୍ମଚାରୀ ସ୍ୱର୍ଗତ ସେଠୀଙ୍କ ଧର୍ମପତ୍ନୀ ମଞ୍ଜୁଳା ସେଠୀଙ୍କୁ ଭେଟି ୮୦ ହଜାର ଟଙ୍କାର ସହାୟତା ରାଶି ପରିବାର ଲୋକଙ୍କ ଉପସ୍ଥିତିରେ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ପ୍ରତି କୋଭିଡ୍ ଯୋଦ୍ଧାଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି କମ୍ପାନୀ ଯଥାଶୀଘ୍ର ପ୍ରଦାନ କରୁ ବୋଲି ସଭାପତି ମଞ୍ଜୁଳାଙ୍କୁ ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସୂର୍ଯ୍ୟସାରଥି ବେହେରା, ଅଶୋକ କୁମାର ସାହୁ ଓ ରଶ୍ମିତା ଦାସ, ଅମର ରଥ, ନିବେଦିତା ପ୍ରଧାନ, ନିବେଦିତା ମଲ୍ଲିକ, ସ୍ନେହଲତା ଦାସ, ତିରୁପତି ପାତ୍ର, ସନ୍ତୋଷ ପାତ୍ର ଏବଂ ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ମହତ କାର୍ଯ୍ୟକୁ ହିଞ୍ଜିଳି ଇଣ୍ଡେନ ଗ୍ୟାସ୍ ବିତରକ ସଂସ୍ଥାର ମୁଖ୍ୟ ହରେନ ପ୍ରଧାନ ପରିଚାଳନା କରିଥିଲେ।

# ଗ୍ରାମାଞ୍ଚଳ ମହିଳାଙ୍କୁ ସିଡ୍‌ବିର ପ୍ରୋତ୍ସାହନ

**ଭୁବନେଶ୍ୱର,୧୭।୮**

ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡ୍‌ବି), ଏହାର ପ୍ରମୁଖ ପଦକ୍ଷେପ ମିଶନ୍ ସ୍ୱାବଲମ୍ବନ ଅନ୍ତର୍ଗତ, ଉଷା ଇଣ୍ଟରନ୍ୟାଶନାଲ୍ ଲିମିଟେଡ୍ (ୟୁଆଇଏଲ୍) ସହଯୋଗରେ ତୃତୀୟ ପର୍ଯ୍ୟାୟରେ ୧୦ଟି ରାଜ୍ୟର ୨୦ଟି ଜିଲାରେ ୭୫୦ଟି ସ୍ୱାବଲମ୍ବନ ସିଲାଇ ସ୍କୁଲର ସ୍ଥାପନାର ଶୁଭାରମ୍ଭ କରିଛି। ଏଥିରେ ତୃତୀୟ ପର୍ଯ୍ୟାୟକୁ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରୁ ଆରମ୍ଭ କରାଯାଇଛି। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରି ସେମାନଙ୍କୁ ସଶକ୍ତ କରାଇବା ଓ ଉଦ୍ୟୋଗ ସଂସ୍କୃତିର ବିକାଶ ସହିତ ସେମାନଙ୍କୁ ଗୃହ ଉଦ୍ୟୋଗୀ ଭାବରେ ପରିଣତ କରିବା। ଶୁଭାରମ୍ଭ ଅବସରରେ ସିଡ୍‌ବି ଅଧ୍ୟକ୍ଷ ଶିବ ସୁବ୍ରମଣ୍ୟନ, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର, ସିଡ୍‌ବି, ରମନ୍ ଶ୍ରୀ ସୁଦତ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ରିଟେଲ ଗ୍ରାହକଙ୍କ ପାଇଁ ଅଫର

**ନୂଆଦିଲ୍ଲୀ,୧୭।୮**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଗ୍ରାହକମାନଙ୍କୁ ଖୁଚୁରା ଋଣ ଓ ଜମା ଉପରେ ବିଭିନ୍ନ ପ୍ରକାର ଅଫର ପ୍ରଦାନ କରାଯାଇଛି। ବ୍ୟାଙ୍କ ଗୃହ ଋଣ ଉପରେ ପ୍ରୋସେସିଂ ଫି’ ଛାଡ଼ କରିଥିବା ବେଳେ ସବୁ ପ୍ରକାର ଚ୍ୟାନେଲରେ କାର୍ ଋଣ ଉପରେ ୧୦୦% ପ୍ରୋସେସିଂ ଫି’ ଛାଡ଼ କରାଯାଇଛି। କାର୍ ଋଣ ଉପରେ ଗ୍ରାହକ କାର୍ ମୂଲ୍ୟର ୯୦% ଫାଇନାନ୍ସ ସୁବିଧା ପାଇବେ। ୟୋନୋ ଜରିଆରେ କାର୍ ଋଣ ପାଇଁ ଆବେଦନ କରୁଥିବା ଗ୍ରାହକଙ୍କୁ ବ୍ୟାଙ୍କ ସୁଧ ଉପରେ ୦.୨୫% ରିହାତି ପ୍ରଦାନ କରୁଛି। ବାର୍ଷିକ ୭.୫% ସୁଧ ହାରରେ କାର୍ ଋଣ ପ୍ରଦାନ କରାଯାଉଛି। କୋଭିଡ୍ ଯୋଦ୍ଧାଙ୍କ ଲାଗି ସୁଧରେ ସ୍ୱତନ୍ତ୍ର ୦.୫୦% ଛାଡ଼ ହୋଇଛି। ଖୁଚୁରା ଗ୍ରାହକମାନଙ୍କ ଲାଗି ପ୍ଲାଟିନମ୍ ଟର୍ମ ଡିପୋଜିଟ୍ ଘୋଷଣା କରାଯାଇଛି। ଏଥିରେ ୭୫ ଦିନିଆ, ୭୫ ମାସିଆ ଜମା ଉପରେ ୦.୧୫% ପର୍ଯ୍ୟନ୍ତ ସୁଧ ପାଇପାରିବେ। ଏହି ସୁବିଧା ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୪ ଭିତରେ ମିଳିବ ବୋଲି ବ୍ୟାଙ୍କର ରିଟେଲ ଆଣ୍ଡ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏମ୍‌ଡି ସି ଏସ୍ ସେଟ୍ଟି କହିଛନ୍ତି।

# ଭେଇକିଲ ସ୍କ୍ରାପିଂ ନୀତିକୁ ରେନୋର ସ୍ୱାଗତ

**ନୂଆଦିଲ୍ଲୀ,୧୭।୮**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା ନୂଆ ଭେଇକିଲ ସ୍କ୍ରାପିଂ ନୀତିକୁ ରେନୋ ଇଣ୍ଡିଆ ପକ୍ଷରୁ ସ୍ୱାଗତ କରାଯାଇଛି। ନୂଆ ଭାରତ ଗଠନରେ ଏହି ନୀତି ଅଟୋଶିଳ୍ପକୁ ସହାୟତା କରିପାରିବ। ପୁରୁଣା ପଦ୍ଧତି ପରିବର୍ତ୍ତେ ନୂଆ ବ୍ୟବସ୍ଥା ଗ୍ରହଣ ଦ୍ୱାରା ଯାନ ସ୍କ୍ରାପିଂ ହୋଇପାରିବ। କମ୍ପାନୀର ସିଇଓ ଭେଙ୍କଟରାମ ମାମିଲାପାଲେ କହିଛନ୍ତି, ଏହା ଅଟୋମୋବାଇଲ ଶିଳ୍ପ ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡିକ ଲାଗି ୱିନ୍-ୱିନ ସ୍ଥିତି ଆଣିବ। ନୂଆ ନିବେଶ ଆଣିବାରେ ଏହା ସହାୟକ ହୋଇପାରିବ। ସ୍କ୍ରାପେଜ କ୍ଷେତ୍ରକୁ ଅଧିକ ସଙ୍ଗଠିତ କରିବାରେ ଏହା ଯୋଗଦାନ ରଖିବ। ମୋଟାମୋଟି ଭାବେ କହିବାକୁ ଗଲେ ଏହା ସରକାରଙ୍କ ଆତ୍ମ ନିର୍ଭର ଭାରତ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବାରେ ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ନୂଆ ନୀତିରେ ପ୍ରସ୍ତାବିତ ଅଟୋମେଟେଡ ଟେଷ୍ଟିଂ ଷ୍ଟେଶନ ଏବଂ ପଞ୍ଜୀକୃତ ଭେଇକିଲ ସ୍କ୍ରାପିଂ ଫାସିଲିଟି ଭାରତକୁ ଅଟୋ ମୋବାଇଲ ହବ୍ ଭାବେ ଗଢିତୋଳିବ।

## ଫୁର୍‌ସତ୍

# ‘ଖୁଦା ଗବାହ’ରେ ଆଫଗାନ ସ୍ମୃତି

**ଆଫଗାନିସ୍ତାନରେ ଆରମ୍ଭ ହୋଇଛି ତାଲିବାନ ଶାସନ। ଏଥିସହିତ ଉଜାଗର ହୋଇଛି ପୁରୁଣା ଦିନର ସ୍ମୃତି। ଏହାର ଖିଅ ଲମ୍ବିଛି ବ-ଟାଉନ୍ ଯାଏ। ବିଗ୍ ବି ଅମିତାଭ୍ ବଚ୍ଚନ ଏବଂ ଚାନ୍ଦିନୀ ଗର୍ଲ ଶ୍ରୀଦେବୀଙ୍କ ଅଭିନୀତ ଏପିକ୍ ଡ୍ରାମା ଫିଲ୍ମ ‘ଖୁଦା ଗବାହ’ ଶୁଟିଂ ହୋଇଥିଲା ଆଫ୍‌ଗାନିସ୍ତାନରେ। ଆତଙ୍କବାଦୀ ଆକ୍ରମଣର ଭୟ ମଧ୍ୟରେ ନିର୍ମାଣ ହୋଇଥିବା ଏହି ସିନେମାର କଳାକାରଙ୍କ ସୁରକ୍ଷା ଲାଗି ତତ୍କାଳୀନ ରାଷ୍ଟ୍ରପତି ନଜୀବୁଲ୍ଲାହ ଅହମ୍ମଦଜାଇ ଦେଶର ଅଧା ବାୟୁସେନା ନିୟୋଜିତ କରିଥିଲେ।**




**ମୁମ୍ବାଇ:** ବଲିଉଡ୍ ସିନେମାକୁ ନେଇ ଆଫ୍‌ଗାନିସ୍ତାନରେ ରହିଛି ଖାସ୍ ଝୁଙ୍କ। ବଲିଉଡ୍‌ର ଅନେକ ଫିଲ୍ମ ସେଠାରେ ଶୁଟିଂ ମଧ୍ୟ ହୋଇଛି। ଅମିତାଭ୍ ବଚ୍ଚନ ଏବଂ ଶ୍ରୀଦେବୀଙ୍କ ଅଭିନୀତ ବହୁଚର୍ଚ୍ଚିତ ସିନେମା ‘ଖୁଦା ଗବାହ’ ଶୁଟିଂ ହୋଇଥିଲା ଆଫ୍‌ଗାନିସ୍ତାନରେ, ଯାହାକୁ ସେଠାକାର ସିନେପ୍ରେମୀ ଦେଇଥିଲେ ଅନେକ ଭଲପାଇବା। ଆଫ୍‌ଗାନିସ୍ତାନର ସ୍ଥିତି ବିଗିଡ଼ିଯିବା ପରେ ଚଳଚ୍ଚିତ୍ର ଶୁଟିଂ ସମୟରେ ସ୍ମୃତି ଉଜାଗର ହୋଇଛି। ୧୯୯୨ରେ ରିଲିଜ ହୋଇଥିବା ମୁକୁଲ ଏସ୍. ଆନନ୍ଦଙ୍କ ଫିଲ୍ମ ‘ଖୁଦା ଗବାହ’ର ଷ୍ଟାର, କୋ-ଷ୍ଟାର ଏବଂ ସମସ୍ତ ଟିମ୍ ଲାଗି ତତ୍କାଳୀନ ସରକାର କଡ଼ା ସୁରକ୍ଷା ବନ୍ଦୋବସ୍ତ କରିଥିଲେ।

ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ନଜୀବୁଲ୍ଲାହ ଅହମ୍ମଦଜାଇ ହିନ୍ଦୀ ସିନେମାର ଜଣେ ବଡ଼ ପ୍ରଶଂସକ ଥିଲେ। ତେଣୁ ସିନେମା ଶୁଟିଂ ସମୟରେ ଯେପରି କୌଣସି ବାଧା ନ ଆସେ ସେଥିଲାଗ ସେ ଅମିତାଭ ବଚ୍ଚନଙ୍କ ଲାଗି କଡ଼ା ସୁରକ୍ଷା ବନ୍ଦୋବସ୍ତ କରିଥିଲେ। ଏଥିଲାଗି ଦେଶର ଅଧା ବାୟୁସେନା ନିୟୋଜିତ କରାଯିବା, ସେ ସମୟରେ ଚର୍ଚ୍ଚିତ ଘଟଣାବଳୀ ମଧ୍ୟରୁ ଗୋଟିଏ ଥିଲା। ‘ଖୁଦା ଗବାହ’ ପରଦାକୁ ଆସିବା ପରେ ‘ବିଗ୍-ବି’ ଏବଂ ଶ୍ରୀଦେବୀଙ୍କ ଚମତ୍କାର ଅଭିନୟକୁ ଭାରତ ସମେତ ଅଫ୍‌ଗାନିସ୍ତାନରେ କରାଯାଇଥିଲା ଭୂରି ଭୂରି ପ୍ରଶଂସା।

ଏକ ସାକ୍ଷାତ୍‌କାରରେ ଅମିତାଭ୍ ସିନେମା ଶୁଟିଂର ଅନୁଭୂତି ବର୍ଣ୍ଣନା କରି କହିଥିଲେ, ତାଙ୍କ ସୁରକ୍ଷାରେ ବଡ଼ ବଡ଼ ଟ୍ୟାଙ୍କ, ହେଲିକପ୍ଟର, ଶତାଧିକ ଯବାନ ମୁତୟନ ଥିଲେ। ଏହା ତାଙ୍କ ଜୀବନର ଏକ ଅଭୁଲା ଟ୍ରିପ୍ ଥିଲା। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଶୁଟିଂ କରିବାକୁ ଯିବା ବେଳେ ଚପର ବ୍ୟବହାର କରାଯାଉଥିଲା। ଉକ୍ତ ଚପରକୁ ସୁରକ୍ଷା ଯୋଗାଇଦେବାକୁ ଆଫ୍‌ଗାନ ସରକାରଙ୍କ ଅନ୍ୟ ୪-୫ଟି ହେଲିକପ୍ଟର ଏକା ସଙ୍ଗରେ ଉଡୁଥିଲା। ଆଫଗାନିସ୍ତାନର ମରୁଭୂମି ଯେତିକି ଆକର୍ଷଣୀୟ, ସେତିକି ଲୋଭନୀୟ ଠାଏଁ ଠାଏଁ ଦେଖିବାକୁ ମିଳୁଥିବା ସବୁଜ ବନାନୀ ଏବଂ ଫୁଲଭର୍ତ୍ତି ରଙ୍ଗବେରଙ୍ଗର ପାହାଡ଼। ଏଠାରେ ଫିଲ୍ମ ଶୁଟିଂ କରିବା ବେଳେ ମନ ଭିତରେ ମଧ୍ୟଯୁଗୀୟ ସମୟର ଛାପ ପରିଲକ୍ଷିତ ହେଉଥିଲା। ଚପର ଓହ୍ଲାଇବା ବେଳେ ଆଦିବାସୀମାନେ ସମସ୍ତଙ୍କୁ କାନ୍ଧରେ ଉଠାଇ ନେଇ ଭବ୍ୟ ସ୍ୱାଗତ କରିଥିଲେ, ଯାହା ସବୁଦିନ ଅଭୁଲା ହୋଇ ରହିବ ବୋଲି ଅମିତାଭ କହିଛନ୍ତି। କାବୁଲରେ ଶୁଟିଂ ଶେଷ ହେବା ପରେ ଭାରତକୁ ଫେରିବା ପୂର୍ବରୁ ରାଷ୍ଟ୍ରପତି ଭବନରେ ଭବ୍ୟ ନୈଶ୍ୟଭୋଜିର ଆୟୋଜନ କରାଯାଇଥିଲା। ଅତିଥିଙ୍କ ଲାଗି ଅତି ସୁନ୍ଦର ଭାବେ ସାଜସଜ୍ଜା ହୋଇଥିଲା। ନଜୀବୁଲ୍ଲାହଙ୍କ ଜଣେ ସମ୍ପର୍କୀୟ ଭାରତୀୟ ସଙ୍ଗୀତ ଶୁଣାଇଥିଲେ। ଏଥିସହ ସିନେମାର ସ୍କ୍ରିପ୍ଟ ଉପରେ ଆଲୋଚନା ମଧ୍ୟ ହୋଇଥିଲା ବୋଲି ଅମିତାଭ୍ ଉକ୍ତ ସାକ୍ଷାତ୍‌କାରରେ କହିଥିଲେ।

# ମାମି ଫିଲ୍ମ ଫେଷ୍ଟିଭାଲ ଅଧ୍ୟକ୍ଷା ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ବଲିଉଡ୍ ଦେଶୀ ଗର୍ଲ ପ୍ରିଙ୍କା ଚୋପ୍ରା ଜିଓ ମାମି ଫିଲ୍ମ ଫେଷ୍ଟିଭାଲର ଚେୟାର ପର୍ସନ ହୋଇଛନ୍ତି। ପୂର୍ବରୁ ଅଭିନେତ୍ରୀ ଦୀପିକା ପାଦୁକୋନ ଏହି ପଦରେ ଥିଲେ। ଏବେ ପିୟଙ୍କା ଚୋପ୍ରାଙ୍କୁ ମାମି ବୋର୍ଡ ଅଫ୍ ଟ୍ରଷ୍ଟିଜ ଦ୍ୱାରା ମନୋନୀତ କରାଯାଇଛି। ଏଥିରେ ନୀତା ଅମ୍ବାନୀ, ଅନୁପମା ଚୋପ୍ରା, ଅଜୟ ବିଜଲି, ଆନନ୍ଦ ମହିନ୍ଦ୍ରା, ଫରହାନ ଅଖତର, ଇଶା ଅମ୍ବାନୀ, କବିର ଖାଁ, କିରଣ ରାଓ, ରାଣା ଦୁଗ୍ଗୁବାତୀ, ରିତେଶ ଦେଶମୁଖ, ରୋହନ ସିପ୍ପି, ସିଦ୍ଧାର୍ଥ ରୟ କପୁର, ବିଶାଲ ଭରଦ୍ୱାଜ ଓ ଜୋୟା ଅଖତର ସଦସ୍ୟ ଅଛନ୍ତି।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଜ୍ୟୋତି ମହାନ୍ତି(ଝୁନୁ)
ବରୁଣେଇସାହି, ଖୋର୍ଦ୍ଧା
ମା’ ଚାହୁଁ ଚାହୁଁ ଆଜିକୁ ଛଅ ବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡି ଚାଲିଗଲୁ। ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଓ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।
- ଶୋକସନ୍ତପ୍ତ -
ତୋର ପିଲାମାନେ

ଧ-୨୧୨୯୯

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457719344
9458657264



ଦୀପିକା ପାଦୁକୋନ

# ଅନ୍ତିମ ସଂସ୍କାର ପିନ୍ଧା ଡ୍ରେସ୍ ନିଲାମ ଦେଇ ଟ୍ରୋଲ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ଚର୍ଚ୍ଚାରେ। କିଛି ଦିନ ହେବ ସେ ନିଜର ପୁରୁଣା ପୋଷାକ ନିଲାମ କରୁଥିବାର ଦେଖାଯାଇଛି। ଦୀପିକା ଏହି ନିଲାମରୁ ଅର୍ଜିତ ରାଶି ‘ଲାଇଭ ଲଭ ଲାଫ୍ ଫାଉଣ୍ଡେସନ’ କୁ ଦାନ କରିବେ। ତେବେ ଏହାକୁ ନେଇ ଟ୍ରୋଲର ଶିକାର ହୋଇଛନ୍ତି ଦୀପିକା। ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ଦାବି କରିଛନ୍ତି ଯେ, ଦୀପିକା ଯେଉଁ ପୋଷାକ ନିଲାମ କରିଛନ୍ତି, ସେହି ପୋଷାକ ସେ ଅଭିନେତ୍ରୀ ଜିଆ ଖାନ ଏବଂ ପ୍ରିୟଙ୍କା ଚୋପ୍ରାଙ୍କ ପିତା ଅଶୋକ ଚୋପ୍ରାଙ୍କ ଅନ୍ତିମ ସଂସ୍କାର ସମୟରେ ପିନ୍ଧିଥିଲେ। ଦୀପିକାଙ୍କ ବିଷୟରେ ଏହି ଟୁଇଟ ଶରନ୍ୟା ସେଟ୍ଟୀ ନାମକ ଜଣେ ଟୁଇଟର ୟୁଜର୍ସଙ୍କ ଦ୍ୱାରା କରାଯାଇଛି। ସେ ଲେଖିଛନ୍ତି- ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଛି। ମୋର ପ୍ରିୟ ଦୀପିକା ପାଦୁକୋନ ତାଙ୍କର ୨୦୧୩ ପୋଷାକ ନିଲାମ କରିଛନ୍ତି। ତାଙ୍କର ଏହି ପୋଷାକ ଡିଜାଇନର୍ ଡ୍ରେସ୍ ନୁହେଁ। ୨୦୧୩ରେ ଦୁଇଟି ଭିନ୍ନ ଅନ୍ତିମ ସଂସ୍କାର ସମୟରେ ସେ ଏହି ପୋଷାକ ପିନ୍ଧିଥିଲେ। ଅନେକ ୟୁଜର୍ସ ଏ ନେଇ ଦୀପିକାଙ୍କ ଉପରେ ରାଗିଯାଇଛନ୍ତି। ସେଗୁଡିକୁ ଦାନ ନ କରି ସେ ନିଲାମ କାହିଁକି କରୁଛନ୍ତି ବୋଲି ୟୁଜର୍ସ ମତ ଦେଇଛନ୍ତି।। ଦୀପିକା ଖୁବଶୀଘ୍ର ଏକାଧିକ ବଡ଼ ଫିଲ୍ମରେ ନଜର ଆସିବେ। ହ୍ରିତିକ ରୋଶନଙ୍କ ସହ ‘ଫାଇଟର୍’ଠାରୁ ଆରମ୍ଭ କରି ଶାହରୁଖ ଖାନଙ୍କ ‘ପଠାନ’ ଭଳି ଫିଲ୍ମରେ ଦୀପିକାଙ୍କୁ ଦମ୍‌ଦାର ଚରିତ୍ରରେ ଦର୍ଶକେ ଦେଖିବାକ ପାଇବେ।

# ଶୌଚାଳୟ ନ ଥିବା ଗାଁ

**ଲକ୍ଷ୍ନୌ:** ସ୍ୱଚ୍ଛ ଭାରତ ଅଭିଯାନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରତି ଗାଁରେ ଘରେ ଘରେ ଶୌଚାଳୟ କରିବା ନିମନ୍ତେ ସରକାର ପ୍ରୋତ୍ସାହନ ଦେଉଛନ୍ତି। କିନ୍ତୁ ଆଜି ବି ଏମିତି ଏକ ଗାଁ ଅଛି ଯେଉଁଠି ଗୋଟିଏ ହେଲେ ବି ଶୌଚାଳୟ ନାହିଁ। ଏମିତି ଏକ ଗାଁ ରହିଛି ଉତ୍ତରପ୍ରଦେଶରେ। ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ଜିଲାର ରାଜପୁର ଗ୍ରାମପଞ୍ଚାୟତ ଅଧିନରେ ଥିବା କୋହଲଡିହ ଗାଁରେ ଆଜିପର୍ଯ୍ୟନ୍ତ ଲୋକେ ଶୌଚାଳୟ ବ୍ୟବହାର କରିବା ଜାଣି ନାହାନ୍ତି। ଏହି ଗାଁରେ ପ୍ରାୟ ୧୦୦୦ ପରିବାର ରହୁଥିଲେ ବି ଆଜିପର୍ଯ୍ୟନ୍ତ ଗାଁର କାହା ଘରେ ବି ଶୌଚାଳୟଟିଏ ନାହିଁ। ଖାଲି ସେତିକି ନୁହେଁ ଗାଁର କୌଣସି ଗରିବ ପରିବାର ଆଜିଯାଏ ସରକାରୀ ସାହାଯ୍ୟରେ ଘର ଖଣ୍ଡେ ବି ତିଆରି କରି ନାହାନ୍ତି। କୋହଲଡିହ ଗାଁର ଲୋକେ କୌଣସି ପ୍ରକାରର ଆଧୁନିକ ସୁବିଧାସୁଯୋଗ ସମ୍ପର୍କରେ ଜାଣନ୍ତି ନାହିଁ। ଗାଁର ସବୁ ଲୋକେ ଘାସ କୁଟାରେ ତିଆରି ଝୁମ୍ପୁଡି ଘରେ ରହନ୍ତି। ଗାଁକୁ ଭଲ ରାସ୍ତା ନାହିଁ କି ସହର ସହିତ ଯୋଗାଯୋଗ କରିବା ନିମନ୍ତେ ସୁବିଧା ବି ନାହିଁ। ଗାଁରେ କୌଣସି ପ୍ରକାରର ମୌଳିକ ସୁବିଧାସୁଯୋଗ ନ ଥିବାରୁ ଲୋକଙ୍କ ପାଇଁ ବିକାଶର ଅର୍ଥ କିଛି ନାହିଁ। ସେଥିପାଇଁ ତ ସ୍ୱାଧୀନତାର ୭୫ ବର୍ଷ ପରେ ବି ଲୋକେ ଏପର୍ଯ୍ୟନ୍ତ ବିକାଶର ସ୍ୱାଦ ଚାଖି ପାରିନାହାନ୍ତି।






ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ମହିଳା ଓ ପୁରୁଷ ହକି ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖେଳାଳିଙ୍କ ସ୍ୱାକ୍ଷରିତ ଜର୍ସି ଏବଂ ସ୍ମାରକୀ ପ୍ରଦାନ କରାଯାଉଛି। ନିକଟରେ ଅଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ଧ୍ରୁବ ବାତ୍ରା, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ।









ଭାରତୀୟ ହକି ଦଳର ଅଧିନାୟିକା ରାଣୀ ରାମପାଲ ମୁଖ୍ୟମନ୍ତ୍ରୀଙ୍କଠାରୁ ୧୦ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରୁଛନ୍ତି। ଭାରତୀୟ ପୁରୁଷ ହକି ଦଳର ଡାକ୍ତର ବିଭୁକଲ୍ୟାଣ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରୁଛନ୍ତି। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ। କଳିଙ୍ଗ ଷ୍ଟାଡିୟମରେ ମହିଳା ଓ ପୁରୁଷ ହକି ଦଳର ଗୋଲକିପର ସବିତା ପୁନିଆ ଓ ପି.ଆର. ଶ୍ରୀଜେଶଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



କଳିଙ୍ଗ ଷ୍ଟାଡିୟମରେ ଉଭୟ ମହିଳା ଓ ପୁରୁଷ ହକି ଦଳର ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ଧ୍ରୁବ ବାତ୍ରା।





ଯୋଡ଼ିଶଙ୍ଖ ବାଦ୍ୟ ଓ ନୃତ୍ୟ ମାଧ୍ୟମରେ ଖେଳାଳିଙ୍କୁ ସ୍ୱାଗତ।



ଖେଳାଳିମାନଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ୱାଗତ କରୁଛନ୍ତି।

# ହକି ଖେଳାଳିଙ୍କୁ ହସ୍ତତନ୍ତ, ହସ୍ତଶିଳ୍ପ ସ୍ମାରକୀ



ବୁଣାକାର ସ୍ମାରକୀ ପ୍ରସ୍ତୁତ କରୁଛନ୍ତି।

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ)**

ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ଭାରତୀୟ ହକି ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମଗ୍ର ଦେଶରୁ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର କାରିଗର ଏବଂ ବୁଣାକାରମାନେ ସ୍ୱତନ୍ତ୍ର ହସ୍ତଶିଳ୍ପ ଓ ହସ୍ତତନ୍ତର ଉତ୍ପାଦ ପ୍ରସ୍ତୁତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳାଳୀମାନଙ୍କୁ ଅଭିନନ୍ଦନ ସ୍ୱରୂପ ବିଶେଷ ରୂପେ ପ୍ରସ୍ତୁତ ଏହି ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦଗୁଡ଼ିକୁ ପ୍ରଦାନ କରିଥିଲେ।

ଟୋକିଓ ଅଲିମ୍ପିକ୍ସରେ ଉଭୟ ହକି ଦଳର ପ୍ରଦର୍ଶନ ଦେଶବାସୀଙ୍କୁ ଆନନ୍ଦିତ କରିଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟର କାରିଗର ଏବଂ ବୁଣାକାରମାନେ ରୁପା ତାରକସିରେ ହୋଇଥିବା ଅଲମ୍ପିକ ବୃତ୍ତ ଏବଂ ଓଡିଶା ବାନ୍ଧ କାମ ପ୍ରସ୍ତୁତ ଉତ୍ତରୀୟରେ ସ୍ମାରକୀମାନ ପ୍ରସ୍ତୁତ କରିଥିଲେ । କାରିଗର ଏବଂ ବୁଣାକାରମାନେ ବହୁ ଶ୍ରମ ଦାନ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉତ୍ପାଦ ପ୍ରସ୍ତୁତ



ସ୍ମାରକୀ

ଶେଷ କରିପାରିଛନ୍ତି । ଦେଶରେ ହସ୍ତଶିଳ୍ପ ପାଇଁ ପ୍ରଥମ ଉତ୍କର୍ଷ କେନ୍ଦ୍ର ଭାବରେ ପରିଚିତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ମାର୍ଗଦର୍ଶନରେ କଳାଭୂମି-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ ମାଧ୍ୟମରେ ସମ୍ବଲପୁରୀ ବସ୍ତ୍ରାଳୟ ଓ ଉତ୍କଳିକା ଦ୍ୱାରା ଏହି ଉତ୍ପାଦ ପ୍ରସ୍ତୁତ କରାଯାଇଛି। ପଶ୍ଚିମ ଓଡ଼ିଶାର ବୁଣାକାରମାନେ ସୂତା ଓ ତୁତ ପାଟ୍ଟର (ମଲ୍‌ବରୀ ସିଲ୍କ) ଉତ୍ତରୀୟ ପ୍ରସ୍ତୁତ କରିଛନ୍ତି। ଏଥିରେ ଭାରତର ଜାତୀୟ ପତାକାରେ ଥିବା ରଙ୍ଗକୁ ବ୍ୟବହାର କରି ଅଲମ୍ପିକ୍ସର ବୃତ୍ତ ଓ ନୀଳ ରଙ୍ଗର ବ୍ୟବହାର କରି ହକି ଷ୍ଟିକ୍ ସହିତ ରୂପାଙ୍କନ କରାଯାଇଛି। ଏହି ଉତ୍ତରୀୟ ପୁରୁଣା ଇକତ/ବାନ୍ଧ ପ୍ରଣାଳୀରେ ତିଆରି ହୋଇଛି, ଯାହାକୁ ଓଡ଼ିଶାର ଭୌଗଳିକ ସଂକେତ (ଜିଆଇ) ଭାବରେ ସ୍ୱୀକୃତ କରାଯାଇଛି। ରାଜ୍ୟର ବୁଣାକାର ଓ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଉତ୍ପାଦ ଭାରତର ହକି ଖେଳାଳୀଙ୍କୁ ଅଲିମ୍ପିକରେ ସଫଳତାର ସ୍ମୃତିକୁ ଉଜ୍ଜୀବିତ ରଖିବାରେ ସଫଳ ହେବ।

# ‘ଆମ ପଦକ ଦେଶକୁ ନବୀନଙ୍କ ଉପହାର’

**ଭୁବନେଶ୍ୱର,୧୭।୮(ସ୍ପୋର୍ଟ୍ସ ବ୍ୟୁରୋ):** ଭାରତୀୟ ଅଧିନାୟକ ମନପ୍ରୀତ ହକିରେ ଦୃଷ୍ଟାନ୍ତମୂଳକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ପୁରୁଷ ଦଳର ବ୍ରୋଞ୍ଜ ପଦକ ଦେଶକୁ ନବୀନଙ୍କ ଏକ ବଡ଼ ଉପହାର ବୋଲି ସେ କହିଛନ୍ତି। କ୍ରୀଡ଼ାର ଜଣେ ବଡ଼ ସମର୍ଥକ ଭାବେ ନବୀନ ବେଶ୍ ଜଣାଶୁଣା। ଆମେ ଯେଉଁ ବ୍ରୋଞ୍ଜ ପଦକ ଜିତିଛୁ ତାହା ପ୍ରକୃତରେ ଦେଶକୁ ନବୀନଙ୍କ ଏକ ବହୁମୂଲ୍ୟ ଉପହାର ବୋଲି ସେ କହିଛନ୍ତି। ତାଙ୍କ ଦୂରଦୃଷ୍ଟି ଓ ପ୍ରୋତ୍ସାହନ କାରଣରୁ ଆମେ ଏହି ସଫଳତା ପାଇଛୁ ଓ ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ସ ପଦକ ହାସଲ କରିଛୁ। ଆମେ ସମସ୍ତଙ୍କ ପଛରେ ସେ ଖୁଣ୍ଟ ଭଳି ଠିଆ ହୋଇ ସମର୍ଥନ ଦେଇ ଆସିଛନ୍ତି। ତାଙ୍କ ନିରନ୍ତର ସମର୍ଥନ ଓ ମାର୍ଗଦର୍ଶନ ଏହି ସ୍ୱପ୍ନ ସାକାର ହୋଇ ନ ଥାନ୍ତା ବୋଲି ମନପ୍ରୀତ କହିଛନ୍ତି।



ଏହାପୂର୍ବରୁ ଶେଷଥର ପାଇଁ ଭାରତ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ପଦକ ହାସଲ କରିଥିଲା। ଓଡ଼ିଶା ଆମ ପାଇଁ ଦ୍ୱିତୀୟ ଘର ସଦୃଶ। ଏହା ଆମ ଘର ଭଳି। ତେଣୁ ଦୀର୍ଘ ଦିନ ପରେ ଏଠାକୁ ଆସି ଖୁସି ଲାଗୁଛି। ଟୋକିଓ ଅଲିମ୍ପିକ୍ସର ସଫଳତର ଶ୍ରେୟ ଓଡ଼ିଶାକୁ ଯାଉଛି। ଏଠାରେ ହକିକୁ ସମସ୍ତେ ସ୍ୱତନ୍ତ୍ର ଭାବେ ଭଲ ପାଆନ୍ତି। ଓଡ଼ିଶାର ଲୋକେ ମଧ୍ୟ ଆମକୁ ବହୁତ ଭଲ ପାଉଛନ୍ତି। ଏହା ଅବର୍ଣ୍ଣନୀୟ। ଓଡ଼ିଶାରେ ଗତ କିଛି ବର୍ଷ ମଧ୍ୟରେ ବିଶ୍ୱକପ୍ ସମେତ ଏକାଧିକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ ହୋଇଛି। ଏହି ଟୁର୍ନାମେଣ୍ଟ ଖେଳି ଆମେ ବହୁତ ଅଭିଜ୍ଞତା ହାସଲ କରିଛୁ। ଓଡ଼ିଶାରେ ହକିର ଲୋକପ୍ରିୟତା ଦେଶରେ ସର୍ବାଧିକ। ଓଡ଼ିଶର ପୃଷ୍ଠପୋଷକତାରେ ହକିର ଆହୁରି ଉନ୍ନତି ହେବ ବୋଲି ମନପ୍ରୀତ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଅଗଷ୍ଟ ୧୮/୨୦୨୧ Sambalpur, Wednesday, August 18/ 2021

# ପାରାଲିମ୍ପିଆନଙ୍କୁ ଉତ୍ସାହିତ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୭।୮ (ପି.ଟି.)**

ଟୋକିଓ ପାରାଲିମ୍ପିକ୍ସରେ ଭାଗ ନେବାକୁ ଥିବା ଭାରତର ଟପ୍ ଆଥଲେଟମାନଙ୍କ ସହ ଭର୍ଚୁଆଲି କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆପଣମାନେ ସମସ୍ତେ ବିଜେତା ଏବଂ ରୋଲ୍ ମଡେଲ ବୋଲି ସେମାନଙ୍କୁ କହିଛନ୍ତି। ମୋଦୀ ୧୦ଜଣ ପାରାଆଥଲେଟଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୦୧୬ ରିଓ ସଂସ୍କରଣ ସ୍ୱର୍ଣ୍ଣ ବିଜେତା ଦେବେନ୍ଦ୍ର ଝାଝାରିଆ ଓ ମାରିୟାପ୍ପାନ ଥାଙ୍ଗାଭେଲୁ ଅନ୍ୟତମ। ବିନା ଚାପରେ ସେମାନଙ୍କ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସେ ପରାମର୍ଶ ଦେଇଛନ୍ତି। ପାରାଲିମ୍ପିକ୍ସ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ହେବ। ସମସ୍ତେ ଶ୍ରେଷ୍ଠ ପ୍ରଦର୍ଶନ କଲେ ଅଧିକ ପଦକ ହାତେଇ ହେବ ଏବଂ ଦେଶର ଗୌରବ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତ ୫୪ ଜଣିଆ ଦଳ ପଠାଇଛନ୍ତି। ଆଥଲେଟ୍‌ମାନେ ୯ଟି କ୍ରୀଡ଼ାରେ ଭାଗ ନେବେ। ଏଫ୍-୪୬ ଜାଭେଲିନ୍ ଥ୍ରୋରେ ଝାଝାରିଆଙ୍କଠାରୁ ତୃତୀୟ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ (୨୦୦୪ ଓ ୨୦୧୬ପରେ) ଆଶା କରାଯାଉଛି। ମାରିଆପ୍ପାନ (ଟି-୬୩ ହାଇଜମ୍ପ) ଓ ବିଶ୍ୱ ଚାମ୍ପିୟନ ସନ୍ଦୀପ ଚୌଧାରୀ(ଏଫ୍-୬୪ ଜାଭେଲିନ୍ ଥ୍ରୋ)ଙ୍କଠାରୁ ମଧ୍ୟ ପଦକ ଆଶା କରାଯାଉଛି। ଉଦ୍‌ଘାଟନୀରେ ଗତ ରିଓ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିବା ମାରିୟାପ୍ପାନ ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ତୁଲାଇବେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଆଥଲେଟଙ୍କ ଶୁଭକାମନା କରିଥିଲେ। ଗତ କିଛିବର୍ଷ ହେଲା ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ ଆମ ଆଥଲେଟମାନେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଆମେ ପାରାଲିମ୍ପିକ୍ସରେ ଇତିମଧ୍ୟରେ ୧୨ ପଦକ ଜିତିସାରିଲୁଣି। ଏଥର ମଧ୍ୟ ବହୁ ପଦକ ଜିତିବୁ ବୋଲି ଠାକୁର ଆଶା ପ୍ରକାଶ କରି କହିଥିଲେ। ଅଗଷ୍ଟ ୨୭ରେ ପୁରୁଷ ଓ ମହିଳା ଆର୍ଚ୍ଚେରୀ ଇଭେଣ୍ଟରେ ଭାରତ ଏହାର ଅଭିଯାନ ଆରମ୍ଭ କରିବ।


ପାରାଲିମ୍ପିଆନଙ୍କ ସହ ଭର୍ଚୁଆଲ କାର୍ଯ୍ୟକ୍ରମରେ କଥା ହେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।




## ଅଣ୍ଟା, ଆଣ୍ଠୁ, ପିଠି ଓ ଅନ୍ୟାନ୍ୟ ବ୍ୟଥା କାରଣରୁ ବିବ୍ରତ ଲୋକଙ୍କୁ କ୍ୱିକ୍ ପେନ୍ ରିଲିଭିଂ ଅଏଲ୍‌ରୁ ମିଳୁଛି ଲାଭ

### ବଜାରରେ ବଢ଼ୁଛି କ୍ୱିକ୍ ତେଲର ଚାହିଦା

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାର ରୋଗୀମାନଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ୱେଶାଲିଷ୍ଟ ପୀଡ଼ାନାଶକ ଜଡ଼ିବୁଟିର ମିଶ୍ରଣରେ ତିଆରି ହୋଇଥିବା ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାର ପ୍ରବେଶ କରିଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି ୫୦% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ଲାଗି ରହିଥାଏ । ତା'ଉପରେ ପୁଣି କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବାକୁ ବାଧ୍ୟ କରିଦେଇଛି । "ଆକ୍ଟିଭ୍ ନ ହୋଇ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟସ୍କଙ୍କ ସମେତ ଯୁବବର୍ଗଙ୍କଠାରେ ମଧ୍ୟ ବ୍ୟଥାର ସମସ୍ୟା ବଢ଼ିବାକୁ ଲାଗିଛି । ଏଇଥିପାଇଁ ଓଜୋନ୍ ଫାର୍ମା ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛନ୍ତି । ଯାହାର ଉତ୍ତମ ଫଳପ୍ରଦତା କାରଣରୁ ଲୋକମାନଙ୍କୁ ଉତ୍ତମ ଫଳାଫଳ ମିଳିବାରେ ଲାଗିଛି । ଏହାର 120 ML ର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀ ହେଲ୍‌ପଲାଇନ୍ ନମ୍ବର 7328008854, 8127080666 ରେ ଯୋଗାଯୋଗ କରିପାରନ୍ତି ।










E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**SKY AUTOMOBILES**
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009.

**ORBIT MOTORS**
ROURKELA: 9040404444, 9040404333 SUNDARGARH: 9437049161. DEOGARH: 9437061223.

**LEGEND CARS**
JEYPORE: 7894442905. BHAWANIPATNA: 7894442907.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.25% is provided by Bank of Baroda. 100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st August, 2021.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବେସାହାରା ପରିବାରକୁ ସହଯୋଗ

ଅତାବିରା,(ଡି.ଏନ.ଏ): ବରଗଡ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତର ଅର୍ଥୈଲାପାଲି ଗ୍ରାମର ଶ୍ରମିକ ଗୁରୁଚରଣ ମାଝୀ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଏହାପରେ ତାଙ୍କ ପରିବାର ବେସାହାରା ହୋଇ ପଡିଛନ୍ତି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ତାଙ୍କ ପରିବାରକୁ ଆର୍ଥିକ ସହାୟତା ଦେଇଛନ୍ତି। ମୃତ ଶ୍ରମିକ ଯେଉଁ ରାଇସ୍ ମିଲ୍‌ରେ କାମ କରୁଥିଲେ ସେହି ମିଲ୍‌ର ମାଲିକ ସହଯୋଗର ହାତ ବଢ଼ାଇବା ପାଇଁ ଦାବି ହେଉଛି ।

**ସଂକ୍ଷେପରେ**

## ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ତରଭା,୧୭।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ପୁଞ୍ଜିପଥର ଛକ ନିକଟରେ ମଙ୍ଗଳବାର ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖଇରଭାଡି ଗାଁର ଅନଙ୍ଗ ମହାଲିଙ୍ଗ(୩୫)। ବାଇକ ନଂ ଓଆର ୦୩ ଏଚ୍ ୮୦୫୫ ରେ ସେ ନିଜ ଗାଁରୁ ଚାରଭଟା ଦେଇ ଜାମକାନୀକୁ ଯାଉଥିଲା । ପୁଞ୍ଜିପଥର ନିକଟରେ କମସରା ପଟୁ ଆସୁଥିବା ଟ୍ରକ ଓଡି ୧୫ -୨୫୫୨ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅନଙ୍ଗଙ୍କୁ ତରଭା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କମସରା ଫାଣ୍ଡି ପୋଲିସ ଟ୍ରକ ଓ ବାଇକକୁ ଜବତ କରିଛି। ଟ୍ରକ ଡ୍ରାଇଭର ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୯/୨୧)ରୁଜୁ ହୋଇଛି।

## ରୁସେଲସ୍ ଭାଇପର ସାପକୁ ଧରିଲା ବନ ବିଭାଗ



ଉଲୁଣ୍ଡା,୧୭।୮ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାଉଲିମାଲ ଗ୍ରାମ ନିକଟରୁ ମଙ୍ଗଳବାର ବନ ବିଭାଗ ରୁସେଲସ୍ ଭାଇପର ନାମକ ଏକ ବିଷାକ୍ତ ସାପକୁ ଧରିଛି। ପରେ ଉକ୍ତ ସାପକୁ ନିକଟସ୍ଥ ଝିଟିପିଟି ପାହାଡରେ ଛାଡି ଦିଆଯାଇଛି। ମଧ୍ୟାହ୍ନରେ ମାଉଲିମାଲ ଗାଁ ନିକଟରେ ଏହି ସାପକୁ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇବା ପରେ ଉଲୁଣ୍ଡା ବନପାଳ ପ୍ରସନ୍ନ କୁମାର ନାଏକ, ବନରକ୍ଷୀ ବଳରାମ ନାଏକଙ୍କ ସହ ବନାଞ୍ଚଳର ବନ ସୁରକ୍ଷା ବାହିନୀର କିଷାନ ମେହେର, ଦୀପକ କର୍ଣ୍ଣ, ପ୍ରାଣବନ୍ଧୁ ଝାଙ୍କର, ପ୍ରମୁଖ ଘଟଣାସ୍ଥଳକୁ ଆସି ସାପକୁ ଉଦ୍ଧାର କରିଥିଲେ। ପ୍ରାୟ ୪ ଫୁଟ ଲମ୍ବର ଏହି ସାପ ବିଷାକ୍ତ ବୋଲି ବନପାଳ ପ୍ରସନ୍ନ କୁମାର ନାଏକ ସୂଚନା ଦେଇଛନ୍ତି।

## ମେଗା ରକ୍ତଦାନ ଶିବିର



ଲୋଇସିଂହା,୧୭।୮(ଡି.ଏନ.ଏ.): ଓଡିଶା ମୋ ପରିବାର ଆନୁକୂଲ୍ୟର ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଅଗ୍ରେସନ ଭାବନଠାରେ ମେଗା ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ରକ୍ତର ଅଭାବ ଦୂର ପାଇଁ ବିଜୁ ଛାତ୍ର ଜନତା ଦଳର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ କାର୍ଯ୍ୟକ୍ରମ ଉଦ୍ୟୋକ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧନାରେ ଅନୁଷ୍ଠିତ ଶିବିରରେ ୧ଶହ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ତରୀୟ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବୌଦ୍ଧ,୧୭।୮(ସ୍ୱ.ପ୍ର.): ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ



ଶିକ୍ଷକ ଗୌରଚନ୍ଦ୍ର ପ୍ରଧାନ (୮୩)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦୁଇ ବର୍ଷ ହେଲା ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ଥିଲେ। ପ୍ରଧାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ପରଲୋକ ଘଟିଥିଲା। ମଙ୍ଗଳବାର ମରଶରୀର ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ବାସଭବନରେ ପହଞ୍ଚିବା ପରେ ବହୁ ସଂଖ୍ୟାରେ ଶୁଭେଚ୍ଛୁ ,ବନ୍ଧୁ ପରିଜନ ଶେଷ ଦର୍ଶନ କରିଥିଲେ। ବୌଦ୍ଧ ଶ୍ମଶାନଘାଟଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

# ୨୮ବର୍ଷ ପରେ ବି ଅପେକ୍ଷାର ଅନ୍ତନାହିଁ

ବଲାଙ୍ଗୀର ଅଫିସ,୧୭।୮

ଖୋର୍ଦ୍ଧା–ବଲାଙ୍ଗୀର ରେଳପ୍ରକଳ୍ପ ୧୯୯୩ ମସିହାରେ କେନ୍ଦ୍ରୀୟ ମଞ୍ଜୁରୀ ମିଳିଥିଲା। ମଞ୍ଜୁରୀ ମିଳିବାର ଦୀର୍ଘ ୨୮ବର୍ଷ ପରେ ବି ଏହି ପ୍ରକଳ୍ପ ଆଶାନୁରୂପକ ଅଗ୍ରଗତି କରିପାରିନାହିଁ। ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପ କାମ ଶେଷ ହେବାକୁ ଆଉ କେତେ ସମୟ ଲାଗିବ ଏହାର ଉତ୍ତର କାହା ପାଖରେ ନାହିଁ।

ଦୀର୍ଘ ଅବହେଳାର ପ୍ରକଳ୍ପ ହୋଇ ପଡି ରହିଥିବା ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ୨୦୧୫ରେ କେନ୍ଦ୍ର ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରକଳ୍ପ ବ୍ୟୟ ଅଟକଳର ୫୦ପ୍ରତିଶତ ଲେଖାଏ ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଥିଲେ। ଏହା ସହ ରାଜ୍ୟ ସରକାର ପ୍ରକଳ୍ପ ପାଇଁ ଆବଶ୍ୟକ ସମସ୍ତ ଜମି ମାଗଣାରେ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ଚୁକ୍ତିନାମା ସ୍ୱାକ୍ଷରିତ ହେବାର ୬ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୧ ଜୁଲାଇ ସୁଦ୍ଧା ଏହି ରେଳପ୍ରକଳ୍ପ କାମ ଶେଷ ହୋଇଯିବା କଥା। ଖୋର୍ଦ୍ଧା–ବଲାଙ୍ଗୀର ୨୮୯ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପର ମାତ୍ର ୯୨କିଲୋମିଟର ରେଳପଥ ଏପର୍ଯ୍ୟନ୍ତ ନିର୍ମାଣ ସରିଛି। ଏଥିରୁ ଖୋର୍ଦ୍ଧା ପଟରୁ ୭୬ କିଲୋମିଟର



ବଲାଙ୍ଗୀର ରେଳଷ୍ଟେଶନ।

ଦୂର ମହୀପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ ସରିଥିବାବେଳେ ବଲାଙ୍ଗୀର ପଟରୁ ମାତ୍ର ୧୬ କିଲୋମିଟର ଦୂର ବିଚ୍ଛୁପାଲି ଯାଏ କାମ ସରିଛି। ଆହୁରି ୧୯୭ କିଲୋମିଟର ରେଳପଥ ନିର୍ମାଣ ହେବାକୁ ବାକି ରହିଛି।

ପୂର୍ବତଟ ରେଳବିଭାଗ ସୂଚନା ମୁତାବକ ୨୮୯ କିଲୋମିଟର ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ ୬୧୬୨ ଏକର ଜମି ଅଧିଗ୍ରହଣର ଆବଶ୍ୟକତା ଥିଲା। ଏ ପର୍ଯ୍ୟନ୍ତ ୪୯୧୩ ଏକର ଜମି ଅଧିଗ୍ରହଣ ହୋଇଛି। ଆଉ ପ୍ରାୟ ୧୨୪୯ ଏକର ଜମି ଅଧିଗ୍ରହଣ ହେବାକୁ ବାକି ରହିଛି। ଏହି ସମୁଦାୟ ଜମି ମଧ୍ୟରୁ ୧୮୪୫ ଏକର ଜଙ୍ଗଲ ଜମି ରହିଛି। ଏଯାଏ ମାତ୍ର ୧୭୦ ଏକର ଜଙ୍ଗଲ ଜମିର ଅନୁମତି ମିଳିଛି। ଖୋର୍ଦ୍ଧାପଟୁ ମହୀପୁରଠାରୁ ନୂଆଗାଁ ପର୍ଯ୍ୟନ୍ତ ପ୍ରାୟ ୧୨କିଲୋମିଟର ରେଳଲାଇନ୍ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ସରିଯିବ ଓ ବଲାଙ୍ଗୀର ପଟରୁ ବିଚ୍ଛୁପାଲିଠାରୁ ଖାରତରଭା ଯାଏ ପ୍ରାୟ ୧୨ କିଲୋମିଟର ରେଳପଥ ମାର୍ଚ୍ଚ ୨୦୨୨ ସୁଦ୍ଧା ସରିବ। ମାର୍ଚ୍ଚ ୨୦୨୩ ସୁଦ୍ଧା ଖାରତରଭାଠାରୁ ସୋନପୁର ପର୍ଯ୍ୟନ୍ତ ୨୨ କିମି ରେଳପଥ ନିର୍ମାଣ ସରିବ ବୋଲି କୁହାଯାଇଛି। ଏହାବାଦ୍ ସୋନପୁରଠାରୁ ବୌଦ୍ଧ ଏବଂ ନୂଆଗାଁ ପର୍ଯ୍ୟନ୍ତ ରେଳପଥ ନିର୍ମାଣ ସରି ଏହି ରେଳପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ୨୦୨୬ ମାର୍ଚ୍ଚ ସୁଦ୍ଧା ଲକ୍ଷ୍ୟ

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

- ୨୨ରେ ବଲାଙ୍ଗୀର ଆସୁଛନ୍ତି ରେଳମନ୍ତ୍ରୀ

ରଖାଯାଇଥିବା କୁହାଯାଇଛି। ପ୍ରାୟ ୨୭୦ କୋଟିର ମୂଳ ପ୍ରକଳ୍ପ ଏବେ ୩ ହଜାର ୭ଶହ ୯୨କୋଟିରେ ପହଞ୍ଚିଛି। ପ୍ରକଳ୍ପରେ ଏ ପର୍ଯ୍ୟନ୍ତ ୧୫୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ପ୍ରକଳ୍ପ ସରିବା ବେଳକୁ ବ୍ୟୟ ଅଟକଳ ଆହୁରି କେତେ ବୃଦ୍ଧି ପାଇବ ତାହା ଜଣାପଡିନାହିଁ। ୨୦୧୯ ଜାନୁୟାରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ଗସ୍ତରେ ଆସି ବଲାଙ୍ଗୀର–ବିଚ୍ଛୁପାଲି ୧୬ କିଲୋମିଟର ରେଳପଥ ଏବଂ ପାସେଞ୍ଜର ଟ୍ରେନ୍ ଚଳାଚଳକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଚୁକ୍ତିନାମା, ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନ ସତ୍ତ୍ୱେ ଏହି ରେଳପ୍ରକଳ୍ପର ଆଶାନୁରୂପକ ଅଗ୍ରଗତି ହୋଇପାରିନାହିଁ। ଏଭଳି ସ୍ଥିତିରେ ଆସନ୍ତା ୨୨ ତାରିଖ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଲାଙ୍ଗୀର ଜିଲା ଗସ୍ତରେ ଆସୁଛନ୍ତି। ରେଳମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ ଖୋର୍ଦ୍ଧା–ବଲାଙ୍ଗୀର ରେଳପ୍ରକଳ୍ପର ୨୮ ବର୍ଷର ଉପେକ୍ଷାକୁ କେତେମାତ୍ରାରେ ଫଳବତୀ କରିବ ତାହା ଦେଖିବାକୁ ଜିଲା ତଥା ଅଞ୍ଚଳବାସୀ ଅପେକ୍ଷାରତ ଅଛନ୍ତି।

# ଅନ୍‌ଲାଇନ ଶିକ୍ଷା ବନ୍ଦ ଦାବିରେ ବିକ୍ଷୋଭ



ବିଦ୍ୟାଳୟ ଖୋଲିବା ଦାବିରେ ବିକ୍ଷୋଭ ପଟୁଆର।

ବୌଦ୍ଧ/ବଘିଆପଡା, ୧୭।୮(ସ୍ୱ.ପ୍ର./ଡି.ଏନ.ଏ.)

ଦୀର୍ଘ ଦୁଇ ବର୍ଷ ହେବ କରୋନା ମହାମାରୀ ଯୋଗୁ ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇଯାଇଛି। ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବାରୁ ଅନ୍‌ଲାଇନ ଶିକ୍ଷା ପ୍ରଦାନ କରାଯାଉଛି। ତେବେ ବୌଦ୍ଧ ଜିଲାର ଗ୍ରାମାଞ୍ଚଳରେ ରହୁଥିବା ଅଧିକାଂଶ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ। ଏହାଛଡା ଜିଲାର ସବୁ ସ୍ଥାନରେ ମୋବାଇଲ ଟାୱାର ନ ଥିବା ବେଳେ ଗରିବ ମାତାପିତା ପିଲାଙ୍କୁ ମୋବାଇଲ ଦେବାକୁ ସମର୍ଥ ହେଉନାହାନ୍ତି। ଫଳରେ ଗ୍ରାମାଞ୍ଚଳର ବହୁ ଛାତ୍ରୀଛାତ୍ର ଅନ୍‌ଲାଇନ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏନେଇ ମଙ୍ଗଳବାର ଦିନ ଅଖିଳ ଭାରତୀୟ ଛାତ୍ର ସଂଘ (ଏଆଇଏସଏଫ) ବଘିଆପଡା

- ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି ଗରିବ ଛାତ୍ରୀଛାତ୍ର
- ବିଦ୍ୟାଳୟ ଖୋଲିବାକୁ ଦାବି କଲା ଛାତ୍ର ସଂଗଠନ

ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କମିଟିର ସଦସ୍ୟ ହିରଣ୍ୟ ଦୀପଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ମେଣ୍ଡିମାଳ ଛକ ଠାରୁ ବାହାରି ତୁରନ୍ତ ବିଦ୍ୟାଳୟଗୁଡିକ ଖୋଲିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ବଘିଆପଡା ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ବିକ୍ଷୋଭରେ ଏଆଇଏସଏଫର ନେତା ଅବକାଶ ସାହୁ, ପ୍ରଦୀପ ମହାକୁଡଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ବିଜୁଳି ଶ୍ରମିକ ସଂଘର ଆଲୋଚନା

ବଲାଙ୍ଗୀର ଅଫିସ,୧୭।୮

ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ଟାଟା ପାୱାରରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ପ୍ରତି ମାସ ପ୍ରଥମ ସପ୍ତାହରେ ଦରମା ପ୍ରଦାନ ଓ ନିୟମିତ କରିବା, ବିଦ୍ୟୁତ୍ ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସୁରକ୍ଷା ସରଞ୍ଜାମ ଯୋଗାଣ, ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ, ସରକାରଙ୍କ ନିୟମ ଅନୁଯାୟୀ ମୃତକ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଆଦି ଦାବି କରାଯାଇଥିଲା । ଦାବିଗୁଡିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ତୁରନ୍ତ ସାମାଧାନ



ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କରାଯିବ ବୋଲି ଟାଟା ପାୱାର ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ରଞ୍ଜନ କୁମାର ନାଏକ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନା ବେଳେ ସଂଘ ଉପସଭାପତି ନିରଞ୍ଜନ ବିଶି, ସାଧାରଣ ସମ୍ପାଦକ ବିଭୂତି ଶଙ୍କର ବିନ୍ଧାଣି, ବଲାଙ୍ଗୀର ଡିଭିଜନ ସମ୍ପାଦକ ଜ୍ୟୋତି ରଞ୍ଜନ ମହାନ୍ତି, ଟିଟିଲାଗଡ ଡିଭିଜନ ସମ୍ପାଦକ ମହିନ୍ଦ୍ର ରଣା, ସେକ୍ସନ ସମ୍ପାଦକ ଦୁର୍ଗା ପ୍ରସାଦ ରାଓ, ହେମନ୍ତ ପ୍ରଧାନ, ବିପିନ ବିହାରୀ ଭୋଇ, ଟିଙ୍କୁ ରାଓ, ବ୍ରଜବନ୍ଧୁ ବାଗ, ପ୍ରଦୀପ ଡାକୁଆ, ଜ୍ୟୋତି ରଞ୍ଜନ ମିଶ୍ର, ଚନ୍ଦ୍ରଭାନୁ ବେହେରା, ମନରଞ୍ଜନ ଓଝା, ଦୁଃଖନାଶନ ଶବର ଉପସ୍ଥିତ ଥିଲେ।

## ଚାଷଜମିରୁ ଯୁବକଙ୍କ ମୃତଦେହ ଜବତ

କୋକସରା୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଧନସରା ଗ୍ରାମର ମାହାରୁ ସତନାମୀ (୨୫) ନାମକ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ସାରଙ୍ଗପଡାର ଏକ ଚାଷ ଜମିରୁ ପୋଲିସ ଜବତ କରିଛି। ସନ୍ଧ୍ୟା ହେବାରୁ ବୁଧବାର ଶବ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ସାରଙ୍ଗପଡାର ଏକ ଚାଷ ଜମିରେ ମାହାରୁଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକସ୍ଥିତ ଅନୁଧ୍ୟାନ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲା। ସନ୍ଧ୍ୟା ହେବାରୁ ଶବ ବ୍ୟବଚ୍ଛେଦ ହୋଇ ନ ଥିବା ବେଳେ ବୁଧବାର ହେବ ବୋଲି ପୋଲିସ ସୂଚନା ଦେଇଛି। ମାହାରୁ ନିଜର ଚାଷ ଜମିକୁ ଘାସ ବାଛିବାକୁ ଆସିଥିବା ନେଇ ସନ୍ଦେହ କରାଯାଉଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଛି ତା'ର କାରଣ ଜଣାପଡ଼ି ନାହିଁ।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ ଶୁଭାରମ୍ଭ

ଭବାନୀପାଟଣା,୧୭।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଦିବ୍ୟାଙ୍ଗଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକର ୧୩୬ଜଣ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ଯଥା ବ୍ୟାଟେରୀ ଚାଳିତ ହୁଇଲ ଚେୟାର ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିବା ସହ ତାଙ୍କର ସମାଜପ୍ରତି ଦାୟିତ୍ୱବୋଧ ଓ ସହଯୋଗକୁ ପ୍ରଶଂସା କରିଥିଲେ। ଦିବ୍ୟାଙ୍ଗ ପାଇଁ ଆସିଥିବା ବ୍ୟାଟେରୀ ଚାଳିତ ହୁଇଲ ଚେୟାରକୁ ମନ୍ତ୍ରୀ ମିଶ୍ର ଚଲାଇ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ବିଡିଓ ପିତା କୁମାର,ଏଏଲଆଇଏମଆଇ ଓ ଅଧିକାରୀ ଚନ୍ଦନ କୁମାର ଚାନ୍ଦ, ଡିଏସଏସଓ ଭୋଲାନାଥ ନାଏକ, ଡିଡିଆରଓ ସୁଭାଶିତ ମହାନ୍ତି, ଜିଲା ସୂଚନା ଅଧିକାରୀ ମନୋଜ ବେହେରା, ସାମାଜିକ କର୍ମୀ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ



ହୁଇଲ ଚେୟାରରେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର।

**ହୁଇଲ ଚେୟାରକୁ ଚଲାଇ ପରୀକ୍ଷା କଲେ ମନ୍ତ୍ରୀ**

ଥିଲେ। ଜିଲା ପ୍ରଶାସନ ଦ୍ୱାରା ପାୱାର ଗ୍ରୀଡ ନିଗମର ସିଏସଆର ଓ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣକାରୀ ନିଗମର ମିଳିତ ସହାୟତା ତଥା କେନ୍ଦ୍ର ସରକାରଙ୍କ ଏଡିଆଇପି ଯୋଜନାରେ ଦିବ୍ୟାଙ୍ଗଙ୍କୁ ଏହି ସହାୟକ ଉପକରଣ ବଣ୍ଟନ କରାଯାଉଛି।

# ଚାଷୀଙ୍କ ସମସ୍ୟା ନେଇ ତହସିଲଦାରଙ୍କୁ ଦାବିପତ୍ର

କୋକସରା୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଏହି ପଞ୍ଚାୟତରେ ଅଗଷ୍ଟ ସୁଦ୍ଧା ଆବଶ୍ୟକରୁ ଅତି କମ୍ ବୃଷ୍ଟିପାତ ଯୋଗୁ ରୁଆ ବେଉଷଣ ହୋଇପାରିନାହିଁ। ଆସନ୍ନ ମରୁଡି କବଳରେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ଋଣ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ବର୍ଷାଭାବ ଯୋଗୁ ସବୁ ବ୍ୟାଘାତ ଘଟିଛି। ଚଳିତ ବର୍ଷଠାରୁ କୋକସରା ବ୍ଲକକୁ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପରୁ ଜଳସେଚନ ଆରମ୍ଭ ହୋଇଛି। କିନ୍ତୁ ପୋଡ଼ାଗୁଡା ପଞ୍ଚାୟତ ଇଞ୍ଚେ ଚାଷ ଜମିକୁ ମଧ୍ୟ ପାଣି ପହଞ୍ଚୁନାହିଁ। ମେଗାଲିଫ୍ଟ କେନାଲକୁ ସମ୍ପ୍ରସାରଣ



ତହସିଲଦାର ମନୋଜ କୁମାର ପାଢୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କରି ଜଳଯୋଗାଣ କରିବାକୁ ଦାବି କରାଯାଉଛି। ଅନାବୃଷ୍ଟି ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସବସିଡ଼ି ପ୍ରଦାନ, ଚାଷୀଙ୍କ କୃଷିଋଣ ଛାଡ ପାଇଁ ଚାଷୀ ଓ ଗ୍ରାମବାସୀ ଦାବି କରିଛନ୍ତି। ମଙ୍ଗଳବାର ନାଏବ ସରପଞ୍ଚ ଧନୁ ଦୁର୍ଗାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଓ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ତହସିଲଦାର ମନୋଜ କୁମାର ପାଢୀଙ୍କୁ ପ୍ରଦାନ କରିଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରିବାକୁ ବଡ଼ପୋଡ଼ାଗୁଡାବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚୌଧୁରୀ ନାଏକ, ମନ୍ମଥ ଦାସ, କୃଷ୍ଣ ଚନ୍ଦ୍ର ନାଏକ, ପଦ୍ମଲୋଚନ ନାଏକ, ରୁତୁ ରାଜ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବର୍ଷା ପାଇଁ ଇନ୍ଦ୍ରପୂଜା କଲେ ଚାଷୀ

କର୍ଲାମୁଣ୍ଡା,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଚଳିତବର୍ଷ ଆବଶ୍ୟକ ମୁତାବକ ବର୍ଷା ହେଉ ନ ଥିବାରୁ ଚାଷ କାମ ଆଗେଇ ପାରୁନାହିଁ। ଏହାକୁ ନେଇ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଚାଷୀମାନେ ବର୍ଷା ହେବା ଲାଗି ଇନ୍ଦ୍ରପୂଜା କରୁଥିବା ଦେଖିବାକୁ ମିଳୁଛି। ବ୍ଲକର ଯୋରାଡବରାରେ ଗ୍ରାମର ଚାଷୀମାନେ ସୋମବାର ଇନ୍ଦ୍ର ପୂଜା କରିଛନ୍ତି। ଯଜ୍ଞ କର୍ତ୍ତା ଭାବେ ଜତି ମାଝି ଓ ବୈଦେହୀ ମାଝି ଦାୟିତ୍ୱ ନିର୍ବାହ କରିଥିଲେ। ଜଗନ୍ନାଥ କମିଟି ସଭାପତି ମାନଧାତା ସାହୁ, ଧନୁର୍ଯ୍ୟ ସାହୁ, ଜଗୁଲାଲ ସାହୁ, ରାଧାମୋହନ ସାହୁ, ମହିଧର ସାହୁ, କହ୍ନେର ସାହୁ, ଦିବାକର ସାହୁ, ରବି ମଲ୍ଲିକ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# କେନ୍ଦ୍ର ରେଳମନ୍ତ୍ରୀଙ୍କ ଜନ ଆଶୀର୍ବାଦ ଯାତ୍ରା ପାଇଁ ପ୍ରସ୍ତୁତି

କୋକସରା୧୭।୮(ଡି.ଏନ.ଏ.)

ଆସନ୍ତା ୨୧ରେ କଳାହାଣ୍ଡି ଆସିବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ। ଏଥିପାଇଁ କୋକସରା ବ୍ଲକରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋକସରା ମଣ୍ଡଳ ସଭାପତି ତ୍ରିନାଥ ବାଗଙ୍କ ଅଧକ୍ଷତାରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ଭାଜପା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସୁଧୀରରଞ୍ଜନ ପାଟଯୋଷୀ, ଜିଲା ଉପସଭାପତି ବଦ୍ରିନାରାୟଣ ପଟ୍ଟନାୟକ ଯୋଗଦେଇଥିଲେ। ୨୧ତାରିଖ ଆମପାଣିରୁ ଜନ ଆଶୀର୍ବାଦ ଯାତ୍ରାର ଶୁଭାରମ୍ଭ ହେବ। ବ୍ଲକର ଆମପାଣି, କାଉଡୋଳା, କୋକସରା ଓ ମୋଟେରଠାରେ ମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ବୈଠକରେ ଜିଲା କୃଷକ ମୋର୍ଚ୍ଚା ଉପ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, ବ୍ଲକ ସମ୍ପାଦକ ତ୍ରିନାଥ ବାଗ, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, ଉପ ସଭାପତି ଗୋପାଳ ଅଗ୍ରୱାଲ, କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ଗଣେଶ ନନ୍ଦ ପ୍ରମୁଖ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ତୁଳସୀନଗର ଦୁର୍ଗାପୂଜା କମିଟି ଗଠିତ

ବଲାଙ୍ଗୀର ଅଫିସ,୧୭।୮

ବଲାଙ୍ଗୀର ତୁଳସୀନଗର ଦୁର୍ଗାପୂଜା କମିଟି ଗଠିତ ହୋଇଛି। ତୁଳସୀନଗରର ନିର୍ମାଣାଧିନ ଦୁର୍ଗାପୂଜା ମଣ୍ଡପ ଠାରେ ଅନୁଷ୍ଠିତ ବୈଠକରେ ଆଡଭୋକେଟ୍ ନୀଳାଦ୍ରୀ ବିହାରୀ ସିଂ ଅଧ୍ୟକ୍ଷତା କରିଥିଲେ। ନୂଆ ଦୁର୍ଗାପୂଜା ମଣ୍ଡପ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏପର୍ଯ୍ୟନ୍ତ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବା ସୂଚନା ଦିଆଯାଇଥିଲା। ଚଳିତବର୍ଷ ନବନିର୍ମିତ ମଣ୍ଡପରେ ଦୁର୍ଗାପୂଜାକୁ କୋଭିଡ କଟକଣା ମଧ୍ୟରେ ପାଳନ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଲୋଚନା ପରେ କମିଟି ପୁର୍ନଗଠନ କରାଯାଇଥିଲା। ବନମାଳୀ ବାଗଙ୍କ ପ୍ରସ୍ତାବକ୍ରମେ ଦୁର୍ଗାପୂଜା କମିଟି ସଭାପତି ଭାବେ କିଶୋର କୁମାର ରଥଙ୍କୁ ମନୋନୀତ କରାଯାଇଥିଲା। କମିଟିରେ ଚକ୍ରଧର ରଣା ଓ ନିଳାଦ୍ରୀ ବିହାରୀ ସିଂ ଉପସଭାପତି, ସୁନୀଲ କୁମାର ମହାନ୍ତି ସାଧାରଣ ସମ୍ପାଦକ, ଗୋବିନ୍ଦ ବହିଦାର, ହରେକୃଷ୍ଣ ଆଡଜୁଆଡ ଏବଂ ଆଲୋକ ରଞ୍ଜନ ପାଣିଗ୍ରାହୀ ସହସମ୍ପାଦକ, ନାରାୟଣ ମିଶ୍ର କୋଷାଧ୍ୟକ୍ଷ ଓ ଅଜୟ ମହାପାତ୍ର ସହକୋଷାଧ୍ୟକ୍ଷଭାବେ ମନୋନୀତ ହୋଇଥିଲେ। ଏକ ୧୭ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଅଡିଟରଭାବେ ଡ. ମହେଶ ପଟ୍ଟନାୟକ ଓ ମନୋରଞ୍ଜନ ପଟ୍ଟନାୟକ ରହିଛନ୍ତି। ବୈଠକରେ ପଡାର ସମରେନ୍ଦ୍ର ଜଟି, ସଞ୍ଜୟ ଭୋଇ, ନୀଳ ସେଠ୍, ଅଭୟ ଯୋଷୀ, ବାଞ୍ଛା ସେଠ୍, ସୁଦାମ ସାହୁ, ରଘୁ ବାଗ, ପ୍ରହଲ୍ଲାଦ ଭୋଇ, ଚୈତନ୍ୟ କୁମାର ସା, ମହମ୍ମଦ ରାଜା, ବିଘ୍ନରାଜ ମିଶ୍ର ଉପସ୍ଥିତ ଥିଲେ।

# ଅବହେଳିତ ଅବସ୍ଥାରେ ଖଟଖଟିଆ ନୋଡ଼ାଲ ସ୍କୁଲ

ବାଉଁଶୁଣୀ,୧୭।୮(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଅବହେଳିତ ଅବସ୍ଥାରେ ରହିଛି। ୧୯୫୨ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଆଉ ପାଞ୍ଚ ବର୍ଷ ପରେ ରଜତ ଜୟନ୍ତୀ ପାଳନ କରିବାକୁ ପ୍ରସ୍ତୁତ ଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୭୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି । ହେଲେ ପିଲାଙ୍କ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ଅଭାବ ଲାଗି ରହିଛି । ତାହା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୮ଗୋଟି ଶ୍ରେଣୀଗୃହ ରହିବା ସ୍ଥଳେ ଏବେ ମାତ୍ର



ବିପଦସଙ୍କୁଳ ଅବସ୍ଥାରେ ସ୍କୁଲ ଗୃହ।

୪ ଗୋଟି ଶ୍ରେଣୀଗୃହ ଥିବା ଯୋଗୁ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ର କେଉଁଠି ବସିବେ ଏବେ ଚିନ୍ତାର ବିଷୟ ହୋଇଛି। ମାତ୍ର ୮ ଡେସିମିଲ ଜାଗାରେ ସ୍କୁଲ ହୋଇଥିବା ରେକର୍ଡ଼ରେ ଥିବା ବେଳେ ବାକି ଥିବା ସ୍ଥାନ ଜଣେ ବ୍ୟକ୍ତିଙ୍କ ନାମରେ ଥିବାରୁ ବିଭିନ୍ନ ସମୟରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଥିବା ନଜରକୁ ଆସୁଛି । ୨ ବର୍ଷ ପୂର୍ବରୁ ପଞ୍ଚାୟତିରାଜ ବିଭାଗକୁ ରାଜ୍ୟ ସରକାର ବିଦ୍ୟାଳୟଗୁଡିକର ବିକାଶ ଦାୟିତ୍ୱ ଦେଇଥିଲେ ହେଁ ଖଟଖଟିଆ ଗ୍ରାପରେ ଅବସ୍ଥିତ ଏହି ବିଦ୍ୟାଳୟର ବିକାଶ ପାଇଁ କୋଣସି ଯୋଜନା ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ଶ୍ରେଣୀଗୃହ ସହିତ ପିଲାଙ୍କ ଖେଳପଡ଼ିଆ, ପରିଶ୍ରାଗାର, ସାଇକେଲ ଷ୍ଟାଣ୍ଡ ଆବଶ୍ୟକ ରହିଛି। ଭଗ୍ନ ଅବସ୍ଥାରେ ଥିବା ଶ୍ରେଣୀଗୃହ ଯେ କୌଣସି ମୁହୂର୍ତ୍ତରେ କୋମଳ ମତି ଶିଶୁମାନଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଗ୍ରାମ୍ୟ ଶିକ୍ଷା କମିଟି, ଜିଲା ପ୍ରଶାସନ ଓ ସଂପୃକ୍ତ ସରପଞ୍ଚଙ୍କୁ ଅନେକ ବାର ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଯଥାଶୀଘ୍ର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ସର୍ପାଘାତରେ ଯୁବକ ମୃତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇର ମାଧବ ବାଙ୍କ(୨୭)ଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ନିଜ ଘରେ ବିଛଣା ପକାଇ ଶୋଇଥିବା ସମୟରେ ସୋମବାର ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ମଙ୍ଗଳବାର ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘଟିଥିଲା। ଅପରାହ୍ନରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କମ୍‌ବର୍ଷା, ସରିନି ରୁଆ ବିହୁଡ଼ା

ଅମରପାଲି,୧୭।୮ (ଡି.ଏନ.ଏ)

ଶ୍ରାବଣ ସରିବାକୁ ବସିଲାଣି। ମାତ୍ର ଏ ଯାଏ ସରିନି ରୁଆ ବିହୁଡା କାମ। ମୌସୁମୀ ଓ ଲଘୁଚାପ ବର୍ଷାକୁ ଚାହିଁ ରହିଛି ଚାଷୀ। ତଥାପି ବର୍ଷା ହେଉନ। ଚାଷ ଜମି ମାଟି ଫାଟି ଆଁ କଲାଣି। ଦେଖାଦେଲାଣି ଆସନ୍ନ ମରୁଡ଼ି ପରିସ୍ଥିତି। ଠିକ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ। ଉପଖଣ୍ଡରେ ଏବେ ବି ପ୍ରାୟ ୭୦ପ୍ରତିଶତ ଜମିରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ।

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳର ଚାଷୀ ଚଳିତ ବର୍ଷ ପ୍ରାରମ୍ଭରେ ବର୍ଷା ହେବାରୁ ଶୀଘ୍ର ଚାଷ କାମ ଆରମ୍ଭ କରିଥିଲେ। ମାତ୍ର ତା ପରଠାରୁ ବର୍ଷ ଉଭାନ ହୋଇଗଲା। ଉଲୁଣ୍ଡା ଓ ବୀରମହାରାଜପୁର ଅଞ୍ଚଳର କେତେକ ଗ୍ରାମକୁ ଠେଙ୍ଗୋ ଡ୍ୟାମରୁ ଜଳସେଚନ ହେଉଛି। ମାତ୍ର ଅଧିକାଂଶ ଅଞ୍ଚଳର ଚାଷୀ ବର୍ଷା ଜଳ ଉପରେ ନିର୍ଭର କରି ଚାଷ କରିଥାନ୍ତି। ଚଳିତବର୍ଷ


ବର୍ଷାଭାବରୁ ଚାଷ ଜମି ମାଟି ଫାଟି ଆଁ କରିଛି।

ପାଣିପାଗ ବିଭାଗ ଚାଷ ପାଇଁ ଆବଶ୍ୟକ ବର୍ଷା ହେବ ବୋଲି ପୂର୍ବାନୁମାନ କରିବା ପରେ ଚାଷୀ ଉତ୍ସାହିତ ହୋଇଥିଲେ। ମାତ୍ର ଏମିତି ହେଲାନି। ପାଣିପାଗ ବିଭାଗ ସୂଚନା ମତେ, ବୀରମହାରାଜପୁର ବ୍ଲକରେ ଜୁନ ମାସରେ ୧୯୬.୫୦ ମିମି, ଜୁଲାଇରେ ୪୩୨.୨୦ ମିମି ଓ ଅଗଷ୍ଟରେ ୧୬ ତାରିଖ ପର୍ଯ୍ୟନ୍ତ ୭୦ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ସେହିପରି ଉଲୁଣ୍ଡା ବ୍ଲକରେ ଜୁନରେ ୧୮୧.୨୦ ମିମି ଜୁଲାଇରେ ୩୨୪.୨୦ ମିମି ଓ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ୫୫.୮୦ ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି। ଧାନ ଚାଷ ପାଇଁ ଏତିକି ବର୍ଷା ଉପଯୁକ୍ତ ନୁହେଁ। କେବଳ ଜୁଲାଇ ଶେଷ ସପ୍ତାହ ଆଡକୁ ହୋଇଥିବା ବର୍ଷାରେ କେତେକ ଚାଷୀ କିଛି ପରିମାଣର ରୁଆ ବିହୁଡା କରିଥିଲେ। ଅପରପକ୍ଷରେ ଆସନ୍ନ

**ବୀରମହାରାଜପୁର ଉପଖଣ୍ଡରେ ଆସନ୍ନ ମରୁଡ଼ି ପରିସ୍ଥିତି**

ମରୁଡର ମୁକାବିଲା ପାଇଁ କୃଷି ବିଭାଗ ତରଫରୁ ଚାଷୀଙ୍କୁ କୌଣସି ପ୍ରକାର ପରାମର୍ଶ ଦିଆଯାଇ ନଥିବା ଅଭିଯୋଗ ହେଉଛି। ଚାଷୀ ବୀମା ସମୟ ବି ଶେଷ ହୋଇଥିବାରୁ ଏବେ ମଧ୍ୟ ଅଧିକାଂଶ ଚାଷୀ କୃଷିବୀମା କରିପାରି ନାହାନ୍ତି। ଏଣୁ ଅଞ୍ଚଳର ବିଭିନ୍ନ ସଂଗଠନ ଓ ଚାଷୀମାନେ କୃଷି ବୀମା ସମୟ ବୃଦ୍ଧି କରିବାକୁ ଦାବି କରିଛନ୍ତି। କମ୍‌ବର୍ଷା ଯୋଗୁଁ ଗାଁମାନଙ୍କରେ ଥିବା ପୋଖରୀ ଓ ଜଳାଶୟରେ ମଧ୍ୟ ପାଣି ନାହିଁ। ଯେଉଁ ସ୍ଥାନରେ ଗାଁ ପୋଖରୀରୁ ଜଳସେଚନ କରୁଥିଲେ ତାହା ମଧ୍ୟ ଶୁଖିଲା ପଡିଛି। ଆଗକୁ ଯଦି ବର୍ଷା ନହୁଏ ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳର ଚାଷ ଗଭୀରଭାବେ ପ୍ରଭାବିତ ହେବା ନିଶ୍ଚିତ ମହେ ହେଉଛି।

## ସଂକ୍ଷେପରେ

### ଅଟୋ ତଳେ ଚାପି ହୋଇ ଶ୍ରମିକ ମୃତ

ସୋନପୁର,୧୭।୮(ନି.ପ୍ର.): ସୁବର୍ଣ୍ଣପୁର ସହର ଜୟ ଯବାନ ପେଟ୍ରୋଲ ପମ୍ପ ନିକଟରେ ଡାଲା ଅଟୋ ତଳେ ଚାପି ହୋଇ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ନାମ ମଣ୍ଟୁ ମିର୍ଦ୍ଧା(୨୭)। ତାଙ୍କ ଘର ବୌଦ୍ଧ ଜିଲା ମନମୁଣ୍ଡା ଥାନା କଣ୍ଟିଆପାଲି ଗ୍ରମରେ। ଅଟୋ ନଂ ଓଡି୩୧ଡି-୩୦୫୮ରେ ଲୁହା ଛଡ ବୋଝେଇ ହୋଇଥିଲା । ଡାଲାରେ ୩ ରୁ ୪ ଜଣ ଶ୍ରମିକ ଅସୁରକ୍ଷିତ ଭାବେ ଛିଡା ହୋଇଥିଲେ। ତେବେ ଡ୍ରାଇଭର ଭାରସାମ୍ୟ ହରାଇବା କାରଣରୁ ଅଟୋ ରାସ୍ତାରେ ଓଲଟି ପଡିଥିଲା। ଶ୍ରମିକ ଓ ଡ୍ରାଇଭର ଚାପି ହୋଇଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ।

### ଜାତୀୟ ରାଜପଥ ମରାମତି କଲେ ସ୍ୱେଚ୍ଛାସେବୀ

ଲୋଇସିଂହା,୧୭।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରବନ୍ଧିଠାରେ ୨୬ ନଂ ଜାତୀୟ ରାଜପଥ ଶୋଚନୀୟ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ମରାମତି କରୁ ନ ଥିବାରୁ ଏହି ରାସ୍ତାରେ ଯାତାୟତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି। ବିଙ୍ଗ ହ୍ୟୁମାନ ଫଉଣ୍ଡେସନ ସଦସ୍ୟମାନେ ସାଲେଭଟାରୁ ଝାରବନ୍ଧଲି ପର୍ଯ୍ୟନ୍ତ ଖାଲଖମାରେ ଭରିଥିବା ରାସ୍ତାକୁ ମୋରୁମ, ମେଟାଲ ପକାଇ ସମତୁଲ କରିଛନ୍ତି। ସମ୍ପାଦକ ସଂଯୋଗ କୁମାର ସାହୁ, ବୁଦ୍ଧଦେବ ସାହୁ, ମନୋଜ କୁମ୍ବାର, ହୃଷିକେଶ ନାୟକ, ଅନୁଭବ ସାହୁ, ରବୀନ ପଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଏଇଏସ୍ କଲେଜର ପ୍ରତିଷ୍ଠା ଦିବସ

ତରଭା,୧୭।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ମିନତୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ବିନୟ କୁମାର ପଟେଲ, ସମ୍ମାନିତ ଅତିଥି ପ୍ରତିଷ୍ଠାତା ସଭ୍ୟ ବିପିନ ବିହାରୀ ମିଶ୍ର, ବୃକୋଦର ମେହେର ଓ ମିତ୍ରଭାନୁ ମହାପାତ୍ର ମଞ୍ଚାସୀନ ଥିଲେ। ପ୍ରତିଷ୍ଠାତା ସଭ୍ୟମାନେ ୧୯୮୦ ମସିହାରେ କଲେଜ ପ୍ରତିଷ୍ଠା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ କଲେଜ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ପଟେଲ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢି କଲେଜର ସୁନାମ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଅଧାପକ କୃଷ୍ଣଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ଅମରପାଲି,୧୭।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅନ୍ନପୂର୍ଣ୍ଣା ରେସିଡେଣ୍ଟଠାରେ ଭାଜପାର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ହରିହର ପାତ୍ର ଅନୁଷ୍ଠିତ ସଭାରେ ଅଧକ୍ଷତା କରିଥିଲେ। ଜିଲା ପରିଷଦ ଅଧକ୍ଷ ଉଷା କୁମାରୀ, ଜିଲା ଉପ ସଭାନେତ୍ରୀ ନଳିନୀ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା, ଜିଲା ନଗର ନିର୍ବାଚନ ସଂଚାଳନ କମିଟି ସଂଯୋଜକ ସତ୍ୟବ୍ରତ ମିଶ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ସଂଗଠନକୁ ମଜଭୁତ କରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପାଇଁ କିଭଳି ଏକାଠି ହୋଇ କାମ କରାଯିବ ସେ ନେଇ ନେତୃବର୍ଗ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

### ଖରିଫ ଧାନବିକ୍ରି: ଚାଷୀ ପଞ୍ଜୀକରଣ ତ୍ରୁଟିଶୂନ୍ୟ ଦାବି

ଡୁଙ୍ଗୁରିପାଲି,୧୭।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଖରିଫ ଧାନବିକ୍ରି କରିବା ପାଇଁ ଚାଷୀ ପଞ୍ଜିକରଣ ଅଗଷ୍ଟ ୧୬ରେ ଶେଷ ହୋଇଛି। ତେବେ ଚାଷୀଙ୍କ ଦାବି ପରେ ଏହିସମୟ ସୀମାକୁ ଆଉ ୭ଦିନ ବଢାଇ ଦିଆଯାଇଛି। ହେଲେ ଗତ ରବିଋତୁରେ ଚାଷୀଙ୍କ ଜମି ଭେରିଫିକେସନ୍‌ରେ ରାଜସ୍ୱ ବିଭାଗ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବାରୁ ବହୁତ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ଏପରିକି ପ୍ୟାକ୍ସମାନଙ୍କରେ ଚାଷୀଙ୍କ ଧାନବିକ୍ରି ବାବଦରେ ରେଜିଷ୍ଟ୍ରେଶନ ସମ୍ବନ୍ଧରେ କେତେକ ତ୍ରୁଟି ଦେଖାଯାଇଥିଲା। ଏହି ସମସ୍ୟା ଖରିଫରେ ଯେପରି ନ ହେବ ତାହାର ତର୍ଜମା କରି ରେଜିଷ୍ଟ୍ରେସନ କାର୍ଡ ପ୍ରସ୍ତୁତ କରିବାକୁ ଚାଷୀ ସଂଗଠନର ରାଜେନ୍ଦ୍ର ସା ଦାବି କରିଛନ୍ତି।

# ବାଲି, ମାଟି ଚାଲାଣ ବେଳେ ଜବତ, ଜରିମାନା ଅସୁଲ

ବରଗଡ଼ ଅଫିସ୍/ଅତାବିରା, ୧୭।୮(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଡ଼ବାଡ଼ି, ଝଙ୍କାବାହାଲ ଆଦି ଅଞ୍ଚଳବାସୀ ବାଲି ମାଫିଆଙ୍କ ଦୌରାତ୍ମ୍ୟ ନେଇ ସୋମବାର ଜିଲାପାଳ, ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଏହାପରେ ମାଟି, ବାଲି ଚୋରାଚାଲାଣ ରୋକିବାରେ ପ୍ରଶାସନିକ ତତ୍ପରତା ପରିଲକ୍ଷିତ ହୋଇଛି। ମଙ୍ଗଳବାର ଅତାବିରା ଅତିରିକ୍ତ ତହସିଲଦାର ସୌର୍ଯ୍ୟରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଅତର୍କିତ ଚଢ଼ାଉ କରି ଗମ୍ଭାରିପାଲି ଏବଂ ଚକୁଲିଠାରେ ୨ଟି ମାଟି, ବାଲି ବୋଝେଇ ଗାଡ଼ି ମାଲିକଙ୍କଠାରୁ ୪୫ହଜାର ଟଙ୍କା ଜରିମାନା ଅସୁଲ କରିଛନ୍ତି। ଏହାସହିତ ଉଭୟ ଗାଡ଼ି ମାଲିକଙ୍କ ବିରୋଧରେ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇଛି।

ଗୋଟିଏ ହାଇୱା (ନଂ.ଓଆର୧୫କ୍ୟୁ/୪୮୩୩) ବାଲି ଚାଲାଣ କରୁଥିବାବେଳେ ଧରାପଡ଼ିଥିଲା।



ଚକୁଲିରେ ଧରାପଡ଼ିଥିବା ବାଲି ବୋଝେଇ ହାଇୱା ଗାଡ଼ି।

ଉକ୍ତ ଗାଡ଼ି ମାଲିକଙ୍କଠାରୁ ଜରିମାନା ବାବଦ ୩୦ହଜାର ଟଙ୍କା ଅସୁଲି ହୋଇଥିଲା। ଏ ନେଇ ଏକ ମାମଲା (ନଂ.୧୭୧/୨୧) ରୁଜୁ ହୋଇଛି। ସେହିପରି ଗମ୍ଭାରିପାଲିରେ ଅନ୍ୟ ଏକ ମାଟି ବୋଝେଇ ଟ୍ରାକ୍ଟର (ନଂ.ଓଡ଼ି୧୫ଡି/୭୩୧୮) ଧରାପଡ଼ିଥିଲା। ଏହି ଗାଡ଼ିରୁ ୧୫ହଜାର ଟଙ୍କା ଜରିମାନା ଅସୁଲି ସହିତ ଏକ ମାମଲା (ନଂ.୧୭୦/୨୧) ରୁଜୁ ହୋଇଛି। ଅତିରିକ୍ତ ତହସିଲଦାର ମିଶ୍ରଙ୍କ ସମେତ ଲରମ୍ଭା ଓ ଟାମ୍ପରସରା ରାଜସ୍ୱ ସର୍କଲ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରିୟା ଭୋଇ, ସହକାରୀ ରାଜସ୍ୱ ନିରୀକ୍ଷକ ଗିରିଶ ପଣ୍ଡା, ସରୋଜ ମିଶ୍ର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ ।

## ଦୋକାନରୁ ଚୋରି: ୫ ନାବାଳକଙ୍କୁ ଧରିଲା ପୋଲିସ

ଖପ୍ରାଖୋଲ,୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁର ୨ଟି ଦୋକାନରେ ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ୍ ୫ ଜଣ ନାବାଳକଙ୍କୁ ଧରିଛି। ମଙ୍ଗଳବାର ସେମାନଙ୍କୁ ବଲାଙ୍ଗୀରସ୍ଥିତ ଜୁଭେନାଲ କୋର୍ଟରେ ହାଜର କରାଯାଇଥିଲା। ସୂଚନା ଅନୁସାରେ ଗତ ୧୦ତାରିଖ ରାତିରେ ନାନ୍ଦୁପଲାର ପଞ୍ଚାନନ ପୂଝାରଙ୍କ ଦୋକାନ କବାଟ ଭାଙ୍ଗି ନଗଦ ୧୫ ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଏବଂ ଯୁବରାଜ ବରିହାଙ୍କ ଦୋକାନରୁ ୩ ହଜାର ଟଙ୍କା ସହ କୁକୁଡା ଚୋରି ହୋଇଥିଲା । ଏ ନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ପରେ ପୋଲିସ୍ ତଦନ୍ତ ଚଳାଇଥିଲା। ଗାଁର ୫ ଜଣ ନାବାଳକ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରି ପଚରାଉଚରା ପରେ ସେମାନେ ଚୋରି କରିଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକନ୍ତେ ସାହୁ କହିଛନ୍ତି।

## ସିଂହାମୁଣ୍ଡାରେ ମିଶନ ଚାଟଶାଳୀ କାର୍ଯ୍ୟକ୍ରମ

ଦେଓଗାଁ, ୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ମୁଖ୍ୟାଳୟରେ ମଙ୍ଗଳବାର ବ୍ଲକ ଲୋକଉନ୍ନତି ସଂଗଠନ ପକ୍ଷରୁ ମିଶନ ଚାଟଶାଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ରୂପାଧର ପୁଟାଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ସଂକୀର୍ତ୍ତନ ବାଗ, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ଅଚ୍ୟୁତ ମିଶ୍ର, ହରୀହର ବର୍ଗତ୍ତିପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂଗଠନ ସଦସ୍ୟ ପୀତାମ୍ବର ପଧାନ କହିଥିଲେ ଯେ, ସଂଗଠନ ତରଫରୁ ବ୍ଲକର ୭୨ଟି ମୋ ଚାଟଶାଳୀ କେନ୍ଦ୍ର ଖୋଲାଯାଇ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଅବହେଳିତ ଛାତ୍ରୀଛାତ୍ରନ୍ଙ୍କୁ ମାଗଣାରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଚାଲୁ ରହିଛି। ମିଶନ ଚାଟଶାଳୀ ମାଧ୍ୟମରେ ବ୍ଲକର ସମସ୍ତ ଗାଁରେ ଶିଶୁଙ୍କୁ ମାଗଣାରେ ଶିକ୍ଷାଦାନ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଥିଲେ ।

# ସରକାରୀ ଅନୁଦାନ କେସ୍ ରେକର୍ଡ ଖୋଲିବାକୁ ଦାବି

ଗୁଡ଼ଭେଲା,୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକକୁ ଆସୁଥିବା ସରକାରୀ ଅନୁଦାନର କେସ ରେକର୍ଡ ଖୋଲିବାକୁ ଦାବି କରିଛନ୍ତି ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା। ଏ ଦିଗରେ ତୁରନ୍ତ ପଦକ୍ଷେପ ନ ହେଲେ ଆସନ୍ତା ୨୪ ତାରିଖରୁ ବ୍ଲକ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ସମିତିର ସମସ୍ତ ସଭ୍ୟାସଭ୍ୟ ଧାରଣରେ ବସିବେ। ଏହିଭଳି ଚେତାବନୀ ଦେଇ ବ୍ଲକ ଅଧକ୍ଷ ଦୋରା, ଉପାଧ୍ୟକ୍ଷ ନଳିନୀ ସେଠ, ସମିତି ସଭ୍ୟ ଶିଶୁ କୁମାର ପ୍ରଧାନ, ସମିତି ସଭ୍ୟା ଗୀତାଞ୍ଜଳି ଭୋଇ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ବ୍ଲକକୁ ଚଳିତ ଆର୍ଥିକ ବର୍ଷରେ


ତହସିଲଦାର ଚନ୍ଦ୍ରମଣୀ ନାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର**

ମିଳିଥିବା ପଞ୍ଚମ ରାଜ୍ୟ ଅର୍ଥ କମିଶନ ଓ ଅନ୍ୟାନ୍ୟ ଅନୁଦାନ ବ୍ଲକକୁ ମଞ୍ଜୁର ହୋଇ ଆସିଥିଲେ ମଧ୍ୟ ଶାସକ ଦଳର ଚାପରେ ଆଜି ପର୍ଯ୍ୟନ୍ତ କେସ ରେକର୍ଡ ଖୋଲା ଯାଇନାହିଁ। ଏଥିଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ବ୍ୟାହତ ହୋଇଛି। ଅନ୍ୟପକ୍ଷରେ ବର୍ଷାଭାବରୁ ମରୁଡି ପରିସ୍ଥିତ ଦେଖା ଦେଇଥିବା ବେଳେ ଶ୍ରମିକମାନେ କାମ ନ ପାଇ ହାତବାନ୍ଧି ବସିଛନ୍ତି। ଆସନ୍ତା ୨୩ସୁଦ୍ଧା କେସ ରେକର୍ଡ ଖୋଲା ନ ଗଲେ ୨୪ରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି।

# ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି


ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ବରଗଡ଼ ଅଫିସ୍,୧୭।୮

ବରଗଡ଼ରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପୂଣ୍ୟତିଥି ମଙ୍ଗଳବାର ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ସ୍ଥାନୀୟ ମହିଳା କଲେଜ ସମ୍ମୁଖରେ ଥିବା ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଭିନେତା ପୃଥ୍ୱୀରାଜ ନାୟକ, ନିର୍ଦ୍ଦେଶକ ଲିଟୁ ମହାନ୍ତି, ସତ୍ୟ ନାରାୟଣ ପଣ୍ଡା, କିଶୋର ମିଶ୍ରଙ୍କ ସମେତ ବଡ଼ମା ଫିଲ୍ମ ପରିବାରର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ବହ୍ନିକନ୍ୟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ରାଣାପ୍ରତାପ ସ୍କୁଲରେ ଛାତ୍ରବୃତ୍ତି ପ୍ରଦାନ

ବରଗଡ଼ ଅଫିସ୍,୧୭।୮

ବରଗଡ଼ ରାଣାପ୍ରତାପ ସ୍କୁଲରେ ସ୍ୱର୍ଗତ ଧରଣୀଧର ସାହୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁଦୀପ୍ତ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚମ ଶ୍ରେଣୀ ଛାତ୍ରୀ ସିମରନ ମାଳି ଏବଂ ଦଶମ ଶ୍ରେଣୀ ଛାତ୍ରୀ କଳ୍ପନା ସାହୁଙ୍କୁ ୧ହଜାର ଟଙ୍କା ଲେଖାଏଁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁଧାଂଶୁ ଶେଖର ସାହୁ, ଡାକ୍ତର ଭୋଇ, ଭାବନା ସାହୁ, ସୁନୀତା ମିଶ୍ର, ଜ୍ୟୋତ୍ସ୍ନା ତ୍ରିପାଠୀ, ପ୍ରଭାତିମଣି ସାହୁ, ନମିତା ସାହୁ, ସୀମା ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ


ବୈଠକରେ ଉପସ୍ଥିତ ବିଧାୟକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ।

ଖପ୍ରାଖୋଲ, ୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ଠାରେ ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ମେଡିକାଲ ଅଫିସର ଡା. ସୁରଜ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଟଣାଗଡ ବିଧାୟକ ସରୋଜ ମେହେର, ବିଡିଓ ରଶ୍ମିରଞ୍ଜନ ରାଉତ, ସିଡିପିଓ ସୁଜାତା ଦୋରା ଯୋଗଦେଇଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତିର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ଚିକିତ୍ସା ଉପକରଣ, ବସିବା ବ୍ୟବସ୍ଥା, ପାର୍କ ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ବୈଠକରେ ବିଧାୟକ ପ୍ରତିନିଧି ପଞ୍ଚୁଦେବ ସାହୁ, ରୋଗୀ କଲ୍ୟାଣ ସମିତି ସଦସ୍ୟ ପଞ୍ଚାନନ ପଧାନ, ତାପସ ବେହେରା, କୁନି ପାଣିଗ୍ରାହୀ, ପଙ୍କଜିନୀ ମିଶ୍ର, ସରିତା କୁତ୍ରୁରୁ ପ୍ରମୁଖ ଉପସ୍ଥିତ ଥିଲେ। ବିପିଏମ୍ ଯୁଗଳ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଠୋରରେ ନାହିଁ ମିନି ଷ୍ଟାଡିୟମ, ପାର୍କ

ଲାଠୋର, ୧୭।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଦୀର୍ଘବର୍ଷ ହେଲା ମିନି ଷ୍ଟାଡିୟମ ଓ ପାର୍କ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ହେଲେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚ ପ୍ରବୀଣ ଅଗ୍ରୱାଲ। ତାଙ୍କ କହିବାନୁସାରେ ଲାଠୋରରେ ପ୍ରତିବର୍ଷ ଆନ୍ତଃରାଜ୍ୟ କ୍ରିକେଟ ଏବଂ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ହେଲେ ଏଠାରେ ମିନି ଷ୍ଟାଡିୟମ ନ ଥିବାରୁ ହାଇସ୍କୁଲ ଖେଳ ପଡିଆରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସେହିପରି ଲାଠୋର ଜିଲାର ଅନ୍ୟତମ ବ୍ୟବସାୟିକ ଓ ପ୍ରମୁଖ ସ୍ଥାନ ହୋଇଥିବାରୁ ବାହାର ଅଞ୍ଚଳର ଲୋକେ ଏଠାରେ ବସତି ସ୍ଥାପନ କରୁଛନ୍ତି। ଏପରିସ୍ଥଳେ ସମୟ ଅତିବାହିତ ପାଇଁ ପାର୍କର ଆବଶ୍ୟକତା ଅନୁଭୂତ ହେଉଛି। ସରପଞ୍ଚ ଅଗ୍ରୱାଲ କହିଛନ୍ତି ଲାଠୋରରେ ମିନି ଷ୍ଟାଡିୟମ, ପାର୍କ ଏବଂ ମଲଟିପଲ ଓପନ ଜିମ ନିର୍ମାଣ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତ ତରଫରୁ ପ୍ରସ୍ତାବ ପଠାଯାଉ ଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଅବିଳମ୍ବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଏମ୍‌ସିଏଚ୍ କ୍ୟାମ୍ପସ୍‌ରୁ ଜବରଦଖଲ ଉଚ୍ଛେଦ

ସୋନପୁର,୧୭।୮(ନି.ପ୍ର.)

ସୁବର୍ଣ୍ଣପୁର ସହର ଝୁପୁଡିପଡା ଡି-କଲୋନୀଠାରେ ନୂତନ ଭାବେ ନିର୍ମାଣ ହେଉଥିବା ଏମ୍‌ସିଏଚ(ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର) କ୍ୟାମ୍ପସ୍‌ରୁ ମଙ୍ଗଳବାର ଜବରଦଖଲକାରୀଙ୍କୁ ହଟାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ମୋଟ ୫ଟି ପରିବାରକୁ ଉଚ୍ଛେଦ କରାଯାଇଛି। ପୌର ପ୍ରଶାସନ ପକ୍ଷରୁ ବିସ୍ଥାପିତଙ୍କୁ ଅନ୍ୟତ୍ର ଜମି ଯୋଗାଇ ଦିଆଯାଇଥିଲେ ମଧ୍ୟ ସେମାନେ ସ୍ଥାନ ଛାଡି ନ ଥିଲେ। ତହସିଲଦାର ନବୀନ କିଶୋର ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜେସିବି ସହାୟତାରେ ଘରଗୁଡିକୁ ଭଙ୍ଗାଯାଇଥିଲା। ସୋନପୁର ପୋଲିସ ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି, ଆଇଆଇସି ପୁଷ୍ପେନ୍ଦୁ ସାଗର, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍ ଓ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିଭୂତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ଘରଗୁଡିକୁ ଭଙ୍ଗାଯାଉଛି।

# ବଦଳିବ ରାମସାଗର, ଭତ୍ରାଯୋରର ଚିତ୍ର

ଜୁନାଗଡ,୧୭।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡସ୍ଥିତ ରାମସାଗର ଓ ଗୋଲାମୁଣ୍ଡା ନିକଟସ୍ଥ ଭତ୍ରାଯୋରର ଚିତ୍ର ଖୁବଶୀଘ୍ର ବଦଳିବାକୁ ଯାଉଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଉଦ୍ୟମକ୍ରମେ ଏହି ୨ଟି ସ୍ଥାନ ଶୀଘ୍ର ପର୍ଯ୍ୟଟନୀ ସ୍ଥଳୀର ମାନ୍ୟତା ମିଳିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ପର୍ଯ୍ୟଟନ ଓ କ୍ଷୁଦ୍ର ଜଳସେଚନ ବିଭାଗ ଏକ ଟିମ୍ ଏହି ୨ଟି ସ୍ଥାନ ପରିଦର୍ଶନ କରି ଭିତ୍ତିଭୂମୀ ସମୀକ୍ଷା କରିଛନ୍ତି। ସେମାନେ ବୋଟିଂ ପାଇଁ ଉଭୟ ସ୍ଥାନର ଜଳରାଶି ଓ ପାର୍କ ନିର୍ମାଣ ହେବା ସ୍ଥାନ ବୁଲି ଦେଖିଥିଲେ। ଏହି ସମୟରେ ଉପଜିଲାପାଳଙ୍କ ସହ


ଉପଜିଲାପାଳ ଭତ୍ରାଯୋର ଭିତ୍ତିଭୂମି ସମୀକ୍ଷା କରୁଛନ୍ତି।

ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଧିରେନ୍ଦ୍ର ନାଏକ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାଜ କୁମାର ବେହେରା, ସହକାରୀ ଯନ୍ତ୍ରୀ ବିଘ୍ନେଶ୍ୱର ଦାଶ, ସହକାରୀ ଯନ୍ତ୍ରୀ ଗୋଲାମୁଣ୍ଡା ଦିଗାମ୍ବର ନାୟକ ପ୍ରମୁଖ ସାମିଲ ଥିଲେ। ସୂଚନା ଯେ, ଉକ୍ତ ୨ଟି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ

**ଶୀଘ୍ର ମିଳିବ ପର୍ଯ୍ୟଟନସ୍ଥଳୀର ମାନ୍ୟତା**

ବିଭାଗକୁ ମନ୍ତ୍ରୀ ମିଶ୍ର ଲିଖିତ ଦାବିପତ୍ର ଦେଇଥିଲେ। ମନ୍ତ୍ରୀଙ୍କ ଦାବିପତ୍ରକୁ ଗୁରୁତ୍ୱ ଦେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ୨ଟି ସ୍ଥାନର ଆବଶ୍ୟକ ଭିତ୍ତିଭୂମି ସମୀକ୍ଷା କରିବା ପାଇଁ କଳାହାଣ୍ଡି ଜିଲାପାଳଙ୍କୁ ଏକ ଚିଠି ଲେଖିଥିଲେ। ଫଳରେ ଏହାର ଭିତ୍ତିଭୂମୀ ସମୀକ୍ଷା କରିବା ପାଇଁ ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଧର୍ମଗଡ ଉପଜିଲାପାଳ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପଟେ ରାମସାଗର ଓ ଭତ୍ରାଡ୍ୟାମ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଉଥିବା ଶୁଣି ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ମନ୍ତ୍ରୀ ମିଶ୍ରଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।